# ଧରିତ୍ରୀ DHARITRI



ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୧୭/୨୦୨୨ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Sambalpur, Saturday, September 17/2022 | Page 18 | ₹ 7.00 | ★★

୧୮ଶ ଭାଗ ୨୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 271 | ମୂଲ୍ୟ ₹୭/-




**ଭାରତ ଏ' ଦଳରେ ରାଜ ଅଙ୍ଗଦ ବାୱା**

ନ୍ୟୁଜିଲାଣ୍ଡ ଏ' ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଲାଗି ଭାରତ ଏ' କ୍ରିକେଟ ଦଳରେ ରାଜ ଅଙ୍ଗଦ ବାୱା ସ୍ଥାନ ପାଇଛନ୍ତି।

୧୮

୧୫

**ମୁହାଁମୁହିଁ ହେବେ ଆୟୁଷ୍ମାନ-ସଲମାନ**

ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଡ୍ରିମ୍‌ଗର୍ଲ-୨ ସଲମାନଙ୍କ ଫିଲ୍ମ ଟାଇଗର-୩ ଏକାସାଙ୍ଗରେ ରିଲିଜ୍ ହେବାକୁ ଯାଉଛି।





ଉଜ୍‌ବେକିସ୍ତାନର ସମରକନ୍ଦଠାରେ ଏସ୍‌ସିଓ ସମ୍ମିଳନୀ ପୃଷ୍ଠଭୂମିରେ ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କରମର୍ଦ୍ଦନ କରୁଛନ୍ତି।

# ଆସନ୍ତାବର୍ଷ ମାନ୍ଦାବସ୍ଥାର ସମ୍ମୁଖୀନ ହେବ ବିଶ୍ୱ

**ବିଶ୍ୱବ୍ୟାଙ୍କ ରିପୋର୍ଟ**





**ୱାଶିଂଟନ,୧୬।୯**

ଅଧିକାଂଶ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏକସଙ୍ଗେ ସେମାନଙ୍କ ମୁଦ୍ରାନୀତିକୁ କଠୋର କରିଥିବାବେଳେ ଆସନ୍ତା ବର୍ଷ ବିଶ୍ୱ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇପାରେ। ବିଶ୍ୱବ୍ୟାଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଏହା କୁହାଯାଇଛି। ମୁଦ୍ରାସ୍ଫୀତି କମାଇବାକୁ ହେଲେ ଉତ୍ପାଦନ ବୃଦ୍ଧି ସାଙ୍ଗକୁ ଯୋଗାଣ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ହଟାଇବାକୁ ବିଶ୍ୱ ବ୍ୟାଙ୍କ ଆହ୍ୱାନ ଦେଇଛି। ରିପୋର୍ଟ ଅନୁଯାୟୀ ବିଶ୍ୱ ମାନ୍ଦାବସ୍ଥାର ଅନେକ ଲକ୍ଷଣ ପରିଲକ୍ଷିତ ହେଲାଣି। ବିଶ୍ୱ ଅର୍ଥନୀତି ଏବେ ଦ୍ରୁତ ବେଗରେ ହ୍ରାସ ପାଉଛି। ୧୯୭୦ର ମାନ୍ଦାବସ୍ଥା ପରବର୍ତ୍ତୀ ଅବସ୍ଥାରେ ଅର୍ଥନୀତି କେବେ ଏଭଳି ହ୍ରାସ ପାଇ ନ ଥିଲା। ବିକାଶଶୀଳ ଅର୍ଥନୀତିଗୁଡ଼ିକ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି, ଯାହା ଦୀର୍ଘମିଆଦୀ କ୍ଷତି ପହଞ୍ଚାଇପାରେ ବୋଲି ବିଶ୍ୱବ୍ୟାଙ୍କର ନୂଆ ଅଧ୍ୟୟନରେ କୁହାଯାଇଛି।

ମୁଦ୍ରାସ୍ଫୀତି କମାଇବା ଲାଗି ସାରା ବିଶ୍ୱରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଚଳିତ ବର୍ଷ ଏକସଙ୍ଗେ ସୁଧ ବଢ଼ାଇଛନ୍ତି, ଯାହାକି ଗତ ୫ ଦଶନ୍ଧି ମଧ୍ୟରେ ଦେଖାଯାଇ ନ ଥିଲା। ଆଗାମୀ ବର୍ଷ ମଧ୍ୟ ଏହି ଧାରା ଜାରି ରହିପାରେ। କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ୪%ରେ ପହଞ୍ଚିପାରେ, ଯାହା ୨୦୨୧ରେ ଥିବା ସୁଧହାରର ଦୁଇଗୁଣ। ଆମେରିକା, ୟୁରୋପ, ଭାରତ ସମସ୍ତେ ମୁଦ୍ରାସ୍ଫୀତି କମାଇବା ପାଇଁ ସୁଧହାର ବଢ଼ାଇଛନ୍ତି। ଏଭଳି କଠୋର ମୁଦ୍ରାନୀତି ଯୋଗୁ ପୁଞ୍ଜିନିବେଶ, ନିଯୁକ୍ତି ଆଦି ପ୍ରଭାବିତ ହେବା ସହ ଅଭିବୃଦ୍ଧି ହ୍ରାସ ପାଇଛି। ସାରା ବିଶ୍ୱରେ ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିରେ ହ୍ରାସ ପାଉଛି। ଅଧିକାଂଶ ଦେଶ ମାନ୍ଦାବସ୍ଥା ମଧ୍ୟକୁ ଠେଲିହୋଇଯାଉଥିବାରୁ ଅଭିବୃଦ୍ଧି ହାର ଆହୁରି କମିପାରେ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଧାରା ଅଧିକ ଦିନ ତିଷ୍ଠି ରହିବା ସହ ଏହାର ପରିଣାମ ଦୀର୍ଘଦିନ ଅନୁଭୂତ ହେବ ବୋଲି ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଡାଭିଡ୍ ମାଲ୍‌ପାସ୍ କହିଛନ୍ତି। ମୁଦ୍ରାସ୍ଫୀତି ବୃଦ୍ଧିର ☞ପୃଷ୍ଠା-୪

## କିଛି ସମୟ ପାଇଁ ଆଦାନୀ ବିଶ୍ୱର ଦ୍ୱିତୀୟ ଧନୀ

**ନୂଆଦିଲ୍ଲୀ,୧୬।୯**

ଭାରତର ବିଶିଷ୍ଟ ବ୍ୟବସାୟୀ ଗୌତମ ଆଦାନୀ ଶୁକ୍ରବାର ଜେଫ୍ ବେଜୋସ ଏବଂ ଫ୍ରାନ୍ସର ଲକ୍ସୁରି ରିଟେଲ ମୁଖ୍ୟ ବର୍ନାର୍ଡ ଆର୍ନଲ୍ଟଙ୍କୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିରେ ପରିଣତ ହୋଇଥିବା ଫୋର୍ବସ ରିଅଲ୍-ଟାଇମ୍ ବିଲିଅନେୟାର ତାଲିକାରେ ପ୍ରକାଶ ପାଇଥିଲା। ତେବେ ମଦଲାଲ ଷ୍ଟ୍ରିଟ୍‌ରେ ମାର୍କେଟ କ୍ରାସ୍ କରିବା ଫଳରେ ଖୁବ୍ କମ୍ ସମୟ ମଧ୍ୟରେ ☞ପୃଷ୍ଠା-୪







# ସ୍କୁଲ ପାଚେରି ଗେଟ୍ ପଡ଼ି ଛାତ୍ରୀ ମୃତ

## ମୃତଦେହ ରଖି ନ୍ୟାୟ, କ୍ଷତିପୂରଣ ଦାବିକଲେ ପରିବାର, ଗ୍ରାମବାସୀ

**ପଦ୍ମପୁର/ଗୁଣପୁର,୧୬।୯(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ବିଚିକୋଟସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲ ଗେଟ୍ ପଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଆହ୍ଲୂତି ଶବର(୧୧)।

ଘଟଣାରୁ ପ୍ରକାଶ, ମଧ୍ୟାହ୍ନ ବିରତି ସମୟରେ ଆହ୍ଲୂତି ସ୍କୁଲ ପରିସରରେ ବୁଲୁଥିଲେ। ଆହ୍ଲୂତି ଏବଂ ଅନ୍ୟ ଜଣେ ଛାତ୍ରୀ ସ୍କୁଲ ପରିସରରେ ଥିବ ଶୌଚାଳୟକୁ ପରିସ୍ରା କରିବାକୁ ଯାଇଥିଲେ। ଫେରିବା ସମୟରେ ହଠାତ୍ ପାଚେରି ଭୁଶୁଡ଼ି ସିମେଣ୍ଟ ଇଟା ଖଣ୍ଡ ଏବଂ ଲୁହାଗେଟ୍ ସେମାନଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ଅହ୍ଲୂତିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ସାଙ୍ଗରେ ଥିବା ଛାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଗୁରୁତର ଆହ୍ଲୂତିଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଛାତ୍ରୀ ବିଚିକୋଟ ଗ୍ରାମର ସୁଦାମ ଶବରଙ୍କ ଝିଅ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପଦ୍ମପୁର ବିଇଓ ସୁବାସ ଶବର ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କେଉଁ ପରିସ୍ଥିତିରେ ଏହା ଘଟିଲା ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଏବିଇଓ ନିର୍ମଳା ସାହୁ ସ୍କୁଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକ ଏବଂ ଗ୍ରାମବାସୀ ଛାତ୍ରୀଙ୍କ ମୃତଦେହ ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରଖି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ନ୍ୟାୟ ଦାବିରେ ଧାରଣାରେ ବସିଥିଲେ। ପଦ୍ମପୁର ତହସିଲଦାର, ବିଇଓ, ପଦ୍ମପୁର ଆଇଆଇସି, ଗୁଡାରୀ ଆଇଆଇସି ପହଞ୍ଚି ପଦ୍ମପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଗୁଡ଼ିଆବନ୍ଧ ସରପଞ୍ଚ ଓ ନାଏବ ସରପଞ୍ଚ ଏବଂ ବିଚିକୋଟ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ମୃତ ଛାତ୍ରୀଙ୍କ ବାପା କ୍ଷତିପୂରଣ ପ୍ରଦାନ ନିମନ୍ତେ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ରେଡ୍‌କ୍ରସରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯିବା ସହ ରାତି ସାଢ଼େ ପ୍ରାୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କିଏ ଜିତିବ**

# ଟ୍ରେନ୍ ଝରକାରେ ଓହଳି ୧୦ କି.ମି. ଗଲେ



## ମହଙ୍ଗା ପଡ଼ିଲା ଚୋରି

**ପାଟନା, ୧୬।୯**

ଅନେକ ସମୟରେ ଟ୍ରେନ୍ ଯାତ୍ରୀଙ୍କଠାରୁ ଜିନିଷ ଲୁଟ ହେଉଥିବା ଖବର ଆମେ ଖବରକାଗଜ ବା ନ୍ୟୁଜ୍‌ରେ ଦେଖିଛେ। ବିହାରରେ ଜଣେ ଚୋରଙ୍କୁ ତାଙ୍କ ଆପରାଧିକ କାର୍ଯ୍ୟ ପାଇଁ ହଟହଟା ହେବାକୁ ପଡ଼ିଛି। ବିହାରରେ ଦେଖିବାକୁ ମିଳିଛି ଏକ ଅଜବ ଘଟଣା, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ପ୍ରସାରିତ ହେବାରେ ଲାଗିଛି। ଚୋର ଚଳନ୍ତା ଟ୍ରେନ୍ ଝରକା ବାଟେ ଯାତ୍ରୀଙ୍କଠାରୁ ଫୋନ୍ ଛଡ଼ାଇନେବାକୁ ଉଦ୍ୟମ କରୁଥିବାବେଳେ ଯାତ୍ରୀମାନେ ସମ୍ପୃକ୍ତ ଚୋରକୁ ଧରିନେଇଥିଲେ। ଏହାପରେ ଟ୍ରେନ୍ ଷ୍ଟାର୍ଟ ହୋଇଯାଇଥିଲା। ଯାତ୍ରୀମାନେ ଚୋରଙ୍କୁ ଆଉ ଛାଡ଼ି ନ ଥିଲେ। ଏହିଭଳି ଭାବେ ଝରକାରେ ଓହଳି ଚୋର ଜଣକ ୧୦ କି.ମି. ବାଟ ଯାଇଥିଲେ। ପରବର୍ତ୍ତୀ ସମୟରେ ଯାତ୍ରୀମାନେ ଉକ୍ତ ଚୋରଙ୍କୁ ଛାଡ଼ି ଦେଇଥିଲେ। ସାହେବପୁର କାମଲ ଷ୍ଟେଶନରେ ଏହି ଘଟଣା ଘଟିଥିବାବେଳେ ଟ୍ରେନ୍‌ଟି ଖଗରିଆ ଷ୍ଟେଶନ୍ ଅଭିମୁଖେ ଯାଉଥିଲା। ଚଳନ୍ତା ଟ୍ରେନ୍‌ରୁ ଯାତ୍ରୀଙ୍କଠାରୁ ଚୋରି ହେବା ଘଟଣା ନୂଆ ନୁହେଁ। ଏଭଳି ଘଟଣା ସବୁ ସ୍ଥାନରେ ଘଟୁଥିବାବେଳେ ବିହାରରେ ଅଧିକାଂଶ ଦେଖିବାକୁ ମିଳିଥାଏ।





ମା’ଙ୍କ ମନ୍ଦିର ଆଲୋକମାଳାରେ ଝଲସୁଛି।

# ୨ ବର୍ଷ ପରେ ମା’ଙ୍କ ଦର୍ଶନ କରିବେ ଭକ୍ତ

## ଆଜି ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ

ଜୁନାଗଡ,୧୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ଆଜି (ଶନିବାର) ପାଳନ ହେବ। କୋଭିଡ୍ କଟକଣା ଯୋଗୁ ଗତ ୨ ବର୍ଷ ହେଲା ବିନା ଭକ୍ତରେ ମା’ଙ୍କ ପର୍ବ ପାଳିତ ହେଉଥିଲା। ଏହି ସମୟରେ ପ୍ରଶାସନ ପକ୍ଷରୁ ପର୍ବଦିନ ଅପରାହ୍ନ ୨ଟାରୁ ପରଦିନ ସକାଳ ୧୦ଟା ପର୍ଯ୍ୟନ୍ତ ମା’ଙ୍କ ମନ୍ଦିରରୁ ୫ ଶହ ମିଟର ଯାଏ ୧୪୪ଧାରା ଜାରି କରାଯାଉଥିଲା। ଫଳରେ ମା’ଙ୍କ ଦର୍ଶନ ନ ପାଇ ଭକ୍ତଙ୍କ ମଧ୍ୟରେ ନିରାଶା ଦେଖିବାକୁ ମିଳିଥିଲା। ହେଲେ ଏଥର କୋଭିଡ୍ କଟକଣା ନ ଥିବାରୁ ସିଧାସଳଖ ଭକ୍ତମାନେ ମା’ଙ୍କ ଦର୍ଶନ କରିପାରିବେ। ଏହାକୁ ନେଇ ଏବେ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସେହିପରି କୋଭିଡ୍ କଟକଣା ଯୋଗୁ ଗତ ୨ବର୍ଷ ହେଲା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଥିଲା। ଏଥର ସାଂସ୍କୃତିକ କାର୍ଯ୍ୟକ୍ରମରେ ମା’ ଲଙ୍କେଶ୍ୱରୀଙ୍କ ପୀଠ ଦୁଲୁକିବ ବୋଲି ଜଣାପଡିଛି। ଏପରିସ୍ଥଳେ ଶୁକ୍ରବାର ସନ୍ଧ୍ୟାରେ ଦେବୀପୀଠ ଉତ୍ସବ ମୁଖରିତ ହୋଇଯାଇଛି। ଦିନତମାମ ଅନେକ ଭକ୍ତ ମା’ଙ୍କ ଦର୍ଶନ ପାଇଁ ଆସିଥିଲେ। ରାତିରେ ଇଷ୍ଟଦେବୀ ମନ୍ଦିର ସମେତ ମୁଖ୍ୟ ଦ୍ୱାର ଓ ଆଖପାଖ ଅଞ୍ଚଳ ଆଲୋକ ମାଳାରେ ଝଲସି ଉଠୁଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘରଗୁଡ଼ିକରେ ଦ୍ୱୀପ ପ୍ରଜ୍ୱଳନ ସହ ସୁସଜ୍ଜିତ ଆଲୋକମାଳାରେ ସହର ଝଲସୁଛି। ଏପଟେ ଖଣ୍ଡାବସା ପର୍ବ ଯେମିତି ଶାନ୍ତିଶୃଙ୍ଖଳା ସହିତ ହେବ ସେ ନେଇ ଜୁନାଗଡ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏହି ପର୍ବରେ ୧ ପ୍ଲାଟୁନ ପୋଲିସ ସମେତ ଜିଲାର ବିଭିନ୍ନ ଥାନାରୁ ୧୦ଜଣ ପୋଲିସ ଅଧିକାରୀ (ଏସ୍ଆଇ ଓ ଏଏସ୍ଆଇ) ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିବେ। ସେହିପରି ଘଟଣାସ୍ଥଳରେ ଜୁନାଗଡ ଆଇଆଇସି ଉତ୍ତମ କୁମାର ସାହୁ, ଧର୍ମଗଡ ଏସ୍ଡିପିଓ ଧୀରଜ କୁମାର ଚୋପଦାର ପ୍ରମୁଖ ଉପସ୍ଥିତ ରହି ଆଇନଶୃଙ୍ଖଳା ପ୍ରତି ଦୃଷ୍ଟି ରଖିବେ। ପ୍ରଶାସନସ୍ତରରେ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ବିଡିଓ ଦୁଲାରାମ ମାରାଣ୍ଡି, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ପ୍ରମୁଖ ଦାୟିତ୍ୱ ତୁଲାଇବେ।













ଖଣ୍ଡାବସା ଅଭିନନ୍ଦନ

ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ । ଗ୍ରାମ ରୋଜଗାର ସେବକ (ଜିଆରଏସ୍)ସଂଘ, ଜୁନାଗଡ ବ୍ଲକ,କଳାହାଣ୍ଡି ।

ସଭାପତି -ଚକ୍ରପାଣି ବାଗ,ଜିଆରଏସ୍ ବକ୍ସିତୁଳସୀପାଲି ପଞ୍ଚାୟତ
ସଂପାଦକ-ଚୁୟନ ମେହେର,ଜିଆରଏସ୍ ଚିଚିଁଗୁଡା ପଞ୍ଚାୟତ
କୁସୁମ ମଞ୍ଜରୀ ମେହେର,ଜିଆରଏସ୍,ପଳାସ ପଞ୍ଚାୟତ
ଆଶୁତୋଷ ପଣ୍ଡା,ଜିଆରଏସ୍, ମାଲିଗୁଡା/ଚିଙ୍ଗୁଡିସର ପଞ୍ଚାୟତ
ସୁଶାନ୍ତ କୁମାର ମେହେର,ଜିଆରଏସ୍,ତଳମଲା/ନକଟିଗୁଡା ପଞ୍ଚାୟତ
କେଶବ ନାଏକ,ଜିଆରଏସ୍,ମହିଚଲା/ସନ୍ୟାସୀକୁଣ୍ଡାମାଲ ପଞ୍ଚାୟତ
ଲାବାଣ୍ୟ ମାଝୀ,ଜିଆରଏସ୍,ଆଟିଗାଁ ପଞ୍ଚାୟତ
ରାକେଶ କୁମାର ବାଗ,ଜିଆରଏସ୍,ତଳଜାରିଙ୍ଗ/ମାଟିଗାଁ ପଞ୍ଚାୟତ
ଦିବାଲ ଚଲାନ,ଜିଆରଏସ୍,ଭଇଁରୀଗୁଡା ପଞ୍ଚାୟତ
ନିମାଇ ଚରଣ ଦଳପତି,ଜିଆରଏସ୍,ବୁଡିଦର ପଞ୍ଚାୟତ
ଦୁର୍ବିନ୍ଦ ନାଏକ,ଜିଆରଏସ୍,ଚାରବାହାଲ/ଗୌଡଛେଣ୍ଡିଆ ପଞ୍ଚାୟତ
ହରି ନାରାୟଣ ମେହେର,ଜିଆରଏସ୍,ହାବସପୁର ପଞ୍ଚାୟତ
ଭାଗିରଥି ଧଙ୍ଗଡାମାଝୀ,ଜିଆରଏସ୍,କଲେଇ ଗାଁ/ବାଙ୍କପଳାସ ପଞ୍ଚାୟତ
ଚୁୟନ କୁମାର ମେହେର,ଜିଆରଏସ,ଛୋରିଆଗଡ/ଚିଚିଁଗୁଡା ପଞ୍ଚାୟତ
କେଦାର ନାଥ ସାହୁ,ଜିଆରଏସ୍,ବୁନ୍ଦେଲମାଲ ପଞ୍ଚାୟତ
ଦିବ୍ୟ ରଞ୍ଜନ ବେହେରା,ଜିଆରଏସ୍,ଦେଦର ପଞ୍ଚାୟତ
ନବାର୍ଣ୍ଣ ପୁଝାରୀ,ଜିଆରଏସ୍,ଚାରଭାଟି ପଞ୍ଚାୟତ
ଗୌତମ ଦଳପତି,ଜିଆରଏସ୍,କାଲୋପଲା/ବଳଦିଆମାଲ ପଞ୍ଚାୟତ
ସୁରେନ୍ଦ୍ର ବାଗ,ଜିଆରଏସ୍,କେନ୍ଦୁପାଟି ପଞ୍ଚାୟତ
ଚକ୍ରପାଣି,ଜିଆରଏସ୍,ବକ୍ସିତୁଳସୀପାଲି ପଞ୍ଚାୟତ
ଲକ୍ଷ୍ମୀଧର ନାଏକ,ଜିଆରଏସ୍,ମେରିଆବନ୍ଧଲି/ନାନ୍ଦୋଲ ପଞ୍ଚାୟତ
ସଞ୍ଜୀବ କୁମାର ପଟ୍ଟନାୟକ,ଜିଆରଏସ୍,ମୁଣ୍ଡରାଗୁଡା ପଞ୍ଚାୟତ
ଶଶାଙ୍କ ପାଢି,ଜିଆରଏସ୍,ରାଜପୁର/ବଣିଜରା ପଞ୍ଚାୟତ
କନ୍ତେଶ୍ୱର ସୁନାନୀ,ଜିଆରଏସ୍,କଳିଆକୁଣ୍ଡଲ/ପିଳିକିଆ ପଞ୍ଚାୟତ
ବିରେନ୍ଦ୍ର ନାଏକ,ଜିଆରଏସ୍,ଦାସିଗାଁ,ପଞ୍ଚାୟତ










ଖଣ୍ଡାବସା ଅଭିନନ୍ଦନ

ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡି ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ । ଯୋଗାଣ ସହାୟକ ସଂଘ, ଜୁନାଗଡ଼ ବ୍ଲକ,କଳାହାଣ୍ଡି ।

କଳାହାଣ୍ଡି ଜିଲ୍ଲା ସଭାପତି - ମନୋଜ କୁମାର ମେହେର, ଦେଦର ପଞ୍ଚାୟତ
ଜୁନାଗଡ଼ ବ୍ଲକ ସଭାପତି- ଗଣେଶ ଦୁର୍ଗା, ରାଜପୁର ପଞ୍ଚାୟତ
ସମ୍ପାଦକ- ଅମିତ କୁମାର ପଣ୍ଡା, ବୁଡିଦର ପଞ୍ଚାୟତ
ଉପସଭାପତି- ଭବାନୀଶଙ୍କର ନାଏକ, ମାଲିଗୁଡ଼ା ପଞ୍ଚାୟତ
କୋଷାଧ୍ୟକ୍ଷ- ଦିବାକର ବାଗ, କଲେଇଗାଁ ପଞ୍ଚାୟତ
ରାଜେନ୍ଦ୍ର ଦାସ, ତଳମଲା ପଞ୍ଚାୟତ
ରୂପକ ରଞ୍ଜନ ବେହେରା, ବୁନ୍ଦେଲମାଲ ପଞ୍ଚାୟତ
ମୃତ୍ୟୁଞ୍ଜୟ ପ୍ରଧାନୀ, ଆଟିଗାଁ ପଞ୍ଚାୟତ
ସ୍ୱୟମ୍ବର ବଣିଆ, ମହିଚଲା ପଞ୍ଚାୟତ
ଗୋକୁଳାନନ୍ଦ ନାଏକ, ମୁଣ୍ଡରାଗୁଡ଼ା ପଞ୍ଚାୟତ
ସୁଶାନ୍ତ ନାଏକ, ବଣିଜରା ପଞ୍ଚାୟତ
ଅଙ୍କୁର ଭୋଇ, ବାଙ୍କପଳାସ ପଞ୍ଚାୟତ
କୈଳାସ ଚନ୍ଦ୍ର ପାଣ୍ଡେ, ମାଟିଗାଁ ପଞ୍ଚାୟତ
ଡବଲକିଶୋର ନିଆଳ, ଦାସିଗାଁ ପଞ୍ଚାୟତ
ଦେବେନ୍ଦ୍ର ଦୁର୍ଗା, ଗୌଡଛେଣ୍ଡିଆ ପଞ୍ଚାୟତ
ସୁଧାଂଶୁ ମେହେର, ମେରିଆବନ୍ଧଲି ପଞ୍ଚାୟତ
ଚାରୁ କନ୍ଦପାନ, ଭଇଁରୀଗୁଡ଼ା ପଞ୍ଚାୟତ
ଆଶିଷ କୁମାର ରାଉତ, ସନ୍ନ୍ୟାସୀକୁଣ୍ଡାମାଳ ପଞ୍ଚାୟତ
ରାଜେଶ ବେହେରା, କାଲୋପଲା ପଞ୍ଚାୟତ
ପ୍ରଣବ ଚନ୍ଦ୍ର ସରାଫ, ନକଟିଗୁଡ଼ା ପଞ୍ଚାୟତ
ମନୋଜ କୁମାର ନାଏକ, ଚାରବାହାଲ ପଞ୍ଚାୟତ
ସୁମନ୍ତ ପାଢୀ, କେନ୍ଦୁପାଟି ପଞ୍ଚାୟତ
ଶଶାଙ୍କ ପଣ୍ଡା, ପଳାସ ପଞ୍ଚାୟତ
ଅକ୍ଷୟ ଦୀପ, ବକ୍ସିତୁଳସୀପାଲି ପଞ୍ଚାୟତ
ମଳୟ ମେହେର, ଛୋରିଆଗଡ଼ ପଞ୍ଚାୟତ
ଜ୍ୟୋତିରଞ୍ଜନ ମେହେର, ବଳଦିଆମାଳ ପଞ୍ଚାୟତ
ପ୍ରବୀଣ ରଞ୍ଜନ ମେହେର, ଚିଚିଁଗୁଡ଼ା ପଞ୍ଚାୟତ
ଧର୍ମେନ୍ଦ୍ର ଗୋଡତିଆ, ନାନ୍ଦୋଲ ପଞ୍ଚାୟତ
ବିବେକ ପ୍ରଧାନ, ତଳଜାରିଙ୍ଗ ପଞ୍ଚାୟତ
ଗୀତାଞ୍ଜଳି ନିଆଳ, ହାବସପୁର ପଞ୍ଚାୟତ
ରାଜେଶ ଦୁର୍ଗା, ଚାରଭାଟି ପଞ୍ଚାୟତ









"ଆମର ଦିବ୍ୟାଙ୍ଗ ଭଉଣୀ ଓ ଭାଇମାନଙ୍କ ପାଇଁ ଏକ ସମାବେଶୀ, ସୁଗମ୍ୟ ଏବଂ ସମ-ଅଧିକାର ବିଶିଷ୍ଟ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଆମେ ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ କାର୍ଯ୍ୟରତ ।"

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ସଶକ୍ତ ଦିବ୍ୟାଙ୍ଗଜନ
# ସଶକ୍ତ ଭାରତ

## ସାମାଜିକ ଅଧିକାରିତା ଶିବିର ମାଧ୍ୟମରେ ଦିବ୍ୟାଙ୍ଗଜନଙ୍କୁ ସହାୟକ ଉପକରଣ ବିତରଣ

- ସାରା ଦେଶରେ ୭୨ଟି ସ୍ଥାନରେ ଶିବିରର ଆୟୋଜନ
- ୩୬ ହଜାର ହିତାଧିକାରୀଙ୍କୁ ମାଗଣାରେ ସହାୟକ ଉପକରଣର ବିତରଣ
- ସମଗ୍ର ଖର୍ଚ୍ଚ ଭାରତ ସରକାରଙ୍କ ଦ୍ୱାରା ବହନ କରାଯିବ
- ଶିବିରଗୁଡ଼ିକରେ ନୂଆ ହିତାଧିକାରୀଙ୍କ ପାଇଁ ପଞ୍ଜୀକରଣର ସୁବିଧା ମଧ୍ୟ ଉପଲବ୍ଧ

ଶିବିର ସ୍ଥାନଗୁଡ଼ିକର ବିବରଣୀ ପାଇଁ ପରିଦର୍ଶନ କରନ୍ତୁ: www.disabilityaffairs.gov.in

**୧୭ ସେପ୍ଟେମ୍ବର, ୨୦୨୨**

### ଦିବ୍ୟାଙ୍ଗଜନଙ୍କ ଜୀବନରେ ଆସୁଛି ପରିବର୍ତ୍ତନ

- ଏବେ ସୁଦ୍ଧା ୧୨ ହଜାର ଶିବିର ଆୟୋଜିତ ହୋଇସାରିଛି
- ୨୨.୯୦ ଲକ୍ଷ ହିତାଧିକାରୀଙ୍କୁ ସହାୟତା ଓ ସହାୟକ ଉପକରଣ ବିତରଣ, ୩୨ ହଜାର ଦିବ୍ୟାଙ୍ଗଜନ ମୋଟରଚାଳିତ ଟ୍ରାଇସାଇକେଲ୍ ଦ୍ୱାରା ଲାଭାନ୍ୱିତ
- ୪ ହଜାରରୁ ଅଧିକ କୋକ୍ଲିୟର୍ ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ପାଦିତ

CBC38117/13/0033/2223

Government of India | Azadi Ka Amrit Mahotsav

ଆମକୁ ଅନୁସରଣ କରନ୍ତୁ
@socialpwds | www.disabilityaffairs.gov.in | www.socialjustice.nic.in



# ଏକା ସମୟରେ ଏକା ମୂଲ୍ୟର ବିଭିନ୍ନ ଡିଜାଇନର୍ କଏନ୍ ପ୍ରଚଳନ ହୋଇଥାଏ, କାହିଁକି ନା ମୁଦ୍ରାର ଜୀବନକାଳ ବହୁତ ଲମ୍ବା ଅଟେ ।

**ବିନା ଦ୍ୱିଧାରେ ସେଗୁଡ଼ିକୁ ଗ୍ରହଣ କରନ୍ତୁ**



- ମୁଦ୍ରା ବିଷୟରେ ବିଭ୍ରାନ୍ତିକର ସୂଚନା କିମ୍ବା ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ
- ବ୍ୟାଙ୍କ ଶାଖାଗୁଡ଼ିକ ଜନସାଧାରଣଙ୍କ ଠାରୁ ମୁଦ୍ରା ଗ୍ରହଣ କରିବା ଉଚିତ*

*ନିୟମ ଓ ସର୍ତ୍ତାବଳୀ ପ୍ରଯୁଜ୍ୟ



**ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !**

ଅଧିକ ସୂଚନା ପାଇବା ପାଇଁ **14440** କୁ ଏକ ମିସ୍‌ଡ କଲ ଦିଅନ୍ତୁ
କିମ୍ବା **https://rbikehtahai.rbi.org.in/coins** କୁ ଯାଆନ୍ତୁ
ଫିଡ୍‌ବ୍ୟାକ ଦେବା ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in



କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର | ଓଡ଼ିଶା ଶାସନ | आज़ादी का अमृत महोत्सव | ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା



"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଉତ୍ତମ ସୁରକ୍ଷା ଭରଣା ପ୍ରଦାନ କରି ବିପଦ ଆଶଙ୍କା କମ୍ କରିଛି, ଯାହାର ଲାଭ କୋଟି କୋଟି କୃଷକଙ୍କୁ ମିଳିଛି । ଏହି ଯୋଜନା ଦାବୀ ଗୁଡ଼ିକର ପୈଠ ରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରି କୃଷକ ଭାଇଙ୍କ ମନରେ ଏକ ନୂଆ ବିଶ୍ୱାସ ସୃଷ୍ଟି କରିଛି ।"

ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ସୁରକ୍ଷାର ଉପହାର
# ଫସଲ ବୀମା ପଲିସି
## ଏବେ ଆପଣଙ୍କ ହାତରେ

### ଯୋଜନା ଏକ, ଲାଭ ଅନେକ
- ପୈଠ ସିଧାସଳଖ କୃଷକଙ୍କର ବ୍ୟାଙ୍କ ଖାତାରେ
- ପଞ୍ଜୀକରଣ ପାଇଁ 12 ଭାଷାରେ ଏନ୍‌ସିଆଇ ପୋର୍ଟାଲ ଏବଂ କ୍ରପ ଇନସ୍ୟୁରାନ୍‌ସ ଆପ୍
- ଫସଲ ଅମଳର ଉତ୍ତମ ଅନୁମାନ ପାଇଁ ଆଧୁନିକ କାରିଗରୀ
- କୃଷକଙ୍କର ସୁବିଧା ପାଇଁ ଘର-ଘର ପଲିସି ବିତରଣ

### ଯୋଜନାର 7 ବର୍ଷ - ସୃଷ୍ଟି କରୁଛି ଏକ ନୂଆ ଦୃଷ୍ଟାନ୍ତ
- ପ୍ରତ୍ୟେକ ବର୍ଷ 5.5 କୋଟି ରୁ ଅଧିକ କୃଷକ ଏହି ଯୋଜନା ସହ ଯୋଡ଼ି ହେଉଛନ୍ତି

### ଖରିଫ 2022 ର ମୁଖ୍ୟ ଅଭିଜ୍ଞତା
- 6 କୋଟି କୃଷକଙ୍କର ଆବେଦନ ପ୍ରାପ୍ତ ହୋଇଛି
- ଖରିଫ 2021 ତୁଳନାରେ ଖରିଫ 2022ରେ ଅଣ ଋଣୀ କୃଷକ ଆବେଦନ ସଂଖ୍ୟାରେ 21% ର ବୃଦ୍ଧି ହୋଇଛି



କୃଷି ରକ୍ଷକ

**ମୋ ପଲିସି ମୋ ହାତରେ**

**ସମଗ୍ର ଦେଶରେ କୃଷକ ମାନଙ୍କୁ ଆଜି ସୁଦ୍ଧା 1.22 ଲକ୍ଷ କୋଟି ଟଙ୍କା ବୀମା ଦାବୀ ଭାବରେ ପ୍ରଦାନ କରାଯାଇଛି । ଆପଣ ବି ନିଜ ରବି ଫସଲର ବୀମା ନିଶ୍ଚୟ କରାନ୍ତୁ**

ଅଧିକ ସୂଚନା ପାଇଁ ସମ୍ପର୍କ କରନ୍ତୁ - କୃଷକ କଲ ସେଣ୍ଟର 1800-180-1551 | pmfby | PMFasalBimaYojana | pmfasalbimayojana

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଶ୍ରୀମାନ୍
ପରିବାରବର୍ଗ



ବୁବୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲୁହାପଥର ତଳେ ଚାପି ହୋଇ ଯୁବକ ମୃତ

## ଛାତ୍ରୀ ଗୁରୁତର, ୨ ବାଇକ୍ ଚୂରମାର

ଯୋଡ଼ା,୧୬।୯(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ରଣାଶାଳ ଘାଟି ଓଭର୍ ବ୍ରିଜ ତଳେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି। ଏକ ଲୁହାପଥର ବୋଝେଇ ଟ୍ରେଲର ଓଲଟି ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଦୁଇଜଣଙ୍କ ଉପରେ ଲୁହାପଥର ଚାପି ହୋଇଯାଇଥିଲା। ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣୈକା ଛାତ୍ରୀ ଗୁରୁତର ହୋଇଛନ୍ତି। ମୃତକ ରାଉରକେଲା ଅଞ୍ଚଳର ଅଭିଷେକ ଗୁପ୍ତା। ସେ ଯୋଡ଼ାସ୍ଥିତ ଝୁମ୍ପୁଡ଼ି ହଟିଂରେ ରହି ଏକ ପରିବହନ ସଂସ୍ଥାରେ କାର୍ଯ୍ୟ କରିଆସୁଥିଲେ। ଆହତ ଛାତ୍ରୀ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୨ ନମ୍ବର ୱାର୍ଡ ମୁଖାର୍ଜୀ ହଟିଂର ଶ୍ରୁତି କ୍ରିଷ୍ଣା ଗୋପ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଏନ୍ଏଲ୍ -୦୧ ଏଡି -୨୭୭୧ ନମ୍ବର ଏକ ୨୨ ଚକିଆ ଟ୍ରେଲର ସାଇଜଡ ଲୁହାପଥର ବୋଝେଇ କରି ବଡ଼ବିଲ ଆଡୁ ଦ୍ରୁତଗତିରେ ଆସୁଥିଲା। ରଣାଶାଳ ଘାଟି-ଡିଏଭି ସ୍କୁଲ ଜଙ୍କସନ ଓଭରବ୍ରିଜ ତଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ସମୟରେ ଉକ୍ତ ସ୍ଥାନରେ ପୂର୍ବରୁ ଛିଡ଼ା ହୋଇଥିବା ବଡ଼ବିଲ ସେଣ୍ଟ ମେରୀ ସ୍କୁଲର ଛାତ୍ରୀ ଶ୍ରୁତି ଏବଂ ଅଭିଷେକଙ୍କ ଉପରେ ଓଲଟି ପଡ଼ିଥିଲା। ଟ୍ରେଲରରେ ଥିବା ପାଖାପାଖି ୪୦ ମେଟ୍ରିକ ଟନ୍ ଲୁହାପଥର ୨ ଜଣଙ୍କ ଉପରେ ପଡ଼ିଯାଇଥିଲା। ଅଭିଷେକ ଲୁହାପଥର ତଳେ ପୋତି ହୋଇଯାଇଥିବା ବେଳେ ଛାତ୍ରୀଙ୍କ ଅଣ୍ଟା ପାଖରୁ ପାଦଯାଏ ପୋତି ହୋଇଯାଇଥିଲା। ଏଥିସହିତ ଉକ୍ତ ସ୍ଥାନରେ ଥିବା ୨ଟି ମୋଟର ସାଇକେଲ ଭାଙ୍ଗି ଚୂରମାର ହୋଇଯାଇଛି। ଖବର ପାଇ ଯୋଡ଼ା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଉଦ୍ଧାର କରି ଟାଟା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଅଭିଷେକଙ୍କୁ ମୃତ ଘୋଷଣା କରିଥିବାବେଳେ ଛାତ୍ରୀଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ଟ୍ରେଲର ଚାଳକ ଫେରାର୍ ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲର୍ ଓ ୩ଟି ମୋଟର ସାଇକେଲ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋତେ ଆଶାକରି ମୂଲିଆ ନ କଲି**
**ବାଡ଼ି କପାଖଣ୍ଡି ମଲା**
**ତୋତେ ଆଶାକଲି ଘଇତା ନ କଲି**
**ବଳ ବୟସ ଯେ ଗଲା।**

ପରକୁ ଆଶ୍ରାକରି ରହୁଥିବା ବ୍ୟକ୍ତିଙ୍କୁ ଲାଭ ବଦଳରେ କ୍ଷତି ହିଁ ମିଳିଥାଏ। ଅନ୍ୟକୁ ଆଶା କରି ବହୁମୂଲ୍ୟ ସମୟ ନଷ୍ଟ କରି ବସିଲେ ପଛକୁ ହୀନସ୍ତା ଭୋଗିବାକୁ ପଡିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତେଲି ତେଲ ଗଲେ ମିଳି**
**ପିଡ଼ିଆକୁ ଦେଲେ ଅଲଗା କରି।**

ତେଲ ସାଙ୍ଗରେ ପିଡ଼ିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲି ପେଷାଇ ତେଲ ବାହାର କରେ , ସେତେବେଳେ ପିଡ଼ିଆ ଅଲଗା ହୋଇଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ ଅନ୍ୟଥା ସେଠାରୁ ବାଦ୍ ପଡିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ସ୍ତ୍ରୀଙ୍କୁ ମାରି ୨ ଦିନ ଘରେ ମୃତଦେହ ଲୁଚାଇ ରଖିଥିଲେ ସ୍ୱାମୀ

କେନ୍ଦୁଝର,୧୬।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ସଦର ଥାନା ଅଧୀନ ପାଟୁଙ୍ଗ ପାତ୍ର ସାହିରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଯାଇଛି। ଗ୍ରାମର ସୋନୁ ମୁଣ୍ଡା(୩୨) ଗତ ବୁଧବାର ନିଶାଶକ୍ତ ଅବସ୍ଥାରେ ସ୍ତ୍ରୀ ନନ୍ଦିନୀ ମୁଣ୍ଡା(୨୫)ଙ୍କୁ ପିଟିପିଟି ହତ୍ୟା କରି ଦୁଇ ଦିନ ଘରେ ମୃତଦେହ ଲୁଚାଇ ରଖିଥିଲେ। ଶୁକ୍ରବାର ପୋଲିସ ଶବ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସୋନୁ ତାଙ୍କ ସ୍ତ୍ରୀଙ୍କୁ ମାରି ଦୁଇ ଦିନ ଘରେ ଲୁଚାଇ ରଖିଥିବା ବେଳେ ଗୁରୁବାର ଗାଁ ଲୋକଙ୍କୁ ସବୁ କଥା କହିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଇଥିଲେ। ସରପଞ୍ଚ ସଦର ଥାନାକୁ ଖବର ଦେଇଥିଲେ। ଶୁକ୍ରବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭାଙ୍ଗି ଶବ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୩୭୩/୨୨) ରୁଜୁ ହୋଇଛି। ଅଭିଯୁକ୍ତ ସୋନୁ ମୁଣ୍ଡା ଅସୁସ୍ଥ ଥିବାରୁ କେନ୍ଦୁଝର ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମୃତ ନନ୍ଦିନୀ ମୁଣ୍ଡାଙ୍କ ଠିକଣା ଜଣାପଡ଼ି ନ ଥିବା ବେଳେ ସଦର ପୋଲିସ ତଦନ୍ତ ଜାରି ରଖିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଲେ ୬ ଜିଲାର ମିଶନ ଶକ୍ତି ସଦସ୍ୟ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଜାତୀୟ ପତାକା ତିଆରି କରିବାର ସୁଯୋଗ ପାଇ ଆମେ ଗର୍ବିତ। ମୁଖ୍ୟମନ୍ତ୍ରୀ ଆମ ଉପରେ ଭରସା କରି ଆମକୁ ଏ ମହାନ୍ ସୁଯୋଗ ଦେଇଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ। ନବୀନ ନିବାସରେ ୬ଟି ଜିଲାର ମିଶନ ଶକ୍ତିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହା କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସଠାରେ ଗଞ୍ଜାମ, ଗଜପତି, ନୂଆପଡ଼ା, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାର ୮୪ଟି ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ଅବସରରେ ଗତ ଅଗଷ୍ଟ ୧୫ ତାରିଖ ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ପାଳନ ଅବସରରେ ମିଶନ ଶକ୍ତି ସଦସ୍ୟମାନେ ଜାତୀୟ

**ଜାତୀୟ ପତାକା ତିଆରି**

ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ଉପରେ ମୋର ପୂରା ଭରସା ରହିଛି। ଆପଣମାନଙ୍କ ଭିତରେ ବହୁତ କିଛି କରିବାର ସାମର୍ଥ୍ୟ ରହିଛି । ବହୁତ କମ୍ ସମୟ ପାଇ ମଧ ଆପଣମାନେ ୩୦ ଲକ୍ଷ ଜାତୀୟ ପତାକା ତିଆରି କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ମିଶନ ଶକ୍ତିର ସଦସ୍ୟମାନେ କହିଥିଲେ, ଜାତୀୟ ପତାକା ତିଆରି କରିବାର ସୁଯୋଗ ପାଇ ଆମେ ବହୁତ ଖୁସି। ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ଅଙ୍ଗନୱାଡ଼ି ପିଲାଙ୍କ ପୋଷାକ ସିଲେଇ କରିବା, ବିଦ୍ୟୁତ୍ ବିଲ୍ ଆଦାୟ କରିବା ଆଦି କାମ ବହୁତ ଭଲ ଭାବରେ କରିପାରୁଛୁ । ନୂଆପଡ଼ାରେ ଆମେ ଡ୍ରାଇଭିଂ ଶିକ୍ଷା ମଧ ନେଉଛୁ। ଆମେ ବି ପାରିବୁ, ଏ ବିଶ୍ୱାସ ଆମର ବଢ଼ିଛି। ଆମେ ସମସ୍ତେ ଏବେ କିଛି ନା କିଛି ଉପଯୋଗୀ କାର୍ଯ୍ୟରେ ନିୟୋଜିତ ହୋଇପାରିଛୁ ବୋଲି ସେମାନେ କହିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ମିଶନ ଶକ୍ତି ଗୋଷ୍ଠୀଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱ ଦେଇଥିଲେ।


## ପ୍ରଥମ ପୃଷ୍ଠାରୁ...


### କିଛି ସମୟ ପାଇଁ ...

ଆଦାନୀ ଏହି ମାନ୍ୟତା ହରାଇ ପୁଣିଥରେ ତୃତୀୟ ସ୍ଥାନକୁ ଖସିଆସିଥିଲେ। ଶୁକ୍ରବାର ଆଦାନୀଙ୍କ ସମ୍ପତ୍ତି ପରିମାଣ ୧୫୫.୭ ବିଲିୟନ ଡଲାରରେ ପହଞ୍ଚିବା ଫଳରେ ତାଙ୍କୁ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିର ମାନ୍ୟତା ମିଳିଥିଲା।



ଗୌତମ ଆଦାନୀ

କିନ୍ତୁ ତାଙ୍କ ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟ ଖସିବା ଫଳରେ ସମ୍ପତ୍ତି ପରିମାଣ ୧୫୨.୬ ବିଲିୟନ ଡଲାରକୁ ହ୍ରାସ ପାଇଥିଲା। ୨୭୩. ୫ ବିଲିୟନ ଡଲାର ସମ୍ପତ୍ତି ସହ ଏଲନ ମସ୍କ ବିଶ୍ୱର ଶ୍ରେଷ୍ଠ ଧନୀ ବ୍ୟକ୍ତି ରହିଥିବାବେଳେ ୧୫୩.୧ ବିଲିୟନ ଡଲାର ସମ୍ପତ୍ତି ସହ ଲକ୍ଜୁରି ସାମଗ୍ରୀ କମ୍ପାନୀ ଏଲ୍ଭିଏମ୍ଏଚ୍‌ର ମୁଖ୍ୟ ବର୍ନାର୍ଡ ଆର୍ନଲ୍ଟ ଦ୍ୱିତୀୟ ଧନୀ ମାନ୍ୟତା ପୁଣିଥରେ ବଜାୟ ରଖିଛନ୍ତି। ତେବେ ଆଦାନୀ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କଠାରୁ ଆଗରେ ରହିଛନ୍ତି। ବେଜୋସଙ୍କ ସମ୍ପତ୍ତି ପରିମାଣ ୧୪୯.୭ ବିଲିୟନ ଡଲାର ରହିଛି। ଅନ୍ୟମାନଙ୍କ ମଧରେ ବିଲ୍ ଗେଟ୍ସଙ୍କ ସମ୍ପତ୍ତି ପରିମାଣ ୧୦୫.୩ ବିଲିୟନ ଡଲାର ଥିବାବେଳେ ୱାରେନ ବଫେଟ୍‌ଙ୍କ ସମ୍ପତ୍ତି ୯୬.୫ ବିଲିୟନ ଡଲାର, ମୁକେଶ ଅମ୍ବାନୀଙ୍କର ୯୧.୬ ବିଲିୟନ ଡଲାର, ଗୁଗଲ୍ ସହପ୍ରତିଷ୍ଠାତା ଲାରି ପେଜ୍‌ଙ୍କ ସମ୍ପତ୍ତି ୮୯ ବିଲିୟନ ଡଲାର ଏବଂ ସେର୍ଗୀ ବ୍ରିନ୍‌ଙ୍କ ସମ୍ପତ୍ତି ୮୫.୪ ବିଲିୟନ ଡଲାର ରହିଛି। ଗୁରୁବାର ଆଦାନୀ ଗ୍ରୁପ୍ ଷ୍ଟକ୍‌ର ମୋଟ ବଜାର ପୁଞ୍ଜି ପରିମାଣ ୨୦.୧୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଚଳିତ ବର୍ଷ ଆଦାନୀଙ୍କ ସମ୍ପତ୍ତି ୭୨.୪ ବିଲିୟନ ଡଲାର ବୃଦ୍ଧି ପାଇଛି।

### ସ୍କୁଲ ପାଚେରି ଗେଟ୍ ...



ପାଚେରି ଭୁଶୁଡ଼ିବା ସହ ଗେଟ୍ ଓଲଟି ପଡ଼ିଛି।

୮ଟାବେଳେ ମୃତଦେହ ସ୍ୱର୍ଗରଥରେ ଗାଁକୁ ପଠାଯାଇଛି। ସେହିପରି ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି।

**ନିମ୍ନମାନର ପାଚେରି କାମ: ତଦନ୍ତ ଦାବି**

ବିଚିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ପ୍ରାୟ ବର୍ଷେ ତଳେ ନିର୍ମାଣ ହୋଇଥିଲା। ହେଲେ ନିମ୍ନମାନର କାମ ଯୋଗୁ ପାଚେରି ଅନେକ ଦିନ ହେଲା ଫାଟି ଆଁ କରିଥିଲା ବୋଲି ଗ୍ରାମବାସୀ କହିଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ନ ଥିବାରୁ ଦୁର୍ବଳ ପାଚେରି ଭୁଶୁଡ଼ି ଜଣେ ଛାତ୍ରୀଙ୍କ ଜୀବନ ଚାଲିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିରେ ଅଧିକ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିବା ଆଶଙ୍କା ଥିଲା। ତେଣୁ କେଉଁ ଠିକାଦାର ନିର୍ମାଣ କାମ କରିଥିଲେ ଏବଂ କାମର ମାନକୁ ନେଇ ତଦନ୍ତ କରାଯାଉ ବୋଲି ଦାବି ହୋଇଛି। ତେବେ ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଆସନ୍ତାବର୍ଷ ମାନ୍ଦାବସ୍ଥାର ...

ଏକାଧିକ କାରଣ ମଧ୍ୟରୁ ୟୁକ୍ରେନ୍ ଯୁଦ୍ଧ ଅନ୍ୟତମ। ଏଥିଯୋଗୁ ଖାଦ୍ୟ ଯୋଗାଣ ବାଧାପ୍ରାପ୍ତ ହୋଇଛି। ମହାମାରୀ ଯୋଗୁ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଥିଲାବେଳେ ଚାଇନାରେ ଦୀର୍ଘଦିନ ଧରି ଲକ୍ଡାଉନ ଯୋଗୁ ଚାହିଦା ହ୍ରାସ ପାଇଛି। ଏହାବ୍ୟତୀତ ପାଣିପାଗରେ ଅନିୟମିତତା କୃଷି ଉତ୍ପାଦନକୁ ପ୍ରଭାବିତ କରିଛି। ମୁଦ୍ରାସ୍ଫୀତି କମାଇବା ପାଇଁ ଭାରତର ରିଜର୍ଭ ବ୍ୟାଙ୍କ ଗତ ଅଗଷ୍ଟରେ ତୃତୀୟ ଥର ପାଇଁ ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରିବା ଫଳରେ ଏହା ୫.୪୦ ପ୍ରତିଶତରେ ପହଞ୍ଚିଛି। ୨୦୨୨-୨୩ ବର୍ଷ ପାଇଁ ମୁଦ୍ରାସ୍ଫୀତି ୬.୭ ପ୍ରତିଶତ ରହିବା ସହ ଜିଡିପି ଅଭିବୃଦ୍ଧି ୭.୨ ପ୍ରତିଶତ ରହିବ ବୋଲି ଆର୍‌ବିଆଇ ଆକଳନ କରିଛି। ଖାଦ୍ୟସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ ଗତ ଅଗଷ୍ଟରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଜୁଲାଇରେ ମୁଦ୍ରାସ୍ଫୀତି ୬.୭୧ ପ୍ରତିଶତ ରହିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସ୍ୱଗୃହୀ ବୁଧ ଓ ବୃହସ୍ପତିଙ୍କ ପାରସ୍ପରିକ ସମଦୃଷ୍ଟି କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁମିଳନ ପାଇଁ ଶୁଭ ହେବ। ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ ରହିଛି। ତଥାପି ଆପଣ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ ।

**ବୃଷ** – କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିରେ ପ୍ରତିବନ୍ଧକ ରହିବ ନାହିଁ । ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ଅନଟନ ମଧରେ ବ୍ୟସ୍ତ ରହିପାରନ୍ତି। ଅନ୍ୟକୁ ସାହାଯ୍ୟ କରି ପ୍ରଶଂସିତ ହେବେ। ନୂତନ ଯାନବାହନ, ଜମିଜମା, କ୍ରୟ, ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** – ଆଜି କର୍ମଭାବରେ ଗୁରୁ ହେତୁ ସମସ୍ୟା ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ସତ୍ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ କିନ୍ତୁ ହୁଏତ ତାହାକୁ ଅସ୍ୱୀକାର କରିଦେଇ ପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ତଥାପି ପୁନର୍ବସୁ ନକ୍ଷତ୍ର ନିଜର ଦକ୍ଷତା ଓ ଦୃଢ଼ତା ବଳରେ ଅସାଧ ସାଧନ କରିବେ।

**କର୍କଟ** – କାର୍ଯ୍ୟବ୍ୟସ୍ତତା କାରଣରୁ ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ନିଜ ପରିସରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** – ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। କର୍ମ କ୍ଷେତ୍ରରେ ସାମାନ୍ୟ କାମ ହାସଲରେ ବାଧା ଉପୁଜିପାରେ, ଏଣୁ ସାବଧାନ ରହିବା ଭଲ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ ଓ କାର୍ଯ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆବଶ୍ୟକ ସାହାଯ୍ୟ ମଧ କରିବେ। ଯେତେ ଭଲ କାମ କଲେ ମଧ ସମାଲୋଚିତ ହୋଇପାରନ୍ତି ।

**ତୁଳା** – ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିପାରନ୍ତି। ଶତ୍ରୁମାନେ ଚେଷ୍ଟା କଲେ ମଧ କିଛି କ୍ଷତି କରିପାରିବେ ନାହିଁ। ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ ।

**ବିଛା** – ଆକସ୍ମିକ ଭାବେ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବାରରେ ମଧ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ କରିବେ ।

**ଧନୁ** – ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠି ରହିବ ନାହିଁ । କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟ ମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି । ଅଫିସରେ ସହକର୍ମୀଙ୍କୁ ସାହାଯ୍ୟ ସହଯୋଗ କରି ବନ୍ଧୁଗହଣରେ ଚର୍ଚ୍ଚିତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ କ୍ଷେତ୍ରରେ ମଧ ସମ୍ମାନିତ ହେବେ।

**ମକର** – ଯେତେ ଭଲ କାମ କଲେ ମଧ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ମନରେ ସନ୍ଦେହ ଦେଖାଦେଇପାରେ । ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ ଅଳ୍ପ ସମୟ ମଧରେ ଦୂରେଇଯିବ।

**କୁମ୍ଭ** – ପରିବାରରେ ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ନିଜ ପରିସରର ବ୍ୟକ୍ତିବିଶେଷଙ୍କ ସହାୟତାରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ । ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ।

**ମୀନ** – ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି । ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।


# classifieds Everyday
0674-2580101, 2549302

real estate

## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଫୁଲନଖରା ଓମ୍ଫେଡ ଛକ ପାଖରେ immediate ଘର କରିବା ପ୍ଲଟ୍ ବିକ୍ରିହେବ। 9090556060. D-73872

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

**Readymade 2/3 BHK flat sale at Acharyavihar. Contact: 7978209277.** D-1536

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ ୪,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ । 9178762589.** D-74113

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

**Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828.** D-1520

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** 1538

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

Do you want to construct buildings on your own plot. Contact: 7008268129, 9439143273. D-71352

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73969

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open full body massage ladies and gents. 8327740003, 8093860513. D-73968

Newly opened full body massage center by expert therapist. 7381172169. D-73643

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

Newly open Spa positively health benefit with expert. Contact: 7749976301. D-73870

## AFFIDAVIT

I Afsar Khan, S/o- Phej Mahammad, R/o- Khariar, Road Odisha changed my name from M.D. Afsar Khan to Afsar Khan. D-1540

By virtue of an affidavit before Notary Public, Bhubaneswar, I have changed my surname Arun Kumar Nayak to Arun Kumar Mohapatra. Henceforth, I shall be known as Arun Kumar Mohapatra for all purposes. D-1535

I Mamina Mahana @ Mamuni Giri aged 27 years W/o- Sanatan Giri of Vill-Uchapur, PO/ PS-Sabaranga, Dist- Bhadrak do hereby solemnly affirm that I have an LIC Policy bearing Policy No.- 559421719, Where my name is MAMINA MAHANA. That in my bank passbook of OGB, Sabaranga branch (A/C No- 41483400100010) my name is mentioned as Mamuni Giri as per my Aadhaar card. That I the deponent further declare that Mamina Mahana & Mamuni Giri, W/o- Sanatan Giri is same & One person. D-1534

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୬୨,୭୪,୭୬୦ | ୬୫,୨୬,୩୧୭ | ୫୯,୫୪,୯୦,୯୫୭ |
| ଭାରତ | ୪,୪୫,୨୨,୭୭୭ | ୫,୨୮,୨୭୩ | ୪,୩୯,୪୭,୭୫୬ |
| ଓଡ଼ିଶା | ୧୩,୩୧,୩୫୩ | ୯୧୮୬(+୫୩) | ୧୩,୨୦,୪୫୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନିଯୁକ୍ତି ଦାବି ନେଇ ଆର୍‌ଡିସି ଅଫିସ ଘେରାଉ

## ପୋଲିସ-ଆନ୍ଦୋଳନକାରୀ ଧସ୍ତାଧସ୍ତି

**ସମ୍ବଲପୁର, ୧୬।୯(ବ୍ୟୁରୋ)**

ଶିଳ୍ପାଞ୍ଚଳରେ ନିଯୁକ୍ତି ଦାବି ନେଇ ୟୁଥ୍ ଫର ଆକ୍ସନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅଫିସ ଘେରାଉ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ଅନୁଷ୍ଠାନର ସଦସ୍ୟମାନେ ହାତରେ ପ୍ଲା କାର୍ଡ ଧରି ଜିଲା ସ୍କୁଲ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଆରଡିସି ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ଆନ୍ଦୋଳନକାରୀମାନେ ଆରଡିସି ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବା ବେଳେ ପୋଲିସ ରୋକିବାକୁ ଚେଷ୍ଟା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ପ୍ରାୟ ୨୦ ମିନିଟ ଧରି ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଅବସରରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଆରଡିସି ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଭିଯୋଗ କ୍ରମେ ରାଜ୍ୟରେ ଶିଳ୍ପ, କଳକାରଖାନା ବୃଦ୍ଧି ପାଉଛି। ହେଲେ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଫଳରେ ଅଞ୍ଚଳରେ ବେକାରି ସମସ୍ୟା ବଢ଼ିଚାଲିଛି। ଯୁବତୀ ଯୁବକମାନେ ପାଠ ପଢ଼ି ଡିଗ୍ରୀ ହାସଲ କରି ମଧ୍ୟ ଚାକିରି ମିଳିପାରୁନାହିଁ। କଳକାରଖାନା, ଖଣି ଖାଦାନଗୁଡ଼ିକରେ ରାଜ୍ୟ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ସ୍ଥାନୀୟ ନିଯୁକ୍ତିରେ କୁଶଳୀ ଓ ଅଣକୁଶଳୀ ମୋଟ ୬୦ ପ୍ରତିଶତ କର୍ମଚାରୀ ଏବଂ ସୁପରଭାଇଜର ଓ ମ୍ୟାନେଜର ପଦବୀରେ ୩୦ ପ୍ରତିଶତ ନିଯୁକ୍ତି ଦେବାର ନିୟମ ରହିଛି। ହେଲେ ୧୦ ପ୍ରତିଶତରୁ କମ୍ ସ୍ଥାନୀୟ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସରକାର ବିଭିନ୍ନ ନୂତନ କମ୍ପାନୀକୁ ଆମନ୍ତ୍ରଣ କରୁଛନ୍ତି। ପୂର୍ବରୁ ମଧ୍ୟ ଅନେକ କମ୍ପାନୀ ରାଜ୍ୟରେ ରହିଛି। କମ୍ପାନୀ ଆସିଲେ ନିଯୁକ୍ତି ସୃଷ୍ଟି ହେବ ବୋଲି ଘୋଷଣା କରି ଦେଉଛନ୍ତି। ହେଲେ ଏହା ଲୋକଦେଖାଣିଆ ହୋଇଛି। ତେଣୁ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ଏହାଛଡା ଦାଦନ ଶ୍ରମିକ ରୋକିବାକୁ ପଦକ୍ଷେପ ଗ୍ରହଣ କରିବା ସହ ସେମାନଙ୍କ ଠିକ ତଥ୍ୟ ସୂଚନା ଦିଆଯାଉ। କମ୍ପାନୀ ସହିତ ଚୁକ୍ତି ହୋଇଥିବା ସମସ୍ତ ସର୍ତ୍ତାବଳୀ ଅନୁସାରେ ନିଯୁକ୍ତି ଦିଆଯାଉ। ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ତଥା ଖିଲାପ କରିଥିବା କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଏହି ଆନ୍ଦୋଳନରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଯୁବକମାନେ ସାମିଲ ଥିଲେ। ସୁଜିତ ସିଂ, ମାନସ ରଥ, ଅମ୍ଳାନ ସ୍ୱାଇଁ, ଦେବାଶିଷ ନାୟକ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।



ସମ୍ବଲପୁର ଆରଡିସି ଅଫିସରେ ଆନ୍ଦୋଳନକାରୀ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

## ମହିଳାଙ୍କ ଗଳିତ ମୃତଦେହ ଜବତ

**ଦେବଗଡ଼, ୧୬।୯(ଡି.ଏନ.ଏ.):** ଜଙ୍ଗଲ ଭିତରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି ଦେବଗଡ଼ ପୋଲିସ। ଗତ କିଛି ଦିନ ହେବ ମହିଳା ଜଣକ ନିଖୋଜ ଥିବାବେଳେ ଶୁକ୍ରବାର ଜଙ୍ଗଲ ଭିତରେ ତାଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଦେବଗଡ଼ ଥାନା ଅନ୍ତର୍ଗତ ବଡବାହାଲ ଗ୍ରାମ ନିକଟସ୍ଥ ପଳସାଦୁମା ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ବଡବାହାଲ ଗ୍ରାମର ବିନକ ବିଶ୍ୱାଳଙ୍କ ସ୍ତ୍ରୀ ଶୋଭା ଗତ କିଛିଦିନ ହେବ ନିଖୋଜ ଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ପାଇ ନ ଥିଲେ।

## ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ୨ ନୂଆ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ଦୁଇଟି ନୂଆ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହୋଇଛି। 'ବିୟୁଟି ୱେଲ୍‌ନେସ୍ ଆଣ୍ଡ୍ ସ୍ପା' ଏବଂ 'ହେୟାର ଫ୍ୟାଶନ ଆଣ୍ଡ୍ ଡିଜାଇନିଂ'ରେ ବୃତ୍ତି ଆପଣେଇବାକୁ ଚାହୁଁଥିବା ଯୁବପିଢ଼ି ଏଥିରେ ତାଲିମ ନେଇପାରିବେ। ଚଳିତ ଶିକ୍ଷାବର୍ଷ ୨୦୨୨-୨୩ ନିମନ୍ତେ ସ୍କୁଲ ଅଫ୍ ସର୍ଭିସେସ୍ ଅଧୀନରେ ଏହି ଦୁଇ ପାଠକ୍ରମ ଆରମ୍ଭ କରାଯାଇଛି। ସ୍କୁଲ ଅଫ୍ ସର୍ଭିସେସ୍ ନିର୍ଦ୍ଦେଶିକା ସୁଗୁଣା ଶ୍ରୀନିବାସ କହିଛନ୍ତି, ପ୍ରତ୍ୟେକ ପାଠ୍ୟକ୍ରମର ଅବଧି ଏକବର୍ଷ ରହିବ। ଯୁକ୍ତ୨ କିମ୍ବା ଯେକୌଣସି ବିଷୟରେ ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଏଥିନିମନ୍ତେ ଆବେଦନ କରିପାରିବେ। ପ୍ରାର୍ଥୀଙ୍କ ବୟସ ୧୭ ରୁ ୩୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଏହି ପାଠ୍ୟକ୍ରମ ପାଇଁ ଛାତ୍ରୀଛାତ୍ରଙ୍କୁ ୫ହଜାର ଟଙ୍କା ଦେବାକୁ ପଡ଼ିବ। ବିଭିନ୍ନ ପାଠ୍ୟ ଉପକରଣ ସହ ରହିବା, ଖାଇବା ଓ କେନ୍ଦ୍ରକୁ ଯାତାୟାତ ଆଦି ସୁବିଧା ମାଗଣାରେ ଉପଲବ୍ଧ ହେବ। ଆଗ୍ରହୀ ଛାତ୍ରୀଛାତ୍ର www.worldskillcenter.org/admissions ୱେବ୍‌ସାଇଟ ଜରିଆରେ ନାମଲେଖା ବାବଦରେ ଅଧିକ ସୂଚନା ପାଇପାରିବେ। ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ପ୍ରଶିକ୍ଷାର୍ଥୀଙ୍କ ସୁବିଧା ପାଇଁ ଅତ୍ୟାଧୁନିକ ପ୍ରୟୋଗଶାଳା, ଶ୍ରେଣୀଗୃହ, ପାଠ୍ୟକ୍ରମ ଏବଂ ଉନ୍ନତମାନର ଉପକରଣ ରହିଛି। ଏହି ପାଠ୍ୟକ୍ରମକୁ ସିଙ୍ଗାପୁର ଆଇଟିଇଇଏସ୍ ସଂସ୍ଥା ଦ୍ୱାରାରେ ପ୍ରସ୍ତୁତ କରାଯାଇଛି। ଏଠାରେ କାର୍ଯ୍ୟରତ ପ୍ରଶିକ୍ଷକ ସିଙ୍ଗାପୁରର ଆଧୁନିକ ଶିକ୍ଷା କୌଶଳରେ ତାଲିମପ୍ରାପ୍ତ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି। ଓଡ଼ିଶାର ଶିକ୍ଷିତ ଯୁବପିଢ଼ିଙ୍କୁ ଅନ୍ତର୍ଜାତୀୟ ମାନର ତାଲିମ ପ୍ରଦାନ ସହ ଆଗାମୀ ଦିନରେ ବିଶ୍ୱସ୍ତରୀୟ ପ୍ରଫେସନାଲ ଭାବେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖି ଏହି ପାଠ୍ୟକ୍ରମ ଆରମ୍ଭ କରାଯାଇଥିବା ସେ କହିଛନ୍ତି।

## ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତିଙ୍କ ପରଲୋକ



**ଭୁବନେଶ୍ୱର, ୧୬।୯(ବ୍ୟୁରୋ):** ଚିତ୍ରଶିଳ୍ପୀ ତଥା ସୁସାହିତ୍ୟିକ ଅଶୋକ କୁମାର ମହାନ୍ତିଙ୍କ ଶୁକ୍ରବାର ଭଦ୍ରକ ଜଗନ୍ନାଥପୁରସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ସେ ଭଦ୍ରକ ଜିଲାର ପାଳିଆ ଗ୍ରାମରେ ୧୯୫୫ ଜୁନ୍ ୧୩ରେ ଜନ୍ମଗ୍ରହଣ କରିଥିଲେ। ୧୯୭୪ରେ ଖଲ୍ଲିକୋଟ କଳା ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ସେ କଳା ସାଧନାରେ ନିଜକୁ ସମର୍ପି ଦେଇଥିଲେ। ତାଙ୍କୁ ୧୯୧୮ରେ ଲଳିତ କଳା ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୭୪ରେ ଲଳିତ କଳା ଏକାଡେମୀର ରାଜ୍ୟସ୍ତରୀୟ ପୁରସ୍କାର, ୧୯୮୦ରେ ଆନ୍ଧ୍ରପ୍ରଦେଶରୁ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ପୁରସ୍କାର, ୨୦୦୫ରେ ଫକୀର ମୋହନ ସାହିତ୍ୟ ପରିଷଦରୁ ଶିଳ୍ପୀ ଉଦୟ ଜେନା ସ୍ମୃତି ସମ୍ମାନ ଆଦି ପାଇଥିଲେ। ତାଙ୍କ ଦ୍ୱାରା ରଚିତ ପୁସ୍ତକ ଓଡ଼ିଶାର କଳା, କୃତି ଓ କୀର୍ତ୍ତି, ଶିଶୁ ସାହିତ୍ୟ ଓ ଶିଶୁ ଚିତ୍ରକଳା, ଅଙ୍କୁର ଆଙ୍କି ଶିଖ, ଧୌତ ଚିତ୍ରକଳା ଓ ଶିଳ୍ପୀ ରବିନାରାୟଣ ଆଦି ଛାତ୍ରୀଛାତ୍ରଙ୍କ ଦ୍ୱାରା ବେଶ୍ ଆଦୃତ। ତାଙ୍କ ମୃତ୍ୟୁ ଖବର ପାଇ ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି।










CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଧରିତ୍ରୀ DHARITRI Oriya daily
is looking for
DIGITAL MARKETING SPACE SELLING EXECUTIVES
- Having 3-6 years + experience in Digital Marketing.

Roles and Responsibilities -
- Responsible for online ad space selling.
- Well versed with Media Clients and Agencies (B2B advertising on our company digital platforms).
- Must have retail, corporate client base in designated locations.
- Capable to aggressively chase sales targets.
- Hands-on experience in content management.
- Drive new client acquisition.
- Proficiency in social media platforms.

Apply within 7 days to : recruitment@dharitri.com
Attractive salary commensurate with experience

APPOINTMENT
Wanted a ACCOUNTANT having 7 to 10 years experience for Paradeep Office.
Contact: 9937399588 8249193688

ଆବଶ୍ୟକ
କାର୍ ଡ୍ରାଇଭର ଆବଶ୍ୟକ ଜଗତ୍‌ପୁର ଅଫିସ ପାଇଁ।
ଯୋଗାଯୋଗ ପାଇଁ
Mob.: 9437021279 7381075901

APPOINTMENT
SALES EXECUTIVES (MALE/ FEMALE)
For Bhubaneswar
Send Resume Immediately To e-mail:
cssenapati28@gmail.com or 9861066950 (Whatsapp)

WALK-IN-INTERVIEW
ST. XAVIER INTERNATIONAL SCHOOL
Requires for Premium Branch
● Principal ● Academic Coordinator ● PGT / TGT (Sc. & Com.) - Physics, Chemistry, Mathematics, Biology, Economics, Business Studies, Accountancy, Computer Science, Physical Education ● PRT (All Subject) ● Nursery Teacher - 30 Nos. ● Academic Supervisors, ● Receptionist ● Transport Manager ● Security Personnel
Preference will be given to experienced, highly motivated creative candidates having good command over English and a flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interview Date: 17th & 18th September 2022 Time : 10:00 am- 4:00pm
At-12 Janpath, Satyanagar, Bhubaneswar- 751007
E.mail: hrsxis@gmail.com, Whatsapp: 9861099999, Ph.: 9776633003



ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍ଭବ ହେବ। କିନ୍ତୁ ଅତିରଞ୍ଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। -ଶ୍ରୀଅରବିନ୍ଦ



# କିଏ ଜିତିବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରେଲ୍‌ୱେରେ ଉଚ୍ଚ ପଦବୀଗୁଡ଼ିକୁ ପଦୋନ୍ନତି ପାଇଁ ନୂଆ ନିୟମ ଘୋଷଣା ହେବାର ପାଖାପାଖି ୪ ମାସ ବିତିଗଲାଣି। ରେଲ୍ ବାବୁମାନେ ବି ପ୍ରଥମ ବ୍ୟାଚ୍ ପଦୋନ୍ନତିକୁ ଏ ପର୍ଯ୍ୟନ୍ତ ଅପେକ୍ଷା କରିଛନ୍ତି। ତେବେ ଘୋଷଣା ହେବା ପରେ ଦୀର୍ଘଦିନର ନୀରବତାକୁ ନେଇ ସେମାନଙ୍କ ମଧ୍ୟରେ ସାମୂହିକ ଭାବେ ବ୍ୟଗ୍ରତା ପ୍ରକାଶ ପାଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ଏହା କେବଳ ଏକ ଦୀର୍ଘମିଆଦୀ ଚୟନ ପ୍ରକ୍ରିୟା ନୁହେଁ ଯାହା ରେଲୱେ ବାବୁମାନଙ୍କୁ ଚିନ୍ତାରେ ପକାଇଛି, ବରଂ ନୂଆ ନିୟମ ପରିପ୍ରେକ୍ଷୀରେ ସେମାନଙ୍କ କ୍ୟାରିୟରର ଭବିଷ୍ୟତ ମଧ୍ୟ ଆଶଙ୍କାରେ ରହିଛି। ସ୍ପଷ୍ଟତଃ,ଏକ ଏକ୍ସପର୍ଟ ପ୍ୟାନେଲ ବା ବିଶେଷଜ୍ଞ କମିଟିର ଅନୁମୋଦନ କ୍ରମେ ରେଳ ମନ୍ତ୍ରଣାଳୟ ଯୋଗ୍ୟ ଅଧିକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଛି। ବିଶ୍ୱାସ କରାଯାଉଛି ଯେ, ମହାପ୍ରବନ୍ଧକ ପଦବୀ ଲାଗି ମନ୍ତ୍ରଣାଳୟ ୧୩୫ ଦରଖାସ୍ତ ଗ୍ରହଣ କରିଥିଲା। କିନ୍ତୁ ନିଯୁକ୍ତି ଲାଗି କମିଟିର ସୁପାରିସ ଆଧାରରେ କେବଳ ପ୍ରାୟ ୩୫ ଜଣ ଅଧିକାରୀଙ୍କ ତାଲିକା କରିଥିଲା। ତେବେ ସମସ୍ତ ଆବେଦନକାରୀ ଅଧିକାରୀଙ୍କ ମଧ୍ୟରୁ କେବଳ ଏହିମାନଙ୍କ ନାମ ସୁପାରିସ କରିବାକୁ ବିଶେଷଜ୍ଞ କମିଟିକୁ କୁହାଯାଇଥିଲା ବୋଲି କେତେଜଣ ବାବୁ ବିଶ୍ୱାସ କରୁଛନ୍ତି। ପ୍ରଥମରୁ ଏଥିରେ କିଛି ଭୁଲ୍ ନ ଥିବା ଜଣାପଡୁଥିବାବେଳେ ଏହି ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଓ ଏକପାଖିଆ ବୋଲି କେତେଜଣ ବାବୁ ମଧ୍ୟ ଦାବି କରନ୍ତି। ଡିପାର୍ଟମେଣ୍ଟ ପ୍ରମୋଶନ କମିଟି (ଡିପିସି) ବା ବିଭାଗୀୟ ପଦୋନ୍ନତି କମିଟି ଏହାର ପରିସରରେ ସମସ୍ତ ଅଧିକାରୀଙ୍କ କଥା ବିଚାର କରିବା ଦରକାର ଥିଲା। ନିଯୁକ୍ତି ପାଇଁ ଏକ ସଂକ୍ଷିପ୍ତ ତାଲିକା କରିବା ଏବଂ ନିର୍ଦ୍ଦିଷ୍ଟ ନିୟମ ଆଧାରରେ ଅଧିକାରୀମାନଙ୍କ କମିଟିକୁ ସୁପାରିସ ଲାଗି କେବଳ ଡିପିସିର ହିଁ କ୍ଷମତା ରହିଥିଲା। କିନ୍ତୁ ଏହା ପରିବର୍ତ୍ତେ ବିଶେଷଜ୍ଞ କମିଟି କାର୍ଯ୍ୟ ଆଧାରରେ ମନ୍ତ୍ରଣାଳୟ ଅଧିକାରୀମାନଙ୍କ ନିଯୁକ୍ତି ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ତେବେ ବିଶେଷଜ୍ଞଙ୍କ ନୂଆ କମିଟି କିମ୍ବା ଡିପିସି ମଧ୍ୟରୁ କିଏ ଜିତିବ ବା କାହା କଥା ରହିବ ତାହା ଦେଖିବାକୁ ବାକି ରହିଲା।

### ନିଯୁକ୍ତିକୁ ବିରୋଧ

ହିମାଚଳ ପ୍ରଦେଶରେ ଆଗକୁ ନିର୍ବାଚନ ହେବାକୁ ଥିବାବେଳେ ଅମଲାତନ୍ତ୍ରର ଶୀର୍ଷରେ ଦେଖାଦେଇଥିବା ବିବାଦ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଏବଂ ତାଙ୍କ ପାର୍ଟି ଲାଗି ଶୁଭ ସଙ୍କେତ ନୁହେଁ। ବରିଷ୍ଠ ଆଇଏଏସ୍ ଅଧିକାରୀ ନିଶା ସିଂଙ୍କୁ ଅଧିକ୍ରମଣ କରି ତାଙ୍କ ବଦଳରେ ରାମ କେ.ଧିମାନଙ୍କୁ ମୁଖ୍ୟ ଶାସନ ସଚିବ ପଦରେ ନିଯୁକ୍ତି ଦିଆଯାଇଛି। ବାବୁମାନଙ୍କ ଶୀର୍ଷ ପଦବୀରେ ଧିମାନଙ୍କ ନିଯୁକ୍ତିକୁ ନେଇ ଏବେ ନିଶା ପ୍ରଶ୍ନ ଉଠାଇଛନ୍ତି। ଏବକାର ପ୍ରଶାସନ ମହିଳା ଅଧିକାରୀ ଏବଂ ସାଧାରଣ ମହିଳାମାନଙ୍କ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରୁ ନ ଥିବା କହିବା ସହ ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସିଂ ହିମାଚଳ ପ୍ରଦେଶ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକରଙ୍କ ହସ୍ତକ୍ଷେପ ଦାବି କରିଥିବା ଜଣାପଡ଼ିଛି। ପୁନଶ୍ଚ ସେ ଅଭିଯୋଗ କରିଛନ୍ତି ଯେ, କୌଣସି କାରଣ ନ ଦର୍ଶାଇ ଚଳିତ ବର୍ଷ ଜୁଲାଇରେ ମୁଖ୍ୟ ଶାସନ ସଚିବ ଭାବେ ଧିମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ସିଂ ରାଜ୍ୟ ସରକାରଙ୍କ ପ୍ରମୁଖ ପରାମର୍ଶଦାତା (ପ୍ରଶିକ୍ଷଣ) ଭାବେ ନିଯୁକ୍ତି ପାଇଛନ୍ତି। କେବଳ ସିଂ ନୁହନ୍ତି, ବରଂ ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଉଭୟ ଅଲି ରାଜ୍ ରିଜ୍‌ଭି ଏବଂ ସଞ୍ଜୟ ଗୁପ୍ତାଙ୍କୁ ମଧ୍ୟ ଅଣଦେଖା କରାଯାଇ ଧିମାନଙ୍କୁ ନିଯୁକ୍ତି ଦିଆଯାଇଛି। ସିଂ ହେଉଛନ୍ତି ପୂର୍ବତନ ମୁଖ୍ୟ ସଚିବ ରାମ ସୁଭଗ ସିଂଙ୍କ ସ୍ତ୍ରୀ। ଆଶ୍ଚର୍ଯ୍ୟ କଥା,ରାମ ସୁଭଗଙ୍କୁ ମୁଖ୍ୟ ଶାସନ ସଚିବ ପଦବୀରୁ ହଟାଯାଇ ତାଙ୍କ ସ୍ଥାନରେ ଧିମାନଙ୍କୁ ନିଯୁକ୍ତ କରାଯାଇଥିଲା। ସୁଭଗ ହେଉଛନ୍ତି ପଞ୍ଚମ ମୁଖ୍ୟ ସଚିବ ଯିଏ କି ଏବକାର ଭାଜପା ସରକାରରେ ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିପାରିନାହାନ୍ତି। ସୁଭଗଙ୍କ ବ୍ୟତୀତ ଅନ୍ୟ ୪ ଜଣ ହେଲେ ଭି.ସି.ଫାର୍କା, ବିନୀତ ଚୌଧୁରୀ, ବି.କେ.ଅଗ୍ରୱାଲ ଏବଂ ଅନିଲ ଖାଚି।

### କ୍ଷୀଣ ଆଶା

ବୁନ୍ଦେଲଖଣ୍ଡ ଏକ୍ସପ୍ରେସ୍‌ୱେରେ ଗାତ ଜଣାପଡ଼ିବା ପରେ ତାହା ହିଁ ଉତ୍ତରପ୍ରଦେଶର ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ(ଗୃହ)ଅୱନିଶ କୁମାର ଅୱସ୍ତିଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣ ନ ହେବାର କାରଣ ହୋଇପାରେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ଯୋଗୀ ଏ ବିଷୟରେ କେନ୍ଦ୍ରକୁ ଦୁଇଥର ଅନୁରୋଧ କରିବା ସତ୍ତ୍ୱେ କାର୍ଯ୍ୟକାଳ ସମ୍ପ୍ରସାରଣ ପରିବର୍ତ୍ତେ ତାଙ୍କୁ ଅବସର ଦିଆଗଲା। ସୂତ୍ରରୁ ପ୍ରକାଶ ଯେ,ବର୍ଷାଦିନେ ଏକ୍ସପ୍ରେସ୍‌ୱେ ଉଦ୍‌ଘାଟନ କରାଯିବା ଲାଗି ଅୱସ୍ତି ନିଷ୍ପତ୍ତି ନେଇଥିଲେ ଯାହାଦ୍ୱାରା ହାଇୱେର କ୍ଷତି ହୋଇଥିଲା ଏବଂ ଏହା ରାଜ୍ୟରେ ସମାଜବାଦୀ ପାର୍ଟି ଶାସକ ଦଳକୁ ଟାର୍ଗେଟ କରିବା ଲାଗି ଏକ ସୁଯୋଗ ଦେଇଥିଲା। ଫଳରେ ଅୱସ୍ତିଙ୍କ ଏଭଳି ନିଷ୍ପତ୍ତିରେ କେନ୍ଦ୍ର ସନ୍ତୁଷ୍ଟ ନ ଥିଲା। ଅଧିକାଂଶ ଲୋକ ଜାଣନ୍ତି ଯେ, ଏବେ ଲକ୍ଷ୍ନୌ ଏବଂ ଦିଲ୍ଲୀ ମଧ୍ୟରେ ସମ୍ପର୍କ ନିଶ୍ଚିତ ରୂପେ ଶାନ୍ତ ରହିଛି। ଯୋଗୀ ସରକାରଙ୍କ ଉପରେ ଲଗାମ ଲଗାଇବା ଏବଂ ନିଜର ଇଚ୍ଛା ଲଦି ଦେବା ଲାଗି କେନ୍ଦ୍ର ଏଭଳି ପଦକ୍ଷେପ ନେଇଥିବା ଅନେକେ ବିଚାର କରନ୍ତି। ଯେଉଁମାନେ ଅୱସ୍ତିଙ୍କୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏପର୍ଯ୍ୟନ୍ତ ଏକ କ୍ଷୀଣ ଆଶା ରହିଛି। ୟୁପିରେ ଗୁଞ୍ଜରଣ ଉଠିଛି ଯେ, ଶୀଘ୍ର ହେଉ କି ବିଳମ୍ବରେ, ମୁଖ୍ୟମନ୍ତ୍ରୀ କିଛି ଗୁରୁଦାୟିତ୍ୱକୁ ତାଙ୍କୁ ଫେରାଇ ଆଣିବେ। ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅୱସ୍ତି ଏବେସୁଦ୍ଧା ଯୋଗୀ ଆଦିତ୍ୟନାଥଙ୍କର ଜଣେ ଅତି ଘନିଷ୍ଠ ଭାବେ ରହିଛନ୍ତି ବୋଲି ସମସ୍ତେ ଜାଣନ୍ତି। ଯଦି ଆବଶ୍ୟକ ହୁଏ ଓ ଯୋଗୀ ତାଙ୍କୁ ଫେରାଇଆଣନ୍ତି, ତେବେ ଏହାକୁ ଜଣେ ମହତ୍ତ୍ୱାକାଂକ୍ଷୀ ମୁଖ୍ୟମନ୍ତ୍ରୀ ଦ୍ୱାରା ଖୋଲା ଅବଜ୍ଞା ବୋଲି କେନ୍ଦ୍ର ବିଚାର କରିବ କି? ଆଗକୁ କ'ଣ ଘଟୁଛି ତାହାକୁ ଲକ୍ଷ୍ୟ କରିବା।

Email: dilipcherian@gmail.com

su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 7 | | 4 | | | | |
| | | 1 | 8 | | | 7 | | |
| | 8 | 3 | | | | 9 | | |
| | | 5 | | | | | | |
| | | | 4 | | | 2 | | 3 |
| 7 | | | | 8 | | 4 | 9 | |
| | 1 | 2 | | | | | 5 | |
| | | | | 2 | | 6 | 7 | |
| | | | 9 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 5 | 1 | 7 | 6 | 4 | 2 | 3 |
| 3 | 7 | 1 | 5 | 4 | 2 | 6 | 8 | 9 |
| 2 | 4 | 6 | 9 | 3 | 8 | 5 | 1 | 7 |
| 5 | 1 | 7 | 4 | 6 | 3 | 8 | 9 | 2 |
| 4 | 9 | 3 | 8 | 2 | 5 | 1 | 7 | 6 |
| 8 | 6 | 2 | 7 | 1 | 9 | 3 | 5 | 4 |
| 7 | 2 | 4 | 6 | 8 | 1 | 9 | 3 | 5 |
| 1 | 3 | 9 | 2 | 5 | 4 | 7 | 6 | 8 |
| 6 | 5 | 8 | 3 | 9 | 7 | 2 | 4 | 1 |

ଗତକାଲିର ଉତ୍ତର

# ସ୍ପୋର୍ଟ୍ସ କ୍ୟାପିଟାଲ ଓ କ୍ରୀଡ଼ାର ବିକାଶ



ଅନିଲ ବିଶ୍ୱାଳ

ଓଡ଼ିଶା ହେଉଛି ଦେଶର ସ୍ପୋର୍ଟ୍ସ କ୍ୟାପିଟାଲ ଅର୍ଥାତ୍ ଖେଳର ରାଜଧାନୀ। ବିଭିନ୍ନ ସଭାସମିତିରେ, ସରକାରଙ୍କର ପ୍ରଚାରପତ୍ରରେ, ଗଣମାଧ୍ୟମରେ ପ୍ରକାଶିତ ବିଜ୍ଞାପନ ମାଧ୍ୟମରେ ଏହି ଶବ୍ଦ ଏପରି ପ୍ରଚଳନ ହୋଇଯାଇଛି ଯେ ଯେମିତି ଲାଗୁଛି ଓଡ଼ିଶା ଭାରତରେ ବୋଧହୁଏ କ୍ରୀଡ଼ା କ୍ଷେତ୍ରରେ ବହୁତ ଆଗରେ ଅଛି ଓ କ୍ରୀଡ଼ା ଭିତ୍ତିଭୂମି, କ୍ରୀଡ଼ାବିତ୍‌ଙ୍କର ବିକାଶ ଆଦି କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟଙ୍କୁ ପଛରେ ପକାଇ ସାରିଲାଣି,ଏମିତି ଗୋଟିଏ ଧାରଣା ତିଆରି ହୋଇସାରିଛି। ହଁ ଏଥିରେ ସନ୍ଦେହ ନାହିଁ ଯେ ଓଡ଼ିଶାରେ ବିଗତ କିଛିବର୍ଷ ଭିତରେ ଅନେକ ବଡ଼ ବଡ଼ ପ୍ରତିଯୋଗିତା ଆୟୋଜନ ହୋଇଛି। ହେଲେ ଆମେ କେବଳ ପ୍ରତିଯୋଗିତା ଆୟୋଜନରେ ସୀମିତ ହୋଇଯାଉଛୁ ନା ସତରେ ଆମ ରାଜ୍ୟରେ କ୍ରୀଡ଼ାର ବିକାଶ ହୋଇଛି ଏହା ଆଜିର ସମୟର ଏକ ବଡ଼ ପ୍ରଶ୍ନ। ଓଡ଼ିଶାର କଳିଙ୍ଗ ଷ୍ଟାଡିୟମରେ ୨୦୧୭ରେ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ, ୨୦୧୮ର ପୁରୁଷ ହକି ବିଶ୍ୱ କପ, ଦକ୍ଷିଣ ଏସିଆ ୨୦ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟ, ବିଶ୍ୱ ହକି ସିରିଜ, ହକି ଜୁନିୟର ବିଶ୍ୱ କପ ଭଳି ଅନେକ ସମ୍ମାନଜନକ ଖେଳ ପ୍ରତିଯୋଗିତା ଆୟୋଜିତ ହୋଇଛି। ସେହିପରି ଆଗାମୀ ୨୦୨୩ରେ ପୁରୁଷ ହକି ବିଶ୍ୱ କପ ମଧ୍ୟ ଆୟୋଜନ ହେବାକୁ ଯାଉଛି। ହକି ଖେଳୁଥିବା ଦେଶଗୁଡ଼ିକ ତାଲିକାରେ ଅନେକ ବିକଶିତ ଦେଶ ରହିଛନ୍ତି। ହେଲେ ସେହି ବିକଶିତ ଦେଶଗୁଡ଼ିକ ଯେତିକି ପ୍ରତିଯୋଗିତା ଆୟୋଜନ କରୁଛନ୍ତି ତା'ଠାରୁ ବେଶି ପ୍ରତିଯୋଗିତା ଆମ ଓଡ଼ିଶାରେ ହେଉଛି, ତାହା ପୁଣି ସରକାରୀ ଅର୍ଥ ଖର୍ଚ୍ଚ ବିନିମୟରେ। ୨୦୧୦-୧୧ରେ ଓଡ଼ିଶାର କ୍ରୀଡ଼ା ବଜେଟ ଥିଲା ମାତ୍ର ୨୮କୋଟି ଟଙ୍କା। ୨୦୨୧-୨୨ ବଜେଟରେ ଏହାର ପରିମାଣ ଥିଲା ୪୦୫ କୋଟି। ୨୦୨୨-୨୩ରେ ଆଗତ ହୋଇଥିବା ରାଜ୍ୟ ବଜେଟରେ କ୍ରୀଡ଼ା କ୍ଷେତ୍ର ପାଇଁ ଆବଣ୍ଟିତ ହୋଇଛି ୯୧୧ କୋଟି ଟଙ୍କା। ମାତ୍ର ଗୋଟିଏ ବର୍ଷରେ ବଜେଟ ବଢ଼ିଛି ୫୦୬କୋଟି ଟଙ୍କା ଆଉ ସେହି ଅର୍ଥ କେବଳ ବିଭିନ୍ନ ପ୍ରତିଯୋଗିତାରେ ଖର୍ଚ୍ଚ ହେଉଛି। ରାଜ୍ୟର ଅନ୍ୟ ଅଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଅର୍ଥ ନାହିଁ। ରାଜ୍ୟର ବିଭିନ୍ନ କ୍ରୀଡ଼ା ହଷ୍ଟେଲରେ ଅଭ୍ୟାସ କରୁଥିବା ଖେଳାଳିମାନଙ୍କର ଷ୍ଟାଇପେଣ୍ଡ ଆଜି ବି ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ କମ୍। ତେଣୁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନରେ ଓଡ଼ିଶାର କ'ଣ ଲାଭ ହେଉଛି ତା'ର ଅନୁଶୀଳନ ହେବାର ଆବଶ୍ୟକତା ରହିଛି।

ଅଲିମ୍ପିକ୍ସ ପ୍ରତିଯୋଗିତାରେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଓଡ଼ିଆ ବ୍ୟକ୍ତିଗତ ଭାବରେ କେବେ ପଦକ ପାଇନାହାନ୍ତି। ଏଥିରୁ ଅନୁମାନ କରାଯାଇପାରେ ଆମେ କ୍ରୀଡ଼ା କ୍ଷେତ୍ରରେ କେତେ ପ୍ରଗତି କରିଛୁ। କ୍ରିକେଟରେ ଭାରତୀୟ ଜାତୀୟ ଦଳରେ ଆଜକୁ ୨୦ ବର୍ଷ ହେଲା ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା କୌଣସି ଖେଳାଳି ସ୍ଥାନ ପାଇନାହାନ୍ତି। ଆଜି ପର୍ଯ୍ୟନ୍ତ ଓଡ଼ିଶା କ୍ରିକେଟ ଦଳ ରଣଜୀ ଟ୍ରଫି ହେଉ କି ବିଜୟ ହଜାରେ ଟ୍ରଫି ହେଉ ବା ସୟେଦ ମୁସ୍ତାକ ଅଲି ଟ୍ରଫି ହେଉ ଜିତିପାରି ନାହାନ୍ତି। ଜାତୀୟ ମହିଳା କ୍ରିକେଟ ଦଳରେ ଆଜି ପର୍ଯ୍ୟନ୍ତ ମାତ୍ର ଜଣେ ଓଡ଼ିଆ ଖେଳାଳି ଦେଶ ପାଇଁ ଖେଳିଛନ୍ତି। କ୍ରିକେଟର ବଡ଼ ଘରୋଇ ଟୁର୍ନାମେଣ୍ଟ ପାଳିଥିବା ଆଇପିଏଲ୍‌ରେ ମଧ୍ୟ କୌଣସି ଓଡ଼ିଆ ଖେଳାଳି ମ୍ୟାଚ ଖେଳିବାର ସୁଯୋଗ ପାଉନାହାନ୍ତି। ସେହିଭଳି ଯଦି ଆମେ ଫୁଟବଲ କଥା ଦେଖିବା ବର୍ତ୍ତମାନ ଜାତୀୟ ପୁରୁଷ ଫୁଟବଲ ଦଳରେ ମଧ୍ୟ ଓଡ଼ିଶାରୁ କୌଣସି ଖେଳାଳି ନାହାନ୍ତି। ଜାତୀୟ ମହିଳା ଦଳରେ ମାତ୍ର ଜଣେ ଓଡ଼ିଆ ଖେଳାଳି ଅଛନ୍ତି। କେବଳ ହକି ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ ରହିଆସିଛି। ହେଲେ ସେଥିପାଇଁ ସରକାରଙ୍କ ଭୂମିକା ଯେତିକି ନାହିଁ ତା'ଠାରୁ ବେଶି ଭୂମିକା ରହିଛି ସୁନ୍ଦରଗଡ଼ର ହକି ପ୍ରତି ଥିବା ଭାବପ୍ରବଣତାର। ଏବେ ବି ଓଡ଼ିଶାର ଯେତିକି ଖେଳାଳି ଜାତୀୟ ହକି ଦଳରେ ସ୍ଥାନ ପାଇଛନ୍ତି ସମସ୍ତେ ସେହି ସୁନ୍ଦରଗଡ଼ ଜିଲାର।



ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମେ ସ୍ପୋର୍ଟ୍ସ କ୍ୟାପିଟାଲ ନାଁରେ ଗୋଟିଏ ଆତ୍ମପ୍ରଚାର କରୁଛେ ନା ସତରେ କ୍ରୀଡ଼ାର ଭିତ୍ତିଭୂମି, କ୍ରୀଡ଼ାର ବିକାଶ ପାଇଁ ଯତ୍ନବାନ ଅଛେ। ଲୋକଙ୍କ ଟିକସ ପଇସାକୁ କେବଳ ପ୍ରତିଯୋଗିତା କରିବାରେ ସାରିବା ଅପେକ୍ଷା ଏହାକୁ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ବିନିଯୋଗ କଲେ ଆମ ରାଜ୍ୟର ପ୍ରଦର୍ଶନ ଭଲ ହୁଅନ୍ତାନି କି? ଆମେ ଯଦି ଏମିତି ପ୍ରତିବର୍ଷ ସରକାରୀ ଅର୍ଥକୁ ବିଭିନ୍ନ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଖର୍ଚ୍ଚ କରିଚାଲିବା ଓ ଓଡ଼ିଶାର ଖେଳାଳିଙ୍କର ବିକାଶ ପାଇଁ କିଛି ନ କରିବା ତା'ହେଲେ ଏହି ସ୍ପୋର୍ଟ୍ସ କ୍ୟାପିଟାଲର ଲାଭ କ'ଣ ହେବ?

କ୍ରିକେଟ ଆଇପିଏଲ୍ ଶୈଳୀରେ ଫୁଟବଲରେ ଇଣ୍ଡିଆନ ସୁପର ଲିଗ୍ ପ୍ରତିଯୋଗିତା ହେଉଛି। ସେଥିରେ ଗୋଟିଏ ଦଳ ଅଛି, ତା'ର ନାଁ ହେଉଛି ଓଡ଼ିଶା ଏଫ୍‌ସି। ସେହି ଦଳର ପ୍ରାୟୋଜକ ମଧ୍ୟ ଓଡ଼ିଶା ସରକାର। ଏକଥା ଦୁଃଖର ସହ କହିବାକୁ ପଡୁଛି ଓଡ଼ିଶା ନାମରେ ନାମିତ ସେହି ଫୁଟବଲ ଦଳରେ କୌଣସି ଓଡ଼ିଆ ଖେଳାଳି ନାହାନ୍ତି। ସେହି ଆଇଏସ୍ଏଲ୍ ପ୍ରତିଯୋଗିତାରେ ଆହୁରି ଅନେକ ଦଳ ଯେମିତିକି ବେଙ୍ଗାଲୁରୁ, ଗୋଆ, ମୁମ୍ବାଇ, କେରଳ, ଜାମସେଦପୁର, ଚେନ୍ନାଇ ଆଦି ଅଛନ୍ତି। ହେଲେ ସେହି ସବୁ ଦଳର ପ୍ରାୟୋଜକ କେଉଁ ରାଜ୍ୟର ସରକାର ବା କୌଣସି ସରକାରୀ କମ୍ପାନୀ ନୁହନ୍ତି। କେବଳ ଘରୋଇ ବ୍ୟବସାୟିକ ସଂସ୍ଥାମାନେ ଏହାର ପ୍ରାୟୋଜକ। ଆଉ ସେହି ଦଳଗୁଡ଼ିକରେ ନିଜ ରାଜ୍ୟର ଖେଳାଳିମାନଙ୍କୁ ପ୍ରାଧାନ୍ୟ ମିଳୁଛି। ଘରୋଇ କମ୍ପାନୀଗୁଡ଼ିକର ସାମାଜିକ ଦାୟିତ୍ୱ ପାଣ୍ଠି, ବିଜ୍ଞାପନ ପାଣ୍ଠିକୁ ସେମାନେ କ୍ରୀଡ଼ା ପାଇଁ ଖର୍ଚ୍ଚ କରୁଛନ୍ତି। ଓଡ଼ିଶାରେ ବ୍ୟବସାୟ କରୁଥିବା ଟାଟା, ଜିନ୍ଦଲ ଭଳି କମ୍ପାନୀ ଜାମସେଦପୁର, ବେଙ୍ଗାଲୁରୁ ଫୁଟବଲ ଦଳର ପ୍ରାୟୋଜକ ଅଛନ୍ତି। ହେଲେ ଓଡ଼ିଶା ଦଳର ପ୍ରାୟୋଜକ ହେଉଛନ୍ତି ଓଡ଼ିଶା ରାଜ୍ୟ ସରକାର; ଯେଉଁଥିରେ ସାଧାରଣ ଲୋକଙ୍କ ଟିକସ ପଇସା ଖର୍ଚ୍ଚ ହେଉଛି, ସେଥିରେ ଓଡ଼ଆ ଖେଳାଳିଙ୍କୁ ସ୍ଥାନ ମିଳୁନି।

ସେହିଭଳି ହକି ଇଣ୍ଡିଆ ଲିଗ୍‌ରେ ୬ଟି ଦଳ ଖେଳୁଛନ୍ତି। ସେଥିରୁ ଗୋଟିଏ ହେଉଛି କଳିଙ୍ଗ ଲାନ୍ସର, ଯାହାର ପ୍ରାୟୋଜକ ସାଜିଛନ୍ତି ରାଜ୍ୟ ସରକାର। ବାକି ଅନ୍ୟ ଦଳଗୁଡ଼ିକର ପ୍ରାୟୋଜକ ହେଉଛନ୍ତି ଘରୋଇ କମ୍ପାନୀମାନେ। କୌଣସି କ୍ଷେତ୍ରରେ ସରକାର ବା ସରକାରୀ କମ୍ପାନୀ କୌଣସି ଦଳର ପ୍ରାୟୋଜକ ନାହାନ୍ତି। ଅଲ୍ଟିମେଟ୍ ଖୋଖୋ ଲିଗ୍‌ରେ କେବଳ ଓଡ଼ିଶା ଦଳକୁ ଛାଡ଼ିଦେଲେ ବାକି ସମସ୍ତ ଦଳର ପ୍ରାୟୋଜକମାନେ ହେଉଛନ୍ତି ଘରୋଇ ବ୍ୟବସାୟିକ ପ୍ରତିଷ୍ଠାନମାନେ। ହେଲେ ଓଡ଼ିଶା ଦଳର ପ୍ରାୟୋଜକ ନିଜେ ରାଜ୍ୟ ସରକାର। ଘରୋଇ ବ୍ୟବସାୟିକ ସଂସ୍ଥାମାନେ ଆଗ୍ରହୀ ହେଉଛନ୍ତି ବାହାର ରାଜ୍ୟର ଦଳଗୁଡ଼ିକୁ ସାହାଯ୍ୟ କରିବାକୁ। ହେଲେ ଆମ ରାଜ୍ୟରେ କାହିଁକି ସେହି ବାତାବରଣ ହେଉନାହିଁ। କ୍ରୀଡ଼ା ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ସରକାରଙ୍କୁ ମନା ନାହିଁ କିନ୍ତୁ ଯେଉଁଠି ଏହା ଘରୋଇ ବ୍ୟବସାୟିକ ସଂସ୍ଥାଗୁଡ଼ିକ ସହଯୋଗରେ ହୋଇପାରୁଛି ସେଠି ସାଧାରଣ ଟିକସଦାତାଙ୍କ ପଇସା କାହିଁକି ଖର୍ଚ୍ଚ ହେବ? ସରକାର କ୍ରୀଡ଼ାର ବିକାଶ ଚାହାନ୍ତି ଏକଥା ଦେଖେଇହେବା କ'ଣ ସତରେ ଏତେ ଆବଶ୍ୟକ ହୋଇପଡିଛି କି?

ଆମ ସରକାର ଯେତିକି ଅର୍ଥ ଖର୍ଚ୍ଚ କରି ଓଡ଼ିଶାରେ ଏଭଳି ବିଶ୍ୱସ୍ତରୀୟ ପ୍ରତିଯୋଗିତା କରୁଛନ୍ତି ଯଦି ସେହି ଅର୍ଥକୁ ରାଜ୍ୟରେ ବାସ୍ତବିକ କ୍ରୀଡ଼ାର ବିକାଶରେ ବିନିଯୋଗ କରନ୍ତେ ତା'ହେଲେ ଆହୁରି ଭଲ ହୁଅନ୍ତା। ହକି ଷ୍ଟାଡିୟମ ଆମ ରାଜ୍ୟରେ ମାତ୍ର ୨ଟି ଅଛି। ମହାରାଷ୍ଟ୍ରରେ ୬ଟି, ଉତ୍ତର ପ୍ରଦେଶରେ ୬ଟି, ପଞ୍ଜାବରେ ୪ଟି ଅଛି। ଆମ ରାଜ୍ୟରେ ଆଥ୍‌ଲେଟିକ୍ସ ପାଇଁ କଳିଙ୍ଗ ଷ୍ଟାଡିୟମ ଛଡା ଆଉ ସେଭଳି ଭଲ ଷ୍ଟାଡିୟମ ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ପୁରୁଣା ବିଶ୍ୱବିଦ୍ୟାଳୟରେ ବି କ୍ରୀଡ଼ା ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ। ତେଣୁ ଆମେ ପ୍ରତିଯୋଗିତାରେ ବା ପ୍ରାୟୋଜକ ସାଜିବାରେ ନ ମାତି ଯଦି ନିଜ ରାଜ୍ୟରେ କେମିତି ଭଲ ଖେଳାଳି ବାହାରିବେ ସେ ଦିଗରେ ପ୍ରଚେଷ୍ଟା କରନ୍ତେ ତେବେ ଓଡ଼ିଶାରେ ଭବିଷ୍ୟତରେ ଅସଲି ସ୍ପୋର୍ଟ୍ସ କ୍ୟାପିଟାଲ ହୋଇପାରନ୍ତା।

ଓଡ଼ିଶାରେ ଯେତିକି ବ୍ୟବସାୟିକ ସଂସ୍ଥା ଏହାର ପ୍ରାକୃତିକ ସମ୍ପଦକୁ ବିନିଯୋଗ କରି ଏଠାରେ ବ୍ୟବସାୟ କରୁଛନ୍ତି ସେମାନଙ୍କର କାରବାର, ଲାଭର ପରିମାଣ ଆର୍ଥିକ ଆକାରରେ ଢେର ଅଧିକ। ଯେତିକି ଲାଭ ଉଠାଉଛନ୍ତି ସେହି ତୁଳନାରେ ନିଜର ସାମାଜିକ ଦାୟିତ୍ୱ ନିଭାଉ ନାହାନ୍ତି। ରାଜ୍ୟ ସରକାର ଚାହିଁଲେ ସେହି କର୍ପୋରେଟମାନଙ୍କୁ ବିଭିନ୍ନ ଦଳ, ପ୍ରତିଯୋଗିତାର ପ୍ରାୟୋଜକ କରାଇ ପାରନ୍ତେ ଓ ରାଜ୍ୟର ଝାଳବୁହା ଟିକସଦାତାଙ୍କ ପଇସା ଅନ୍ୟ ଆବଶ୍ୟକ ବିକାଶମୂଳକ କାମରେ ଲାଗିପାରନ୍ତା।

ହରିରାଜପୁର, ପୁରୀ
ମୋ- ୮୨୪୯୮୬୮୯୬୧

# ଖୁସି ଓ ଅବସାଦ



ରିତେଶ କୁମାର ଶିଶୁ

ଆଜିକାଲି ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ବିଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ଆତ୍ମହତ୍ୟା ହାର ୨୦.୨୦ ପ୍ରତିଶତ ବୃଦ୍ଧି ପାଇଛି। ଜାତୀୟ ସ୍ତରରେ ମଧ୍ୟ ଏହି ହାର କମ୍ ନୁହେଁ। କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା ପ୍ରବଣତାର କାରଣ ଅନୁଶୀଳନ କରିବା ନିତାନ୍ତ ଆବଶ୍ୟକ। ଲକ୍ଷ୍ୟକଲେ ଜଣାପଡ଼ିବ, ଆଜିକାଲି ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର ସହିତ ଏହାର ଅପବ୍ୟବହାର ଅନେକ ହେଉଛି। ଏହା ନ ଥିଲା ବେଳେ କୌଣସି ବ୍ୟକ୍ତିର ଅନୁପସ୍ଥିତିରେ ତାଙ୍କ ପ୍ରତି ଆମ ଭିତରେ ଜାଗ୍ରତ ପ୍ରେମ, ଅଭିମାନ, କ୍ରୋଧ, ଘୃଣା ଆଦି ତୁରନ୍ତ ପରିପ୍ରକାଶ କରିବା ପାଇଁ ସେ ସାକ୍ଷାତ୍‌ରେ ଦେଖା ନ ହେବା ପର୍ଯ୍ୟନ୍ତ ଅନ୍ୟ କୌଣସି ମାଧ୍ୟମ ନ ଥିଲା। ଫଳସ୍ୱରୂପ ସେହି ଭାବନାଗୁଡ଼ିକ ଅଧିକ କୁହୁଳୁ ନ ଥିଲା ଓ ଧୀରେ ଧୀରେ ପାସୋରି ହୋଇଯାଉଥିଲା। କିନ୍ତୁ ଏବେ ସେ ପାଖରେ ନ ଥିଲେ ମଧ ଘଣ୍ଟା ଘଣ୍ଟା କଥାବାର୍ତ୍ତା ଆଉ ଭିଡିଓ କଲ୍ ଚାଲିଛି। ଏହା ଦ୍ୱାରା ଅଳ୍ପକିଛି ମାନ ଅଭିମାନ ଭୀଷଣ ରୂପ ଧାରଣ କରି ଅନେକ ପରିବାର ଉଜାଡ଼ିବାର ମାଧ୍ୟମ ହେଉଛି। କଲେଜ ପଢୁଆ ଯୁବତୀଯୁବକମାନେ ମୋବାଇଲର ଅଧିକ ବ୍ୟବହାର କରି ମାନସିକ ଅଶାନ୍ତି ଓ ଅବସାଦକୁ ଡାକିଆଣୁଛନ୍ତି। ଏପରି କି ନବବିବାହିତ ଦମ୍ପତି ମୋବାଇଲ ମାୟାଜାଲରେ ପଡ଼ି ପରସ୍ପରକୁ ସନ୍ଦେହ କରି ଆତ୍ମହତ୍ୟା କରୁଛନ୍ତି। ବ୍ୟକ୍ତି ଓ ବସ୍ତୁ ପ୍ରତି ଅଧିକ ଆସକ୍ତି ଆମକୁ ଏହାର ବିଚ୍ଛେଦକୁ ସହ୍ୟକରି ସମସ୍ୟାକୁ ସମ୍ମୁଖୀନ ହୋଇ ଆଗକୁ ବଢ଼ିବାର ଶକ୍ତି ଦେଉନାହିଁ। ତେଣୁ ମାନସିକ ଚାପ ଓ ଅବସାଦ ଆମକୁ ସହଜରେ କବଳିତ କରିନେଉଛି ଏବଂ ପରିଶେଷରେ ଆତ୍ମହତ୍ୟା ଆଡ଼କୁ ବାଟ କଢ଼ାଇ ନେଉଛି।

ଆମ ଶରୀର ଏକ ରାସାୟନିକ ପ୍ରକ୍ରିୟା ସାଧନ କରୁଥିବା ଯନ୍ତ୍ର ସଦୃଶ। ବୟସର ବୃଦ୍ଧି ସହିତ ବିଭିନ୍ନ ପ୍ରକାର ହରମୋନ୍ ଓ ରସାୟନର କ୍ଷରଣ ହେତୁ ଶାରୀରିକ ଓ ମାନସିକ ପରିବର୍ତ୍ତନ ହୁଏ। ଏହି ହରମୋନ୍ ଓ ରସାୟନର ସନ୍ତୁଳନ ହିଁ ଆମକୁ ଶାରୀରିକ ଓ ମାନସିକ ସୁସ୍ଥତା ଦିଏ। ଏହି ରସାୟନିକ ଉପାଦାନମାନଙ୍କ ମଧ୍ୟରେ କେତେକ ହରମୋନ୍‌ର ଠିକ୍ ପରିମାଣର କ୍ଷରଣ ଆମ ମାନସିକ ସ୍ଥିତିକୁ ସୁସ୍ଥ ଓ ଖୁସି ରଖିବାରେ ସାହାଯ୍ୟ କରନ୍ତି। ଯେପରି କି ଡୋପାମିନ୍, ଅକ୍ସିଟୋସିନ୍, ଏଣ୍ଡୋର୍ଫିନ୍ ଓ ସେରୋଟୋନିନ୍ ଆଦି ହରମୋନ୍। କିନ୍ତୁ ଏହିସବୁ ରସାୟନିକ ଉପାଦାନର ସନ୍ତୁଳନ ବ୍ୟାହତ ହେଲେ ଆମେ ଅବସାଦଗ୍ରସ୍ତ ହେଉ ଓ ଏହା ଅଧିକ ଦିନ ଲାଗିରହିଲେ ଆତ୍ମହତ୍ୟା କଥା ଚିନ୍ତାକରୁ। କିନ୍ତୁ ଆମର ଆଳସ୍ୟମୟ ଜୀବନଶୈଳୀ, ଅଧିକ ତେଲମସଲା ଓ ଜଙ୍କ୍ ଫୁଡ୍ ଖାଦ୍ୟ ସେବନ ଦ୍ୱାରା ମୋଟାପଣ, ଅପପୁଷ୍ଟି ଆଦିର ଶିକାର ହୋଇ ଏହିସବୁ ହରମୋନ୍‌ର କ୍ଷରଣକୁ ବାଧାପ୍ରାପ୍ତ କରନ୍ତି।



ଏହାସହିତ ପାରିବାରିକ ଅଶାନ୍ତି, ଆର୍ଥିକ ସମସ୍ୟା, କୌଣସି ସମସ୍ୟାକୁ ନେଇ ଦୀର୍ଘଦିନ ଦୁଃଖରେ ରହିବା ଆଦି ଆମକୁ ମାନସିକ ଚାପଗ୍ରସ୍ତ କରିବା ସହିତ ଧୀରେ ଧୀରେ ଦୀର୍ଘ ଅବସାଦ ଆଡ଼କୁ ଟାଣିନିଅନ୍ତି। ଏହି ମାନସିକ ଚାପ, ଦୁଃଖ ଆଦି ନକାରାତ୍ମକ ପ୍ରଭାବ ଆମ ଶରୀରରେ ବିଭିନ୍ନ ପ୍ରକାର ହରମୋନ୍‌ର ସ୍ତରକୁ ଅସନ୍ତୁଳିତ କରି ଅବସାଦଗ୍ରସ୍ତ ମାନସିକ ରୋଗର କାରଣ ହୁଅନ୍ତି। ଅବସାଦ ଜନିତ ମାନସିକ ସମସ୍ୟା ଥିବା ବ୍ୟକ୍ତିମାନଙ୍କର ରାତିରେ ନିଦ ନ ହେବା, ଅବସ ଲାଗିବା, ଭୋକ କମିଯିବା ବା ଅଧିକ ଭୋକ ଲାଗିବା, ଏକାଗ୍ରତା ହରାଇବା, ନିଜ ପ୍ରତି ହୀନମନ୍ୟତା ବା ଘୃଣାଭାବ, ଆତ୍ମହତ୍ୟା ପ୍ରବଣତା ଆଦି ଲକ୍ଷଣ ଦେଖାଦିଏ। ଏପରି ମାନସିକ ରୋଗର ଫଳପ୍ରଦ ଚିକିତ୍ସା ସମ୍ଭବ।

ବାସ୍ତବରେ କହିବାକୁ ଗଲେ ଅଧିକାଂଶ କ୍ଷେତ୍ରରେ ଜଣେ ଶାରୀରିକ ଭାବେ ସୁସ୍ଥ ବ୍ୟକ୍ତି ଚାହିଁଲେ କିଛି ପଦକ୍ଷେପ ନେଇ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ଏଠାରେ ପ୍ରଥମେ ଆମକୁ ସକାରାତ୍ମକ ଭାବନା ଜାଗ୍ରତ ସ୍ୱରୂପ ଖୁସି ରହିବାର ମାଧ୍ୟମ ଖୋଜିବାକୁ ପଡ଼ିବ। ଯେପରି କି ନିଜର ଲକ୍ଷ୍ୟ ପୂରଣ କରିବା, ନିଜର ଯତ୍ନ ନେବା, କିଛି ଲେଖାଲେଖି କରିବା, ପରିବାର ସହିତ ବସି ଭୋଜନ କରିବା, ସାଙ୍ଗସାଥୀମାନଙ୍କ ସହିତ ଖୁସିଗପ କରିବା ଆଦି ଦ୍ୱାରା ଡୋପାମିନ୍ ହରମୋନ୍ କ୍ଷରଣରେ ସାହାଯ୍ୟ କରେ। ସାମାଜିକ କାର୍ଯ୍ୟରେ ସାମିଲ ହେବା, ଗୃହପାଳିତ ପଶୁ ସହ ସମୟ ବିତାଇବା, ଅନ୍ୟମାନଙ୍କୁ ସାହାଯ୍ୟ କରିବା ଆଦି ଦ୍ୱାରା ଅକ୍ସିଟୋସିନ ହରମୋନ୍ କ୍ଷରଣକୁ ସୁଗମ କରେ। କର୍ମଠ ରହିବା, ଶାରୀରିକ ପରିଶ୍ରମ କରିବା, ଗୀତ ଶୁଣିବା, ମନ ଖୋଲି ହସିବା ଆଦି ଏଣ୍ଡୋର୍ଫିନ୍ ହରମୋନ୍‌ର କ୍ଷରଣରେ ସହାୟକ ହୁଏ। କଅଁଳ ସୂର୍ଯ୍ୟାଲୋକରେ ବସିବା, ପ୍ରାକୃତିକ ଦୃଶ୍ୟ ବୁଲି ଦେଖିବା, ଧ୍ୟାନ କରିବା ଆଦି ସେରୋଟୋନିନ୍ ହରମୋନ୍‌ର କ୍ଷରଣକୁ ସୁଗମ କରେ। ଏହିସବୁ ହରମୋନ୍‌ର ସନ୍ତୁଳିତ କ୍ଷରଣ ଦ୍ୱାରା ଆମ ମନକୁ ଖୁସି ରଖିବା ସହିତ ମାନସିକ ଚାପ ଓ ଅବସାଦକୁ ଦୂରେଇ ମାନସିକ ସ୍ୱାସ୍ଥ୍ୟ ଭଲ ରଖେ।

ନିଜ ଜୀବନ ଜିଇବାର କୌଶଳ ଓ ଖୁସି ନିଜ ଅଧୀନରେ ଅଛି। କାରଣ ନିଜ ବ୍ୟତୀତ ବିଶ୍ୱର ଅନ୍ୟ କୌଣସି ବ୍ୟକ୍ତି ବା ବସ୍ତୁକୁ ସଦାସର୍ବଦା ଆମ ଅଧୀନରେ ରଖିବା କ୍ଷମତା ଆମର ନାହିଁ। ଏତେବଡ଼ ବିଶ୍ୱରେ ମଣିଷ ଏକ କ୍ଷୁଦ୍ରାତିକ୍ଷୁଦ୍ର ଜୀବଟିଏ ଓ ଏହି ଜୀବନ ଦୁର୍ମୂଲ୍ୟ। ତେଣୁ ମଣିଷ ଜୀବନ ପାଇ ଏହାକୁ ସୁବିନିଯୋଗ କରିବା ସହିତ କିଛି ମହତ୍ ଉଦ୍ଦେଶ୍ୟରେ କାମ କରିବା ଓ ଜୀବନରେ ଆସୁଥିବା ସୁଖଦୁଃଖ, ମିଳନବିଚ୍ଛେଦ, ମାନଅପମାନ ଆଦିକୁ ସମାନ ଦୃଷ୍ଟିରେ ଦେଖି ସର୍ବଦା ସକାରାତ୍ମକ କାର୍ଯ୍ୟରେ ଲିପ୍ତ ରହିବା।

ଦଧିବାବନପୁର, କଟକ
ମୋ: ୮୦୧୮୮୩୪୭୩୪

## ଏଇ ଭାରତରେ

ବୟସ ୮୮। ତଥାପି ଚଳଚଞ୍ଚଳ ତାମିଲନାଡୁର ନଞ୍ଜାମଲ। ସେ ଦୁଇଟି ଗାଁର ପ୍ରାୟ ସବୁ ପରିବାରକୁ କିଚେନ ଗାର୍ଡେନ କରିବାରେ ସହଯୋଗ କରିଛନ୍ତି। କୋଏମ୍ବାଟୁର ପୁଙ୍ଗନଗରର ଥୋପାମପଟ୍ଟି ନିବାସୀ ନଞ୍ଜାମଲ ନିଜେ କରିଥିବା କିଚେନ ଗାର୍ଡେନରୁ ୧୭ ପ୍ରକାର ପରିବା ଉତ୍ପାଦନ କରିବା ସହ ତାଙ୍କ ଗାଁର ସମସ୍ତଙ୍କ ଘରେ ଏହି ଗାର୍ଡେନ କରି ପରିବା ଚାଷ କରାଇପାରିଛନ୍ତି। ସକାଳୁ ଉଠି ନିଜ ଗାର୍ଡେନର ଯତ୍ନ ନେବା ପରେ ବାହାରି ଯାଉଛନ୍ତି ଅନ୍ୟମାନଙ୍କ ଗାର୍ଡେନର ଅନୁଧ୍ୟାନ କରିବାକୁ। ଏହାବ୍ୟତୀତ ଏରୋଡେ ଜିଲା ତାଙ୍କ ପୈତୃକ ଗାଁ ଅନପଲାୟମରେ ମଧ୍ୟ କିଚେନ ଗାର୍ଡେନ କରିବାକୁ ସେ ଲୋକମାନଙ୍କୁ ସହଯୋଗ କରୁଛନ୍ତି। ସପ୍ତାହକୁ ଦୁଇଦିନ ସେହି ଗାଁକୁ ଯାଉଛନ୍ତି ଗାର୍ଡେନ୍‌ଗୁଡ଼ିକର ଭଲମନ୍ଦ ବୁଝିବାକୁ। ଦୁଇଟି ଗାଁରେ ସେ ୧୬୦ରୁ ଊର୍ଦ୍ଧ୍ୱ ପରିବାରରେ କିଚେନ୍ ଗାର୍ଡେନ କରାଇ ପାରିଛନ୍ତି। ନଞ୍ଜାମଲ ଲୋକମାନଙ୍କୁ ମଞ୍ଜି ଓ ଚାରା ବି ଯୋଗାଇ ଦେଉଛନ୍ତି। ଏଥିପାଇଁ ତାଙ୍କୁ ଲୋକେ 'ପରିବା ଆଈମା' ବୋଲି ସମ୍ବୋଧନ କରୁଛନ୍ତି। ସବୁ ଗାର୍ଡେନରେ ଜୈବିକ ଉପାୟରେ ଚାଷ କରାଯାଉଛି। ଉକ୍ତ କାର୍ଯ୍ୟରେ ନଞ୍ଜାମଲଙ୍କୁ ତାଙ୍କ ପୁଅ ଭାରତୀ ଚିନାସ୍ୱାମୀ ସହଯୋଗ କରୁଛନ୍ତି। ଏହି ଦୁଇ ଗାଁ ପରେ ଏବେ ମା'ପୁଅ କୋଏମ୍ବାଟୁରର ୧୦ଟି ଗାଁରେ କିଚେନ ଗାର୍ଡେନ ଅଭିଯାନ ଚଳାଇଛନ୍ତି।

## ଚିରନ୍ତନୀ

ଦେଖତ୍ୟାଅ ରୂପ କବି,
ଦୂର ପାଟେ ବୁଡ଼େ ରବି-
ଶରତର ଆଜି ସୁନା ଆକାଶ
ଅନ୍ତରେ ଲଭୁ ତୋର ବିକାଶ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଟକ ଦଶହରାକୁ ମାନ୍ୟତା କେବେ

ମହାଶୟ,

କଟକ ଦଶହରା ପ୍ରାୟ ୫ଶହ ବର୍ଷର ପୂଜା ପରମ୍ପରାର ପ୍ରତୀକ। କଟକ ପ୍ରସିଦ୍ଧ ତାରକସିର ନିଖୁଣ କାରିଗରି ଓ ସୁନା ଗହଣାର ଚମକରେ ଝଲସେ ପୂଜା ମଣ୍ଡପ ସବୁ। କୋଲକାତା ଦୁର୍ଗାପୂଜାକୁ ଗତ ୨୦୨୧ ଡିସେମ୍ବର ମାସରୁ ୟୁନେସ୍କୋ ତରଫରୁ ହେରିଟେଜ ମାନ୍ୟତା ମିଳିସାରିଛି। ତେବେ କଟକ ଦଶହରାକୁ କାହିଁକି ଐତିହ୍ୟ ମାନ୍ୟତା ମିଳିବ ନାହିଁ ବୋଲି ଅନେକେ ପ୍ରଶ୍ନ କରିଛନ୍ତି। ଐତିହ୍ୟ ଓ ପରମ୍ପରା ଦୃଷ୍ଟିରୁ କଟକ ଦଶହରାର ଇତିହାସ ବେଶ ସମୃଦ୍ଧ। କୁହାଯାଏ ଷୋଡଶ ଶତାବ୍ଦୀରୁ କଟକରେ ଦୁର୍ଗାପୂଜାର ପରମ୍ପରା ପ୍ରଚଳିତ ହୋଇଆସିଛି। ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜୁତି ସମୟରେ ଶ୍ରୀଚୈତନ୍ୟ ଦେବ ଓଡ଼ିଶା ଆସିଥିଲେ। ଏହି ଅବସରରେ ଚୈତନ୍ୟ ଦେବଙ୍କ ପୌରୋହିତ୍ୟରେ ପ୍ରଥମଥର ପାଇଁ ଘଟ ସ୍ଥାପନ ସହ ଦେବୀ ଉପାସନା କରାଯାଇଥିଲା। ଏବେ କଟକରେ ପ୍ରାୟ ୧୬୦ରୁ ଅଧିକ ମଣ୍ଡପରେ ଜଗତଜନନୀଙ୍କୁ ପୂଜା କରାଯାଉଛି। ଅନ୍ୟପକ୍ଷରେ ୫୦ ବର୍ଷରୁ ଅଧିକ ବର୍ଷ ତଳେ କଟକରେ ଚାନ୍ଦିମେଢ଼ ପରମ୍ପରା ଆରମ୍ଭ ହୋଇଥିଲା। ବ୍ୟବସାୟକୁ ପ୍ରୋତ୍ସାହନ ଦେବାରେ କଟକ ଦଶହରା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଐତିହାସିକ ଗୁରୁତ୍ୱ ଓ ଲୋକପ୍ରିୟତା କାରଣରୁ କଟକ ଦୁର୍ଗାପୂଜାକୁ ଐତିହ୍ୟ ମାନ୍ୟତା ଦେବାରେ କିଛି ଅସୁବିଧା ହେବନାହିଁ ବୋଲି ମତ ପ୍ରକାଶ ପାଇଛି। କିନ୍ତୁ ପ୍ରଶାସନିକ ତଥା ସରକାରୀ ସ୍ତରରେ ଏ ନେଇ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ। ଦଶହରା ଐତିହ୍ୟର ପ୍ରମାଣ କରିବା ଭଳି ଦସ୍ତାବିଜ ଉପସ୍ଥାପନା କରି ଆବେଦନ କରିବା ଜରୁରୀ।

- ଶୁଭସ୍ମିତା ସାମଲ, ଚଣ୍ଡୀଛକ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜଧାନୀ ଆକାଶରେ ଗର୍ଜିଲା ହକ୍ ବିମାନ

## ସୂର୍ଯ୍ୟକିରଣ ଶୋ

- କଳାକୌଶଳ ଦେଖାଇଲେ ବାୟୁସେନା ଯବାନ
- ଅସମ୍ଭାଳ ଭିଡ଼, ପୋଲିସ ନାକେଦମ
- ୩ କିଲୋମିଟରକୁ ୨ ଘଣ୍ଟା

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱର ଉପକଣ୍ଠ କୁଆଖାଇ ନଦୀପଠାରେ ଥିବା ବାଲିଯାତ୍ରା ପଡ଼ିଆରେ ବହୁ ପ୍ରତୀକ୍ଷିତ ବାୟୁସେନାର ଏୟାର ଶୋ' 'ସୂର୍ଯ୍ୟକିରଣ' ଶେଷ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟା ୨୦ ମିନିଟରେ ଏହି ଏୟାର ଶୋ' ଆରମ୍ଭ ହୋଇଥିଲା। ଏଥିର ୯ଟି ହକ୍ ବିମାନ ସାମିଲ ହୋଇଥିଲେ। ଯବାନମାନେ ଏକାସଙ୍ଗେ ବିମାନଗୁଡ଼ିକୁ ୫ ଶହରୁ ୧ହଜାର ଫୁଟ୍ ଉଚ୍ଚରେ ଉଡ଼ାଇ ସାହସିକ କଳାକୌଶଳ ପ୍ରଦର୍ଶନ କରିଥିଲେ। ଏହି ଲଢୁଆ ବିମାନଗୁଡ଼ିକର ଗର୍ଜନରେ ରାଜଧାନୀ ଆକାଶ କମ୍ପିଥିଲା। ଏହି କାର୍ଯ୍ୟକ୍ରମ ପାଇଁ ବାୟୁସେନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। କୁଆଖାଇ ନଦୀପଠାର ଉଭୟ ପାର୍ଶ୍ୱରେ ଲକ୍ଷାଧିକ ଦର୍ଶକ ଏୟାର ଶୋ'ର ମଜା ନେଇଥିଲେ। କର୍ଣ୍ଣାଟକରୁ ଆସିଥିବା ୯ ହକ୍ ବିମାନରେ ବାୟୁବୀରମାନେ ପ୍ରାୟ ୨୦ ମିନିଟ ଯାଏ ଚିତ୍ତାକର୍ଷକ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଶୋ'ରେ ୨ଟି ଟିମ୍‌ରେ ୧୬ ଜଣ ବାୟୁସେନା ଅଧିକାରୀ ସାମିଲ ହୋଇଥିଲେ। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ବିଭିନ୍ନ ସ୍କୁଲରୁ ଛାତ୍ରୀଛାତ୍ରମାନେ ଜାତୀୟ ପତାକା ଧରି 'ମା ତୁଝେ ସଲାମ' ଦେଶାତ୍ମବୋଧ ସଙ୍ଗୀତର ତାଳେ ତାଳେ ସୂର୍ଯ୍ୟକିରଣ ଟିମ୍‌କୁ ସ୍ୱାଗତ କରିଥିଲେ। ଫ୍ଲାଇଟ୍ ଲ୍ୟୁଟେନାଣ୍ଟ ରିଧିମା ସୂର୍ଯ୍ୟକିରଣ ଟିମ୍ ତରଫରୁ ଏୟାର ଶୋ'ର ଧାରା ବିବରଣୀ ପ୍ରଦାନ କରିଥିଲେ। ନିରାପତ୍ତା ଲାଗି ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ଓଡ୍ରାଫ୍ ଟିମ୍ ସହ ୪୫ ସେକ୍ସନ୍ ଫୋର୍ସ ମୁତୟନ ଥିଲେ। ପ୍ରାୟ ୧୦୦ ପୋଲିସ ଅଧିକାରୀ ମଧ୍ୟ ମୁତୟନ ଥିଲେ।

ଏୟାର ଶୋ'କୁ ଦେଖିବା ପାଇଁ ସକାଳୁ ଭିଡ଼ ଆରମ୍ଭ ହୋଇଯାଇଥିଲା। ଗାଡ଼ି ମୋଟର ଧରି ଲୋକମାନେ ବାଲିଯାତ୍ରା ପଡ଼ିଆକୁ ଛୁଟିଥିଲେ। କୁଆଖାଇ ନଦୀପଠା ବାଲିଯାତ୍ରା ପଡ଼ିଆ ଓ ଆଖପାଖରେ ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଏୟାର ଶୋ' ପାଇଁ କୁଆଖାଇ ନଦୀର ଉଭୟ ପାର୍ଶ୍ୱରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ତେବେ ଏହି ଶୋ' ଶେଷ ହେବା ପରେ ବାଲିଯାତ୍ରା ପଡ଼ିଆ ଓ କୁଆଖାଇପଠାକୁ ଯାଇଥିବା ଲୋକଙ୍କର ଘରବାହୁଡ଼ା ଦୁର୍ଦ୍ଦଶା ଆରମ୍ଭ ହୋଇଯାଇଥିଲା। ୧୬ ନମ୍ବର ଜାତୀୟ ରାଜପଥରୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇଥିବା ନଦୀବନ୍ଧ ରାସ୍ତା ଦୁଇଥାକିଆ ହୋଇଛି। ମାତ୍ର ଭିଡ଼ ଏଭଳି ଥିଲା ଯେ, ବାଲିଯାତ୍ରା ପଡ଼ିଆରୁ ଜାତୀୟ ରାଜପଥ ନିକଟକୁ ୩ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପ୍ରାୟ ୨ ଘଣ୍ଟା ଲାଗି ଯାଇଥିଲା। ଏୟାର ଶୋ' ଶେଷ ହେବା ପରେ କୁଆଖାଇ ନଦୀ ବାଲିରେ ଥିବା ହଜାର ହଜାର ବାଇକ୍ ଓ କାର ରାସ୍ତା ଉପରକୁ ଉଠିବାକୁ ଉଦ୍ୟମ କରିଥିଲେ। ଯାନବାହନଗୁଡ଼ିକୁ ନଦୀର ବାଲିପଠାରୁ ରାସ୍ତାକୁ ଯିବା ପାଇଁ ପ୍ରାୟ ଅଧ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ପୂର୍ବରୁ କୁହାଯାଇଥିଲା ଯେ ଏୟାର ଶୋ' ଦେଖିବା ପାଇଁ ପ୍ରାୟ ୫୦ହଜାର ଲୋକ କୁଆଖାଇ ନଦୀପଠାରେ ପହଞ୍ଚିବେ। ବାସ୍ତବ ପକ୍ଷେ ଏହି ଶୋ' ଦେଖିବା ପାଇଁ ବହୁ ଅଧିକ ଲୋକଙ୍କର ଭିଡ଼ ହୋଇଥିଲା, ସେଥିପାଇଁ ଲୋକଙ୍କୁ ୧ କି.ମି. ରାସ୍ତା ଅତିକ୍ରମ କରିବା ପାଇଁ ଘଣ୍ଟାଏରୁ ଅଧିକ ସମୟ ଲାଗିଥିଲା। ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ମଧ୍ୟ ନାକେଦମ ହେବାକୁ ପଡ଼ିଥିଲା। ଦିନ ୯ଟା ହେବା ପରେ ରାଜଧାନୀବାସୀ କୁଆଖାଇ ଅଭିମୁଖେ ବାହାରିଥିଲେ। ଏକ ଘଣ୍ଟା ମଧ୍ୟରେ ବାଲିଯାତ୍ରା ପଡ଼ିଆ ଏବଂ ଏହାର ଆଖପାଖ ଅଞ୍ଚଳ ଲୋକାରଣ୍ୟ ହୋଇଯାଇଥିଲା। ପୋଲିସ କର୍ମଚାରୀମାନେ ସକାଳ ୭ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଯାତାୟାତକୁ ନିୟନ୍ତ୍ରଣ କରିଥିଲେ। ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ କଡ଼ା ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିଲା।

ସୂର୍ଯ୍ୟକିରଣ ହେଉଛି ବାୟୁସେନାର ଏରୋବାଟିକ୍ ଡିସ୍‌ପ୍ଲେ ଟିମ୍। ୧୯୮୨ରେ ବାୟୁସେନାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏହା ଗଠନ କରାଯାଇଥିଲା। ୯ଟି ହକ୍ ଏୟାରକ୍ରାଫ୍ଟ ଉଡ଼ାଇଥିଲେ ସ୍ୱତନ୍ତ୍ର ଟିମ୍। ସେତେବେଳେ ଏହାର ନାଁ ରଖାଯାଇଥିଲା 'ଥଣ୍ଡରବୋଲ୍ଟସ'। ଆସନ୍ତା ୧୭ ତାରିଖରେ ପୁରୀରେ ସୂର୍ଯ୍ୟକିରଣ ଶୋ' ଅନୁଷ୍ଠିତ ହେବ।





# ରାଷ୍ଟ୍ରପତିଙ୍କୁ ଭେଟିଲେ କେନ୍ଦୁଝରଗଡ଼ ପୌରାଧକ୍ଷା



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ କେନ୍ଦୁଝରଗଡ଼ ପୌରଧକ୍ଷା ନିକୁ ସାହୁ।

କେନ୍ଦୁଝର, ୧୬।୯ (ସ୍ୱ.ପ୍ର.)

ରାଷ୍ଟ୍ରପତି ଭବନରୁ ଡକରା ପାଇ ନୂଆଦିଲ୍ଲୀ ଯାଇଥିବା କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ ଶୁକ୍ରବାର ସନ୍ଧ୍ୟାରେ ରାଇସିନା ହିଲ୍‌ରେ ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ସାକ୍ଷାତ ସମୟରେ ରାଷ୍ଟ୍ରପତିଙ୍କୁ ମା' ତାରିଣୀଙ୍କ ଫଟୋ ପ୍ରଦାନ କରିଛନ୍ତି। ଜିଲାରେ ଆବଶ୍ୟକ ଥିବା ଇସ୍ପାତ କାରଖାନା, ଏୟାରଷ୍ଟ୍ରିପ୍ ବିଷୟରେ ଅବଗତ କରିବା ସହ ହୋଲ୍ଡିଂ ଟ୍ୟାକ୍ସ, ଟ୍ରକ୍, ସ୍ଲରୀ ପାଇପ ଲାଇନ ଆଦି ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସାକ୍ଷାତ୍ ସମୟରେ ଜିତେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ତିନି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେଣ୍ଟ୍ରାଲ ଭିଷ୍ଟା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବା ପରେ ଶୁକ୍ରବାର ରାଷ୍ଟ୍ରପତିଙ୍କୁ ଭେଟିବା ପାଇଁ ଆମନ୍ତ୍ରଣ ମିଳିଥିଲା। ଶନିବାର କେନ୍ଦୁଝର ତଥା ଜିଲାର ବିଭିନ୍ନ ସମସ୍ୟାକୁ ନେଇ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ସହ ଭାଜପା ମୁଖ୍ୟାଳୟରେ ବରିଷ୍ଠ ନେତାଙ୍କୁ ସେ ଭେଟିବେ ବୋଲି ସୂଚନା ମିଳିଛି।

# ଅରୁଣ ସାମଲ ରାଜଧାନୀ କଲେଜର ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)



ଅରୁଣ କୁମାର ସାମଲ

ରାଜଧାନୀ କଲେଜର ନୂତନ ଅଧ୍ୟକ୍ଷ ହେଲେ ପ୍ରଫେସର ଅରୁଣ କୁମାର ସାମଲ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ସେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜଧାନୀ କଲେଜର ଶିକ୍ଷା ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ ସାମଲ ମଧ୍ୟ ଏହି କଲେଜର ପୂର୍ବତନ ଛାତ୍ର। ଏହାବ୍ୟତୀତ ସେ ବିଭିନ୍ନ ସରକାରୀ କଲେଜରେ ଶିକ୍ଷା ବିଭାଗର ସହକାରୀ ଓ ସହଯୋଗୀ ପ୍ରଫେସର ଭାବେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ଜଣେ ଭଲ ତଥା ଛାତ୍ରବତ୍ସଳ ଅଧ୍ୟାପକ ଭାବେ ସେ ବେଶ୍ ପରିଚିତ। ତାଙ୍କର ପରିଚାଳନାଗତ ଦକ୍ଷତା ମଧ୍ୟ ରହିଛି। ଆଗକୁ ରାଜଧାନୀ କଲେଜ ପ୍ରତିଷ୍ଠାର ୫୦ବର୍ଷ ପୂର୍ତ୍ତି ଉତ୍ସବ ବା ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବାବେଳେ ଏହି ଶିକ୍ଷାନୁଷ୍ଠାନର ଜଣେ ପୂର୍ବତନ ଛାତ୍ର ଅଧ୍ୟକ୍ଷ ଭାର ସମ୍ଭାଳିବାକୁ ଛାତ୍ରୀଛାତ୍ର, ଅଭିଭାବକ, କର୍ମଚାରୀ ଓ ପୁରାତନ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି।

# ପୋଖରୀରୁ ମିଳିଲା ୩ ଅପରିପକ୍ୱ ଶିଶୁଙ୍କ ମୃତଦେହ

- ପରୀକ୍ଷା ପାଇଁ ଏଫ୍‌ଏମ୍‌ଟି କଟକ ପଠାଗଲା
- ଗର୍ଭପାତ ପରେ ଫିଙ୍ଗି ଦେଇଥିବା ସନ୍ଦେହ

ଢେଙ୍କାନାଳ ଅଫିସ, ୧୬।୯

ଢେଙ୍କାନାଳ ସଦର ଥାନା ଅଧୀନ ଇନ୍ଦିପୁରସ୍ଥିତ ନଟାପୋଖରୀରୁ ଶୁକ୍ରବାର ୩ ଅପରିପକ୍ୱ ନବଜାତକଙ୍କ ମୃତଦେହ ଠାବ କରାଯାଇଛି। କୌଣସି ଘରୋଇ କ୍ଲିନିକ୍‌ରେ ଗର୍ଭପାତ କରାଇବା ପରେ ଘଟଣାକୁ ଲୁଚାଇବା ନିମନ୍ତେ କେହି ମୃତଦେହ ଆଣି ପୋଖରୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଏଭଳି ଘଟଣା ଜିଲାରେ ପ୍ରଥମ ବୋଲି କୁହାଯାଉଛି। ନବଜାତକଙ୍କ ଲିଙ୍ଗ ପରୀକ୍ଷା ପାଇଁ କଟକ ଏସ୍‌ସିବି ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲୋଜି (ଏଫ୍‌ଏମ୍‌ଟି)କୁ ପଠାଯାଇଥିବାବେଳେ ପୋଲିସ ତନାଘନା ଆରମ୍ଭ କରିଛି।

ଗ୍ରାମବାସୀଙ୍କ କହିବା କଥା, ପ୍ରାତଃ ସମୟରେ କେତେଜଣ ବ୍ୟକ୍ତି ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ୩ ଅପରିପକ୍ୱ ନବଜାତକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ଅଞ୍ଚଳରେ ଭିନ୍ନମତ ପ୍ରକାଶ ପାଇଛି। ଲୋକଲଜ୍ଜାରେ କେହି ଜଣେ କୁଆଁରୀ ମା' ଗର୍ଭପାତ କରି ଭ୍ରୂଣ ଫିଙ୍ଗି ଦେଇଥିବା ଆଲୋଚନା ଜୋର୍ ଧରିଛି। ଅନ୍ୟ କେତେକଙ୍କ କହିବା କଥା, ହୁଏତ ଜଣେ ମହିଳା ଗର୍ଭପାତ କରିବା ପରେ ପୋଖରୀରେ ଭ୍ରୂଣଗୁଡ଼ିକୁ ଫିଙ୍ଗି ଦେଇଛନ୍ତି। ସର୍ବସାଧାରଣ ବ୍ୟବହାର କରୁଥିବା ପୋଖରୀରେ ମୃତ ଶରୀର ଫିଙ୍ଗାଯିବା ଘଟଣାକୁ ଗ୍ରାମର ପୁରୁଖା ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ଇନ୍ଦିପୁର ସରପଞ୍ଚ ଲଳିତା ସାହୁ କୁହନ୍ତି, କୌଣସି ବେସରକାରୀ କ୍ଲିନିକ୍‌ରେ ଏଭଳି କାର୍ଯ୍ୟ କରାଯାଇଥିବା ସନ୍ଦେହ କରାଯାଉଛି। ଏଭଳି ଘଟଣା ଅତି ଘୃଣ୍ୟ ଓ ନିନ୍ଦନୀୟ। ପ୍ରଶାସନ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ୩ ନବଜାତକଙ୍କ ମୃତଦେହ ପରୀକ୍ଷା ପାଇଁ କଟକ ଏସ୍‌ସିବି ଏଫ୍‌ଏମ୍‌ଟିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ଯାହା କିଛି ସ୍ପଷ୍ଟ ହେବ। ଘରୋଇ କ୍ଲିନିକ ଓ ନର୍ସିଂହୋମ୍‌ରେ ରୁଟିନ୍ ଚଢ଼ାଉ ଜାରି ରହିଛି। ସଦର ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ମୃତକଙ୍କ ଡିଏନ୍‌ଏ ଟେଷ୍ଟ ହେବ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ନଂ. ୫୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ପୋଲିସର ତଦନ୍ତ ଓ ଗ୍ରାମବାସୀଙ୍କ ଗହଳି।



ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଆର୍‌ଏଓ)ର ଏକ୍‌ଜିକ୍ୟୁଟିଭ୍ କମିଟି ସଦସ୍ୟମାନେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଭେଟି ବନ୍ୟା ପୀଡ଼ିତଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୬ ଲକ୍ଷ ୨୦୨ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି। ଏ ସମ୍ପର୍କରେ ଏଚ୍‌ଆର୍‌ଏଓର ଚେୟାରମ୍ୟାନ ଜେ.କେ. ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# କମ୍ପାନୀ ବସ୍ -ହାଇୱା ଧକ୍କା: ୫ ମୃତ

ଝାରସୁଗୁଡ଼ା ଅଫିସ୍, ୧୬।୯

ଝାରସୁଗୁଡ଼ା ଜିଲା ସଦର ଥାନା ବାଇପାସ୍ ପାୱାର ହାଉସ୍ ନିଖିଳଢାବା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟିଛି। ସମ୍ବଲପୁର ଜିଲାର ଠେଲକୁଲିସ୍ଥିତ ଭୂଷଣ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ୧୫ନଂ. ବସ୍‌କୁ କୋଇଲା ବୋଝେଇ ହାଇୱା ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ କମ୍ପାନୀର ୫କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ବସ୍ କର୍ମଚାରୀମାନଙ୍କୁ ଧରି ଠେଲକୁଲିରୁ ଝାରସୁଗୁଡ଼ା ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଏହି ବସ୍‌ରେ ୫୦ରୁ ଅଧିକ କର୍ମଚାରୀ ରହିଥିଲେ। ସେମାନଙ୍କ ମଧ୍ୟରୁ ୨୮ଜଣ ଗୁରୁତର ଆହତ ହୋଇଛନ୍ତି। କେତେଜଣଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଆଉ କେତେଜଣଙ୍କୁ ଝାରସୁଗୁଡ଼ାର ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ୧୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

ମୃତ କର୍ମଚାରୀ ରାଜେନ୍ଦ୍ର ତିୱାରୀ, ସେର୍ ବାହାଦୁର, ବ୍ରିଜ୍‌ପାଲ ସିଂହ, ପଙ୍କଜ ଝା ଓ ବିକାଶ କୁମାର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ୫କର୍ମଚାରୀଙ୍କ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ଦୁର୍ଘଟଣା ସମ୍ପର୍କରେ ଖବରପାଇ ଜିଲାପାଳ ସରୋଜ କୁମାର ସାମଲ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ତରଫରୁ ସମସ୍ତ ଚିକିତ୍ସା ମାଗଣାରେ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଯେଉଁ କର୍ମଚାରୀମାନେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କୁ କମ୍ପାନୀର କାର୍ଯ୍ୟରତ କର୍ମଚାରୀ ହିସାବରେ କ୍ଷତିପୂରଣ ଯୋଗାଇ ଦିଆଯିବ। ଏଦିଗରେ କମ୍ପାନୀ ସହିତ ଆଲୋଚନା କରାଯିବ ବୋଲି ଜିଲାପାଳ ସାମଲ କହିଛନ୍ତି। ଝାରସୁଗୁଡ଼ା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କମ୍ପାନୀର ଓଡି ୨୩ଏମ୍ ୮୧୩୧ ନମ୍ବର ବସ୍, ଓଡି୧୬ଜି ୦୯୫୦ ନଂ. କୋଇଲା ବୋଝେଇ ହାଇୱାକୁ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।



ବସ୍ ଓ ହାଇୱା ମୁହାଁମୁହିଁ ଧକ୍କା।



ଜିଲାପାଳ ସରୋଜ କୁମାର ସାମଲ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# ସମାନ କାମକୁ ସମାନ ମଜୁରି ଦାବି

ଝାରସୁଗୁଡ଼ା ଅଫିସ୍, ୧୬।୯

ପ୍ରଗତିଶୀଳ ଶ୍ରମିକ ମଞ୍ଚ ଓ ମହିଳା ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଝାରସୁଗୁଡ଼ା ଶିଳ୍ପାଞ୍ଚଳଠାରେ ସଙ୍ଗଠନର ପ୍ରମୁଖ ସୁଷମା ସାହଙ୍କ ସଭାପତିତ୍ୱରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକନେତାମାନେ ଯୋଗଦେଇ ମହିଳାମାନେ ସମାନ କାମ କରି ପୁରୁଷମାନଙ୍କ ଠାରୁ କମ ମଜୁରି ପାଉଛନ୍ତି। ଏହା ବିରୋଧରେ ସମସ୍ତ ମହିଳା ଏକଜୁଟ ହୋଇ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ସୁକାନ୍ତି ମାଝି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଜିଲାର ୫ବ୍ଲକ ୩ ପୌରାଞ୍ଚଳର ୩୮୦ ଗ୍ରାମରୁ ପ୍ରାୟ ୧୨୦୦ରୁ ଅଧିକ ମହିଳା ଶ୍ରମିକ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ସମାଜବାଦୀ ଜନପରିଷଦର ରାଷ୍ଟ୍ରୀୟ ସଭାପତି ଲିଙ୍ଗରାଜ ଆଜାଦ, ବିଶିଷ୍ଟ ଶ୍ରମ ଅର୍ଥନୀତିଜ୍ଞ ଡ଼. ଗୋଲକ ବିହାରି ନାଥ ଯୋଗଦାନ କରିଥିଲେ। ସମାନ କାମକୁ ସମାନ ମଜୁରି ଓ ମାତୃତ୍ୱକାଳୀନ ସହାୟତାକୁ ବୃଦ୍ଧି କରିବା ପାଇଁ ବ୍ୟାପକ ଆନ୍ଦୋଳନ କରାଯିବା ପାଇଁ ଏହି ସମ୍ମିଳନୀରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ପ୍ରତ୍ୟେକ ଶାଖା କମିଟିମାନେ ସମାନ କାମକୁ ସମାନ ମଜୁରି ନେଇ ସହମତି ପରେ ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ ଓ ଶ୍ରମ ମନ୍ତ୍ରୀଙ୍କୁ ପଠାଯିବା ପାଇଁ ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ କର୍ମଚାରୀ ନେତା ପଶୁପତି ଚାଟାର୍ଜୀ, ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, କୃଷକ ସଙ୍ଗଠକ ସୁରେଶ ତ୍ରିପାଠୀ, ପ୍ରଗତିଶୀଳ ରାଜ୍ୟ ସାଧାରଣ ସମ୍ପାଦକ ରକ୍ଷାକର ଅନୁପମ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ମହିଳା ଶ୍ରମ ସାମ୍ମୁଖ୍ୟକୁ ନେଇ ୫ଟି ବ୍ଲକର ପ୍ରତିନିଧିତ୍ୱରେ ୨୪ ଜଣ ମହିଳାଙ୍କୁ ନେଇ ଏକ ଜିଲା କୋର କମିଟି ଗଠନ କରାଯାଇଛି। ସମାନ କାମକୁ ସମାନ ମଜୁରି ଦାବି ନେଇ ଅକ୍ଟୋବର ୨୮ରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ପାଇଁ ସମ୍ମିଳନୀରେ ନିଷ୍ପତି ଗ୍ରହଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ସୁବନ୍ତ, ପୂଜା ପରିଡ଼ା, କିଶୋରୀ ମହାନନ୍ଦିଆ, ସୁରେଶ ମାଝୀ, ଚେରୁମଣି କାଲୋ, ଆଶା ମଗର, କେତକି କାଲୋ, ଚନ୍ଦ୍ରମା ମାଝି, ପ୍ରମିଳ ହେମରମ, ବିନୋଦିନୀ ପଟେଲ, ସେବତୀ ଛତ୍ରିଆ ଓ ଲାଲାରାମ ଛତ୍ରିଆ ପ୍ରମୁଖ ନିଜର ମତ ରଖିଥିଲେ।



ସଚେତନତା ସଭାରେ ଯୋଗଦେଇଥିବା ମହିଳା।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ବେରୋଜଗାର ଦିବସ, ଗୋଲବଜାର ଛକ, ପୂର୍ବାହ୍ନ ୧୧ଟା ।
- ଔଷଧ ଶୂନ୍ୟ, ଯନ୍ତ୍ରଣାହୀନ ଚିକିତ୍ସା ଶିବିର, ଧର୍ମଶାଳା ଗଳି ନିକଟ, ପୂର୍ବାହ୍ନ ୯ଟା ।
- ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୁପରଲିଗ ମ୍ୟାଚ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା ।
- ଆନ୍ତଃହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲିଗ ମ୍ୟାଚ, ହାୱା ମଇଦାନ ଅପରାହ୍ନ ୨ଟା ।

## ସଂକ୍ଷେପରେ

### ଅଣଅନୁଦାନପ୍ରାପ୍ତ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ନାକଟିଦେଉଳ,୧୬।୯(ଡି.ଏନ.ଏ.):** ରାଜ୍ୟ ବେସରକାରୀ ଅଣଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସମ୍ବଲପୁର ଜିଲା ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀମାନେ ଶୁକ୍ରବାର ଦିନ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି । ଅନୁଦାନ ପ୍ରଦାନ ନିମନ୍ତେ ସଂଘ ପକ୍ଷରୁ ସରକାରଙ୍କ ସହିତ ବାରମ୍ବାର ଆଲୋଚନା କରାଯିବା ସତ୍ତ୍ୱେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ । ଫଳରେ ରାଜ୍ୟ ସଂଘର ନିଷ୍ପତ୍ତିକୁ ସମ୍ମାନ ଜଣାଇ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଡ଼େମୋଷ୍ଟ୍ରେଟର ଜିତେନ୍ଦ୍ର ପଣ୍ଡା,କନିଷ୍ଠ ଲିପିକ ଅମିତ କୁମାର ବିଶ୍ୱାଳ ଏବଂ ଡ଼ାଟା ଅପରେଟର ବିବେକାନନ୍ଦ ପ୍ରଧାନ ପ୍ରମୁଖ କଳାବ୍ୟାଜ୍ ପରିଧାନ କରିଛନ୍ତି । ଗତ ଗୁରୁ ଦିବସକୁ ମଧ୍ୟ ସଂଘ ପକ୍ଷରୁ କଳା ଦିବସ ଭାବେ ପାଳନ କରାଯାଇଥିଲା । ଦାବି ପୂରଣ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ଶିକ୍ଷାଦାନ ଓ ଅନ୍ୟାନ୍ୟ କାର୍ଯ୍ୟ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

### ଜିଏମ୍‌ୟୁରେ ଷ୍ଟାଟଅପ୍ ଓଡ଼ିଶା ଭ୍ୟାନ୍

**ସମ୍ବଲପୁର,୧୬।୯(ବ୍ୟୁରୋ):** ଷ୍ଟାଟଅପ୍ ଓଡ଼ିଶା ୨.୦ ଭ୍ୟାନ ଶୁକ୍ରବାର ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଅମୃତ ବିହାର ପରିସରରେ ପହଞ୍ଚିଥିଲା । ଭ୍ୟାନ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଯୁବସମାଜ ମଧ୍ୟରେ ନୂତନ ବ୍ୟବସାୟିକ ଚିନ୍ତାଧାରା ଜାଗ୍ରତ କରିବା ବାର୍ତ୍ତା ଦିଆଯାଇଛି । କିଟ୍ ବିଶ୍ୱବିଦ୍ୟାଳୟର ଅଧିକାରୀ ଏମ. ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମଧ୍ୟ ସାମିଲ ଥିଲେ । ଜିଏମ୍‌ୟୁ ଡେପୁଟି ରେଜିଷ୍ଟ୍ରାର ଡ. ଉମାଚରଣ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଷ୍ଟାଟଅପ୍ ଓଡ଼ିଶା ୨.୦ ଭ୍ୟାନ ବିଷୟରେ ଆଲୋକପାତ କରିଥିଲେ । ଜିଏମ୍‌ୟୁ ଛାତ୍ରୀଛାତ୍ରମାନେ ନିଜର ବ୍ୟବସାୟିକ ଚିନ୍ତାଧାରାକୁ ଉପସ୍ଥାପନ କରିଥିଲେ । ବିଜେତା ଛାତ୍ର ପ୍ରତ୍ୟୁଷ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରୋଗ୍ରେସିଭ ଜିଏମ୍‌ୟୁ ଛାତ୍ର ସଭାପତି ଚୁମନ କୁମାର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ।

### ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋଚନା

**ରାଉରକେଲା ଅଫିସ,୧୬।୯:** ରାଉରକେଲା ଏନ୍‌ଆଇଟି ପରିସରସ୍ଥ ବିବିଏ ଅଡିଟୋରିୟମ ହଲରେ ହିନ୍ଦୀ ଦିବସ ପାଳିତ ହୋଇଛି। ଏହି ଅବସରରେ ଏନ୍‌ଆଇଟିର ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କୁଳ ସଚିବ ପ୍ରଫେସର ରୋହନ ଧୀମାନ ହିନ୍ଦୀ ଭାଷାର ସର୍ବାଧିକ ବ୍ୟବହାର ଓ ବିସ୍ତାର ଉପରେ ମତ ପ୍ରକାଶ କରିଥିଲେ। ପରେ ହିନ୍ଦୀ ଦିବସ ଉପରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ହିନ୍ଦୀ ଅଧିକାରୀ ଉତ୍ତମ କୁମାର ବିଶ୍ୱାଳ ହିନ୍ଦୀର ଇତିହାସ ଓ ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ରବିଶଙ୍କର ସିଂ ଓ ରାଜଭାଷା କାର୍ଯ୍ୟକାରୀ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପାନପୋଷ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହିନ୍ଦୀ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷାର ମହତ୍ତ୍ୱ ତଥା ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ଉପରେ ଆଲୋଚନା କରିଥିଲେ। କଲେଜର ହିନ୍ଦୀ ବିଭାଗ ମୁଖ୍ୟ ନମିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା, କବିତାପାଠ, ନାଟକ ପରିବେଷଣ, ନିବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ଗୋବିନ୍ଦ ରୋହି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନେଶ୍ୱର ଦୁର୍ଗା ପୂଜା: ରାବଣ ପୋଡ଼ି ଆକର୍ଷଣ

**ସମ୍ବଲପୁର,୧୬।୯(ବ୍ୟୁରୋ)**

ପାର୍ବଣ ଋତୁ ଯେତିକି ପାଖେଇ ଆସୁଛି ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ସେତିକି ଜୋରସୋରରେ ଚାଲିଛି । ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ଛକ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଛକରେ ପ୍ରାୟ ୬୦ ଫୁଟର ତୋରଣ ତିଆରି କରାଯାଉଛି। ଚାଉଁରପୁରର ମୂର୍ତ୍ତି କାରିଗର ୮ଫୁଟର ଶାନ୍ତି ସ୍ୱରୁପ ଦୁର୍ଗାମୂର୍ତ୍ତି ତିଆରି କରୁଛନ୍ତି। କୋଭିଡ କଟକଣା ହଟିବା ପରେ ଚଳିତବର୍ଷ ଧୁମଧାମରେ ପୂଜା କରାଯିବ ବୋଲି ଆୟୋଜକ କର୍ମକର୍ତ୍ତା ରଞ୍ଜିତ ମେହେର ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଚଳିତବର୍ଷ ପ୍ରତିବର୍ଷ ଭଳି ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ ରହିଛି। ୮୦ ରୁ ୧୦୦ ଫୁଟ ଉଚ୍ଚତାର ରାବଣ ତିଆରି କରାଯାଉଛି । ରାମ, ଲକ୍ଷ୍ମଣ ଓ ସୀତାଙ୍କ ଭବ୍ୟ ଶୋଭାଯାତ୍ରା କରି



ମାନେଶ୍ୱର ଦୁର୍ଗାପୂଜାର ନିର୍ମାଣାଧୀନ ତୋରଣ ।

ରାବଣ ପୋଡ଼ି ରୀତିନୀତି ଅନୁସାରେ କରାଯିବ । ଅନ୍ୟପଟେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଭୁବନେଶ୍ୱରରୁ ରେକର୍ଡ ଡ୍ୟାନ୍ସ ଓ ଅର୍କେଷ୍ଟ୍ରା ଦଳ ଆସିବେ । କୃଷ୍ଣ ଗୁରୁ ଭଜନ ଓ କୀର୍ତ୍ତନ ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ କରାଯିବ । ଏଥିପାଇଁ ସମସ୍ତ ବ୍ୟବସ୍ଥା ଓ ପ୍ରକ୍ରିୟା ଶେଷ ହୋଇଛି । ଷଷ୍ଠୀ ଦିନଠାରୁ ଦଶମୀ ପର୍ଯ୍ୟନ୍ତ ନିୟମିତ ଭାବେ ପୂଜାର୍ଚ୍ଚନା କରାଯିବ । ଚଣ୍ଡିପାଠ, ହୋମଯଜ୍ଞ, କଳସଯାତ୍ରା ଓ ଭସାଣି ଶୋଭାଯାତ୍ରା ହେବ । ପ୍ରତିଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏବେ ସବୁ କ୍ଷେତ୍ରରେ ଦରଦାମ ବୃଦ୍ଧି ହେବା ଯୋଗୁ ବ୍ୟୟ ଅଟକଳ ବୃଦ୍ଧି କରାଯାଇଛି । ସାଢ଼େ ୫ ରୁ ୬ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ଏଥିପାଇଁ ପୂଜା କମିଟି, ଅଞ୍ଚଳବାସୀ ଓ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ସହାୟତା ନିଆଯାଉଛି । ଶାନ୍ତିଶୃଙ୍ଖଳା ସହିତ କିଭଳି ପୂଜା ସମ୍ପନ୍ନ ହେବ ସେନେଇ କମିଟିର ସଦସ୍ୟମାନେ ବୈଠକରେ ସ୍ଥିର କରିଛନ୍ତି । ଏହାସହ ସ୍ଥାନୀୟ ପୋଲିସ ଓ ପ୍ରଶାସନ ସହିତ ଯୋଗାଯୋଗ ମଧ୍ୟ କରାଯାଇଛି ବୋଲି କହିଥିଲେ । ଚଳିତବର୍ଷ ଜଗଦୀଶ ପୂଜାରୀ ସହଧର୍ମିଣୀଙ୍କ ସହ କର୍ତ୍ତା କାର୍ଯ୍ୟ ନିର୍ବାହ କରିବେ । ଜଗଦୀଶ ଦାଶ ପୂଜାକାର୍ଯ୍ୟ ସମ୍ପାଦନା କରିବେ ।

## ଭିସୁଟ୍‌ରେ ଜାତୀୟ ଯନ୍ତ୍ରୀ ଦିବସ



ଭିସୁଟରେ ଆୟୋଜିତ ଜାତୀୟ ଯନ୍ତ୍ରୀ ଦିବସରେ ଯୋଗ ଦେଇଥିବା ଅତିଥି, ପ୍ରଫେସର, ପ୍ରାଧ୍ୟାପକ ଓ ଛାତ୍ରୀଛାତ୍ରମାନେ ।

**ସମ୍ବଲପୁର,୧୬।୯(ବ୍ୟୁରୋ)**

ଜାତୀୟ ଯନ୍ତ୍ରୀ ଦିବସ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ସିଭିଲ ଇଂଜିନିୟରିଂ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଭାରତ ରତ୍ନ ଏମ. ବିଶ୍ୱେଶ୍ୱର ରାୟଙ୍କ ଜୀବନୀ ବିଷୟରେ ବକ୍ତା ଓ ଅତିଥିମାନେ ଆଲୋଚନା କରିଥିଲେ । ହିଣ୍ଡାଲକୋ ଜିଏମ ଇଂ. ସୁନିଲ କୁମାର ଷଡ଼ଙ୍ଗୀ, ହୀରାକୁଦ ଡ୍ୟାମ୍ ଏସଇ ଇଂ. ଜ୍ୟୋତିର୍ମୟ ବେହେରା ଯୋଗଦେଇ ସଂପ୍ରତି ସମାଜରେ ଇଞ୍ଜିନିୟରମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ହୀରାକୁଦ ଜଳଭଣ୍ଡାରକୁ ଇଞ୍ଜିନିୟରମାନେ କିଭଳି ପରିଚାଳନା କରନ୍ତି, ସେନେଇ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଡ. ରାକେଶ ଦାଶ ଇଞ୍ଜିନିୟରଙ୍କ କର୍ମଶାଳା ବିଷୟରେ ଆଲୋଚନା କରିଥିଲେ । ଡ. ସୌଭାଗ୍ୟ ପାଣିଗ୍ରାହୀ ଦେଶର ବିକାଶରେ ଇଞ୍ଜିନିୟରଙ୍କ ଭୂମିକାକୁ ନେଇ ଆଲୋଚନା କରିଥିଲେ । ବିଭାଗୀୟ ପ୍ରଫେସର ଅମର ନାୟକ, ପ୍ରଫେସର ପ୍ରକାଶ ସ୍ୱାଇଁ, ପ୍ରଫେସର ପ୍ରଦୀପ ପ୍ରଧାନ, ଡ. ରାଜୀବ ସାହୁ, ଇଂ. ପ୍ରତାପ ପ୍ରଧାନ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ର ପ୍ରତିନିଧିଙ୍କ ସମେତ ସମସ୍ତ ୟୁଜି, ପିଜି ଓ ପିଏଚଡି ଛାତ୍ରୀଛାତ୍ରମାନେ ସାମିଲ ଥିଲେ ।

## ଭିଜିଲାନ୍ସ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ

**ସମ୍ବଲପୁର,୧୬।୯(ବ୍ୟୁରୋ)**

**ମାନେଶ୍ୱର ବ୍ଲକରେ ଗାଡ଼ି ନାମରେ ଟଙ୍କା ଆତ୍ମସାତ ଘଟଣା**

ସମ୍ବଲପୁର ଠେମରା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଶୁକ୍ରବାର ତଦନ୍ତ କରିଛନ୍ତି। ଭିଜିଲାନ୍ସ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ମାନେଶ୍ୱର ବ୍ଲକରେ କୋଭିଡ ସମୟରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଗାଡ଼ିଗୁଡ଼ିକର ଅପବ୍ୟବହାର କରିବା, ଜାଲ୍ ଲଗବୁକ୍ ତିଆରି କରି ହୋଇଥିବା ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ହୋଇଛି । ଲଗବୁକ୍‌ରେ ଉଲ୍ଲେଖ ଥିବା ସମସ୍ତ ତଥ୍ୟ ଯାଞ୍ଚ କରାଯାଇଛି । ଗାଡ଼ି ବ୍ୟବହାର କରିଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଡାକ୍ତରମାନଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି । ଉକ୍ତଗାଡ଼ିକୁ ସେମାନେ ବ୍ୟବହାର କରି ନ ଥିବା ତଦନ୍ତ ଟିମ୍ ଆଗରେ ବୟାନ ଦେଇଛନ୍ତି । ଏନେଇ ଲଗବୁକ୍‌ରେ ଥିବା ଦସ୍ତଖତଗୁଡ଼ିକ ତାଳମେଳ ଖାଉ ନ ଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ଗାଡ଼ି ମାଲିକମାନଙ୍କୁ ମଧ୍ୟ ତଦନ୍ତ ଟିମ୍ ପଚରାଉଚୁରା କରିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଟଙ୍କା ଗାଡି ବାବଦକୁ ପ୍ରଦାନ କରାଯାଇଛି । ତେଣୁ ଏ କ୍ଷେତ୍ରରେ ହୋଇଥିବା ଆର୍ଥିକ ଅନିୟମିତତା ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ । ଏହାର ଏକ ରିପୋର୍ଟ ଜିଲାପାଳ ଅନନ୍ୟା ଦାଶଙ୍କୁ ପ୍ରଦାନ କରାଯିବ । ତାଙ୍କ ନିର୍ଦ୍ଦେଶ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ତଦନ୍ତକାରୀ ଟିମ୍‌ର ଜଣେ ଅଧିକାରୀ କହିଛନ୍ତି । ସୂଚନାଯୋଗ୍ୟ ଯେ, କୋଭିଡ ସମୟରେ ମାନେଶ୍ୱର ବ୍ଲକ ପକ୍ଷରୁ ଗାଡ଼ି ନିୟୋଜିତ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ କାର୍ଯ୍ୟରେ ଗାଡ଼ି ବ୍ୟବହାର କରାଯାଇଥିଲା । ଗାଡ଼ି ଲଗାଇ ଟଙ୍କା ଆତ୍ମସାତ କରିଥିବା ଖବର ପ୍ରଚାର ହୋଇଥିଲା । ଏହାକୁ ନେଇ ସୂଚନା ଅଧିକାର କର୍ମୀ ତଥା ପୂର୍ବତନ ସରପଞ୍ଚ ସଂଜୟ ଛୁରିଆ ଆରଟିଆଇରେ ତଥ୍ୟ ସଂଗ୍ରହ କରିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ଆଧାର କରି ପୂର୍ବରୁ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ । ଅଭିଯୋଗର ତଦନ୍ତ ଏପର୍ଯ୍ୟନ୍ତ ଜାରି ରହିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ତେଣୁ ଭିଜିଲାନ୍ସ କମିଶନରଙ୍କ ପାଖରେ ତଥ୍ୟ ପ୍ରମାଣ ସହ ଅଭିଯୋଗ କରିଥିଲେ। ଭିଜିଲାନ୍ସ କମିଶନରଙ୍କ ପକ୍ଷରୁ ଜିଲାପାଳଙ୍କୁ ତଦନ୍ତ କରିବା ପାଇଁ ଚିଠି କରାଯାଇଥିଲା। ଏହି ଚିଠିକୁ ଆଧାର କରି ଜିଲାପାଳ ସିଡିଏମଓଙ୍କୁ ତଦନ୍ତ କରିବା ପାଇଁ ଚିଠି କରିଥିଲେ । ଏହାସହ ଅଭିଯୋଗକାରୀ ଛୁରିଆଙ୍କୁ ମଧ୍ୟ ତଦନ୍ତ ସମୟରେ ଠେମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହିବାକୁ ଚିଠି କରାଯାଇଥିଲା ।

## ଟାଟା କମ୍ପାନୀର ନୂତନ ଜେଟ ଏଡିଶନ ବଜାର ପ୍ରବେଶ




ସମ୍ବଲପୁର ପରଧିଆପାଲି ଲଙ୍କେଶ୍ୱରୀ ମୋଟର୍ସ ଠାରେ ଅତିଥିମାନେ ନୂତନ ଜେଟ ଏଡିଶନ ଗାଡ଼ିର ଶୁଭାରମ୍ଭ କରିଛନ୍ତି ।

**ସମ୍ବଲପୁର,୧୬।୯(ବ୍ୟୁରୋ)**

ଟାଟା କମ୍ପାନୀର ନେକ୍ସନ, ସଫାରୀ ଓ ହେରିୟର ଗାଡ଼ିଗୁଡ଼ିକର ନୂତନ ଜେଟ ଏଡିଶନ ସମ୍ବଲପୁର ବଜାର ପ୍ରବେଶ କରିଛି । ଗୁରୁବାର ରାତ୍ରିରେ ପରଧିଆପାଲିସ୍ଥିତ ଲଙ୍କେଶ୍ୱରୀ ମୋଟର୍ସ ଠାରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରିବା ସହ ଶୁଭାରମ୍ଭ କରିଥିଲେ । ଟାଟା କମ୍ପାନୀ ଟିଏସଏମ ବିପିନ କୁମାର ଓ ଲଙ୍କେଶ୍ୱରୀ ମୋଟର୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ପ୍ରସାଦ ସା ଯୋଗଦେଇଥିଲେ । ଏହି ନୂତନ ଜେଟ ଏଡିସନ ଅତ୍ୟାଧୁନିକ ଜ୍ଞାନ କୌଶଳ ଦ୍ୱାରା ତିଆରି ହୋଇଛି । ଗ୍ରାହକମାନଙ୍କ ସକାଶେ ଲାଭଦାୟକ, ଆରାମଦାୟକ ଓ ଅଧିକ ସୁରକ୍ଷିତ ଗାଡ଼ିଚାଳନା ହେବ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି ।

## କୁଚିଣ୍ଡା ମେଡିକାଲ ପକ୍ଷରୁ ସ୍ୱଚ୍ଛତା ଜାଗୃତି କାର୍ଯ୍ୟକ୍ରମ

**କୁଚିଣ୍ଡା,୧୬।୯(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ଜାଗୃତି ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ସହରର ଜ୍ୟୋତିପଡା ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିଥିଲା । ପରେ ସ୍ୱଚ୍ଛତା ଉପରେ ଏକ ପାଲା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡା.ସୁବୋଧ କୁମାର ନାୟକ,ଡା.କ୍ଷେତ୍ର ମୋହନ କାଣ୍ଡ,ଡାକ୍ତରଖାନା ପରିଚାଳକ ଦୀପକ କୁମାର ନନ୍ଦ,ସ୍ୱାସ୍ଥ୍ୟକର୍ମୀ ଜଗନ୍ନାଥ ବେହେରା,ରିପନ କୁମାର ପଟେଲ ,ବିନତା ସରୋଜିନୀ ବୁଡ, ଡାଟା ଏଣ୍ଟ୍ରି ଅପରେଟର ଶରତ ଚନ୍ଦ୍ର ସାହୁ, ଆକାଉଣ୍ଟାଣ୍ଟ ମନୋଜ କୁମାର ପଟେଲ,ମ୍ୟାଲେରିଆ ନିୟନ୍ତ୍ରକ ସଞ୍ଜୟ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଅଧୀକ୍ଷକ ଡା.ସୁବୋଧ ନାଏକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ଲକ୍ଷ୍ମୀଡୁଙ୍ଗୁରୀଠାରେ ନିଆରା ପୁଅ ଜିଉଁନ୍ତିଆ

**ସମ୍ବଲପୁର,୧୬।୯(ବ୍ୟୁରୋ)**

ସମ୍ବଲପୁର ବୁଢ଼ାରଜା ବନ ସଂରକ୍ଷଣ ସମିତି ପକ୍ଷରୁ ନିଆରା ପୁଅ ଜିଉଁନ୍ତିଆ ବ୍ରତ ଶୁକ୍ରବାର ଲକ୍ଷ୍ମୀଡୁଙ୍ଗୁରୀଠାରେ ପାଳିତ ହୋଇଯାଇଛି । ଅଞ୍ଚଳର ମହିଳାମାନେ ସମବେତ ହୋଇ ମା' ମଙ୍ଗଳା ମନ୍ଦିର ନିକଟସ୍ଥ ବୃକ୍ଷକୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଘଣ୍ଟଶଙ୍ଖ, ହରିବୋଲ, ହୁଳହୁଳିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ବୃକ୍ଷଗୁଡ଼ିକର ସୁରକ୍ଷା ପାଇଁ ମହିଳାମାନେ ବନ୍ଧାଣ କରିବା ସହ ଜିଉଁନ୍ତିଆ ପିନ୍ଧାଇଥିଲେ ।
ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାର ମାଆମାନେ ପୁତ୍ରର ଦୀର୍ଘଜୀବନ ଓ ମଙ୍ଗଳ ମନାସୀ ପୁଅଜିଉଁନ୍ତିଆ ବ୍ରତ ରଖିଥାନ୍ତି । ସମ୍ପ୍ରତି ବିଶ୍ୱରେ ବୃକ୍ଷଛେଦନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବୃକ୍ଷର ସୁରକ୍ଷାର ଆବଶ୍ୟକତା ରହିଛି ବୋଲି ବ୍ରତଧାରୀ ମହିଳାମାନେ କହିଛନ୍ତି। ପ୍ରକୃତି ବନ୍ଧୁ ମେଘୁ ମୁଣ୍ଡା



ଶୁକ୍ରବାର ସମ୍ବଲପୁର ଲକ୍ଷ୍ମୀଡୁଙ୍ଗୁରୀଠାରେ ପୁଅ ଜିଉଁନ୍ତିଆ କାର୍ଯ୍ୟକ୍ରମ ।

କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । ରାମସାଗର ସାହୁ, ସୌରୀ ନାରାୟଣ ପାଣିଗ୍ରାହୀ, ଶଶାଙ୍କ ଚକ୍ରବର୍ତ୍ତୀ, ମିନାକ୍ଷୀ ଲେଙ୍କା, ଝରଣା ନାୟକ, ରମା ଜେନା, ଯମୁନା ବେହେରା, ପ୍ରତିମା କୁସୁମ, ଶଙ୍କରି ମଣ୍ଡଳ, ବିଷ୍ଣୁପଦ ବରେଇ, ମଞ୍ଜୁ ଚକ୍ରବର୍ତ୍ତୀ, କରୁଣାକର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବନରକ୍ଷୀ ନିରୂପମା ନାୟକ ପୁଅ ଜିଉଁନ୍ତିଆ ବ୍ରତଧାରୀ ଓ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆଁଖାଇ ଭେଟ୍‌ଘାଟ୍

**ସମ୍ବଲପୁର,୧୬।୯(ବ୍ୟୁରୋ)**

ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ନୂଆଁଖାଇ ଭେଟଘାଟ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଁଖାଇ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଜିଲାପାଳ ମିତାଲି ଦଳେଇ, ଡିଏସଏସଓ ସନ୍ତୋଷ ନାୟକ, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ସିଡବ୍ଲୁସି ଅଧ୍ୟକ୍ଷା ଡ. ଝରଣା ମିଶ୍ର, ପୁଷ୍ପା ମହାପାତ୍ର, ଡିଡିଆରଓ ରବୀନ୍ଦ୍ର ନାଥ ଶତପଥୀ ସମ୍ମାନିତ ଅତିଥି ଥିଲେ । ରକ୍ମିଣୀ ଲାଠ, ଡା. ଆଇଜାକ ସାନ୍ତ୍ରା ବାଳ ନିକେତନ, ଧନକଉଡ଼ା ଶିଶୁ ଗୃହ, ଓପନ ସେଲଟରର ଅନ୍ତେବାସୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଜିଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନୃତ୍ୟ ନିର୍ଦ୍ଦେଶକ ଅସୀମ କୁମାର ପ୍ରଧାନ ବିଚାରକ ଥିଲେ ।

## ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛତା ପାକ୍ଷିକ କାର୍ଯ୍ୟକ୍ରମ

**ସମ୍ବଲପୁର,୧୬।୯(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳରେ ରେଳ ସ୍ୱଚ୍ଛ ଭାରତ ସ୍ୱଚ୍ଛତା ପାକ୍ଷିକ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି । ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପାକ୍ଷିକର ବିଭିନ୍ନ ଦିବସରେ ସ୍ୱଚ୍ଛ ସଚେତନତା, ସ୍ୱଚ୍ଛ ସମ୍ବାଦ, ସ୍ୱଚ୍ଛ ଷ୍ଟେଶନ, ସ୍ୱଚ୍ଛ ପ୍ରସାଧନ, ସ୍ୱଚ୍ଛ ନୀର, ସ୍ୱଚ୍ଛତା ଉପରେ ପ୍ରତିଯୋଗିତା ହେବ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଯୋଗଦେଇ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ପରିସରରେ ରେଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ଶପଥ କରାଇଥିଲେ । ୧୭ ଓ ୧୮ ତାରିଖରେ ମଣ୍ଡଳର ବିଭିନ୍ନ ଷ୍ଟେସନରେ ସ୍ୱଚ୍ଛ ସମ୍ବାଦ ଆୟୋଜନ କରାଯିବ ।

## ହିଣ୍ଡାଲ୍‌କୋରେ ଜାତୀୟ ଯନ୍ତ୍ରୀ ଦିବସ

**ସମ୍ବଲପୁର,୧୬।୯(ବ୍ୟୁରୋ)**

ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଜାତୀୟ ଯନ୍ତ୍ରୀ ଦିବସ ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପାଳିତ ହୋଇଯାଇଛି । ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ ଇଞ୍ଜିନିୟର କୈଳାସ ପାଣ୍ଡେ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ହିଣ୍ଡାଲକୋର ପ୍ରଶିକ୍ଷଣ ମୁଖ୍ୟ ଇଂ ପ୍ରଶାନ୍ତ ପଣ୍ଡା, ଇଂ ବିଭୁଦତ୍ତ ପଣ୍ଡା, ଇଂ ରାମେଶ୍ୱରୀ ସାହୁ, ଇଂ କୁନ୍ଦନ କୁମାର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଭଲ ଯନ୍ତ୍ରୀ ହେବାକୁ ଆହ୍ୱାନ ଦେଇଥିଲେ। ପାରିପାର୍ଶ୍ୱିକ ବିଭାଗ ମୁଖ୍ୟ ସୁକାନ୍ତ ମହାପାତ୍ର ଓ ଆନନ୍ଦ ଚକ୍ରବର୍ତ୍ତୀ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସରୋଜ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ନାୟକ ଜାତୀୟ ଇଞ୍ଜିନିୟରିଂ ଦିବସ ବିଷୟରେ ସୂଚନା ଦେଇଥିଲେ । ଶିଶୁ ମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ ।




ହିଣ୍ଡାଲ୍‌କୋ ଆୟୋଜିତ ଜାତୀୟ ଯନ୍ତ୍ରୀ ଦିବସରେ ବକ୍ତା ଓ ଅତିଥିମାନେ ।

## ଔଷଧ ଶୂନ୍ୟ, ଯନ୍ତ୍ରଣାବିହୀନ ଚିକିତ୍ସା ଶିବିର

**ସମ୍ବଲପୁର,୧୬।୯(ବ୍ୟୁରୋ)**

ଔଷଧ ଶୂନ୍ୟ, ଯନ୍ତ୍ରଣାବିହୀନ ଚିକିତ୍ସା ଶିବିର ସମ୍ବଲପୁର ବସ୍ତି ଧର୍ମଶାଳା ନିକଟରେ ଉଦ୍‌ଘାଟିତ ହୋଇଛି । ଡା. ନାରାୟଣୀ ପଣ୍ଡା ମୁଖ୍ୟଅତିଥି ଓ ଫାର୍ମାସିଷ୍ଟ ଲଳିତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ । ଫିଜିଓଥେରାପି ମ୍ୟାଗନେଟ କଲର ଗ୍ରାଫି ଦ୍ୱାରା ଡା. ସୁବାସ ଚନ୍ଦ୍ର ରୋଗୀମାନଙ୍କ ଆଣ୍ଠୁଗଣ୍ଠି ପୀଡ଼ା, ଅଣ୍ଟା ଯନ୍ତ୍ରଣା, ସାଇଟିକା ଯନ୍ତ୍ରଣା, ଆଣ୍ଠୁଗଣ୍ଠିବାତ, ମେରୁଦଣ୍ଡ ଯନ୍ତ୍ରଣା, ପିଠି ଯନ୍ତ୍ରଣା, କାନ୍ଧ ଯନ୍ତ୍ରଣା ଓ ମୁଣ୍ଡବ୍ୟଥା ଚିକିତ୍ସା କରିଥିଲେ । ସତ୍ୟବ୍ରତ ବେହେରା, ରଘୁନାଥ ବିଶ୍ୱାଳ, ଦୁଷ୍ମନ୍ତ ଦେହୁରୀ ରୋଗୀ ଚିକିତ୍ସାରେ ସହଯୋଗ କରିଥିଲେ। ଗୋବିନ୍ଦ ପ୍ରସାଦ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟୋଜକ ହରି ଫାଉଣ୍ଡେଶନ ଓ ସମ୍ବଲପୁର ବୁଦ୍ଧିଜୀବୀ ଫୋରମର ସଭ୍ୟମାନେ ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଚଳିତ ମାସ ୧୯ତାରିଖ ଶିବିର ଉଦ୍‌ଯାପିତ ହେବ ।

## ପ୍ରଦୂଷଣ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ




ପରିବେଶ ସୁରକ୍ଷା ଅଭିଯାନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଉରକେଲା ଅଫିସ,୧୬।୯**

ପ୍ରଦୂଷଣ ସୃଷ୍ଟିକାରୀ ସଂସ୍ଥାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଦାବି ହୋଇଛି। ଏହି କ୍ରମରେ ସୁନ୍ଦରଗଡ ଜିଲା ପରିବେଶ ସୁରକ୍ଷା ଅଭିଯାନ ପକ୍ଷରୁ ଶୁକ୍ରବାର ରାଉରକେଲା ଆଞ୍ଚଳିକ ପ୍ରଦୂଷଣ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନର ଜିଲା ଆବାହକ ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଡ. କିଶୋରୀ ଦାସ, ଆଦିବାସୀ ଏକତା ମଞ୍ଚ ନେତା ରାଜେନ୍ଦ୍ର ନାଏକ, ଅକ୍ଷୟ ଦାସ, ସାକୀର ହୁସେନ, ରଜନୀକାନ୍ତ ସ୍ୱାଇଁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଉରକେଲାରେ ଥିବା ବିଭିନ୍ନ କଳକାରଖାନାର ଦୂଷିତ ପାଣି, ଧୂଳିଗୁଣ୍ଡ ଯୋଗୁ ଫସଲ ନଷ୍ଟ ସହ କେନାଲ ଓ ପୋଖରୀ ପାଣି ଦୂଷିତ ହେଉଛି। ଏଭଳି ପ୍ରଦୂଷଣ କରୁଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଚାଷୀଙ୍କୁ କ୍ଷତିପୂରଣ ଦାବି କରାଯାଇଥିଲା। ଏହି ବିକ୍ଷୋଭରେ ଭାଗବତ ପ୍ରସାଦ ସାହୁ, ଅପୂର୍ଣ୍ଣା ରାଉତରାୟ, ବିନୋଦ ବାଗ, ରୀତା ମାଝୀ, ଭାଗ୍ୟଧର ରାଉତ, ଅମ୍ରିତ କୌର, ମୁକ୍ତାର ଆଲାମ, ରାମ କିସାନ, ସାବିତ୍ରୀ ସା ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଲକ୍ଷ୍ନୌରେ ପାଚେରି ଭୁଶୁଡ଼ି ୯ ମୃତ

**ଲକ୍ଷ୍ନୌ,୧୬।୯:** ପ୍ରବଳ ବର୍ଷା ଯୋଗୁ ଲକ୍ଷ୍ନୌର ଦିଲକୁଶ ଅଞ୍ଚଳରେ ଏକ ନିର୍ମାଣାଧୀନ ପାଚେରି ଶୁକ୍ରବାର ସକାଳେ ଭୁଶୁଡ଼ି ପଡ଼ିବାରୁ ୩ ଶିଶୁଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ଘଟିଛି। ଆହତମାନଙ୍କୁ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବେ ବୋଲି ଜିଲାପାଳ ସୂର୍ଯ୍ୟପାଲ୍ ଗଙ୍ଗୱାର କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ଏସ୍‌ଡିଆର୍‌ଏଫ୍ ୟୁନିଟ, ସେନା ଓ ପୋଲିସ ନିୟୋଜିତ ହୋଇଥିଲେ। ମୃତକମାନଙ୍କ ଘର ଝାନ୍ସୀ ଜିଲାରେ। ସେମାନେ ନିର୍ମାଣାଧୀନ ପାଚେରି ନିକଟରେ ଝୁମ୍ପୁଡ଼ି ନିର୍ମାଣ କରି ରହିଥିଲେ ବୋଲି ପୋଲିସ ଯୁଗ୍ମ କମିଶନର ପୀୟୂଷ ମୋର୍ଡିଆ କହିଛନ୍ତି।

### ଦିଲ୍ଲୀରେ ମଙ୍କିପକ୍ସ ରୋଗୀ ଚିହ୍ନଟ

**ନୂଆଦିଲ୍ଲୀ,୧୬।୯(ପି.ଟି.):** ଦିଲ୍ଲୀରେ ରହୁଥିବା ଜଣେ ୩୦ ବର୍ଷୀୟ ନାଇଜେରୀୟ ମହିଳାଙ୍କଠାରେ ମଙ୍କିପକ୍ସ ଭୂତାଣୁ ଚିହ୍ନଟ ହୋଇଛି। ତାଙ୍କୁ ମିଶାଇ ଦିଲ୍ଲୀରେ ମଙ୍କିପକ୍ସ ମାମଲା ୮ରେ ପହଞ୍ଚିଥିବାବେଳେ ସାରା ଦେଶରେ ଏହା ୧୩କୁ ବୃଦ୍ଧି ପାଇଛି। ମହିଳାଙ୍କୁ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଜଣେ ମଙ୍କିପକ୍ସ ସନ୍ଦିଗ୍ଧ ନାଇଜେରୀୟଙ୍କୁ ମଧ୍ୟ ଉକ୍ତ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଦିଲ୍ଲୀର ମୋଟ ୮ ସଂକ୍ରମିତଙ୍କ ମଧ୍ୟରୁ ୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ଲଣ୍ଡନରେ ୨ ପୋଲିସ ଅଫିସରଙ୍କୁ ଛୁରାମାଡ଼

**ଲଣ୍ଡନ,୧୬।୯:** କେନ୍ଦ୍ରୀୟ ଲଣ୍ଡନର ଲିସେଷ୍ଟର ସ୍କୋୟାର ଅଞ୍ଚଳରେ ଶୁକ୍ରବାର ଦୁଇ ପୋଲିସ ଅଫିସରଙ୍କୁ ଛୁରାମାଡ଼ ହୋଇଛି। ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ସହ ମହାରାଣୀଙ୍କ ମୃତ୍ୟୁ କିମ୍ବା ଆତଙ୍କବାଦୀ କାର୍ଯ୍ୟର କୌଣସି ସମ୍ପୃକ୍ତ ନ ଥିବା ପୋଲିସ କହିଛି। ଆକ୍ରମଣରେ ସମ୍ପୃକ୍ତ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ପୋଲିସ ଗିରଫ କରିଛି। ପୁରୁଷ ପୋଲିସ ଅଧିକାରୀଙ୍କ ବେକରେ ୩ ଥର ଏବଂ ଛାତିରେ ଥରେ ଛୁରି ଭୁସାଯାଇଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମହିଳା ଅଫିସରଙ୍କ ହାତରେ ଛୁରାମାଡ଼ ହୋଇଛି।

### ଏଏପି ବିଧାୟକଙ୍କ ଘରୁ ବେଆଇନ ଅସ୍ତ୍ର, ୧୨ ଲକ୍ଷ ଟଙ୍କା ଜବତ

**ନୂଆଦିଲ୍ଲୀ,୧୬।୯:** ଦିଲ୍ଲୀ ପୋଲିସର ଦୁର୍ନୀତି ନିବାରଣ ଶାଖା (ଏସିବି) ପକ୍ଷରୁ ଶୁକ୍ରବାର ଏଏପି ବିଧାୟକ ଅମନତୁଲ୍ଲା ଖାନ୍ ଓ ତାଙ୍କ ବ୍ୟବସାୟ ସହଯୋଗୀ ହମିଦ ଅଲି ଖାନ୍ ମାସୁଦ୍ ଉସ୍‌ମାନଙ୍କ ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ବିଧାୟକଙ୍କ ଘରୁ ନଗଦ ୧୨ ଲକ୍ଷ ଟଙ୍କା ଏବଂ ବେରେଟ୍ଟା ବନ୍ଧୁକ ଓ ଗୁଳି ଜବତ ହୋଇଛି। ଦୁଇବର୍ଷ ତଳର ଦିଲ୍ଲୀ ୱାକଫ୍ ବୋର୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ବିଧାୟକ ଖାନ୍‌ଙ୍କୁ ଶୁକ୍ରବାର ଜେରା କରାଯାଇଥିଲା। ଏସିବି ଦିଲ୍ଲୀ ୱାକଫ୍ ବୋର୍ଡ ନିଯୁକ୍ତି ଅନିୟମିତତା ମାମଲାର ତଦନ୍ତ କରୁଛି।



ସମରକନ୍ଦ ଏସ୍‌ସିଓ ସମ୍ମିଳନୀରେ ବାମରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କାଜାଖସ୍ତାନ ରାଷ୍ଟ୍ରପତି କାସିମ୍-ଜୋମାର୍ଟ ତୋକାୟେଭ୍, କିର୍ଗିଜସ୍ତାନ ରାଷ୍ଟ୍ରପତି ସାଦିର୍ ଜାପାରୋଭ୍, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କତ୍ ମିର୍ଜିୟୋୟେଭ୍, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍, ତାଜିକିସ୍ତାନ ରାଷ୍ଟ୍ରପତି ଏମୋମାଲି ରଖମୋନ୍ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍।

# ଏସ୍‌ସିଓ ନୂଆ କ୍ଷମତାକେନ୍ଦ୍ର

**ସମରକନ୍ଦ,୧୬।୯**

ସୋଭିଏଟ୍ ସଂଘର ପୂର୍ବତନ ସଦସ୍ୟ ଉଜ୍‌ବେକିସ୍ତାନରେ ଚାଲିଥିବା ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ଏହାକୁ ନୂଆ କ୍ଷମତାକେନ୍ଦ୍ର କହି ପ୍ରଶଂସା କରିଛନ୍ତି। ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ଆମେରିକାର ପରମ ଶତ୍ରୁ ପାଲଟିଥିବା ରୁଷିଆ ଏସ୍‌ସିଓ ସମିଟ୍‌କୁ ଏକ ୱାଶିଂଟନ ବିରୋଧୀ ମଞ୍ଚ ରୂପେ ଗଢ଼ି ତୋଳିବାକୁ ଉଦ୍ୟମ କରିଛି। ଏଥିରେ ସାମିଲ ଥିବା ଚାଇନା, ଇରାନ, ତୁର୍କୀ, ବେଲାରୁଷ ଓ ପାକିସ୍ତାନ ମଧ୍ୟ ଆମେରିକା ବିରୋଧୀ ହୋଇଥିବାରୁ ପରୋକ୍ଷରେ ପୁଟିନ୍ ଏଥିରୁ ଫାଇଦା ଉଠାଇବାକୁ ଯଥାସମ୍ଭବ ପ୍ରୟାସ ଚଳାଇଛନ୍ତି। ପୁଟିନ୍ କହିଛନ୍ତି, ନୂଆ କ୍ଷମତାକେନ୍ଦ୍ରର ପ୍ରଭାବ ବୃଦ୍ଧି ଦିନକୁ ଦିନ ଅଧିକ ସ୍ପଷ୍ଟ ହେବାରେ ଲାଗିଛି।

ଏସ୍‌ସିଓ ସମ୍ମିଳନୀରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରଇସି, ତୁର୍କୀ ରାଷ୍ଟ୍ରପତି ରେସେପ୍ ଟୈୟିପ୍ ଏର୍ଡୋଗାନ୍, ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫଙ୍କ ସହ ପୁଟିନ୍ ଆଲୋଚନା କରିଛନ୍ତି। ଏମାନେ ସମସ୍ତେ ହେଲେ ଆମେରିକା ବିରୋଧୀ। ୟୁକ୍ରେନ୍ ଆକ୍ରମଣ ପରେ ରୁଷିଆ ଉପରେ ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ଅନେକ କଠୋର କଟକଣା ଜାରି କରାଯାଇଛି। ପାଶ୍ଚାତ୍ୟର ଏହି ଉଦ୍ୟମ ସତ୍ତ୍ୱେ ରୁଷିଆ ସମ୍ପୂର୍ଣ୍ଣ ଭାବେ ଏକଘରିକିଆ ହୋଇନାହିଁ ବୋଲି ପୁଟିନ୍ ଏସ୍‌ସିଓ ସମ୍ମିଳନୀରେ ଦର୍ଶାଇବାକୁ ଭରପୂର ଉଦ୍ୟମ କରିଛନ୍ତି। ସେପଟେ ତୃତୀୟ ଥର ପାଇଁ ରାଷ୍ଟ୍ରପତି ପଦ ବଜାୟ ରଖି ତାଇୱାନ୍ ଦଖଲ ପାଇଁ ସ୍ୱପ୍ନ ଦେଖୁଥିବା ଜିନ୍‌ପିଙ୍ଗ୍ ମଧ୍ୟ ପରୋକ୍ଷରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ସମର୍ଥନ କରି ଆମେରିକାକୁ ନ୍ୟୂନ ଦେଖାଇବାକୁ ଚାହିଁଛନ୍ତି। ସମରକନ୍ଦ ସମ୍ମିଳନୀରେ ପୁଟିନ୍‌ଙ୍କ ସହ ଆଲୋଚନା ବେଳେ ଜିନ୍‌ପିଙ୍ଗ୍ କହିଥିଲେ, ରୁଷିଆ ଓ ଚାଇନାର ପାରସ୍ପରିକ ସ୍ୱାର୍ଥ ସାଧନ ନିମନ୍ତେ ମସ୍କୋ ସହ ମହାଶକ୍ତି ଭୂମିକାରେ ଅବତୀର୍ଣ୍ଣ ହେବାକୁ ବେଜିଂ ଆଗ୍ରହୀ। ଏହାର ଉତ୍ତରରେ ପୁଟିନ୍ କହିଥିଲେ, ୱାନ୍ ଚାଇନା ପଲିସିକୁ ଆମେ ଗ୍ରହଣ କରିବା ସହ ତାଇୱାନ୍ ପ୍ରସଙ୍ଗରେ ଆମେରିକାର ହସ୍ତକ୍ଷେପକୁ ନିନ୍ଦା କରୁଛୁ। ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ପୁଟିନ୍‌ଙ୍କୁ କହିଥିଲେ, ଆମେରିକାର କଟକଣା ଆମ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜଭୁତ କରିବ। ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପଛରେ ରହି କଟକଣା ଭୋଗୁଥିବା ବେଲାରୁଷ ଷ୍ଟ୍ରଙ୍ଗମ୍ୟାନ୍ ଲୁକାଶେଙ୍କୋ ପାଶ୍ଚାତ୍ୟ ନେତାମାନଙ୍କୁ ନିନ୍ଦା କରିବା ସହ ପୁଟିନ୍ ଓ ଜିନ୍‌ପିଙ୍ଗଙ୍କୁ ସମର୍ଥନ ପାଇଁ ଧନ୍ୟବାଦ ଦେଇଛନ୍ତି। ଏସବୁ ଭିତରେ ଆମେରିକା ଏହି ସମ୍ମିଳନୀ ଉପରେ କଡ଼ା ନଜର ରଖିଛି।

### ଗୋଟିଏ ମଞ୍ଚରେ ଆମେରିକା ବିରୋଧୀ



### ୨୦୨୩ରେ ଅଧ୍ୟକ୍ଷତା କରିବ ଭାରତ

ଚଳିତବର୍ଷର ଏସ୍‌ସିଓ ସମ୍ମିଳନୀ ଉଜ୍‌ବେକିସ୍ତାନ ଅଧ୍ୟକ୍ଷତାରେ ଚାଲିଥିବାବେଳେ ୨୦୨୩ରେ ଏଥିରେ ଭାରତ ଅଧ୍ୟକ୍ଷତା କରିବ। ଏଥିପାଇଁ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କତ୍ ମିର୍ଜିୟୋୟେଭ୍ ଶୁକ୍ରବାର ଭାରତକୁ ୮ ସଦସ୍ୟ ବିଶିଷ୍ଟ ଏସ୍‌ସିଓର ଅଧ୍ୟକ୍ଷତା ହସ୍ତାନ୍ତର କରିଛନ୍ତି। ଆମ ରଣନୈତିକ ସହଯୋଗୀ ଭାରତକୁ ଏହି ଦାୟିତ୍ୱପୂର୍ଣ୍ଣ ମିଶନରେ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ଉଜ୍‌ବେକ୍ ବହିର୍ବ୍ୟାପାର ମନ୍ତ୍ରୀ ଭ୍ଲାଡିମିର ନୋରୋଭ୍ ଟୁଇଟ୍ କରିଛନ୍ତି। ସମରକନ୍ଦ ସମ୍ମିଳନୀରେ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରନେତାଙ୍କ ମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରଇସି, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ମଧ୍ୟ ସାମିଲ ଥିଲେ। ଏହି ଅବସରରେ ଜିନ୍‌ପିଙ୍ଗ୍ କହିଥିଲେ, ପରବର୍ତ୍ତୀ ବର୍ଷ ଭାରତ ଏସ୍‌ସିଓ ସମ୍ମିଳନୀ ଆୟୋଜନ କରିବ। ଏଥିପାଇଁ ଚାଇନା ସମର୍ଥନ କରିବ। ଭାରତକୁ ଅଭିନନ୍ଦନ।

### ଏସ୍‌ସିଓ: ଇତିହାସ, ଭୂଗୋଳ

➡ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ହେଉଛି ଏକ ୟୁରୋସୀୟ (ୟୁରୋପୀୟ ଓ ଏସୀୟ) ରାଜନୈତିକ, ଅର୍ଥନୈତିକ ଏବଂ ସୁରକ୍ଷା ସଙ୍ଗଠନ।

➡ଭୌଗୋଳିକ ପରିସର ଓ ଜନସଂଖ୍ୟା ଦୃଷ୍ଟିରୁ ଏହା ବିଶ୍ୱର ସର୍ବବୃହତ୍ ଆଞ୍ଚଳିକ ସଙ୍ଗଠନ। ଏହା ମଧ୍ୟରେ ୟୁରୋସିଆର ୬୦% ଅଞ୍ଚଳ ଓ ୩୦% ଜନସଂଖ୍ୟା ଆସୁଛି। ବିଶ୍ୱର ୩୦%ରୁ ଊର୍ଦ୍ଧ୍ୱ ମୋଟ ଘରୋଇ ଉତ୍ପାଦ (ଜିଡିପି) କେବଳ ଏସ୍‌ସିଓରୁ ଆସିଥାଏ।

➡୧୯୯୬ରେ ଚାଇନା, କାଜାଖସ୍ତାନ, କିର୍ଗିଜସ୍ତାନ, ରୁଷିଆ ଓ ତାଜିକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ପାରସ୍ପରିକ ସୁରକ୍ଷା ଚୁକ୍ତି ବଳରେ ଏସ୍‌ସିଓ ପ୍ରତିଷ୍ଠା କରାଯାଇଥିଲା।

➡୨୦୦୧ ଜୁନ୍ ୧ରେ ଏହି ୫ ରାଷ୍ଟ୍ର ସହ ଉଜ୍‌ବେକିସ୍ତାନର ନେତାମାନେ ସାଂଘାଇରେ ଏକାଠି ହୋଇ ରାଜନୈତିକ ଓ ଅର୍ଥନୈତିକ ସହଯୋଗ ବୃଦ୍ଧି ନିମନ୍ତେ ଏକ ନୂଆ ସଙ୍ଗଠନ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ।

➡୨୦୦୨ ଜୁଲାଇ ୭ରେ ଏସ୍‌ସିଓ ଚାର୍ଟର ସ୍ୱାକ୍ଷରିତ ହୋଇଥିଲା, ଯାହାକି ୨୦୦୩ ସେପ୍ଟେମ୍ବର ୧୯ରୁ କାର୍ଯ୍ୟକାରୀ ହେଲା।

➡ଏସ୍‌ସିଓର ସଦସ୍ୟତା ୯ଟି ଦେଶକୁ ବିସ୍ତାର ଲାଭ କରିଥିବାବେଳେ ୨୦୧୭ ଜୁନ୍ ୯ରେ ଭାରତ ଓ ପାକିସ୍ତାନ ଏଥିରେ ସାମିଲ ହୋଇଥିଲେ। ଅନେକ ଦେଶ ଏଥିରେ ପର୍ଯ୍ୟବେକ୍ଷକ କିମ୍ବା ଆଲୋଚନା ସହଭାଗୀ ରୂପେ ଯୋଗଦେଇଛନ୍ତି। ଅବ୍‌ଜର୍ଭର ରାଷ୍ଟ୍ର ରୂପେ ଇରାନ, ମଙ୍ଗୋଲିଆ, ଆଫଗାନିସ୍ତାନ ସାମିଲ ହୋଇଥିବାବେଳେ ଡାଇଲଗ୍ ପାର୍ଟନର ହେଉଛନ୍ତି ବେଲାରୁଷ, ଶ୍ରୀଲଙ୍କା, ତୁର୍କୀ, କାମ୍ବୋଡିଆ, ଆଜରବୈଜାନ, ନେପାଳ, ଆର୍ମେନିଆ, ଇଜିପ୍ଟ ଓ କାତାର।

➡ଏସ୍‌ସିଓ ଏହାର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ହେଡ୍ସ ଅଫ୍ ଷ୍ଟେଟ୍ କାଉନ୍‌ସିଲ (ଏଚ୍‌ଏସ୍‌ସି) ଦ୍ୱାରା ପରିଚାଳିତ। ଏହାର ବୈଠକ ବର୍ଷକୁ ଥରେ ବସିଥାଏ।

➡ସାଧାରଣତଃ ଏସ୍‌ସିଓ ସମ୍ମିଳନୀର ଦୁଇଟି ଅଧିବେଶନ ହୋଇଥାଏ। ସୀମିତ ଅଧିବେଶନରେ କେବଳ ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଭାଗନେଇଥାଆନ୍ତି। ପରିବର୍ଦ୍ଧିତ ଅଧିବେଶନରେ ପର୍ଯ୍ୟବେକ୍ଷକ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରାଷ୍ଟ୍ର ସାମିଲ ହୋଇଥାଆନ୍ତି।

# ‘ଭାରତ ହେବ ନିର୍ମାଣ ହବ୍’

କୋଭିଡ୍-୧୯ ମହାମାରୀ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ବୈଶ୍ୱିକ ଯୋଗାଣଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତକୁ ଏକ ମାନୁଫାକ୍ଚରିଂ ହବ୍‌ରେ ପରିଣତ କରାଯିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଜ୍‌ବେକିସ୍ତାନର ସମରକନ୍ଦରେ ଆୟୋଜିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେଇ କହିଛନ୍ତି।



ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକର କାଉନ୍‌ସିଲ ଅଫ୍ ହେଡ୍ସ (ଏସ୍‌ସିଓ-ସିଓଏଚ୍‌ଏସ୍)ର ପରିବର୍ଦ୍ଧିତ ଫର୍ମାଟ୍‌କୁ ସମ୍ବୋଧିତ କରି ମୋଦି କହିଛନ୍ତି, ଆମର ଜନକୈନ୍ଦ୍ରିକ ନମୁନାରେ କାରିଗରିର ଉପଯୁକ୍ତ ବ୍ୟବହାର ଉପରେ ଅନେକ ଗୁରୁତ୍ୱ ଦିଆଯାଉଛି। ଭାରତକୁ ଏକ ନିର୍ମାଣର ହବ୍‌ରେ ପରିଣତ କରିବା ଦିଗରେ ଆମେ ଆଗେଇ ଚାଲିଛୁ। ଦେଶରେ ୭୦,୦୦୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ଓ ଶତାଧିକ ୟୁନିକର୍ନ ରହିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନବଉନ୍ମେଷକୁ ସମର୍ଥନ କରାଯାଉଛି। ଏହା ଭାରତର ଆର୍ଥିକ ସ୍ଥିରତାକୁ ଦର୍ଶାଉଛି। ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତିରେ ୭.୫% ଅଭିବୃଦ୍ଧି ଘଟିବା ଆଶା କରାଯାଉଛି, ଯାହାକି ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକଠାରୁ ସର୍ବାଧିକ। ଯୋଗାଣଶୃଙ୍ଖଳରେ ପ୍ରତିକୂଳ ସ୍ଥିତିର ମୁକାବିଲା ଦକ୍ଷତା ବୃଦ୍ଧି, ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଏବଂ ପାରସ୍ପରିକ ଟ୍ରାଞ୍ଜିଟ୍ ଅଧିକାର ଗୁରୁତ୍ୱପୂର୍ଣ୍ଣ ହେବ। ଏସ୍‌ସିଓ ଆମ ଅଞ୍ଚଳରେ ଏକ ରେଜିଲିଆଣ୍ଟ ସପ୍ଲାଏ ଚେନ୍ ପ୍ରତିଷ୍ଠା ଲାଗି ଉଦ୍ୟମ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ମତ ରଖିଛନ୍ତି। ଆଫଗାନିସ୍ତାନକୁ ପାକିସ୍ତାନ ଦେଇ ପଠାଯାଇଥିବା ସାମଗ୍ରୀ ପହଞ୍ଚିବାରେ ଅନେକ ମାସ ଲାଗିଯାଇଥିଲା। ଏଭଳି ବିଳମ୍ବକୁ ଏଡ଼ାଇବା ଲାଗି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଖାଦ୍ୟ ଯୋଗାଣର ଏକ ‘ଟ୍ରାଞ୍ଜିଟ୍ ରାଇଟ୍ସ’ କରାଯିବା ପ୍ରସଙ୍ଗ ମୋଦି ଉଠାଇଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କତ୍ ମିର୍ଜିୟୋୟେଭ୍ ୨୨ତମ ଏସ୍‌ସିଓ ସମିଟ୍‌ର କଂଗ୍ରେସ ସେଣ୍ଟରକୁ ସ୍ୱାଗତ କରିଥିଲେ। ଉଜ୍‌ବେକିସ୍ତାନର ଅଧ୍ୟକ୍ଷତାରେ ସଫଳତା ପାଇଁ ଭାରତ ସମ୍ପୂର୍ଣ୍ଣ ସହଯୋଗ କରୁଛି।

# ଏହା ଯୁଦ୍ଧର ଯୁଗ ନୁହେଁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଲ୍କ ରୋଡ୍ ସିଟି ସମରକନ୍ଦରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା କରିଛନ୍ତି। ମୋଦି ପୁଟିନ୍‌ଙ୍କୁ କହିଛନ୍ତି, ବର୍ତ୍ତମାନ ଯୁଦ୍ଧର ଯୁଗ ନୁହେଁ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରିପ୍ରେକ୍ଷୀରେ ଉପୁଜିଥିବା ବୈଶ୍ୱିକ ଖାଦ୍ୟ ଓ ଶକ୍ତି ସଙ୍କଟର ସମାଧାନ ପାଇଁ ଉପାୟ ବାହାର କରାଯିବା ଆବଶ୍ୟକ। ପୁଟିନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ମୋଦି ଗଣତନ୍ତ୍ର, ଆଲୋଚନା ଓ କୂଟନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଆଜି ସାରା ବିଶ୍ୱ ବିଶେଷକରି ବିକଶିତ ରାଷ୍ଟ୍ରଗୁଡ଼ିକ ଆଗରେ ଖାଦ୍ୟ ନିରାପତ୍ତା, ଇନ୍ଧନ ନିରାପତ୍ତା ଓ ସାର ଯୋଗାଣ ସବୁଠୁ ବଡ଼ ଚିନ୍ତାର ବିଷୟ ପାଲଟିଛି।

### ପୁଟିନ୍‌ଙ୍କୁ ମୋଦି କହିଲେ

ଆମକୁ ଏହି ସମସ୍ୟାର ସମାଧାନ ବାହାର କରିବାକୁ ପଡ଼ିବ। ଆପଣଙ୍କୁ ମଧ୍ୟ ଏହା ଉପରେ ବିଚାର କରିବାକୁ ପଡ଼ିବ। ପୁଟିନ୍ ନିଜ ବକ୍ତବ୍ୟ ରଖି କହିଥିଲେ, ୟୁକ୍ରେନ୍ ସଂଘର୍ଷକୁ ନେଇ ଭାରତର ଚିନ୍ତା ଉପରେ ସେ ସଚେତନ ଅଛନ୍ତି। ରୁଷିଆ ଏହାର ଅନ୍ତ ଘଟାଇବା ପାଇଁ ଯଥାଶୀଘ୍ର ସମ୍ଭବ ସବୁକିଛି କରିବ। ୟୁକ୍ରେନ୍ ଆଲୋଚନାରୁ ମୁହଁ ଫେରାଇ ନେଇଛି ଏବଂ ଯୁଦ୍ଧଭୂମିରେ ସାମରିକ ଉପାୟରେ ନିଜ ଲକ୍ଷ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି। ସେଠାରେ ଯାହାକିଛି ଚାଲିଛି, ସେସବୁ ଉପରେ ଆମେ ଆପଣଙ୍କୁ ଅବଗତ କରାଇବୁ ବୋଲି ପୁଟିନ୍ ମୋଦିଙ୍କୁ କହିଥିଲେ।

# ‘ଆମ୍ବେଡ୍‌କର ଆଣ୍ଡ୍ ମୋଦି: ରିଫର୍ମର୍ସ ଆଇଡିଆଜ୍ ପର୍ଫର୍ମର୍ସ ଇମ୍ପ୍ଲିମେଣ୍ଟେଶନ’ ପୁସ୍ତକ ଉନ୍ମୋଚିତ

**ନୂଆଦିଲ୍ଲୀ,୧୬।୯**



ପୁସ୍ତକ ଉନ୍ମୋଚନ କରୁଛନ୍ତି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ପାଖରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ପୂର୍ବତନ ସିଜେଆଇ କେ.ଜି. ବାଲକ୍ରିଷ୍ଣନ ଏବଂ ବ୍ଲୁକାର୍ଟ ଡିଜିଟାଲ ଫାଉଣ୍ଡେଶନର ନିର୍ଦ୍ଦେଶକ ହିତେଶ ଜୈନ।

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ନୂଆଦିଲ୍ଲୀରେ ‘ଆମ୍ବେଡ୍‌କର ଆଣ୍ଡ୍ ମୋଦି: ରିଫର୍ମର୍ସ ଆଇଡିଆଜ୍, ପର୍ଫର୍ମର୍ସ ଇମ୍ପ୍ଲିମେଣ୍ଟେଶନ’ ପୁସ୍ତକ ଉନ୍ମୋଚନ କରିଛନ୍ତି। ପୁସ୍ତକ ଉନ୍ମୋଚନ ସମାରୋହରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ପୂର୍ବତନ ସିଜେଆଇ କେ.ଜି. ବାଲକ୍ରିଷ୍ଣନ, କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ ଏବଂ ବ୍ଲୁକାର୍ଟ ଡିଜିଟାଲ ଫାଉଣ୍ଡେଶନର ନିର୍ଦ୍ଦେଶକ ହିତେଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକ କେବଳ ମହାନ୍ ସଂସ୍କାରକ ବାବା ସାହେବ ଡ. ଭୀମରାଓ ଆମ୍ବେଡ୍‌କରଙ୍କର ମହାନ ନୀତି ଆଦର୍ଶ ଓ ଦୂରଦୃଷ୍ଟିର ସଂକଳନ ନୁହେଁ, ସେଗୁଡ଼ିକ କିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଛି, ତାହାର ଏକ ସଂକଳନ। ଆମ୍ବେଡ୍‌କରଙ୍କ ଦୂରଦୃଷ୍ଟିକୁ ହୃଦୟଙ୍ଗମ କରିବା ଲାଗି ଏହା ମହାନ ପ୍ରୟାସର ଏକ ପ୍ରଲେଖନ ବୋଲି ଅନୁରାଗ କହିଛନ୍ତି। ଏହି ଅବସରରେ ପୂର୍ବତନ ରାଷ୍ଟ୍ରପତି କୋବିନ୍ଦ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଆମ୍ବେଡକରଙ୍କୁ ଦୂରଦୃଷ୍ଟିକୁ ବାସ୍ତବରେ ପରିଣତ କରିବା ଦିଗରେ କାର୍ଯ୍ୟ କରୁଥିବା ମୋଦିଙ୍କୁ ସେ ସମାଜ ସଂସ୍କାରକଙ୍କ ପ୍ରକୃତ ଅନୁଗାମୀ ବୋଲି ଅଭିହିତ କରିଥିଲେ। ସେହିପରି ପୂର୍ବତନ ସିଜେଆଇ ଜଷ୍ଟିସ ବାଲକ୍ରିଷ୍ଣନ୍ ତାଙ୍କ ଉଦ୍‌ବୋଧନରେ ଆମ୍ବେଡ୍‌କରଙ୍କ ଅବଦାନ ସମ୍ପର୍କରେ ସ୍ମରଣ କରିବା ସହ ତାଙ୍କୁ ଭାରତର ମହାନ ଚିନ୍ତାନାୟକ ବୋଲି କହିଥିଲେ।

### ଚାଇନା ଲୋନ୍ ଆପ୍ ମାମଲା

# ୪୬ କୋଟି ଜବତ

**ନୂଆଦିଲ୍ଲୀ,୧୬।୯**

ଚାଇନାର ବେଆଇନ ଲୋନ୍ ଏବଂ ବେଟିଂ ଆପ୍ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଦିଲ୍ଲୀ, ଗାଜିଆବାଦ, ମୁମ୍ବାଇ, ଲକ୍ଷ୍ନୌ ଏବଂ ଗୟାର ବ୍ୟବସାୟିକ ଓ ଆବାସିକ ସ୍ଥାନରେ ଚଢ଼ାଉ କରିଛି। ଏଚ୍‌ପିଜେଡ୍ ଓ ଏହା ସହ ସମ୍ପୃକ୍ତ କମ୍ପାନୀ ଉପରେ ଚଢ଼ାଉ କରାଯାଇଥିଲା। ଏଚ୍‌ପିଜେଡ୍ ଟୋକନ୍ ମାମଲା ସହ ସମ୍ପୃକ୍ତ ପେଟିଏମ୍, ରାଜୋରପେ, କ୍ୟାଶଫ୍ରି ଏବଂ ଏଜ୍‌ବୁଜ୍ ପ୍ରାଇଭେଟ ଲିମିଟେଡ୍‌ର ୪୬ କୋଟି ଟଙ୍କା ଇଡି ଜବତ କରିଛି। ଏହା ବ୍ୟତୀତ ଦିଲ୍ଲୀ, ଗୁରୁଗ୍ରାମ, ମୁମ୍ବାଇ, ପୁଣେ, ଚେନ୍ନାଇ, ହାଇଦ୍ରାବାଦ, ଜୟପୁର, ଯୋଧପୁର ଏବଂ ବେଙ୍ଗାଲୁରୁରେ ଥିବା ବିଭିନ୍ନ ବ୍ୟାଙ୍କ ଏବଂ ପେମେଣ୍ଟ ଗେଟ୍‌ୱେ ଶାଖା ଓ କାର୍ଯ୍ୟାଳୟ ଉପରେ ମଧ୍ୟ ଇଡି ଚଢ଼ାଉ କରିଥିଲା।

# ଜିଗ୍ନେଶ ମେଭାନିଙ୍କୁ ୬ ମାସ ଜେଲ

**ନୂଆଦିଲ୍ଲୀ,୧୬।୯**

### ଦଙ୍ଗା ସୃଷ୍ଟି ଓ ବେଆଇନ ସମାବେଶ ମାମଲା



୨୦୧୬ରେ ଦଙ୍ଗା ସୃଷ୍ଟି ଏବଂ ବେଆଇନ ଭାବେ ଏକତ୍ର ହେବା ମାମଲାରେ ଅହମଦାବାଦର ଏକ ଅଦାଲତ ଶୁକ୍ରବାର ଗୁଜରାଟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଜିଗ୍ନେଶ ମେଭାନି ଏବଂ ଅନ୍ୟ ୧୮ ଜଣଙ୍କୁ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଗୁଜରାଟ ବିଶ୍ୱବିଦ୍ୟାଳୟର ଏକ ନିର୍ମାଣାଧୀନ ବିଲ୍ଡିଂକୁ ବି.ଆର୍. ଆମ୍ବେଡ୍‌କରଙ୍କ ନାମରେ ନାମିତ କରିବା ଦାବିରେ ୨୦୧୬ରେ ମେଭାନିଙ୍କ ସହ ରାଷ୍ଟ୍ରୀୟ ଦଳିତ ଅଧିକାର ମଞ୍ଚର ସଦସ୍ୟମାନେ ବିକ୍ଷୋଭ କରିଥିଲେ। ଏହି ଘଟଣାରେ ମୋଟ ୨୦ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ଦଙ୍ଗା ସୃଷ୍ଟି କରିବା ଏବଂ ବେଆଇନ ଭାବେ ଏକତ୍ର ହେବା ନେଇ ମାମଲା ରୁଜୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୯ ଜଣଙ୍କୁ ୬ ମାସ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହିତ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ପି.ଏନ୍. ଗୋସ୍ୱାମୀ ଅଭିଯୁକ୍ତମାନଙ୍କ ଉପରେ ଜରିମାନା ଲଗାଇଛନ୍ତି। ଅକ୍ଟୋବର ୧୭ ମଧ୍ୟରେ ସେମାନେ ଦଣ୍ଡାଦେଶ ବିରୋଧରେ ଉପର କୋର୍ଟରେ ଆବେଦନ କରିପାରିବେ।

ଦଳିତ ନେତା ମେଭାନି ୨୦୧୭ ବିଧାନସଭା ନିର୍ବାଚନରେ କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ପରେ ତାଙ୍କୁ କଂଗ୍ରେସ ଗୁଜରାଟ ଶାଖାର କାର୍ଯ୍ୟକାରୀ ସଭାପତି କରାଯାଇଥିଲା। ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ମେଭାନିଙ୍କୁ ଜେଲଦଣ୍ଡ ଦଳ ପାଇଁ ବଡ଼ ଝଟ୍‌କା ହୋଇଛି। ୨୦୧୭ରେ ବିନା ଅନୁମତିରେ ରାଲି ବାହାର କରିବା ମାମଲାରେ ଗତ ମେ’ ମାସରେ ମେଭାନିଙ୍କୁ ୩ ମାସ ଜେଲଦଣ୍ଡ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିବା ଏବଂ ଅନ୍ୟ ଏକ ମାମଲାରେ ଗତ ଏପ୍ରିଲରେ ମେଭାନିଙ୍କୁ ଆସାମ ପୋଲିସ ଗିରଫ କରିଥିଲା। ଉଭୟ ମାମଲାରେ ତାଙ୍କୁ ଜାମିନ ମିଳିଥିଲା।

## ସଂକ୍ଷେପରେ

### ନିଟ୍ରା ପାଳିଲା ଇଞ୍ଜିନିୟର୍ସ ଦିବସ




ରାଉରକେଲା ଅଫିସ,୧୬।୯: ରାଉରକେଲା କ୍ଲବ ପରିସରରେ ଏନ୍‌ଆଇଟି ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ନିଟ୍ରା ପକ୍ଷରୁ ଇଞ୍ଜିନିୟର୍ସ ଦିବସ ଅଧ୍ୟକ୍ଷ ଇଂ. ବିମଳ ବିଶିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ସାଧାରଣ ସମ୍ପାଦକ ଅନୁପ ଅଗ୍ରୱାଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି, ଏନ୍‌ଆଇଟିର ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ ସମ୍ମାନିତ ଅତିଥି, ନିଟ୍ରା ସଭାପତି ଇଂ. ଅଶୋକ କୁମାର ବାସା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଇଞ୍ଜିନିୟର୍ସ ଦିବସ ପାଳନ ଉପରେ ମତପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ଡିସେମ୍ବରରେ ଏନ୍‌ଆଇଟି ଓ ନିଟ୍ରାର ମିଳିତ ଆନୁକୂଲ୍ୟରେ ଡାଇମଣ୍ଡ ଜୁବିଲି ପାଳନ କରାଯିବ ବୋଲି ଘୋଷଣା କରାଯାଇଥିଲା। ଭାରତ ଭୂଷଣ ମହାନ୍ତି, ଫକୀର ଚରଣ ମହାନ୍ତି, ବିମଳ ସାଦୁଆଲ, ଭାବନୀ ପାଢ଼ୀ, ପ୍ରଫେସର ହୃଷିକେଶ ନାୟକ, କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ରାହୁଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ବିପଦସଙ୍କୁଳ ଅବସ୍ଥାରେ ଟିକିରା ନଦୀ ପୋଲ ପାରାପେଟ, ଛାତ



ରିଆମାଳ, ୧୬।୯ (ଡି.ଏନ୍.ଏ.): ଦେବଗଡ ଜିଲା ରିଆମାଳ ବ୍ଲକର ବୁଢ଼ାପାଲ ନିକଟସ୍ଥ ଜାତୀୟ ରାଜପଥର ଟିକିରା ନଦୀରେ ପ୍ରାୟ ୫୦ବର୍ଷ ପୂର୍ବେ ପୋଲ ନିର୍ମାଣ କରାଯାଇଥିଲା। ଏହି ପୋଲ ଉପର ଦେଇ ରାଞ୍ଚି-ବିଜୟୱାଡା ରାସ୍ତା ଯାଇଛି। ଏହି ପୋଲ ଦେଇ ପୂର୍ବ ଓଡ଼ିଶାର ବିଭିନ୍ନ ସହରକୁ ବହୁତ ସଂଖ୍ୟାରେ ତଥା ଛତିଶଗଡ ଏବଂ ଝାଡ଼ଖଣ୍ଡର ବିଭିନ୍ନ ସହରକୁ ଯାନବାହାନ ଯାତାୟତ କରୁଛି। ଏହା ଛଡା ଶହଶହ ସଂଖ୍ୟାରେ କୋଇଲା ଏବଂ ଲୁହାପଥର ଟ୍ରକ ମଧ ଯିବା ଆସିବା କରୁଛି। ବହୁ ବର୍ଷ ହେଲାଣି ଟିକିରା ପୋଲର ପାରାପେଟ ଭାଙ୍ଗି ମୁକୁଳା ଅବସ୍ଥାରେ ପଡିରହିଛି। ପୋଲ ଛାତର ଉପର ଭାଗରୁ ସିମେଣ୍ଟ କଂକ୍ରିଟ ଛାଡିଯିବା ଫଳରେ ଲୁହାଛଡ ସବୁ ବାହାରି ଗଲାଣି। ଏହା ଉପର ଦେଇ ଦୈନିକ ଯାତାୟତ କରୁଥିବା ଯାନବାହାନଗୁଡିକର ଟାୟାର ଛଡ ସଂସ୍ପର୍ଶରେ ଆସି ନଷ୍ଟ ହେଉଛି। ପୋଲର ପାରାପେଟ ଭାଙ୍ଗି ଯାଇଥିବା ଫଳରେ ପୋଲ ଉପରୁ ନଦୀ ଭିତରକୁ ଗାଡି ପଡିଯିବାର ବହୁତ ସମ୍ଭାବନା ଅଛି। ସେଥିପାଇଁ ଦେବଗଡ ଜାତୀୟ ରାଜପଥ ବିଭାଗ ତୁରନ୍ତ ଏହାର ମରାମତି କରିବା ନିମନ୍ତେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ, ଟଙ୍କଧର ଦେହୁରୀ, ଧରଣୀ ନାଏକ, ପ୍ରଦୀପ କୁମାର ଭୁତିଆ, ମୁକୁନ୍ଦ ବେହେରା , ରୋହିତ କୁମାର ବେହେରା, ପ୍ରଦିପ ବେହେରା, ଆଶୁତୋଷ ବେହେରା ପ୍ରମୁଖ ଦାବି କରିଛନ୍ତି।

### ଏନ୍‌ଏସ୍‌ଏସ୍‌ର ସଚେତନତା କାର୍ଯ୍ୟକ୍ରମ

ବୋଡେନ,୧୬।୯(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜରେ ଜାତୀୟ ସେବା ସଂସ୍ଥା ଓ ଏନ୍‌ଡିଆର୍‌ଏଫ୍‌ର ମିଳିତ ଆନୁକୂଲ୍ୟରେ ପରବାର ଓ ସମୁଦାୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲେଜ ଅଧକ୍ଷ ଅବନୀ କୁମାର ଖମାରୀଙ୍କ ଅଧକ୍ଷତାରେ ଏନ୍‌ଡିଆର୍‌ଏଫ୍ ସବ୍‌ଇନିସ୍ପେକ୍ଟର ଅଭିଷେକ ମିଶ୍ର ଓ ନିତେଶ କୁମାର ଯୋଗଦାନ କରି ବିପତ୍ତି ସମୟରେ ପରିବାର ତଥା ସମୁଦାୟଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯାଇ ପାରିବ ତାର କୌଶଳ ଉପରେ ଆଲୋଚନା କରିଥିଲେ।

# ଦୁର୍ଘଟଣାରେ ଛାତ୍ରୀଙ୍କ ମୃତ୍ୟୁନେଇ ଉତ୍ତେଜନା, ରାସ୍ତାରୋକୋ

- କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

ଝାରସୁଗୁଡା ଅଫିସ୍,୧୬।୯

ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟ ରାସ୍ତାର ଜମିଦାରପଡ଼ା ନିକଟରେ ଶୁକ୍ରବାର ସକାଳ ସାଢେ ୯ଟାରେ ଏକ ହାଇଡ୍ରା (କ୍ରେନ୍) ଧକ୍କାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଜମିଦାରପଡାର ଲିଜା ଧୁରୁଆ(୧୮)। ଛାତ୍ରୀ ଜଣଙ୍କ ଅର୍ଡା କଲେଜରେ ଯୁକ୍ତ ୨କଳା ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିଲେ। ପ୍ରତିଦିନ ଭଳି ଶୁକ୍ରବାର ଛାତ୍ରୀ ଜଣଙ୍କ ଘରୁ ସାଇକେଲ୍‌ରେ ବାହାରି କଲେଜ ଯାଉଥିବାବେଳେ ହାଇଡ୍ରା ତାଙ୍କ ସାଇକେଲ୍‌କୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ବିଭିନ୍ନ ଦାବିନେଇ ରାସ୍ତାରୋକୋ କରିଥିଲେ। ମୃତକ ପରିବାରକୁ କ୍ଷତିପୂରଣ, ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ, ରାସ୍ତାର ଉନ୍ନତିକରଣ, ଯାନବାହାନ ଗତି ନିୟନ୍ତ୍ରଣ ପାଇଁ ରାସ୍ତାରେ ସ୍ପିଡ୍ ବ୍ରେକ୍‌ର ଲଗାଇବା ଆଦି ଦାବି କରିଥିଲେ। ରାସ୍ତାରୋକୋ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିବାବେଳେ ଯାତାୟାତରେ ବାଧାସୃଷ୍ଟି ହୋଇଥିଲା। ଖବରପାଇ ଉପଜିଲାପାଳ ଦୟାମୟ ପାଢୀ, ତହସିଲଦାର ବସନ୍ତ ହାତୀ, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ଅମିତାଭ ପଣ୍ଡା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ହେଲେ ଆନ୍ଦୋଳନକାରୀମାନେ ନିଜ ଜିଦରେ ଅଟଳ ରହିଥିଲେ। ତା'ପରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। କ୍ଷତିପୂରଣ ବାବଦକୁ ଜିଲା ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା, ବହୁଶୀଘ୍ର ରାସ୍ତାର ଉନ୍ନତିକରଣ, ବାଇପାସ୍ ରାସ୍ତା ନିର୍ମାଣ ହେବା ପରେ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ କରିବ, ରାସ୍ତାରେ ଯାନବାହାନ ଗତି ନିୟନ୍ତ୍ରଣ ପାଇଁ ସ୍ପିଡ୍ ବ୍ରେକର ଲାଗିବ, ମୃତକ ପରିବାରଙ୍କୁ ଅଧିକ କ୍ଷତିପୂରଣ ପାଇଁ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କ ସହିତ ଆଲୋଚନା କରାଯିବ ବୋଲି ଉପଜିଲାପାଳ ପାଢୀ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ରାସ୍ତାରୋକୋ ସକାଳ ସାଢେ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ପୋଲିସ ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଓଡି୨୩ଇ ୩୪୭୦ ହାଇଡ୍ରା (କ୍ରେନ୍)କୁ ପୋଲିସ ଜବତ କରିବା ସହିତ ଚାଳକଙ୍କୁ ଗିରଫ କରିଛି। ଏନେଇ ପୋଲିସ ଝାରସୁଗୁଡା ଟାଉନ୍ ଥାନାରେ ଏକ ମାମଲା (ନଂ. ୫୩୩/୨୨) ରୁଜୁକରି ତଦନ୍ତ ଚଳାଇଛି।



ଦୁର୍ଘଟଣା ପରେ ଉତ୍ତେଜିତ ଲୋକେ ରାସ୍ତା ଉପରେ ବସି ଆନ୍ଦୋଳନ କରୁଛନ୍ତି।

## ହକି ବିଶ୍ୱ କପ୍ ଆୟୋଜନ ନିମନ୍ତେ ବ୍ଲକସ୍ତରୀୟ ପୂର୍ବ ପ୍ରସ୍ତୁତି ବୈଠକ

କୁଆଁରମୁଣ୍ଡା,୧୬।୯(ଡି.ଏନ.ଏ.)

ଆସନ୍ତା ୨୦୨୩ ହକି ବିଶ୍ୱକପ୍ ରାଜ୍ୟ ସରକାର ଆୟୋଜନ କରୁଥିବାବେଳେ ଭୁବନେଶ୍ୱର ଓ ରାଉରକେଲାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଉକ୍ତ ହକି ବିଶ୍ୱକପ୍‌ରେ ରାଜ୍ୟରୁ କିଭଳି ନୂତନ ପ୍ରତିଭାବାନ ହକି ଖେଳାଳି ଚୟନ ହେବେ ସେ ନେଇ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି। ଅନୁରୂପଭାବେ ଶୁକ୍ରବାର କୁଆଁରମୁଣ୍ଡା ବ୍ଲକରେ ବିଡିଓ ତୃପ୍ତି ବରାଇଙ୍କ ସଂଯୋଜନାରେ ବ୍ଲକ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୦ଟି ପଞ୍ଚାୟତରୁ କିଭଳି ମହିଳା ଓ ପୁରୁଷ ମୋଟ ୨ଟି ଲେଖାଏଁ ଯୋଗ୍ୟ ଟିମ୍ ଚୟନ କରାଯାଇ ବ୍ଲକସ୍ତରକୁ ଉନ୍ନୀତ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ସର୍ବମୋଟ ୪୦ଟି ଟିମ୍ ମଧ୍ୟରୁ ବ୍ଲକରେ ପ୍ରତିଯୋଗିତା କରାଯାଇ ୧ଟି ଲେଖାଏଁ ଯୋଗ୍ୟ ମହିଳା ଓ ପୁରୁଷ ଟିମ୍ ଚୟନ କରାଯିବ। ଏହା ପରେ ଉଭୟ ଟିମ୍‌କୁ ଜିଲାସ୍ତରକୁ ପଠାଯାଇ ସେଠାରୁ ପୁଣି ଯୋଗ୍ୟ ଟିମ୍‌କୁ ରାଜ୍ୟସ୍ତରକୁ ପଠାଯିବାର ବ୍ୟବସ୍ଥା କରାଯାଉଛି। ଏହାର କିଭଳି ସଫଳ ରୂପାୟନ କରାଯାଇପାରିବ ସେ ନେଇ ବିଡିଓ ବରାଇ କୁଆଁରମୁଣ୍ଡା ବ୍ଲକର ସମସ୍ତ ଜନପ୍ରତିନିଧିମାନଙ୍କୁ ନେଇ ଏହି ପୂର୍ବ ପ୍ରସ୍ତୁତି ବୈଠକ ଡକାଇଥିଲେ। ଏହି ବୈଠକରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେର୍କେଟା, ଉପାଧକ୍ଷା ସୁନିତା ଅହିର, କୁଆଁରମୁଣ୍ଡା ରେଞ୍ଜର ସ୍ୱାଧୀନତା ସାହାଣୀ, ନୂତନ ହେମ୍ବ୍ରମଙ୍କ ସମେତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀଙ୍କ ସମେତ ସମସ୍ତ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ସରକାରୀ ହାଇସ୍କୁଲ

ହେମଗିର,୧୬।୯(ଡି.ଏନ୍.ଏ.)

ରାଜ୍ୟ ସରକାର ସରକାରୀ ସ୍କୁଲଗୁଡିକର ଉନ୍ନତିକରଣ ସହ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରି ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି କରୁଛନ୍ତି। ସୁନ୍ଦରକୋଠା ନିର୍ମାଣ କରି ଆଧୁନିକ ଉପକରଣ ଦେଇ ପ୍ରଚାର କରୁଥିବାବେଳେ କେବଳ ସରକାରୀ ଟଙ୍କାର ଅପବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏହାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା ହେମଗିର ବ୍ଲକ କୁଚେଡେଗା ହାଇସ୍କୁଲଠାରେ। ହାଇସ୍କୁଲ ନବୀକରଣ ନାଁରେ ଏଠାରେ ସରକାରଙ୍କ ତରଫରୁ ଆସୁଥିବା ଟଙ୍କାର ଆତ୍ମସାତ କରି ନିମ୍ନମାନର କାମ କରି ଥିବା ଜଣାପଡ଼ିଛି। ଏହି ସ୍କୁଲର କାନ୍ଥର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହିତ ଅନେକ ସ୍ଥାନରେ ଛାତ ଫାଟି ପାଣି ଗଳୁଥିବାର ନଜିରକୁ ଆସିଛି। ଅନେକ ସ୍ଥାନରେ ଛାତରୁ ସିମେଣ୍ଟ ପ୍ଲାଷ୍ଟର ମଧ୍ୟ ଖସିପଡୁଥିବାବେଳେ ଅନେକ ସ୍ଥାନରେ ଲାଗିଥିବା ଟାଇଲ୍ସଗୁଡିକ ବାହାରି ଗଲାଣି। ସ୍କୁଲର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ବିପଦ ସୃଷ୍ଟି କରୁଛି। ଏନେଇ ସ୍କୁଲ କମିଟି ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ସ୍କୁଲ କମିଟିର ସଭାପତି କହିଛନ୍ତି। ଅପର ପକ୍ଷରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏହି ସ୍କୁଲକୁ ପରିଦର୍ଶନ କରି ନିମ୍ନମାନର କାର୍ଯ୍ୟକୁ ଘୋର ନିନ୍ଦା କରିବା ସହିତ ଏହାର ତଦନ୍ତ କରିବା ପାଇଁ ଜିଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। ଏହି କାମର ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ହେମଗିର ବିଡିଓ ଡ. ଜଗଦିସ ମହାନନ୍ଦଙ୍କୁ ପଚାରିବାରୁ ବ୍ଲକ ତରଫରୁ ପୁରୁଣା କୋଠାକୁ ନବୀକରଣ କରାଯାଇଛି ଯଦି କିଛି ଅସୁବିଧା ଥିବ ତାହାକୁ ନିର୍ମାଣ କରାଯିବ ବୋଲି କହିଛନ୍ତି।



ସ୍କୁଲ ଛାତରୁ ପ୍ଲାଷ୍ଟର ଖସିପଡ଼ିଛି।

## ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀରେ ଶ୍ରଦ୍ଧାଳୁଙ୍କ ସମାବେଶ

ଲହୁଣୀପଡ଼ା, ୧୬।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସ୍ଥିତ ସତସଙ୍ଗ ବିହାରରେ ଶୁକ୍ରବାର ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୫ ତମ ଜନ୍ମ ମହାମହୋତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ଦେବ ମାଙ୍ଗଳିକ, ଉଷା କୀର୍ତ୍ତନ ସହିତ ବିନତି ପ୍ରାର୍ଥନା କାର୍ଯ୍ୟକ୍ରମ କରାଯାଇଥିଲା। ଦେବେନ୍ଦ୍ର ନାଥ କରଙ୍କ ସଂଯୋଜନାରେ ସଙ୍ଗୀତାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପରେ ଆନୁଷ୍ଠାନିକ ଭାବେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରତ୍ନାକର ଧଳ ସହାପ୍ରତି ରିତିକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଚିତ୍ତରଞ୍ଜନ ମହାନ୍ତି, ଶଶୀଭୂଷଣ ମାହାନ୍ତ, ଜନାର୍ଦ୍ଦନ କର ପ୍ରମୁଖ ଅନୁକୂଳ ଚନ୍ଦ୍ରଙ୍କର ୧୩୫ତମ ଜନ୍ମ ମହା ମହୋତ୍ସବ ପାଳନ ସମ୍ପର୍କରେ ତଥା ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ଲହୁଣୀପଡ଼ା ସମେତ ରାଜାମୁଣ୍ଡା, ବିମଳା ଗଡ଼, ଖୁଣ୍ଟଗାଁ, ବଣାଇ, ଗୁରୁଣ୍ଡିଆ ଅଞ୍ଚଳର ଗୁରୁଭାଇ ଓ ମା'ମାନେ ଯୋଗ ଦେଇଥିଲେ। ଭଜନ କୀର୍ତ୍ତନ ସାଙ୍ଗକୁ ପ୍ରବଚନ କାର୍ଯ୍ୟକ୍ରମ ଯୋଗୁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



ଅନୁକୂଳ ଚନ୍ଦ୍ର ଠାକୁରଙ୍କ ଜୟନ୍ତୀରେ ଉପସ୍ଥିତ ଶ୍ରଦ୍ଧାଳୁ।

## ସଶସ୍ତ୍ର ଡକାୟତି: ଲୁଟିଲେ ପୋଷ୍ଟ ଅଫିସ, ଜନସେବାକେନ୍ଦ୍ର

ରାଜଗାଙ୍ଗପୁର, ୧୬।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମାଲିଡିହି ଗ୍ରାମରେ ଶୁକ୍ରବାର ଦିନ ୧୨ଟାରେ ପୋଷ୍ଟ ଅଫିସ ଓ ଜନସେବାକେନ୍ଦ୍ରରୁ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ ହୋଇଛି। ୪ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ବନ୍ଧୁକ ସହ ପ୍ରଥମେ ମାଲିଡିହି ପୋଷ୍ଟ ଅଫିସରେ ପଶି ପୋଷ୍ଟମାଷ୍ଟର ଆନନ୍ଦ କୁମାର ଜେନାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକରେ ଆଘାତ ଦେଇଥିଲେ ଓ ୭୫ ହଜାର ନଗଦ ଟଙ୍କା ସହ ମୋବାଇଲ ଲୁଟ୍ କରି ଫେରାର ହୋଇଯାଇଥିଲେ। ପାଖରେ ଥିବା ଏକ ଜନସେବାକେନ୍ଦ୍ରରେ ପଶି ସେଠାରେ ଥିବା ଅରଚିତ ପାତ୍ରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକରେ ଆଘାତ ଦେଇଥିଲେ। ତାଙ୍କଠାରୁ ୨୦ ହଜାର ନଗଦ ଟଙ୍କା ଓ ମୋବାଇଲ ଲୁଟ୍ କରି ଫେରାର୍ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ରାଜଗାଙ୍ଗପୁର ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଆଗୁଆ ଧାର୍ଯ୍ୟ ଲକ୍ଷ୍ୟ ହାସଲ

ସୁନ୍ଦରଗଡ଼,୧୬।୯(ଡି.ଏନ୍.ଏ)

ଚଳିତ ୨୦୨୨- ୨୩ ଖରିଫଋତୁରେ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଗତ୧୪ ସେପ୍ଟେମ୍ବର ସୁଦ୍ଧା ଶତପ୍ରତିଶତ ଧାର୍ଯ୍ୟ ଆଗୁଆ ହାସଲ କରିଥିବାରୁ ସ୍ୱୟଂସହାୟିକା ଗୋଷ୍ଠୀକୁ ୩୨କୋଟି ଟଙ୍କା ଋଣ ବଣ୍ଟନ କରିସାରିଛି। ସମଗ୍ର ରାଜ୍ୟରେ ସମବାୟ ଜରିଆରେ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଉଥିବା ମୋଟ ଋଣର ଏକ ଚତୁର୍ଥାଂଶ ବଣ୍ଟନ କରି ସରକାରଙ୍କ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହି ବ୍ୟାଙ୍କ ଆଗରେ ରହିଛି ବୋଲି ଗୁରୁବାର ବ୍ୟାଙ୍କ ତରଫରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି। ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ଦାସ ଏସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କୃଷିଭିତ୍ତିକ ମିଆଦ ଋଣ ବଣ୍ଟନରେ ରାଜ୍ୟରେ ମୋଟ ଋଣର ୬୪ପ୍ରତିଶତ ଯୋଗଦାନ କେବଳ ଏହି ବ୍ୟାଙ୍କର ରହିଛି । ଗତ ଖରିଫ ଋତୁରେ ଋଣ ଗ୍ରହଣକରି କ୍ଷତି ସହିଥିବା ମୋଟ ୧୧୯୫୩ ଚାଷୀଙ୍କୁ ୪୭.୦୯ କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଆଧାରରେ କ୍ଷତିପୂରଣ ଏହି ବ୍ୟାଙ୍କ ଜରିଆରେ ଦିଆଯାଇଛି। ଏହି ବ୍ୟାଙ୍କ ଗତ ଆର୍ଥିକ ବର୍ଷରେ ୧୨.୨୬କୋଟି ଟଙ୍କା ଲାଭ କରି ବ୍ୟାଙ୍କ ପ୍ରତି ଅସୂୟା ମନୋଭାବ ଓ ରାଜନୈତିକ ଦୂର ଅଭିସନ୍ଧି ରଖିଥିବା କିଛି ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥବାଦୀଙ୍କୁ ଉଚିତ ଜବାବ ରଖିଛି। ଜିଲାରେ ରେକର୍ଡ ଋଣ ବଣ୍ଟନ କରାଯାଉଥିଲେ ମଧ୍ୟ ଚାଷୀଙ୍କୁ ଋଣଦିଆଯାଉ ନାହିଁ ବୋଲି କରାଯାଉଥିବା ଅପପ୍ରଚାରକୁ ସେ ଖଣ୍ଡନ କରିଛନ୍ତି। ଗତ ୨୦୧୯-୨୦ଆର୍ଥିକ ବର୍ଷରେ ୧୪୫୩୨୯ ଜଣ ଋଣଗ୍ରହୀତାଙ୍କୁ ମୋଟ ୯୩୯ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ୧୪୯୯୬୪ ଜଣ ଋଣ ଗ୍ରହୀତାଙ୍କୁ ୧୨୦୪ କୋଟି ଟଙ୍କା , -୨୨ ଆର୍ଥିକ ବର୍ଷରେ ୧୫୨୮୮୭ ଜଣ ଋଣ ଗ୍ରହୀତାଙ୍କୁ ମୋଟ ୧୨୧୬ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଚଳିତ ୨୦୨୨-୨୩ ଆର୍ଥିକ ବର୍ଷର ସେପ୍ଟେମ୍ବର ୧୪ ତାରିଖ ସୁଦ୍ଧା ୯୮୫୨୫ଜଣ ଋଣ ଗ୍ରହୀତାଙ୍କୁ ୬୨୯ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବା ଦାସ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନରେ ବରିଷ୍ଠ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନନ୍ଦ, ପ୍ରବନ୍ଧକ ଅଶୋକ ପଶାୟତ, ବିଜୟ କୁମାର ପଣ୍ଡା, ଅମିତ ଓତା, ଦେବରାଜ ବୁଡା, ଦିଲୀପ ଦେବତା, ଅଜୟ କୁମାର ପଣ୍ଡିତ, ଶ୍ରୀକାନ୍ତ ସାହୁ, ଦିଲ୍ଲୀପ ଶର୍ମା, ଝରଣା ତାଜନ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ହାତ ହରାଇଥିବା ଶିଶୁକୁ ସହାୟତା

ଦେବଗଡ଼, ୧୬।୯(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ବାଘବର ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମରେ ଗତ ଜୁଲାଇ ୧ରେ ଜିଲୁ ମାଝୀଙ୍କ ୭ ବର୍ଷୀୟ ଶିଶୁପୁତ୍ର ମୁନା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ହାତ ହରାଇଥିଲା। ଉକ୍ତ ଘଟଣାରେ ଶୁକ୍ରବାର ଜିଲାପାଳ ସୋମେଶ ଉପାଧ୍ୟାୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମୁନାକୁ ଆର୍ଥିକ ସହାୟତା ପାଇଁ ବ୍ୟାଙ୍କ ଚେକ ପ୍ରଦାନ ବେଳେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ ଓ ଜରୁରୀକାଳୀନ ଅଧିକାରୀ ସୁଶାନ୍ତ କୁମାର ନାୟକ ମଧ ଉପସ୍ଥିତ ଥିଲେ । ସେହିପରି ଆଗାମୀ ଦିନରେ ମୁନାର ଆବଶ୍ୟକ ଚିକିତ୍ସା ଓ ଅନ୍ୟାନ୍ୟ ସହାୟତା ପ୍ରଦାନ ପାଇଁ ମଧ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଖବର ମୁତାବକ, ମୁନା ପଡ଼ିଶା ଘର ଛାତ ଉପରେ ଖେଳୁଥିବାବେଳେ ଘର ଛାତ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପ୍ରଥମେ ମୁନାକୁ ଛତାବର ଗୋଷ୍ଠୀ କେନ୍ଦ୍ର, ସେଠାରୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ପୁଣି ବୁର୍ଲା ପରେ କଟକ ବଡ ମେଡିକାଲ ଓ ଶେଷରେ ଭୁବନେଶ୍ୱର ଏକ ଘରୋଇ ମେଡିକାଲ ପର୍ଯ୍ୟନ୍ତ ସମସ୍ତ ପ୍ରୟାସ ସତ୍ତ୍ୱେ ୨ହାତ କାଟିବାକୁ ପଡ଼ିଥିଲା। ତେବେ ଦୀର୍ଘ ଦିନର ଚିକିତ୍ସା ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଗୁ ସମ୍ଭବ ହୋଇଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।



୨ହାତ ହରାଇଥିବା ଶିଶୁଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

ଖାରସୁଗୁଡ଼ା ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

ଝାରସୁଗୁଡ଼ା ଅଫିସ, ୧୬।୯

ଗଣପର୍ବ ନୂଆଁଖାଇ ଏବେ କେବଳ ପଶ୍ଚିମ ଓଡ଼ିଶା ଭିତରେ ସୀମିତ ହୋଇ ରହିନାହିଁ। ଏହା ସମଗ୍ର ରାଜ୍ୟରେ ଆନନ୍ଦ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହେବା ସହ ଦେଶ ବିଦେଶର ବିଭିନ୍ନ କୋଣ ଅନୁକୋଣରେ ପାଳିତ ହେବା ଏହାର ମହନୀୟତାକୁ ପ୍ରତିପାଦିତ କରୁଛି ବୋଲି ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମ ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟ ଅଡିଟୋରିମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ମୁଖ୍ୟ ଅତିଥି, ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ)ଆଲୋମଣୀ ସେଠୀ, ପ୍ରାଧ୍ୟାପକ ତପନ ବାରିକ, ପ୍ରଫେସର ଟହଲୁ ସାହୁ, ଯାନ୍ତ୍ରିକ ବିଦ୍ୟାଳୟ ଅଧକ୍ଷା ରୀନାତା ଦାସ ସମ୍ମାନିତ ଅତିଥି ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ.ଶିବପ୍ରିୟା ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ କୃଷି ଭିତ୍ତିକ ଓ ବିଜ୍ଞାନ ଭିତ୍ତିକ ପର୍ବ ନୂଆଁଖାଇ ଏକ ଅନନ୍ୟ ପର୍ବ ବୋଲି କହିଥିଲେ। ଏହି ଅବସରରେ ଲୋକକଳା ଗ୍ରାମ ପଞ୍ଚଗାଁର ଡଣହା ନୃତ୍ୟ, ସୁରଭି କଳା ପରିଷଦ, ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ରାଇଁଝାଇଁ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ମଞ୍ଚ ଦୁଲୁକିଥିଲା। ଏଥିରେ ଯୋଗଦେଇଥିବା ସମବେତ ଅତିଥି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଛାତ୍ରୀଛାତ୍ରଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଜୟ ମା' ମଙ୍ଗଳା (ବଂଜାରୀ), ଜୟ ମା' ତାରିଣୀ (ଦଲକୀ) ଓ ଜୟ ମା' ବୈଷ୍ଣବୀ (କୁମୁ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଓ ପିଠା ଆରିଶା, କାକରା, ମଡ଼ା ଓ ସୁଆଲି ସର୍ଗି ପତ୍ରରେ ପରିବେଷଣ କରାଯାଇଥିଲା। ସୀମାନ୍ତ ଓଡ଼ିଆ ଭାଷା ସୁରକ୍ଷା ମଞ୍ଚ କାର୍ଯ୍ୟନିର୍ବାହୀ ଉପ ସଭାପତି ମେହେବୁବ ମହତାବ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଡେପୁଟି କଲେକ୍ଟର ଗୀତିକା ନାଏକଙ୍କ ସମେତ ସହରର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ତଥା ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରାରମ୍ଭିକ ସୂଚନା ଓ ଜିଲା ସଂସ୍କୃତି ପରିଷଦ ଉପସଭାପତି ସୁରଙ୍ଗ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟଜିତ ସାହୁ, ରାଜେଶ ସେଠ, ଦୀପଶିଖା ସିଂ, ମନବୋଧ ବଗର୍ତ୍ତି, ଭୁବନାନନ୍ଦ ବାଗ, ରବିନ୍ଦ୍ର ନିଆଲ ଓ ଜଗନ୍ନାଥ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ନୂଆଁଖାଇ ଭେଟ୍‌ଘାଟ୍‌ରେ ଅତିଥିଙ୍କ ଗହଣରେ କଳାକାରମାନେ ।

# ଜୀବନ୍ତ ଅକ୍ଷାଂଶ

## ଗଳ୍ପ

**ମହାଶ୍ୱେତା ସାହୁ**



ସେ ସ୍ୱପ୍ନରେ ଥିଲା ଯେମିତି। ଅସମାହିତ ଅନେକ ପ୍ରଶ୍ନକୁ ନେଇ, ମୋହ ଆସକ୍ତ ଆକର୍ଷଣରେ ଭୂମିରୁ ଜଳକୁ ଫିଙ୍ଗିଲା ଗୋଟେ ଗୋଡ଼ି, ଜଳ ତରଙ୍ଗ ଖେଳେଇ ଦେଇଗଲା ଅସରନ୍ତି କୁନିକୁନି ଢେଉମାନଙ୍କୁ।

– ସତରେ ଭଲପାଅ ମୋତେ ?

– ବହୁତ।

– ବିଶ୍ୱାସ କର ମତେ ?

– ନା।

– କ'ଣ ପାଇଁ? ବାରବାର ବିଶ୍ୱାସ ହରାଇଥିବା ମଣିଷ, ବାରବାର ବିଶ୍ୱାସରେ ବିଷ ପାଇଥିବା ମଣିଷ କେବେ ସହଜରେ ବିଶ୍ୱାସ କରେ ନାହିଁ।

– ତୁମେ ଗୋଟେ ଅବିଶ୍ୱାସୀ ପ୍ରାଣୀ, ଯିଏ କାହାରିକୁ ବିଶ୍ୱାସ କରିପାର ନାହିଁ। କାରଣ ତୁମେ ନିଜକୁ ଭଲପାଇ ପାରି ନାହଁ। ପ୍ରକୃତପକ୍ଷେ ତୁମ ବିଶ୍ୱାସକୁ ଏଥର ଭଙ୍ଗାଯାଇଛି ଯେ, ତୁମେ କାହାକୁ ବିଶ୍ୱାସ କରିବାକୁ ଚାହୁଁନ।

ବର୍ଷବର୍ଷ ଧରି ଅକ୍ଷତ ସାଇତା ମନ... ଫୁଟିବାର ପ୍ରୟାସରେ ଉଦ୍‌ବିଗ୍ନ ଗୋଟେ ନାଲି ଗୋଲାପର କଢ଼। ଯେ ମହମହ ବାସ୍ନାରେ ବିକଶିତ। ସମୁଦ୍ରର ଗଭୀରତାକୁ ମାପୁଥିଲା ସେ। ଡଙ୍ଗାର ଗୋଟେ କୋଣକୁ ବସିଥିଲା ସେ। ପାଣିର କଳକଳ ନାଦ ଭିତରେ ଏକ ଶାନ୍ତ ସାମୁଦ୍ରିକ ସଙ୍ଗୀତର ଉଲ୍ଲାସରେ ବିଭୋର... ଆତ୍ମହରା ସେ।

ସମୁଦ୍ରର ଜଳ କାଟି ଏ ବିରାଟ ଯନ୍ତ୍ରଚାଳିତ ଡଙ୍ଗା ତୀର ବେଗରେ ଆଗେଇଯାଉଛି। ସମସ୍ତ ପ୍ରତିକୂଳ ପରିବେଶ ଓ ପବନର ସ୍ରୋତକୁ କାଟି ଆଗେଇଯାଉଛି। ଗୋଟେ ସ୍ରୋତ ଜୀବନର ଯାତ୍ରା ପରି ତୀବ୍ର ଆବେଗରେ ଧାଉଁଛି...। ପ୍ରଜାପତିଙ୍କ ଡେଣାରେ ପ୍ରେମ ହୁଏ। ପ୍ରଜାପତିଙ୍କ ଆଖିରେ ଜୀବନ୍ତ ଅକ୍ଷାଂଶ ପ୍ରସ୍ତୁତ ହୁଏ। ବୋଧହୁଏ ତାହା ହିଁ ପ୍ରେମ।

ଆଜି ଦ୍ୱିପ୍ରହରେ ତୁମେ ଖୁବ୍ ମନେପଡ଼ିଛ...। ତୁମକୁ ଢେର୍ ଖୋଜିଛି... ଉଣ୍ଡାଳିଛି ତୁମକୁ। ତୁମ ପୁରୁଣା ଡାଏରୀ ଭିତରେ, ପୁରୁଣା ମୋର ରଫ୍‌ଖାତା ଭିତରେ, ତୁମର ପୁରୁଣା ମାଗାଜିନ୍ ଭିତରେ, ଗତ କୋଡ଼ିଏ ବର୍ଷ ତଳୁ ତୁମେ ଏବେ ବି ବନ୍ଧାପଡ଼ିଛ ମୋ' ଭିତରେ। ଆଉ ଗୋଟେ ଅପରାହ୍ଣର ଅପେକ୍ଷାରେ।

ତୁମେ ପୁଣିଥରେ ଭେଟ ହୁଅନ୍ତ ଅଳସ ଅପରାହ୍ଣରେ। ସେଇ କୃଷ୍ଣଚୂଡ଼ା ମୂଳେ, ପଥର ଉପରେ ଦୁହେଁ ଦୁହିଁଙ୍କୁ ଲାଜଲାଜ ସଂଭ୍ରମତାରେ ଆଉଥରେ ଅପଲକ ନୟନରେ ଚାହିଁରହନ୍ତେ। ଧାରଧାର ତତଲା ଲୁହ ଲହୁ ହୋଇ ଝରିଆସନ୍ତା। ଦୂର ସମୁଦ୍ରରୁ ଉଛୁଳି ଆସିଥିବା ଜୁଆର ପରି ମନର ମରୁଭୂମିକୁ ସମ୍ପୂର୍ଣ୍ଣ ଓଦା କରି ଦିଅନ୍ତା।

ଜମା ପଚାରନ୍ତା ନାହିଁ କେମିତି ଅଛୁ ବୋଲି। ବରଂ କହନ୍ତା ଭଲ ତ ଦିଶୁଛୁ ତୁ... ଠିକ୍ ସେଦିନ ପରି। କିଛି ବଦଳିନି... ଖାଲି ଯା ସମୟ ବଦଳିଯାଇଛି...! ତାରିଖ ଓ ମସିହା ବଦଳି ଯାଇଛି...।

ତୁମକୁ ଉଣ୍ଡାଳିଛି ବହୁତ, ଖୋଜିଛି ବହୁତ... ପୁରୁଣା ଚିଠିରେ, ଅସଂଖ୍ୟ ପ୍ରେମର ସ୍ୱପ୍ନରେ। ତୁମକୁ ଖୋଜିଛି ହଜିଯାଇଥିବା ଅପହଞ୍ଚ ଦୂରଭାଷ ନମ୍ବରରେ, ବାରବାର... ବହୁବାର...।

ଅପେକ୍ଷାର ଯେମିତି ଅନ୍ତ ନ ଥିଲା। କୁନୁ ଦେଖିଛ ସେ ଆକାଶ ? ଦେଖିଛ ସେ ଇନ୍ଦ୍ରଧନୁ? ସେ ପାହାଡ଼, ସେ ରଙ୍ଗିନ ଫୁଲ, ଗଛପତ୍ର, ସବୁ ତୁମ ପାଖରେ ଶବ୍ଦହୀନ ପରି ସନ୍ନ୍ୟାସ ନେଇଛନ୍ତି ତୁମ ଭିତରେ।

ତୁମେ ପ୍ରତିଶୋଧପରାୟଣ ହୋଇଥିଲେ ବୋଧହୁଏ ମୁଁ ଆଜି ଯନ୍ତ୍ରଣା ପାଉ ନ ଥାନ୍ତି, ବରଂ ଆଜି ତୁମ ନୀରବତା, ନିର୍ବାସନ ମୋତେ ଧ୍ୱଂସ କରିପକାଉଛି। ବଞ୍ଚିବାର ଆଗ୍ରହଟେ ତୁମେ, ମୋ' ବଞ୍ଚିବାର ନାଁଟେ ତୁମେ। ଭଉଁରି ଉଠୁ ନ ଥିବା ଗାଲରେ, ସେଇ କଳାଜାଇ ଥିବା ଝିଅଟା ଶିଖିଯାଇଛି ଦୁଃଖ ଲୁଚାଇବାର ସୂକ୍ଷ୍ମତମ କଳା।

ତୁମେ ଗୋଟେ କସ୍ତୁରୀର ମହମହ ବାସ୍ନାରେ ବିଭୋର ନାମ। ତୁମେ କହୁଥିଲ ଜାଣ, ସବୁ ସ୍ତ୍ରୀଲୋକ ଗୋଟେ ଗୋଟେ ମମ୍‌ତାଜ୍। ଯିଏ ସେଇ ଶାହାନାଜ୍‌ଙ୍କୁ ଅପେକ୍ଷା ରଖେ, ଯେ ତାକୁ ଚିହ୍ନିପାରିବ। ତା' ପାଇଁ ତାଜମହଲ ବନେଇବ। ତାଜମହଲ କଥାରେ ବନେନି। ପ୍ରେମରେ ବନେ। ସ୍ତ୍ରୀଲୋକଟେ ଲୋଡ଼େ କ'ଣ ? ଟିକେ ସମ୍ମାନ ଓ ପ୍ରଚୁର ଭଲପାଇବା ଛଡ଼ା !

– ତାଜମହଲ ବନେଇବା ପାଇଁ ସେ ଶାହାଜାହାନ୍ ମିଳିବା ଦରକାର ମମ୍‌ତାଜ୍‌କୁ, ମାତ୍ର...

ବିଭୋର ବାସ୍ନା ସହ ତୁମେ ଥିଲ ଓ ରହିବ। ଏ ଜନ୍ମରୁ ଜନ୍ମାନ୍ତରଯାଏ ପ୍ରେମର ତାଜମହଲ ଆଗରେ ମୁଁ ଗଢ଼ିବି ଶବ୍ଦରେ। ତୂଳୀରେ...। ଉଜାଡ଼ି ଦେବି ନିଜକୁ ସର୍ବସ୍ୱାନ୍ତ କରି। ଯାହା ବାନ୍ଧିହୁଏନି, ବାଣ୍ଟିହୁଏନି, ତୁମେ ସେଇ କଷ୍ଟ, ସେଇ ଅନୁଭବ, ଯାହା ବର୍ଣ୍ଣିବା, ତାହା ମଧ୍ୟ ଯନ୍ତ୍ରଣା।

ତୁମ ନୀରବତା ମୋ' ସାଧନା। ଏ ଲୁହ ମୋର, ଏ ସ୍ୱପ୍ନ ମୋର, ଏ କୋହ ମଧ୍ୟ ମୋର। ଏସବୁ ଯାତନା ଓ ଯନ୍ତ୍ରଣା, ଚୂନାଚୂନା ଭାଙ୍ଗୁଥିବା ହୃଦୟର ଆକ୍ରାମାକ୍ରା ଆବେଗ ମଧ୍ୟ କେବଳ ମୋର। ଯାହା ତୁମେ ନୁହେଁ ମୁଁ ନେଇଥିଲି ପ୍ରାପ୍ତି ସୂତ୍ରରେ। ତୁମେ ମିଛର କାହାଣୀ। ମୁଁ ସତ ଶବ୍ଦର ଯାଦୁଗର।

ତୁମେ ଶବ୍ଦରେ ପ୍ରେମର ଫଗୁ ଖେଳ। ମୁଁ ଶବ୍ଦରେ କୋଣାର୍କ ଗଢ଼େ। ଯୋଜନଗନ୍ଧାର ମହମହ ବାସ୍ନା ବିଭୋର କରେ ମୋ' ପ୍ରତିଟି ବର୍ଷାର ଏଇ ସନ୍ଧ୍ୟାକୁ। ମୋ' ଆବେଗକୁ...।

ମୋ: ୮୩୨୭୭୫୭୬୧୯

## କ ବି ତା

### ଅଭିମାନ

**ସତ୍ୟବ୍ରତ ସାହୁ**

ତମ ଅଭିମାନକୁ ସମ୍ମାନ ଦିଏ ବୋଲି ତ
ତମକୁ ଦେଇପାରେନା ଗାଳି କି
ରାଗିପାରେନା ତମ ଉପରେ।

କେମିତି ରାଗିବି ଯେ !
ମୁଁ ତ ଥୁଣ୍ଟା ବରଗଛଟେ ଥିଲି
ତମେ ମୋତେ ପଲ୍ଲବିତ କଲ
ମୁଁ ତ ଏକୁଟିଆ ଥିଲି
ତମେ ମୋତେ ପ୍ରେମ ଶିଖାଇଲ,
ମାୟା ଲଗାଇଲ
ତମ ଆତ୍ମୀୟତାରେ
ଏମିତି ଛନ୍ଦି ଦେଲ ଯେ
ମୁକୁଳିବାକୁ ଇଚ୍ଛା କରିନି କେବେ।
କାହିଁକି ମୁକୁଳିବି ଯେ !
ଯେଉଁଠି ପ୍ରେମ ଅଛି, ଆତ୍ମୀୟତା ଅଛି,
ଅଭିମାନ ଅଛି
ସେଠୁ ମୁକୁଳିବା କ'ଣ
ନିହାତି ଲୋଡ଼ା କି ସଖୀ ?

ତମ ଅଭିମାନକୁ ବୁଝୁବୁଝୁ
ତମ ଅଭିମାନକୁ ବୁଝାଉ ବୁଝାଉ
ମୁଁ କେତେବେଳେ ଭାବୁକରୁ
କବି ହୋଇଗଲି
ଜାଣିପାରିଲି ନାହିଁ।
ପ୍ରିୟ ସଖୀ !
ମିଛରେ ହେଉ ବା ସତରେ...
ତମେ ଅଭିମାନ କର...
ତମ ମାନଭଞ୍ଜନ ପାଇଁ
ମୁଁ ତ ମନେପକାଇ ପାରିବି
ସେହି ଆତ୍ମୀୟତାର କଥା...
ଦେହି ପଦପଲ୍ଲବ ମୁଦାରଂ...
ତମ ପ୍ରେମ ଓ ଆତ୍ମୀୟତାକୁ ନେଇ
ଯଦି ସାରା ଜୀବନ
ଶାନ୍ତିରେ ବଞ୍ଚି ହେବ...
ତେବେ ତମେ କୁହତ ସଖୀ...
ଆଉ କ'ଣ ଲୋଡ଼ା ଯେ ମୋର !

ତମ ଅଭିମାନକୁ ସମ୍ମାନ ଦେଉ ଦେଉ
କବିତାରୁ ଉଠାଇ ଆଣି
ମୋ' ହୃଦୟ ସିଂହାସନରେ
ଦେବୀ କରି ବସାଇ ଦେବାପାଇଁ
ଆଉ କେତେ ସମୟ ଲୋଡ଼ା କି ସଖୀ !
ମୁହୂର୍ତ୍ତିଏ ତ...।

ମୋ: ୯୩୩୮୧୬୫୬୧୯

### କବିତା ଆଉ କ'ଣ କି

**କିଶୋର ମିଶ୍ର**

କବିତା ଆଉ କ'ଣ କି ?
ଗୋଟାଏ ନିକାଞ୍ଚନ ଜହ୍ନରାତି
କାଶତଣ୍ଡୀର ସୁନ୍ଦର ନଈପଠା
ବଉଳଭର୍ତ୍ତି ଗୋଟାଏ ଆମ୍ବଗଛ
ନଈରୁ ଗରାଧରି
ଫେରୁଥିବା ଯୁବତୀର
ଗୋଟାଏ ବାଙ୍କଚାହାଣି।

କବିତା ଆଉ କ'ଣ କି ?
ବଂଶୀର ଗୋଟାଏ କରୁଣ ରାଗ
ନିର୍ଦ୍ଦିଷ୍ଟ ଠିକଣାରୁ ଫେରିଯାଉଥିବା ଚିଠି
କଢ଼ଭର୍ତ୍ତି ଗୋଟିଏ କୁଆଁରୀ ଲଟା
ତରତରରେ ଧାଇଁଆସିଲା ପରେ ବି
ଗାଁକୁ ଛାଡ଼ି ଦେଇଥିବା
ରାତିର ଶେଷ ବସ୍।

କବିତା ଆଉ କ'ଣ କି ?
ନୂଆ ଶାଢ଼ି ପିନ୍ଧି ଶିଖୁଥିବା
ଯୁବତୀର ଗୋପନ ଲାଜ
ମୁଁ ସାଇତି ରଖିଥିବା
ତୁମ ହଳେ ପାଉଁଜି
ଶାଢ଼ି ଭାଙ୍ଗରେ ତୁମେ ସାଇତିଥିବା
ମୋର କିଛି ପ୍ରେମ ଚିଠି
ଜଳତରଙ୍ଗରେ ଚହଲୁଥିବା
ପାହାନ୍ତି ତାରାର ପ୍ରତିବିମ୍ବ।

ମୃତ୍ୟୁ ତ କବିତା ପରି ଦିନେ ଆସିବ
ଓ ଲେଖେଇ ନେବ
ମୋ' ପାଖରୁ ଶେଷ ଶବ୍ଦ
ସବୁରି ଅଜାଣତରେ।

ମୋ: ୯୪୩୭୩୨୭୫୦୨

## ଗୀତି–କବିତା

### ସୂରୁଯମୁଖୀ ମୁଁ ସୂରୁଯଶିଖାରେ ଜଳି

**ଧନଞ୍ଜୟ ସ୍ୱାଇଁ**

ସୂରୁଯମୁଖୀ ମୁଁ ସୂରୁଯଶିଖାରେ ଜଳି
ବାଟ ତା'ର ଚାହିଁ ଅଶ୍ରୁ ଢାଳଇ
ଅବଗୁଣ୍ଠନ ତୋଳି... ॥ ୦ ॥

ମୋ' ତନୁ ତରଳେ ସୂରୁଯ ସପନେ
ମୁକୁଳିଯାଏ ମୁଁ ତା' ମିଠାଳପନେ
ମୁଁ ଯେ ଅଭିଆଡ଼ୀ ଲାଜକୁଳି
ଅବଗୁଣ୍ଠନ ତୋଳି... ॥ ୧ ॥

ମୁରୁକି ମୁରୁକି ହସେ ଯେବେ ଖରା
ରଙ୍ଗ ଚହଟାଇ ଦିଶେ ମୁହିଁ ତୋରା
ହଳଦୀ ଦେହେ ମୁଁ ବୋଳି
ଅବଗୁଣ୍ଠନ ତୋଳି... ॥ ୨ ॥

ଆଶା ବାନ୍ଧି ମନେ ଜୀବନ ଜିଇଛି
କାଳେ ସେ ଆସିବେ
ଲୁହ ଦେବେ ପୋଛି
(ତେଣୁ) ଚାହିଁଥାଏ
ଆଖି ମେଲି... ॥ ୩ ॥

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ସୂତ୍ର ଓ ଅନ୍ୟାନ୍ୟ ଗଳ୍ପ




**ଗାଳ୍ପିକ:** ବସନ୍ତ କୁମାର ବେହେରା
**ପ୍ରକାଶକ:** ଇଭେଣ୍ଟ୍ସ ପବ୍ଲିକେଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୨୦୦/-

ମୋଟ ୧୮ଟି ଗଳ୍ପକୁ ନେଇ ଆଲୋଚ୍ୟ ଗଳ୍ପ ଗ୍ରନ୍ଥଟି ପରିବେଷିତ। ଆରମ୍ଭରୁ ନିଜ ଗଳ୍ପର ସୃଜନ-ସୂତ୍ର ସମ୍ବନ୍ଧରେ ଗାଳ୍ପିକ କହିଛନ୍ତି: "ଜୀବନକାଳ ଭିତରେ ଭେଟିଥିଲି ଅନେକ ସୂତ୍ରଧରଙ୍କୁ। ସବୁ ସେମାନଙ୍କ କଥା, ମୋର କିଛି ନୁହେଁ। xx ସେ ସୂତ୍ରଧରଙ୍କ ସଂସ୍ପର୍ଶରେ ଆସି ଦେଖିପାରିଛି ଜୀବନର ଅନେକ କିଛି ପରଦା ଫାଙ୍କରୁ ଅସ୍ପଷ୍ଟ।" ଏଇ ଅସ୍ପଷ୍ଟତା ପ୍ରତ୍ୟେକ କଳାଦୃଷ୍ଟିର ଅସ୍ପଷ୍ଟତା, ଯାହାକୁ ନିଜର ରଚନାରେ ରୂପ ଦେଇଥାଏ କବି, କଳାକାର ଓ କଥାଶିଳ୍ପୀ। ବହିର ସବୁ ଗଳ୍ପରେ ଲେଖକ ସେଇ 'ମୁଁ'ଟିକୁ ଖୋଜି ଚାଲିଛନ୍ତି, ଯେଉଁ 'ମୁଁ' ହେଉଛି ସେଇ ସହସ୍ରଶୀର୍ଷ ପୁରୁଷର ପ୍ରତିନିଧି। ପ୍ରଚ୍ଛଦଲେଖରେ କୁହାଯାଇଛି: "କଥାକାର ବସନ୍ତ ବେହେରା ତାଙ୍କର ପ୍ରତିଟି ଗଳ୍ପରେ ସେଇ ଅଦୃଶ୍ୟ ରାସ୍ତା (ଜୀବନର ସୂତ୍ର ଅନ୍ୱେଷଣ)ର କଥା କହିଛନ୍ତି। କିନ୍ତୁ ଗଳ୍ପ ଭିତରୁ ଯଦି କେହି ରାସ୍ତା ଖୋଜିବାର ପ୍ରୟାସ କରେ, ତେବେ ସେ ମଧ୍ୟ ନିରାଶ ହେବ। କାରଣ ସବୁ ଖୋଜିବା ଭିତରେ ରାସ୍ତା ନ ଥାଏ। ସବୁ ଖୋଜିବା ବନ୍ଦ ହୋଇଗଲେ ହିଁ ରାସ୍ତା ଦିଶେ।" କଥାକାରଙ୍କ ମତରେ ସାହିତ୍ୟ "ଅଙ୍ଗେନିଭା କଥାର ଏକ ଅଲୌକିକ ସ୍କେଚ୍। ଏ ସ୍କେଚ୍‌ରେ ରକ୍ତମାଂସ ଭରିବା ଦାୟିତ୍ୱ ପାଠକର।" ବହିରେ ଥିବା 'ସେହି କାକୁଡ଼ି ବିକାଳି', 'ତାନ୍ତ୍ରିକ', 'ଭିକାରି', 'ମା', 'ଭାବ ବିନୋଦିଆ' ଓ 'ଚାଉଳିଆ ବୁଢ଼ା' ଆଦି ଗଳ୍ପଗୁଡ଼ିକର କଥକତା ଓ କଥ୍ୟରୀତି-ଉଭୟ ଅନନ୍ୟ। ଆଶା, ଏହା ପାଠକୀୟ ଆଦୃତି କେବଳ ଲାଭ କରିବ ନାହିଁ, ପାଠକଙ୍କୁ ସମାନ୍ତରାଳ ଭାବେ ସୃଜନପ୍ରବଣ କରିବ।

### ଜୟ ଜଗନ୍ନାଥ




**ଲେଖିକା:** ନମ୍ରତା ଚଢା
**ସମ୍ପାଦନା:** ପ୍ରକାଶ ଚନ୍ଦ୍ର ଦବେ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୮୦୦/-

ସୁଲେଖିକା, ବକ୍ତା ଓ ସମାଜସେବୀ ନମ୍ରତା ଚଢ଼ା କେବଳ ନମ୍ରତା ନାମରେ ନିଜର ଲେଖକୀୟ ପରିଚୟକୁ ବ୍ୟକ୍ତ କରିବାକୁ ଚାହିଁଛନ୍ତି ଆଲୋଚ୍ୟ ବହିଟିରେ। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସଂସ୍କୃତି-ଆଧାରିତ ଏହି ଗ୍ରନ୍ଥର ମୂଳ ଉଦ୍ଦେଶ୍ୟ ହେଉଛି ହିନ୍ଦୀ ଭାଷାଭାଷୀ ଲୋକଙ୍କୁ ଶ୍ରୀଜଗନ୍ନାଥ କ୍ଷେତ୍ର ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେବା, ଯାହା ଭାଷାଗତ ଭିନ୍ନତା ହେତୁ ଅନ୍ୟ ଗ୍ରନ୍ଥଗୁଡ଼ିକରୁ ସହଜଲବ୍ଧ ହୋଇ ନ ଥାଏ। ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ପ୍ରକଟନଠାରୁ ପୁରୀରେ ମନ୍ଦିର ନିର୍ମାଣ, ଶ୍ରୀମନ୍ଦିରର ଦୈନନ୍ଦିନ ନୀତି, ମହାପ୍ରସାଦ, ଶ୍ରୀମନ୍ଦିର ଉପରେ ହୋଇଥିବା ଆକ୍ରମଣ, ଜଗନ୍ନାଥଙ୍କ ବିଭିନ୍ନ ସେବକ, ଭୂ-ସମ୍ପତ୍ତି, ପୁରୀର ଅନ୍ୟ ମଠ ଓ ମନ୍ଦିର, ଶଙ୍କରାଚାର୍ଯ୍ୟଙ୍କର୍ତ୍ତୃକ ଗୋବର୍ଦ୍ଧନ ମଠ ସ୍ଥାପନା, ରଥଯାତ୍ରା, ସ୍ନାନପୂର୍ଣ୍ଣିମା, ଚନ୍ଦନଯାତ୍ରା, ଅଣସର, ନବଯୌବନ ଦର୍ଶନ, ସୁନାବେଶ, ଅଧରପଣା, ବିଦେଶରେ ରଥଯାତ୍ରା, ନବକଳେବର ଓ ସର୍ବଧର୍ମ ସମନ୍ୱୟର ପ୍ରତୀକ ଭାବେ ଶ୍ରୀଜଗନ୍ନାଥଙ୍କ ବୈଶିଷ୍ଟ୍ୟ ଆଦିକୁ ସରଳ ତଥା ବୋଧଗମ୍ୟ ହିନ୍ଦୀରେ ରୂପ ଦିଆଯାଇଛି। ପରିଶିଷ୍ଟରେ ରହିଛି 'ଜଗନ୍ନାଥ-ଅଷ୍ଟକମ୍', ଶ୍ଳୋକ, ସ୍ତୁତି ଓ ପ୍ରାର୍ଥନା ଇତ୍ୟାଦି। କ୍ଷେତ୍ର ଓ ମନ୍ଦିର ସମ୍ପର୍କିତ ନାନା ରଙ୍ଗିନ୍ ଫଟୋଚିତ୍ର ବହିଟିକୁ ଆକର୍ଷଣୀୟ କରିଛି। ଯେଉଁ ଉଦ୍ଦେଶ୍ୟରେ ନମ୍ରତା ଏହି ଗ୍ରନ୍ଥ ରଚନାର ସଦୁଦ୍ୟମ କରିଛନ୍ତି, ତାହା ଯେ ଚରିତାର୍ଥ ହେବ ଏଥିରେ ସନ୍ଦେହ ନାହିଁ।

## ଦରଦାମ୍ ଓ ଦୁମ୍‌ଦାମ୍

**ଡ. କୁଳାଙ୍ଗାର**

ବ୍ୟଙ୍ଗ ଗଳ୍ପ

**ଶାସକ ବନାମ ବିରୋଧୀ**

ବଜାର ମଝିରେ ଦୁଇଜଣ ପିଟାପିଟି ହେଉଥିବା ଦେଖି ଚାରିପାଖରେ ଦୋକାନୀ ଓ ଗ୍ରାହକମାନେ ଗଦା ହୋଇଗଲେ। ଦେଖାଗଲା ଜଣେ ଶାସକ ଦଳର ସମର୍ଥକ, ସିଏ କହୁଛି: ଦରଦାମ୍ ଆଦୌ ବଢ଼ିନି ବରଂ କିଛି କମିଛି।

ଆର ଜଣକ ବିରୋଧୀ ଦଳିଆ, ସିଏ କହୁଛି: ଦରଦାମ୍ ବହୁତ ବଢ଼ି ଯାଇଥିବାରୁ ବଞ୍ଚିବା କଷ୍ଟକର ହୋଇପଡ଼ିଛି! ସେଇ କଥାକୁ ନେଇ ଦିହେଁ ଦିହିଁଙ୍କ ପିଠିରେ ଦୁମ୍‌ଦାମ୍ ଥୋଉଛନ୍ତି ଓ ନିଜନିଜ ସପକ୍ଷରେ କହୁଛନ୍ତି।

ଏବେ କିଛି ଦୋକାନୀ ତାଙ୍କ ଭିତରେ ପଶି ଦି'ଚାରିଟା ଖାଇଲେ ଏବଂ କହିଲେ- ଆପଣମାନଙ୍କର ଏଇ କାଣ୍ଡ କାର୍ଖାନା ପାଇଁ ଆମର ବିକ୍ରି କମିଯାଇଛି ଏବଂ ନିରୀହ ଉପରେ ମାଡ଼ ବଢ଼ିଯାଇଛି।

**ପତି ଦର**

ସହରର ଆପାର୍ଟମେଣ୍ଟର ମହିଳାମାନେ ନିଜ ନିଜର ପତିମାନଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବ୍ୟସ୍ତଥିଲେ। ପ୍ରଥମ ମହିଳା କହିଲେ, ଭଲହେଲା ଖାଇବା ତେଲଦର ବଢ଼ିବାରୁ ଆମେ ଖାଇବାରେ ତେଲ କମ୍ ବ୍ୟବହାର କରୁଛୁ। ଫଳରେ ଆମ ଯାଙ୍କର ପେଟର ଗ୍ୟାସ୍ ସମସ୍ୟା ଆଉ ନାହିଁ।

ଦ୍ୱିତୀୟ ମହିଳା କହିଲେ, ସେଇ ଗ୍ୟାସ୍ ଆଉ ପେଟ୍ରୋଲ ଡିଜେଲ ଦର ବଢ଼ିବାରୁ ଆମର ଇଏ ବାହାରକୁ ନ ଯାଇ ମୋତେ ଗୋଡ଼େ ଗୋଡ଼େ ଜଗି ଗ୍ୟାସ୍ ଖର୍ଚ୍ଚର ଡାଟା ରଖୁଛନ୍ତି ସିନା ମୋ' ପାଖରେ କିନ୍ତୁ ଅଧିକ ସମୟ କାଟୁଛନ୍ତି।

ଏବେ ତୃତୀୟ ମହିଳା କହିଲେ, ସେଇ ଡାଟାର ଦର ବି ବଢ଼ିଯାଆନ୍ତା କି ଆମର ଇଏ ଯା ତା' ସାଥିରେ ଚାଟିଂଫାଟିଂ ଓ ଭିଡିଓ କଲ୍ କରିବା ବନ୍ଦ କରିଦିଅନ୍ତେ, ବିଚରା ଆଉ ଧରା ନ ପଡ଼ି ମୋ' ମାଡ଼ରୁ ମୁକ୍ତି ପାଆନ୍ତେ।

**ଭଲଦିନ**

ଦିନକୁ ଦିନ ଭୋଗର ପରିମାଣ କମାଇ ସିଏ ଅଳ୍ପ ସମୟରେ ଦୁମ୍‌ଦାମ୍ କରି ପୂଜା ସାରୁଥିବା ଦେଖି ଈଶ୍ୱର ତାକୁ ସ୍ୱପ୍ନରେ ପଚାରିଲେ- ମୋର ଭଲଦିନ କେବେ ଆସିବ ?

ସିଏ କହିଲା- ଦରଦାମ୍ ଯେବେ ହ୍ରାସ ପାଇବ!

ଈଶ୍ୱର ମୁହଁ ଫେରାଇ ଚାଲିଗଲେ। ସିଏ ପଛରୁ କ'ଣ ହେଲା ବୋଲି ପଚାରନ୍ତେ, ଯାଉଯାଉ କାନ୍ଦକାନ୍ଦ ହୋଇ କହିଲେ- ବସ୍, ଦୂରଦୂର ଯାଏଁ ତାହା ଦୃଶ୍ୟ ହେଉନାହିଁ!

ମୋ: ୮୮୯୫୮୨୫୮୬୩

## କାଳକାଳକୁ



**"ଆମ ସମସ୍ତଙ୍କର ଅଛି ଟାଇମ୍ ମେଶିନ୍। ଯାହା ଆମକୁ ପଛକୁ ନେଇଯାଏ, ତାହା ସ୍ମୃତି ଓ ଯାହା ଆଗକୁ ନିଏ, ତାହା ସ୍ୱପ୍ନ।"**

**– ଏଚ୍.ଜି. ୱେଲ୍‌ସ**

**ଏଚ୍.ଜି. ୱେଲ୍‌ସ**ଙ୍କ ଜନ୍ମ ୨୧ ସେପ୍ଟେମ୍ବର ୧୮୬୬ରେ, ଇଂଲଣ୍ଡର ବ୍ରୋମ୍‌ଲେରେ ଓ ପରଲୋକ ୧୩ ଅଗଷ୍ଟ ୧୯୪୬ରେ, ଲଣ୍ଡନରେ। ଲେଖକଙ୍କ ପୂରା ନାମ ହର୍‌ବର୍ଟ ଜର୍ଜ ୱେଲ୍‌ସ। ବହୁମୁଖୀ ରଚନାରେ ସିଦ୍ଧହସ୍ତ ୱେଲ୍‌ସ ତାଙ୍କ ଜୀବଦ୍ଦଶାରେ ୫୦ରୁ ଊର୍ଦ୍ଧ୍ୱ ଉପନ୍ୟାସ ଓ ଏକାଧିକ ଗଳ୍ପ ରଚନା କରିଛନ୍ତି। ଲୋକପ୍ରିୟ ବିଜ୍ଞାନ ରଚନା କ୍ଷେତ୍ରରେ ସେ ବିଶ୍ୱର ଅନ୍ୟତମ ଅଗ୍ରଗଣ୍ୟ ଲେଖକ ଓ 'ବିଜ୍ଞାନ କଳ୍ପ ସାହିତ୍ୟ'ର ଜନକ ଭାବେ ବିଦିତ। ତାଙ୍କର ଚର୍ଚ୍ଚିତ ଉପନ୍ୟାସଗୁଡ଼ିକ ମଧ୍ୟରେ 'ଦ ଟାଇମ୍ ମେଶିନ୍', 'ଦ ଇନ୍‌ଭିଜିବଲ୍ ମ୍ୟାନ୍', 'ଦ ଫାଷ୍ଟ ମ୍ୟାନ୍ ଇନ୍ ଦ ମୁନ୍' ଓ 'ଦ ୱାର୍ ଅଫ୍ ଦ ୱାର୍ଲଡ୍‌ସ' ପ୍ରମୁଖ। ୱେଲ୍‌ସ କହନ୍ତି: "ବିଜ୍ଞାପନ ହେଉଛି ବୈଧିକୃତ ମିଥ୍ୟା" ଓ କହନ୍ତି- "ଯଦି ତମେ ଗତକାଲି ପଡ଼ିଯାଇଛ, ଆଜି ଉଠି ଠିଆ ହେବ।"

## ଚଉକି

**ପଦ୍ମାଳୟା ସାମଲ**

ବିଶେଷ ଗଳ୍ପ

ଶିଶୁକାଠରେ ତିଆରି ହୋଇଥିଲା ସେ ଚଉକି। କଳା ଓ ଧୂସରମିଶା ରଙ୍ଗର ଚଉକିଟି ଘରେ ପଡ଼ି ବାପାଙ୍କର ଉପସ୍ଥିତି ଜାହିର କରୁଥିଲା। ସେଇଟା ଏତେ ଓଜନ ଥିଲା ଯେ, ଜଣେ ଲୋକ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ନେବା କଷ୍ଟକର ବ୍ୟାପାର ଥିଲା। ଖୁବ୍ ମଜଭୁତ ସେ ଚଉକି। ବାପାଙ୍କର ଅତି ପ୍ରିୟଜିନିଷ। ଆମ ପିଲା ଦୁହିଁଙ୍କୁ ସେ ଯେତେ ଭଲପାଉଥିଲେ, ଚଉକିଟାକୁ ବି ସେତିକି ଭଲପାଉଥିଲେ। ପ୍ରାୟ ସମୟରେ ସେ ଚଉକି ଉପରେ ହିଁ ବସୁଥିଲେ। ଚଉକି ଉପରେ ବସିବା ଠାଣି ତାଙ୍କୁ ବେଶ୍ ମାନୁଥିଲା। ଚାକିରି କରିଥିବା ବେଳେ ବାପା ଯୋଉ ସ୍ଥାନକୁ ବଦଳି ହୋଇଗଲେ ଚଉକିଟି କେମିତି ଯତ୍ନର ସହ ଯିବ ସେ ଚିନ୍ତା ଆଗ ଥିଲା ତାଙ୍କର। ସୋଲ ଓ କପଡ଼ାରେ ଏମିତି ବାନ୍ଧିଦିଅନ୍ତି ଯେ ଧକଡ଼ ଚକଡ଼ରେ ବି ଭାଙ୍ଗିରୁଜି ଯିବାର ଭୟ ନ ଥାଏ। ଶେଷରେ ରିଟାୟାର୍ଡ଼ ପରେ ବି ଅତି ସନ୍ତର୍ପଣରେ ସେ ଗାଁକୁ ନେଇଥିଲେ ଚଉକିଟି।

ସେଦିନ ବୋଉ କହିଥିଲା, "ପୁରୁଣାକାଳିଆ ଚଉକିଟାରୁ କି ମହୁ ଝରୁଛିଯେ, ବିକି ନ ଦେଇ ପୁଣି ଗାଁକୁ ବୁହାହୋଇ ନିଆହେଉଛି।" ବୋଉ ପାଟିରୁ ଏତକ ନ ସରୁଣୁ ବାପାଙ୍କ ରାଗ ଦେଖେ କିଏ। ପାଟି କରି ଘର କମ୍ପେଇଦେଲେ। ଚଉକି ପାଇଁ ବାପା ବୋଉଙ୍କ ଭିତରେ ଅନେକ ଥର ଏମିତି ଲାଗିଛି ଝଗଡ଼ା। ସେଥିପାଇଁ କେତେ ମନାନ୍ତର, ମତାନ୍ତର। ବୋଉ ଘରଦ୍ୱାର ଝାଡୁପୋଛା କରିବାବେଳେ ଚଉକିଟି ଟେକିପାରେନି, ଘୋଷାରିକି ନିଏ। ବାପା ଏ ଦୃଶ୍ୟ ଦେଖି ବିରକ୍ତ ହୁଅନ୍ତି। ନିଜେ ନେଇ ବାରଣ୍ଡାରେ ଥୋଇଦିଅନ୍ତି। ବୋଉ ଅନେକ ଥର ସେ ଚଉକି ଝୁଣ୍ଟିଛି। କେବେକେବେ ତା' କାଣି ଆଙ୍ଗୁଠିରୁ ରକ୍ତ ବି ବାହାରିଛି। ଦିନେ ସାନ ଭଉଣୀ ଇତି ମୋ' ପିଠି ଉପରେ ଘୋଡ଼ା ହୋଇ ଚଉକି ଉପରେ ଚଢ଼ିବା ବେଳକୁ ଗଳିପଡ଼ିଥିଲା ତଳକୁ ଯେ, ତା' ନାକ ଛେଚି ହୋଇ ରକ୍ତ ଝରିଥିଲା। ବୋଉ କେତେବେଳଯାଏ ରବେଇଖବେଇ ହେଲା। ସେଦିନ ବାପାଙ୍କ ଉଦ୍ଦେଶ୍ୟରେ କହିଥିଲା, "ଏ ଚଉକି ଖଣ୍ଡକ କେତେବେଳେ ଜୀବନ ନେଇଯିବ ମୋ' ପିଲାଙ୍କର।"

ଚଉକିଟି ଥିଲା ଜେଜେଙ୍କ ଅମଳର। ଜମିଦାରି ଥିବା ସମୟରେ ଶିଶୁକାଠ କିଣି ବଢ଼େଇକୁ ଲଗାଇ ବନେଇଥିଲେ ସେ ଚଉକି। ବାପା କୁହନ୍ତି, "ଚଉକିରେ ବସି ଜେଜେ ଯେତେବେଳେ ଲମ୍ବା ନିଶକୁ ମୋଡ଼ି ବଡ଼ ପାଟିରେ ଡାକ ଦିଅନ୍ତି, ଖଣ୍ଡେ ଦୂରରେ ଯାଉଥିବା ବାଟୋଇ ବି କୁଆଡ଼େ ଘଡ଼ିଏ ଅଟକି ଯାଆନ୍ତି।" ଜମିଦାରି ଠାଣିରେ ଚଉକି ଉପରେ ବସି ସେ ଗାଁର ଭଲମନ୍ଦ କଥା ବୁଝୁଥିଲେ, ନ୍ୟାୟ ନିଶାପ କରୁଥିଲେ। ବଡ଼ ପରିବାରର ମୁଖିଆ ଭାବରେ ସେ ଚଉକି ଉପରେ ବସି ଗୁମାସ୍ତାକୁ ହୁକୁମ ଦେଉଥିଲେ। ବିଲବାଡ଼ି, ନଡ଼ିଆବାରି, ମାଛ ପୋଖରୀର ହିସାବ ଜେଜେ ଏଇ ଚଉକିରେ ବସି କରୁଥିଲେ। ତାଙ୍କ ପରେ ବାପା ଉତ୍ତରାଧିକାରୀ ହୋଇଛନ୍ତି ଚଉକିର।

ଆମେ ଭାଇ ଭଉଣୀ ଦୁଇଜଣ ସେ ଚଉକିରେ କଦାଚିତ ବସୁ। ସେ ଚଉକି ଉପରେ ବସିଲେ ଲାଗେ ଆମେ ଯେମିତି ବାପାଙ୍କୁ ଅମାନ୍ୟ କରୁଛୁ। ଦିନକର କଥା। ଭାବିଲି, ବାପାଙ୍କ ଚଉକିଟି ପୁରୁଣା ହୋଇ କଳା ଦିଶୁଛି। କୌତୂହଳବଶତଃ ଚଉକିର ହାତକୁ ବ୍ଲେଡ୍‌ରେ ରାମ୍ପି ଚାଲିଲି, କିନ୍ତୁ ଯୋଉ କଳାକୁ ସେଇ କଳା। ବୋଉ ଆସି ମୋ' ହାତରୁ ବ୍ଲେଡ୍ ଛଡ଼େଇ ବହେ ଗାଳିକରି କହିଲା, "ବାପା ଆସିବା ପର୍ଯ୍ୟନ୍ତ ଖାଲି ଅପେକ୍ଷା କର।" ବାପା ଚଉକିର ସେ ଅବସ୍ଥା ଦେଖି ବୋଉ ଉପରେ ବର୍ଷିଗଲେ। ବାପାଙ୍କର ସେ ନାଲି ଆଖି ଦେଖି ମୁଁ ଭୟରେ ଗୋଟାପଣେ ଥରିଲି। ବୋଉ ମତେ ତା' ଆଡ଼କୁ ଜାକି ନେଇ କହିଲା, "ପିଲାଟା ନ ଜାଣି ଭୁଲ କରିଦେଇଛି।" କଥା ଆଗକୁ ନ ବଢ଼େଇ ବାପାଙ୍କର କୌଣସି କଥାର ପ୍ରତ୍ୟୁତ୍ତର ନ ଦେଇ ଚୁପ୍ ରହିଥିଲା ବୋଉ। ବାପାଙ୍କ କୋଳରେ ବସି ଗେହ୍ଲା ହେବା ସମୟରେ ଦିନେ ସାନ ଭଉଣୀ ଇତି ପଚାରିଲା, "ବାପା ମତେ ତମ ଚଉକିଟା ଯୌତୁକରେ ଦେଇଦେବ।" ଇତି ପାଟିରୁ ଏ କଥା ଶୁଣି ବାପା କହିଲେ, "ଆଉ ଯାହା ନବା କଥା କହ ଦେଇଦେବି, କିନ୍ତୁ ଏ ଚଉକି ଦେଇ ହେବନି।" ଇତି ନାକ ଫୁଲେଇ କହିଲା, "ତା'ହେଲେ ତମେ ମତେ ଜମା ଭଲପାଅନା।" ବେଳେବେଳେ ଇତି ଚଉକିଟା ଦେଖାଇ ବେଶ୍ ମଜା କରେ। କହେ- "ଏ ଚଉକିଟା ମୋ' ଜେଜୀମା' ବୁଢ଼ୀ ଆଣିଥିଲା ଯୌତୁକ। ଜେଜେ ବୁଢ଼ା ଯା'ରି ଉପରେ ବସି ରାଜ୍ ଚଳାଇଥିଲା। ଏବେ ତାଙ୍କ ପୁଅ ଚଳାଇଛନ୍ତି ହିଟ୍‌ଲରି ଶାସନ। ଲାଗୁଛି ଏ ଚଉକିଟା ଆଗକୁ ରାଜ୍ୟ ସଂଗ୍ରହାଳୟରେ ଶୋଭାପାଇବ। ଲୋକମାନେ ଟିକେଟ୍ କରି ଯାକୁ ଦେଖିବେ।" ଇତି କଥା ଶୁଣି ମୁଁ ହସି ହସି ଗଡ଼େ। ଏପରିକି ତା'ର କେହି ସାଙ୍ଗସାଥୀ ଘରକୁ ଆସିଲେ ଚଉକିଟା ଦେଖାଇ ସେ ଏମିତି ବକ୍ତୃତା ଆରମ୍ଭ କରେ।



ଆଜି ବାପା ନାହାନ୍ତି, ତାଙ୍କ ଫଟୋ ଶୋଭାପାଉଛି ଚଉକି ଉପରେ। ଶୁଭୁଛି ପୁରୋହିତ ଆସିଲେଣି। କାହ୍ନରୁ ଫଟୋଟି ଆଣି ଚଉକି ଉପରେ ରଖିବାକୁ କ'ଣ ଏତେ ସମୟ ଲାଗୁଛି? ଯାଅ ଗାଧୋଇପଡ଼ ଶ୍ରାଦ୍ଧ କର୍ମ ଆରମ୍ଭ ହେବ ପରା। ପତ୍ନୀ ଶୋଭାଙ୍କ ଡାକରେ ସୁବ୍ରତ ବସିବା ଜାଗାରୁ ଉଠିଲା। ଏତେବେଳେଯାଏ ବସି ବସି ସେ ବାପାଙ୍କୁ ଝୁରି ହେଉଥିଲା।

ମୋ: ୭୦୦୮୩୪୮୧୭୨

# କୋଭିଡ୍ ଟିକାକରଣ: ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଐତିହାସିକ ଘଟଣା


ଆଦାର ପୁନାୱାଲା

କରୋନା ମହାମାରୀର ବିଗତ ଅଢ଼େଇ ବର୍ଷ ଯାହା ଏକ ଗୁରୁତର ଅସ୍ୱାଭାବିକତାର ବାତାବରଣ ସୃଷ୍ଟି କରିଥିଲା, ସେଥିରେ ଲୋକେ ସତେଯେପରି ଏକ ବିଜ୍ଞାନ ଉପନ୍ୟାସର କାହାଣୀ ଭିତରେ ବଞ୍ଚିଥିଲେ। ଏହି ଜଟିଳ ସମୟରେ ଆମେ ଭାରତବାସୀ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବିଶ୍ରାନ୍ତ ନେତୃତ୍ୱରେ ମିଳିତଭାବେ ମହାମାରୀର ମୁକାବିଲା କରିବାରେ ସଫଳ ହୋଇଥିଲ। ଏହି ଦୁଃସମୟରୁ ଆମେ ଅନେକ କଥା ଶିଖିଲୁ ଏବଂ ଶତାବ୍ଦୀରେ ଥରେ ଆସିଥିବା ଏଭଳି ଏକ ମହାମାରୀରୁ ଯେଉଁ ଅଭିଜ୍ଞତା ଲାଭ କଲୁ ତାହା ଆମକୁ ଜୀବନବ୍ୟାପୀ ସାହାଯ୍ୟ କରିବ। ଭବିଷ୍ୟତରେ ଏଭଳି ପରିସ୍ଥିତି ଉପୁଜିଲେ, ତାହାର ମୁକାବିଲା ପାଇଁ ଉତ୍କୃଷ୍ଟ ପଦକ୍ଷେପ ନେବାରେ ଏହି ଅଭିଜ୍ଞତା ଆମକୁ ସାହାଯ୍ୟ କରିବ। ଏକ ମହାସଙ୍କଟ କାଳରେ ଆମେ ଧୈର୍ଯ୍ୟ ଓ ସ୍ଥିତିସ୍ଥାପକତା ପ୍ରଦର୍ଶନ କରି ଦୃଢ଼ ସଂକଳ୍ପ ଏବଂ ସାମର୍ଥ୍ୟ ବଳରେ ପରିସ୍ଥିତି ଉପରେ ନିୟନ୍ତ୍ରଣ ରଖିବାକୁ ସମର୍ଥ ହୋଇଥିଲ। ଏହା ଆମକୁ ବିଶ୍ୱ ଦରବାରରେ ସମ୍ମାନ ପ୍ରଦାନ କରିଥିଲା ଓ ଆମ ସଫଳତାକୁ ସମସ୍ତେ ପ୍ରଶଂସା କରିଥିଲେ।

ଆମ କରୋନା ବିରୋଧୀ ଲଢ଼େଇରେ ଟିକାର ଅବଦାନ ଥିଲା ଗୁରୁତ୍ୱପୂର୍ଣ୍ଣ କରୋନା ମହାମାରୀ ବା କୋଭିଡ-୧୯ ଥିଲା ସମ୍ପୂର୍ଣ୍ଣଭାବେ ଏକ ନୂଆ ଭୂତାଣୁଜନିତ ବ୍ୟାଧି। ଏହାର ଉପଚାର ନ ଥିଲା। ଔଷଧ ଓ ଟିକା ବିନା ଏହି ମହାମାରୀ ବିରୋଧରେ ଲଢ଼େଇ ଆରମ୍ଭ ହୋଇଥିଲା। ତେବେ ଏହା ବିରୋଧରେ ଟିକା ବାହାର କରିବାକୁ ବୈଜ୍ଞାନିକ ପ୍ରସ୍ତୁତି, ଗବେଷଣା ଓ ଉନ୍ନୟନ, ଟିକା ଉତ୍ପାଦନ, ଏଥିପାଇଁ ସରକାରୀ ପ୍ରୋତ୍ସାହନ ଓ ରାଜନୈତିକ ଇଚ୍ଛାଶକ୍ତି ସୃଷ୍ଟି, ଏ କ୍ଷେତ୍ରରେ ସରକାରୀ-ବେସରକାରୀ ସହଭାଗିତା, ଟିକାକରଣ କାର୍ଯ୍ୟକ୍ରମର ଡିଜିଟାଇଜେଶନ, ମହାମାରୀ ବିରୋଧୀ ଲଢ଼େଇରେ ସରକାରଙ୍କ ସବୁ ବିଭାଗ ଏକାଠି ହୋଇ ମିଶନ ମୋଡ୍‌ରେ କାମ କରିବା ଆଦି ସବୁ ପ୍ରୟାସ ପଛରେ ଥିଲା ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରେରଣାଦାୟୀ ନେତୃତ୍ୱ ଏବଂ ଦିଗ୍‌ଦର୍ଶନ। ଟିକା ବାହାରିବା ପରେ ତାହାକୁ ଲୋକଙ୍କ ପାଖରେ ବିନା ମୂଲ୍ୟରେ ପହଞ୍ଚାଇବା, ଟିକା ନେଇ ଜୀବନକୁ ସୁରକ୍ଷିତ କରିବାକୁ ଜନସାଧାରଣଙ୍କୁ ଉତ୍ସାହିତ କରିବା, ନୂଆ ବୈଜ୍ଞାନିକ ଉପଲବ୍ଧି, ନୂତନ ଟିକା ଓ ଔଷଧ ପ୍ରତି ରହିଥିବା ପାରମ୍ପରିକ ସାମାଜିକ କୁଣ୍ଠାକୁ ଦୂର କରିବାରେ ପ୍ରଧାନମନ୍ତ୍ରୀଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ। ତାଙ୍କର ବାସ୍ତବବାଦୀ ପଦକ୍ଷେପ, ଦୂରଦୃଷ୍ଟି ଓ ପ୍ରେରଣାଦାୟୀ ନେତୃତ୍ୱ ଫଳରେ ଆଜି ଭାରତରେ ଶହ ଶହ କୋଟି ଡୋଜ୍ କରୋନା ଟିକା ପ୍ରୟୋଗ ସଫଳ ହୋଇଛି ଏବଂ ଏହା ଆମକୁ ଏହି ମହାମାରୀର ପ୍ରଭାବରୁ ଏକପ୍ରକାର ସୁରକ୍ଷିତ କରିପାରିଛି। କେବଳ ସେତିକି ନୁହେଁ ଆମେ ଟିକା ମୈତ୍ରୀ ନୀତିରେ ପଡ଼ୋଶୀ ବା ଅନ୍ୟାନ୍ୟ ବନ୍ଧୁ ରାଷ୍ଟ୍ରଙ୍କୁ କରୋନା ଟିକା ଯୋଗାଇ ପାରିଛୁ। ବିଦେଶକୁ ଟିକା ପଠାଇବା ବେଳେ ଦେଶରେ ଯେପରି କେହି ଏଥିରୁ ବଞ୍ଚିତ ନ ହୁଅନ୍ତି, ତାହାକୁ ମଧ୍ୟ ସୁନିଶ୍ଚିତ କରିଛୁ।

ସାର୍ସକୋଭ୍-୨ ଭଳି ମାରାତ୍ମକ ଭୂତାଣୁ ଯାହା କରୋନା ମହାମାରୀର ବାହକ ଥିଲା ତା' ବିରୋଧରେ ଏକ ବର୍ଷରୁ କମ୍ ସମୟରେ ନିରାପଦ ଓ ସଫଳ ଟିକା ବାହାର କରିବା ଆଧୁନିକ ବିଜ୍ଞାନ ଇତିହାସର ସବୁଠୁ ବଡ଼ ଉଲ୍ଲେଖନୀୟ ଘଟଣା। ଏହି ଟିକା ପ୍ରସ୍ତୁତିରେ ଭାରତର ଉଦ୍ୟମ ଓ ବ୍ୟବସ୍ଥା ନିର୍ମାଣ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏ କ୍ଷେତ୍ରରେ ବିଭିନ୍ନ ସ୍ଥାନୀୟ, ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତିକ ସମସ୍ୟା ସେତେବେଳେ ଥିଲା। ଦୁର୍ଘଟଣା ସହିତ ଟିକା ପ୍ରସ୍ତୁତିରେ ବ୍ୟବହୃତ କଞ୍ଚାମାଲ ସଂଗ୍ରହ କରିବାରେ ସେରମ୍ ପ୍ରତିଷ୍ଠାନ (ଏସ୍‌ଆଇଆଇ)କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କଞ୍ଚାମାଲର ଉତ୍କଟ ଅଭାବ ସତ୍ତ୍ୱେ ବିଶ୍ୱର ସର୍ବବୃହତ୍ ଟିକା ନିର୍ମାଣକାରୀ ସଂସ୍ଥା ଏସ୍‌ଆଇଆଇ ସବୁ ପ୍ରତିବନ୍ଧକକୁ ଏଡ଼ାଇ ଏଥିରେ ସଫଳ ହୋଇଥିଲା। ଏହି ଅନୁଷ୍ଠାନ ସମେତ ଆଉ କେତେକ ଭାରତୀୟ ଟିକା ନିର୍ମାଣକାରୀ ଖୁବ୍ କମ୍ ସମୟରେ ୨୦୦କୋଟି ଡୋଜରୁ ଅଧିକ ଟିକା ଉତ୍ପାଦନ କରିପାରିଥିଲେ। ଏହା ଆମ ଦେଶର ଲୋକଙ୍କ ଟିକା ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଥିଲା। ଆମେ ଏହି ସ୍ୱଳ୍ପ ସମୟରେ ବିଶ୍ୱର ସପ୍ତମାଂଶ ଜନସଂଖ୍ୟାର ଏକ ତୃତୀୟାଂଶ ଲୋକଙ୍କ ଜୀବନକୁ ସୁରକ୍ଷିତ କରିବାକୁ ସମର୍ଥ ହୋଇଥିଲୁ।

କରୋନା ଟିକା ଉତ୍ପାଦିତ ହୋଇଥିଲା ଏବଂ ଏବେ ହେଉଛି, ସେଥିରୁ ଦେଶର ସାମର୍ଥ୍ୟ ପ୍ରତିପାଦିତ ହୁଏ। ତେଣୁ ଏହି ସାମର୍ଥ୍ୟ ବଳରେ ଆମେ ବିଶ୍ୱର ଟିକା ନିର୍ମାତା ହେବାର ଗୌରବ ଲାଭ କରିଛୁ। କେବଳ କରୋନା ନୁହେଁ, ବିଭିନ୍ନ ପ୍ରକାର ରୋଗର ଟିକା ପ୍ରସ୍ତୁତି ଓ ଉତ୍ପାଦନରେ ଭାରତ ବିଶ୍ୱରେ ଅଗ୍ରଣୀ। ସବୁ ବୟସ ବର୍ଗର ଲୋକଙ୍କ ଟିକା ଆବଶ୍ୟକତା ପୂରଣ କରିବାରେ ଆମେ ମଧ୍ୟ ସମର୍ଥ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଟେକ୍‌ନୋଲୋଜି ପ୍ରୟୋଗ କରି ଭାରତ ମଧ୍ୟ ନୂଆ ସଫଳତା ଅର୍ଜନ କରିଛି। କୋ-ଉଇନର ବ୍ୟବହାର ଥିଲା ଶୃଙ୍ଖଳିତ ଟିକାକରଣର ମେରୁଦଣ୍ଡ। ଅତି କମ୍ ସମୟରେ ଭାରତ 'ଇ-ଭିନ୍' ପ୍ରୟୋଗ କରି ଟିକା ଯୋଗାଣ ବ୍ୟବସ୍ଥାକୁ ସ୍ମାର୍ଟ ଓ ସୁସଂହତ କରିପାରିଥିଲା। ଏହା ଫଳରେ ଟିକା ଯୋଗାଣ, ସଂରକ୍ଷଣ, ଟିକାଦାନ ବ୍ୟବସ୍ଥା ସବୁ ଶୃଙ୍ଖଳିତ ଏବଂ ଟେକ୍‌ନୋଲୋଜି ଆଧାରିତ ହେବାରୁ ଟିକାକରଣ ଅଭିଯାନକୁ ତ୍ରୁଟିଶୂନ୍ୟ ଓ ସହଜ କରିଥିଲା। ଭାରତର ଟିକାକରଣ କାର୍ଯ୍ୟକ୍ରମର ଇତିହାସ ଓ ସଫଳତା ଭଲ। ଏ କ୍ଷେତ୍ରରେ ଭାରତର ଯଥେଷ୍ଟ ଅଭିଜ୍ଞତା ରହିଛି। କୋଭିଡ ପୂର୍ବରୁ ଭାରତ ସରକାର ବିଭିନ୍ନ ଯୋଜନାରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ପ୍ରକାର ଟିକା ନିୟମିତ ଭାବେ ଯୋଗାଇ ଆସୁଥିଲେ। ଅତଏବ ଏହାର ପରିଚାଳନାରେ 'କୋ-ଉଇନ'ର ଯେଉଁ ଉଦାହରଣୀୟ ଭୂମିକା ଥିଲା କୋଭିଡ ଟିକାକରଣ କାଳରେ ସେ ଅଭିଜ୍ଞତାକୁ ଦୋହରାଯାଇଥିଲା। କରୋନା ଟିକାକରଣରେ କୋ-ଉଇନର ଭୂମିକା ଅନସ୍ୱୀକାର୍ଯ୍ୟ। କେଉଁ ବର୍ଗର ଲୋକେ କେବେ କେଉଁ ଡୋଜ୍ ନେବେ, ସେମାନଙ୍କ ପଞ୍ଜୀକରଣ, ଟିକା ପ୍ରଦାନରେ ତଥ୍ୟ ସଂଗ୍ରହ ଏବଂ ସର୍ବୋପରି ଟିକା ଦେଇଥିବା ପ୍ରମାଣପତ୍ର ପ୍ରଦାନରେ କୋ-ଉଇନ ଭୂମିକାକୁ ଭୁଲିବାର ନୁହେଁ। ଟିକାକରଣ ଆରମ୍ଭରୁ ଭାରତ ଟିକା ନେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡିଜିଟାଲ ବ୍ୟବସ୍ଥାରେ ସାର୍ଟିଫିକେଟ ପ୍ରଦାନ କରିବାକୁ ସଫଳ ହୋଇଛି। ଅପରପକ୍ଷରେ ଅନ୍ୟାନ୍ୟ ବହୁ ସମୃଦ୍ଧ ରାଷ୍ଟ୍ର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡିଜିଟାଲ ସାର୍ଟିଫିକେଟ ପ୍ରଦାନରେ କୃତକାର୍ଯ୍ୟ ହୋଇନାହାନ୍ତି। କୋଭିଡ ଟିକାଦାନ ବ୍ୟବସ୍ଥାରେ ଡିଜିଟାଲ ସାର୍ଟିଫିକେଟର ଗୁରୁତ୍ୱ ଅଧିକ; କାରଣ ଏଥିରେ କାହାକୁ କେଉଁ ଟିକା କେତେ ଡୋଜ୍, କେତେ ଦିନ ଅନ୍ତରରେ ଦିଆଯାଉଛି, ସେସବୁ ଡିଜିଟାଲ ମାଧ୍ୟମରେ ଉଲ୍ଲେଖ ଅଛି। ଏଥିରେ ଟିକା ନେଇଥିବା ଓ ନେଇ ନ ଥିବା ଲୋକଙ୍କୁ ସହଜରେ ବାଛି ହେଉଛି। ଏହି କୋ-ଉଇନ୍ ବ୍ୟବସ୍ଥା ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଆଗକୁ ବିଶେଷ ସହାୟକ ହୋଇପାରିବ।

ତିନିଟି ପ୍ରମୁଖ କ୍ଷେତ୍ର ଭାରତକୁ କରୋନା ବିରୋଧୀ ଟିକା ବାହାର କରିବାରେ ବିଶେଷ ସହାୟକ ହୋଇଥିଲା। ସେଗୁଡ଼ିକ ହେଲା- ଟିକା ଗବେଷଣା ଓ ଉନ୍ନୟନ ବ୍ୟବସ୍ଥା, ଭେଷଜ ନିୟନ୍ତ୍ରଣ ବ୍ୟବସ୍ଥା ଓ ସରକାରଙ୍କର ଏ କ୍ଷେତ୍ରରେ ଗଭୀର ସମ୍ପୃକ୍ତି। ସରକାର ଏ କ୍ଷେତ୍ରରେ ସରକାରୀ-ଘରୋଇ ସହଭାଗିତାକୁ ଅଗ୍ରାଧିକାର ଦେଇ ନିଜର ସବୁ ବିଭାଗକୁ ଟିକା ପ୍ରସ୍ତୁତି ଓ କରୋନା ବିରୋଧୀ ଲଢ଼େଇରେ ନିୟୋଜିତ କରିଥିଲେ। ଏକ ଅଜଣା ମହାମାରୀ ସମୟରେ ଏହି ବ୍ୟାଧିର ଟିକା ବାହାର କରିବା ସହଜ କାମ ନୁହେଁ, ତଥାପି ସରକାର ଉପଯୁକ୍ତ ରଣନୀତି ପ୍ରସ୍ତୁତ କରି ଏ କ୍ଷେତ୍ରରେ ଉଦ୍ୟମ ଆରମ୍ଭ କରିଥିଲେ।

ଏହି ଉଦ୍ୟମ ବିଶେଷ ନିର୍ଣ୍ଣାୟକ ଥିଲା। ବିଭିନ୍ନ ସଂସ୍ଥା ଓ ପକ୍ଷଙ୍କୁ ଟିକା ପ୍ରସ୍ତୁତି ପାଇଁ ଅନୁମତି ଦିଆଗଲା। କେଉଁ ସଂସ୍ଥା ଆଗ ଟିକା ପ୍ରସ୍ତୁତ କରିପାରିବ ଏବଂ ତାହା ଜରୁରିକାଳୀନ ବ୍ୟବହାର ନିମନ୍ତେ କେତେ ନିରାପଦ ରହିବ ସେ କଥା କାହାକୁ ଜଣା ନ ଥିଲା। ସବୁଠୁ ବଡ଼ କଥା ଥିଲା କେତେ ଶୀଘ୍ର ଏହାର ସଫଳ ବ୍ୟବହାର କରାଯାଇପାରିବ। ଟିକା ତିଆରି ଓ ଏହାର ଉତ୍ପାଦନ ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଅତଏବ ଏହି ଜଟିଳ ବୈଜ୍ଞାନିକ ପ୍ରକ୍ରିୟାରେ ପ୍ରଥମ ପ୍ରସ୍ତୁତି ଟିକା ଯେ ସର୍ବଶ୍ରେଷ୍ଠ ହେବ ସେ କଥା କୁହାଯାଇ ନ ପାରେ। ଅତଏବ ବିଭିନ୍ନ ପ୍ରକାର ଟିକା ପ୍ରସ୍ତୁତି ପାଇଁ ପ୍ରୟାସ ଜାରି ରଖିବା ଏବଂ ଗୋଟିଏ ପରେ ଗୋଟିଏ ଉତ୍କୃଷ୍ଟ ଗୁଣମାନର ଟିକା ବାହାର କରି ତାହାକୁ ଉତ୍ପାଦନ କରିବାକୁ ସରକାର ଅନୁମତି ଦେଇ ଏକ ଯଥାର୍ଥ ପରିବେଶ ସୃଷ୍ଟି କରିଥିଲେ। ଟେକ୍‌ନୋଲୋଜି ଦୃଷ୍ଟିରୁ ଏସବୁ ଟିକା ପ୍ରସ୍ତୁତି ବିବିଧ ହୋଇଥିଲେ ମଧ୍ୟ ଗୁଣ ଓ ମାନରେ କେହି ଯେପରି କମ୍ ନ ହୁଏ ତା' ଉପରେ ସରକାରଙ୍କ ଅଗ୍ରାଧିକାର ଥିଲା। ଏ କ୍ଷେତ୍ରରେ ଆମ ବୈଜ୍ଞାନିକ, ଗବେଷକ, ଗବେଷଣା ଓ ଉନ୍ନୟନ ବ୍ୟବସ୍ଥା, ନୀତି ନିର୍ଦ୍ଧାରକ, ଟିକା ଉତ୍ପାଦନକାରୀ ସଂସ୍ଥାଙ୍କ ଭୂମିକା ବିଶେଷ ମହତ୍ତ୍ୱପୂର୍ଣ୍ଣ ଥିଲା। ସେମାନେ ସମସ୍ତେ ସମୟର ଆହ୍ୱାନର ମୁକାବିଲା କରିବାରେ ସଫଳ ହୋଇଥିଲେ।

ଆମ ଭେଷଜ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅନେକେ ମନ୍ଥର ବୋଲି କହିଥାନ୍ତି। ତେବେ କରୋନା ଟିକାର ଜରୁରୀ ବ୍ୟବହାରକୁ ଏହା ଯେପରି ଅନୁମୋଦନ ଦେଲା ତାହା ଥିଲା ଉଲ୍ଲେଖନୀୟ। ଟିକାର ପରୀକ୍ଷା ନିରୀକ୍ଷା ପରେ ଭେଷଜ ନିୟନ୍ତ୍ରଣ କର୍ତ୍ତୃପକ୍ଷ ତୁରନ୍ତ କରୋନା ଟିକାର ଜରୁରିକାଳୀନ ପ୍ରୟୋଗକୁ ଅନୁମତି ଦେଇଥିଲେ। ଏ କ୍ଷେତ୍ରରେ କୌଣସି ବିଳମ୍ବର ଅବକାଶ ନ ଥିଲା। ଏହି ଅନୁମତି ପ୍ରଦାନ ବେଳେ କର୍ତ୍ତୃପକ୍ଷ ରୋଗୀଙ୍କ ନିରାପତ୍ତା ଓ ସୁରକ୍ଷାକୁ ଅଗ୍ରାଧିକାର ଦେଇଥିଲେ। ଏହା ସହିତ ଭାରତୀୟ ଟିକା ବିଦେଶୀ ଓ ଆନ୍ତର୍ଜାତିକ ଭେଷଜ ନିୟନ୍ତ୍ରକଙ୍କ ଅନୁମୋଦନ ଅବିଳମ୍ବେ ହାସଲ କରି ବିଶ୍ୱ ବଜାରରେ ସହଜରେ ପ୍ରବେଶ କରିପାରିଲା। ଭେଷଜ ନିୟାମକଙ୍କ ଦାୟିତ୍ୱ ବହୁ ଅଧିକ। କରୋନା ଭଳି ଦେଶରେ ଆହୁରି କେତେକ ଭୟଙ୍କର ବ୍ୟାଧି ରହିଛି, ଯାହାର ମୁକାବିଲା ଯୁଦ୍ଧକାଳୀନ ଭିତ୍ତିରେ କରାଯିବା ଆବଶ୍ୟକ। ତେଣୁ ସେ ସବୁ ରୋଗର ଟିକାକୁ ଜରୁରିକାଳୀନ ପ୍ରୟୋଗ ପାଇଁ କର୍ତ୍ତୃପକ୍ଷ ଶୀଘ୍ର ଅନୁମୋଦନ ଦେବା ଆବଶ୍ୟକ। ସର୍ବୋପରି ଆମକୁ ଆହୁରି ଦଳଗତ ଓ ବ୍ୟବସ୍ଥାଗତ ଉଦ୍ୟମରେ କୋଭିଡର ଦୃଢ଼ ମୁକାବିଲା କରିବାକୁ ପଡ଼ିବ।

ମହାମାରୀ ମୁକାବିଲାରେ ସରକାରଙ୍କ ସାମଗ୍ରିକ ଉଦ୍ୟମ ଥିଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ସମଗ୍ର ସରକାର ଏକ ହୋଇଥିଲେ ଏବଂ ସବୁ ମନ୍ତ୍ରଣାଳୟ, ବିଭାଗ ଏକାଠି ହୋଇ ସମର୍ପିତ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ କାମ କରିଥିଲେ। ଏକାଧିକ ଆନ୍ତଃ ବିଭାଗୀୟ, ଆନ୍ତଃବିଷୟକ କ୍ଷମତାସମ୍ପନ୍ନ ଗୋଷ୍ଠୀ ଏ କ୍ଷେତ୍ରରେ କାମ କରି ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲା। ପୂର୍ବରୁ ସରକାରୀ କାମରେ ସମନ୍ୱୟର ଅଭାବ ଓ ବିଭାଗ-ବିଭାଗ ମଧ୍ୟରେ ଥିବା ଦୂରତ୍ୱ ସଂସ୍କୃତିର ଅବସାନ ଘଟାଇ ଏକ ନୂଆ କର୍ମସଂସ୍କୃତି ପ୍ରସ୍ତୁତ କରାଯାଇଥିଲା। ସମଗ୍ର ସରକାରର ଆଭିମୁଖ୍ୟ ବା ହୋଲ୍ ଅଫ୍ ଗଭର୍ନମେଣ୍ଟ ଆପ୍ରୋଚ ଯୋଗୁ ତୁରନ୍ତ ନିଷ୍ପତ୍ତି ଗ୍ରହଣ ସମ୍ଭବ ହୋଇଥିଲା। କରୋନା ବିରୋଧୀ ଲଢ଼େଇର ପ୍ରକ୍ରିୟାରେ ଉଦ୍ୟୋଗଜଗତ ଓ ଜନସାଧାରଣଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଏହି ଲଢ଼େଇରୁ ଆମେ ଯେଉଁ ଶିକ୍ଷା ପାଇଲୁ ଭବିଷ୍ୟତରେ ଏଭଳି କୌଣସି ସମ୍ଭାବ୍ୟ ସ୍ଥିତିର ମୁକାବିଲାରେ ଏହା ଆମକୁ ନିଶ୍ଚିତ ସାହାଯ୍ୟ କରିବ।

ସର୍ବୋପରି ଏହି ମହାମାରୀରୁ ଆମେ ଯେଉଁ ଏକ ମୌଳିକ ତଥା ଗୁରୁତ୍ୱପୂର୍ଣ୍ଣ କଥା ଶିଖିଲୁ ତାହା ହେଲା ଜନତା ଓ ସମୁଦାୟଙ୍କ ସହିତ ରୋଗ ସମ୍ବନ୍ଧୀୟ ବ୍ୟାପାରରେ ସ୍ପଷ୍ଟ ଭାବେ ଯୋଗାଯୋଗ ସ୍ଥାପନ। ଏହି ବାର୍ତ୍ତା ପ୍ରଦାନରେ ଭାଷା ଅତ୍ୟନ୍ତ ଭାବେ ସରଳ, ପ୍ରାଞ୍ଜଳ ଓ ବୋଧଗମ୍ୟ ହେବା ଉଚିତ, ଯାହାଦ୍ୱାରା ସାଧାରଣ ଲୋକ ବିଜ୍ଞାନର ତଥ୍ୟ ଓ ଗୁରୁତ୍ୱକୁ ବୁଝିପାରିବେ ଓ ଏହା ଉପରେ ଆସ୍ଥା ଏବଂ ବିଶ୍ୱାସ ପ୍ରକଟ କରିବେ। ଲୋକେ ବୁଝୁଥିବା ଭାଷାରେ ତାଙ୍କୁ ରୋଗ ବ୍ୟାଧି, ସଂକ୍ରମଣ ଓ ଔଷଧ, ଚିକିତ୍ସା, ଟିକା, ସେବା ଓ ଯତ୍ନ ଆଦି କଥା କହିବା ସବୁଠୁ ମୂଲ୍ୟବାନ ଏବଂ ଗୁରୁତ୍ୱପୂର୍ଣ୍ଣ। ମହାମାରୀ ସମୟରେ ଡ୍ରୋନ୍ ଭଳି ଆଧୁନିକ ଟେକ୍‌ନୋଲୋଜି ପ୍ରୟୋଗ କରାଯିବା ସହିତ ପାରମ୍ପରିକ ଚିକିତ୍ସା ଉପରେ ଭରସା ରଖିବାକୁ ମଧ୍ୟ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ଟିକାଦାନ ଅଭିଯାନକୁ ସଫଳ କରିବାକୁ ସରକାର ଯଥାସମ୍ଭବ ସବୁ ଉପାୟ ଓ ସାଧନ ଅବଲମ୍ବନ କରିଥିଲେ।

ବିଶ୍ୱର ଅନେକ ଉନ୍ନତ ଦେଶ ସେମାନଙ୍କର ଟିକାଦାନ କାର୍ଯ୍ୟକ୍ରମରେ ବିଶେଷ ଅଗ୍ରଗତି କରିପାରୁ ନ ଥିବାବେଳେ ଭାରତ ଏ କ୍ଷେତ୍ରରେ ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିଛି। ଭାରତରେ ବିଜ୍ଞାନ ଚେତନାର ଉନ୍ମେଷ ଘଟି ଟିକା ନ ନେବା ଓ ଏହାକୁ ବିରୋଧ କରିବା ମନୋଭାବକୁ ଦୂର କରାଯାଇପାରିଛି। ଟିକାକୁ ଦେଶରେ ପ୍ରାୟ ବିରୋଧ ନାହିଁ। ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ଦେଶ ହେବା ସତ୍ତ୍ୱେ ଭାରତରେ ଟିକା ନେବାକୁ ଯୋଗ୍ୟ ଲୋକଙ୍କ ମଧ୍ୟରୁ ୯୬.୭%ଙ୍କୁ ପ୍ରଥମ ଡୋଜ୍ ଓ ୮୯.୨%ଙ୍କୁ ଉଭୟ ଡୋଜ୍ କରୋନା ଟିକା ପ୍ରଦାନ କରାଯାଇଛି। ଏହାଛଡ଼ା ୧୮.୭ କୋଟି ବୁଷ୍ଟର ଡୋଜ୍ ଲୋକଙ୍କୁ ଦିଆଯାଇଛି। ଠିକ୍ ସମୟରେ ଓ ସୁବିଧାରେ ଟିକା ନେବାକୁ ଦେଶରେ ସ୍ୱତନ୍ତ୍ର ଅଭିଯାନ ଚାଲିଛି।

ମାନବସମ୍ବଳ ବିକାଶ ରିପୋର୍ଟ ୨୦୨୨ ଅନୁସାରେ ଟିକାଦାନ କାର୍ଯ୍ୟକ୍ରମ ଫଳରେ କେବଳ ୨୦୨୧ରେ ବିଶ୍ୱରେ ୨୦ ନିୟୁତ କରୋନା ମୃତ୍ୟୁକୁ ଏଡାଇ ଦିଆଯାଇଥିଲା। ବିଭିନ୍ନ ଆହ୍ୱାନ ସତ୍ତ୍ୱେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କରୋନା ମହାମାରୀ ମୁକାବିଲାକୁ ବାସ୍ତବରେ ଏକ ଜନ ଆନ୍ଦୋଳନରେ ପରିଣତ କରାଯାଇପାରିଛି। ଏଥିରେ ରହିଛି 'ସମଗ୍ର ସରକାର' ଆଭିମୁଖ୍ୟ ଓ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ସାମିଲ କରିବାର ପ୍ରୟାସ।

**(ଲେଖକ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)**

## ନୀତି ରାଜନୀତି

# ଉଦ୍ଧବ ଠାକ୍‌ରେଙ୍କୁ ଝଟ୍‌କା

## ଶିନ୍ଦେ ଶିବିରରେ ୧୨ ରାଜ୍ୟର ଶିବସେନା ମୁଖ୍ୟ

**ମୁମ୍ବାଇ,୧୬।୯:** ଶିବସେନା କାହାର ଏହାକୁ ନେଇ ସର୍ବୋଚ୍ଚ ଅଦାଲତରେ ମାମଲା ବିଚାରାଧୀନ ଥିବାବେଳେ ୧୫ ରାଜ୍ୟର ଶିବସେନା ସଭାପତିଙ୍କ ମଧ୍ୟରୁ ୧୨ ଜଣ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ କ୍ୟାମ୍ପରେ ସାମିଲ ହୋଇଛନ୍ତି। ଫଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଶକ୍ତ ଧକ୍କା ହୋଇଛି। ଗୁରୁବାର ୧୨ ରାଜ୍ୟର ଶିବସେନା ମୁଖ୍ୟ ଶିନ୍ଦେଙ୍କ ଶିବିରରେ ଏକ ବୈଠକରେ ଯୋଗଦେଇଥିଲେ। ଶିନ୍ଦେଙ୍କୁ ସମର୍ଥନ ଜଣାଇଥିବା ନେତାଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀର ଶିବସେନା ସଭାପତି ସନ୍ଦିପ୍ ଚୌଧରୀ, ମଣିପୁର ସଭାପତି ଟୋମ୍ବି ସିଂ, ମଧ୍ୟପ୍ରଦେଶ ସଭାପତି ଆଡେଶ୍ୱର ମହାୱାର, ଛତିଶଗଡ଼ ସଭାପତି ଧନଞ୍ଜୟ ପରିହାର, ଗୁଜରାଟ ସଭାପତି ଏସ୍.ଆର୍. ପାଟିଲ, ରାଜସ୍ଥାନ ସଭାପତି ଲଖନ ସିଂ ପାୱାର, ହାଇଦ୍ରାବାଦ ମୁଖ୍ୟ ମୁରାରୀ ଆନ୍ନା, ଗୋଆ ମୁଖ୍ୟ ଜିତେଶ କାମାତ, କର୍ନାଟକ ସଭାପତି କୁମାର ଏ. ହକାରି, ପଶ୍ଚିମବଙ୍ଗ ସଭାପତି ଶାନ୍ତି ଦତ୍ତ, ଓଡ଼ିଶା ରାଜ୍ୟ ପ୍ରଭାରୀ ଜ୍ୟୋତିଶ୍ରୀ ପ୍ରସନ୍ନ କୁମାର, ତ୍ରିପୁରା ଶିବସେନା ପ୍ରଭାରୀ ବରିଭାଦେବ ନାଥ।

# ଭାଜପାରେ ମିଶିବେ ଅମରିନ୍ଦର


ଅମରିନ୍ଦର ସିଂ

**ନୂଆଦିଲ୍ଲୀ,୧୬।୯:** ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂ ସୋମବାର ଭାଜପାରେ ଯୋଗଦେବେ। ସେ ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଅମରିନ୍ଦରଙ୍କୁ ଦଳରେ ସାମିଲ କରାଇବେ। ତାଙ୍କ ଦଳ ପଞ୍ଜାବ ଲୋକ କଂଗ୍ରେସ ମଧ୍ୟ ଭାଜପାରେ ମିଶିବାକୁ ଯାଉଛି। ୨୦୨୧ ନଭେମ୍ବରରେ ଅମରିନ୍ଦର କଂଗ୍ରେସ ଛାଡ଼ିବା ପରେ ପଞ୍ଜାବ ଲୋକ କଂଗ୍ରେସ ଗଠନ କରିଥିଲେ। ୨୦୨୨ ଫେବୃୟାରୀ ବିଧାନସଭା ନିର୍ବାଚନରେ ଏହି ଦଳ ଭାଜପା ସହ ମିଶି ଲଢ଼ିଥିଲା। ଆମ୍ ଆଦ୍‌ମୀ ପାର୍ଟି ୯୨ ଆସନରେ ଜିତି ସରକାର ଗଢ଼ିଥିଲାବେଳେ ଅମରିନ୍ଦରଙ୍କ ଦଳକୁ ମାତ୍ର ୨ଟି ଆସନ ମିଳିଥିଲା। ଅମରିନ୍ଦର ନିଜର ପଟିଆଲା ଆସନରୁ ହାରି ଯାଇଥିଲେ। ଅମରିନ୍ଦର କଂଗ୍ରେସ ଛାଡ଼ିବା ପରେ ତାଙ୍କର ଅଧିକାଂଶ ଘନିଷ୍ଠ କଂଗ୍ରେସ ନେତା ଭାଜପାରେ ଯୋଗଦେଇ ସାରିଲେଣି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପିସିସି ସଭାପତି ସୁନିଲ ଜାଖର, ଅମରିନ୍ଦରଙ୍କ କ୍ୟାବିନେଟର ୪ ମନ୍ତ୍ରୀ ରାଜକୁମାର ଭେର୍କା, ସୁନ୍ଦର ଶାମ ଆରୋରା, ବଲବୀର ସିଂ ସିଦ୍ଧୁ ଏବଂ ଗୁର୍‌ପ୍ରୀତି ସିଂ କଙ୍ଗାର।

# ମୋଦିଙ୍କ ଜନ୍ମଦିନରୁ ଅକ୍ଟୋବର ୨ 'ସେବାପକ୍ଷ' ପାଳିବ ଭାଜପା

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନିର୍ଦ୍ଦେଶ କ୍ରମେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ଧରି ଭାଜପା ପକ୍ଷରୁ 'ସେବାପକ୍ଷ' ପାଳନ କରାଯିବ। ଏଥିପାଇଁ ସମଗ୍ର ଦେଶରେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟମାନ ଅନୁଷ୍ଠିତ ହେବ। ସେବାପକ୍ଷ ଅବସରରେ ୧୭ରେ ମୋଦିଙ୍କ ଜନ୍ମଦିନ, ୨୫ରେ ପଣ୍ଡିତ ଦୀନ୍‌ଦୟାଲଜୀଙ୍କ ଜୟନ୍ତୀ ଏବଂ ଅକ୍ଟୋବର ୨ରେ ଗାନ୍ଧୀ ଜୟନ୍ତୀ ପାଳନ କରାଯିବ। ସେବାପକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମକୁ ଦଳର ସମସ୍ତ ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ନିର୍ବାଚିତ ଜନପ୍ରତିନିଧିଙ୍କ ସହ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ପାଳନ କରିବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ଅନୁରୋଧ କରିଛନ୍ତି। 'ସେବାପକ୍ଷ' ରାଜ୍ୟ ସଂଯୋଜକ ବଳଭଦ୍ର ମାଝି ଶୁକ୍ରବାର ଏହି ସୂଚନା ଦେଇଛନ୍ତି।

# ୨ ଦିନିଆ ଓଡ଼ିଶା ଗସ୍ତରେ ଦିଗ୍‌ବିଜୟ, ଜୟରାମ

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଆରମ୍ଭ କରାଯାଇଥିବା ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପ୍ରସ୍ତୁତିକୁ ତଦାରଖ କରିବା ସହ ରାଜ୍ୟରେ କଂଗ୍ରେସର ସ୍ଥିତି ପରଖିବାକୁ ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ, ଏମ୍‌ପି ଜୟରାମ ରମେଶ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ସହିତ ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାର, ସହପ୍ରଭାରୀ ଜି. ରୁଦ୍ର ରାଜୁ, ଭାରତ ଯୋଡ଼ୋ ଯାତ୍ରାର ଓଡ଼ିଶା ରାଜ୍ୟ ପାଇଁ ଏଆଇସିସି ସଂଯୋଜକ ରାଗିଣୀ ନାୟକ ମଧ୍ୟ ଏହି ଗସ୍ତରେ ସାମିଲ ହେବେ। ଏହି କଂଗ୍ରେସ

**ଭାରତ ଯୋଡ଼ୋ ପ୍ରସ୍ତୁତି ବୈଠକରେ ଯୋଗ ଦେବେ**

ନେତାମାନେ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ। ରବିବାର ପୂର୍ବାହ୍ନ ୧୦ଟାରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ଆୟୋଜିତ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ସଂକ୍ରାନ୍ତରେ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ। ମଧ୍ୟାହ୍ନ ୧୨ଟା ୫ ମିନିଟ୍‌ରେ ଖବରଦାତା ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।


**OFFICE OF THE SUPERINTENDING ENGINEER, RWS & S DIVISION, BARGARH**

Email :- eerwss_bgh@nic.in, Ph (O):-06646 233220, FAX :- 06646 234626

No. 4818 / Dt. 15.09.2022

**GOVERNMENT OF ODISHA "e" PROCUREMENT NOTICE**

**Bid Identification No 04 of 2022-23**

**No. O-990:-** The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class **'D'** or **'C'** registered with any department of State Government or equivalent class of Central Govt. etc. to be eventually drawn up in P1 Contract Form for the work as per terms and condition noted below.

1. Name of the work:- **Construction of 6.00 mtr inner dia x 10.00 mtr deep RR Stone Masonry Open well and 3.00 inner dia x 13.00 height RCC Intake well with laying of 200 mm dia PVC infiltration Gallery in different Rural piped water supply schemes under Padampur, Paikmal & Jharbandh Block.**
2. Approx. Estimated cost :- **Varies from Rs 14.03** to **18.05** lakhs
3. Date and time of availability of tender document in the office of the Executive Engineer, RWSS Division, Bargarh :- **Dt 26.09.2022** to **Dt. 18.10.2022** up to **5.00** P.M.
4. Last date/time for receipt of tender document in the office of the Executive Engineer, RWSS Division, Bargarh :- Dt **18.10.22** up to **5.00** P.M
5. Date & time of Opening of Tender :- Dt **19.10.22** at **11.00** A.M.
6. Name and address of the Officer Inviting Tender :- Executive Engineer, RWS&S Division, Bargarh, District :- Bargarh

The authority reserves the right to reject any or all the tenders withouth assigning any reason thereof.

OIPR-25157/11/0006/2223 **Sd./- Executive Engineer, RWS&S Division, Bargarh**



**OFFICE OF THE MUNICIPALITY, NABARANGPUR**

**Nabarangpur (Odisha), PIN - 764059**
**Tel/Fax No.: 06858-222031**
**E-mail: municipalityngpr@gmail.com**

**QUOTATION CALL NOTICE**

**No. 2256** **Date: 14.09.2022**

No. C-1217: Sealed quotation/tenders are invited from CAG empanelled chartered accountant firm for last 2 years audit in accounts of Nabarangpur Municipality, Nabarangpur, Odisha the audit may be complete by 30th Oct. 2022 as per minimum rate with including TA/DA/accommodation.

**The CA farm should fulfill the following condition:**

A. The farm must have CAG Empanelled CA farms.
B. The farm must have GST registration.
C. The farm should have not less than 8 article/audit clerk.
D. The farm should have its head quarter/branch in the State of Odisha, so as to ensure timely completion of the assignment.
E. The farm having experience in finalization of Municipal Accounts before will be preference.

The quotation should reach the undersign with the prescribed format as per Annexure - II by 3 P.M. on 30.09.2022 and it will be opened on the same date at 4 P.M. by the undersigned and his authorized officer in presents of quotationer. The quotations received after last date fixed will be not entertained. The authority right to reject any or all quotation without assigning any reason thereof.

**Sd./- Executive Officer**
**Nabarangpur Municipality**
OIPR-13180/11/0010/2223



**SAMBALPUR MUNICIPAL CORPORATION**
**SAMBALPUR, ODISHA - 768001**

Azadi Ka Amrit Mahotsav

**Phone No.: 0663-2411316 / E Mail: sambalpurm.hud@nic.in**

**Notice No. 8807/SMC** **SHORT QUOTATION CALL NOTICE** **Dated: 13.09.2022**

No. C-1215: Sealed quotations are invited from reputed Agency/Firm/Stockist/Suppliers/Solo Proprietor for supply of 50 Ltr. steam Boiler of reputed Brand for use in Aahar Kitchen of Sambalpur Municipal Corporation. All quotations in the following tender paper format accompanied with GST registration number should reach on or before Dt.28.09.2022 by 4 P.M. addressed to Municipal Commissioner, Sambalpur Municipal Corporation, Durgapali, Sambalpur - 768006. Quotation received after the stipulated period will not be accepted. All quotations will be opened on Dt.29.09.2022 at 04.30 P.M. in presence of bidders or their authorized representatives in the office chamber of undersigned.

| Sl. No. | Name of Items | Quantity of Items | Fuel Used | Warranty | Unit Cost (Including GST) |
|---|---|---|---|---|---|
| 01 | 50 Ltr. Steam Boiler | 1 | Wood/ L.P. Gas | 1 Year | |

Authority reserves the right to accept or reject any or all tenders without assigning any reason thereof. For further details Sri Manoranjan Kar, CMM, 9078843466 may be contacted in this regard.

**Sd./- Commissioner**
**Sambalpur Municipal Corporation**
**OIPR-13122/11/0053/2223**



**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା**
**OFFICE OF THE NOTIFIED AREA COUNCIL, BALIMELA**

**No. C-1212**
**Odisha, PIN - 764051, e-Mail: eonacbalimela@gmail.com**
**Letter No. 4237/2022** **TENDER CALL NOTICE** **Dated: 13.09.2022**

1. The Executive Officer, NAC, Balimela on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/class registered with Central Govt./MES/ Railways according to norm of procurement system in offline mode for the following works:

| Sl. | Name of the Work | Approx. Estimate Cost Rs. | Class of Contractor | Tender Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Renovation of Office Building Ward No. - 02, NAC, Balimela | 8,20,000.00 | C & D | 4000.00 |

2. The Bid documents & DTCN will be available in the Office of the NAC, Balimela from 10 A.M. on Dt.15.09.2022 to Dt.20.09.2022 upto 5 P.M. for offline bidding.
3. The bid documents most be reached from 15.09.2022 to on or before 5 P.M. of Dtd.21.09.2022 by Regd. Post/Speed Post only.
4. The bid received offline shall be opened on 11 A.M. of Dtd.22.09.2022.
5. Name and address of the Officer Inviting Bid: Executive Officer, NAC, Balimela.

**OIPR-13140/11/0008/2223** **Sd./- Executive Officer, NAC, Balimela**



**ଜିଲ୍ଲା ମତ୍ସ୍ୟ ଅଧିକାରୀ ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ**
**ମତ୍ସ୍ୟ ଉନ୍ନୟନ ସଂସ୍ଥା, କେନ୍ଦୁଝର**

**OFFICE OF THE DISTRICT FISHERIES-OFFICER-CUM-CHIEF EXECUTIVE OFFICER, KENDUJHAR**

**E-Mail:- dfokendujhar@gmail.com, Phone & Fax- 06766-255553**

**NOTICE**

**No. 2793/DFO, Dt: 13.09.22**

No.M-41:- The advertisement published vide this office Advertisement No. 01 Dt.13.09.2022 inviting applications from eligible experienced organisations/ Agencies for submission of proposal for "SELECTION OF AGENCIES FOR LIVELIHOOD ENHANCEMENT OF PEOPLE IN MINING AFFECTED AREAS OF KEONJHAR DISTRICT THROUGH AQUACULTURE" under DMF Keonjhar.

The details, terms and conditions along with the RFP documents can be downloaded from the district website **www.kendujhar.nic.in**.

The proposal complete in all respect should reach the undersigned before 11.10.2022 till 5.00 PM via means of Registered Post/ Speed Post only.

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 13.09.2022 |
| 2 | Last Date for Submission of Bid | 11.10.2022, Till 5 P.M. |
| 3 | Date of Opening of Technical Bid | 12.10.2022 |
| 4 | Date of Technical Presentation | 13.10.2022 |

The undersigned reserves the right to reject or cancel any or all the tenders, without assigning any reason thereof.

**Sd./- District Fisheries Officer-cum-CEO-FFDA, Keonjhar**
OIPR-08099/11/0002/2223

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଥାନା ଫୁଲମୁଠି-ସାହାଜବାହାଲ ରାସ୍ତାର ଜାମନାଳା ନିକଟରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକ ହେଲେ ଫଲମୁଠିର ବେଣୁଧର ବାଘ(୪୫)। ବେଣୁଧର ବୁଧବାର ସକାଳେ ସାମାନ୍ୟ କଳହ ପରେ ଘରୁ ରାଗି କରି ଚାଲି ଆସିଥିଲେ। ନ ଫେରିବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ। ଶୁକ୍ରବାର ତାଙ୍କ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମଠବାବାଙ୍କ ସମେତ ୬ ଗିରଫ

## ବିଦ୍ୟୁତ୍ ଫାଶରେ ବାଘ ମୃତ୍ୟୁ ଘଟଣା

■ ବାଘ ଦାନ୍ତ, ଗୋଡ ଓ ନଖ କାଟି ନେଇଥିଲେ

ସୋନପୁର,୧୬।୯(ନି.ପ୍ର.)

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲର ବାଘପାଲି ନିକଟରେ କଲରାପତରିଆ ବାଘର ମୃତ୍ୟୁ ଘଟଣାରେ ବନବିଭାଗ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ସ୍ଥାନୀୟ ବାଘପାଲି ମଠର ବାବା ଦାନ ବିହାରୀ ସରନ ଓରଫ ଦୟାସାଗର ଥାଟି(୪୮) ଅଛନ୍ତି। ଅନ୍ୟ ଅଭିଯୁକ୍ତମାନେ ହେଲେ କୋଟସମଲାଇ ଗାଁର ସୁରେନ୍ଦ୍ର ପ୍ରଧାନ(୪୦), ବିଜୁ ଗୁରୁ(୨୭), ନାକଡେଇଁ ଗାଁର ରାମଚନ୍ଦ୍ର ପୁରୋହିତ(୪୫), ବାବାଙ୍କ ପୁତୁରା ତଥା ବାଘପାଲି ଗାଁର ପୁରନ୍ଦର ଥାଟି(୩୮) ଓ ସୋନପୁର ସହର ପଟାଭାଡିର ସତ୍ୟ ନାରାୟଣ ମେହେର। ବାବା ଦାନ ବିହାରୀ ଓ ରାମଚନ୍ଦ୍ର ଓ ସତ୍ୟ ନାରାୟଣଙ୍କ ନିକଟରୁ ମୃତ ବାଘର ଦାନ୍ତ ଓ ନଖ ଜବତ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ବର୍‌ହା ଶିକାର ପାଇଁ ପାର୍ଶ୍ୱରେ ଯାଇଥିବା ବିଦ୍ୟୁତ୍ ତାରରୁ ହୁକ ପକାଇ ଜଙ୍ଗଲରେ ଫାଶ ତିଆରି କରିଥିଲେ। ଏହି ଫାଶରେ ପଡି ବିରଳ ପ୍ରାପ୍ତ ବୟସ୍କା ମାଇ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଶିକାରୀ ମାନେ ବାବାଙ୍କ ଆଶ୍ରମକୁ ଆସି ଆଲୋଚନା କରିବା ସହ ତାଙ୍କ ସହାୟତା ଲୋଡିଥିଲେ। ବାବାଙ୍କ ପରାମର୍ଶରେ ଶିକାରୀ ମାନେ ବାଘର ନଖ, ଦାନ୍ତ ଓ ନିଶ ବିକ୍ରି କରିବା ପାଇଁ ମୃତ ବାଘର ୪ଟି ଗୋଡ ଓ ମୁହଁକୁ କାଟି ଆଣିଥିଲେ। ବାଘ ମୃତ୍ୟୁର ୪ ଦିନ ପରେ ଗନ୍ଧ ହେବାରୁ ଜଙ୍ଗଲରେ ବାଘର ଗଳିତ ମୃତ ଦେହ ପଡିଥିବା ଜଣା ପଡିଥିଲା। ଉଲୁଣ୍ଡା ବନବିଭାଗ ଖବର ପାଇ ଗତ ମଙ୍ଗଳବାର ମୃତଦେହକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଥିଲା। ବନବିଭାଗ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଜାରି ରଖିଥିଲା। ବାବାଙ୍କୁ ଗିରଫ କରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିବା ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ବାଘପାଲିର ଦୟାସାଗର ବାବା ହେବା ପରେ ଗ୍ରାମ୍ୟ ଜଙ୍ଗଲରେ ଏକ ମଠ କରି ରହି ଆସୁଛନ୍ତି। ତେବେ ବାଘପାଲି ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ଫାଶ ତିଆରି କରିବା ନୂଆ କଥା ନୁହଁ। ପୂର୍ବରୁ ବିଦ୍ୟୁତ୍ ଫାଶରେ ପଡି ବାଘପାଲି ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗାଇ, ବଳଦଙ୍କ ମୃତ୍ୟୁ ହୋଇଛି। ମାତ୍ର ବନବିଭାଗ ପକ୍ଷରୁ ଶିକାରୀଙ୍କ ଏଭଳି କାର୍ଯ୍ୟକୁ ରୋକା ଯାଇପାରିନି।



ବନ ବିଭାଗ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ।

# ସୁବର୍ଣ୍ଣପୁର ଜିଲା ଦଳରେ ବୀରମହାରାଜପୁରରୁ ୩

## ଆନ୍ତଃଜିଲା ୧୬ ବର୍ଷରୁ କମ୍ କ୍ରିକେଟ

ଅମରପାଲି,୧୬।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ୧୬ବର୍ଷରୁ କମ କ୍ରିକେଟ ଦଳ ଆନ୍ତଃଜିଲା କ୍ରିକେଟରେ ଅଂଶଗ୍ରହଣ କରିବାକୁ କଟକକୁ ଯାଇଛି। ଖେଳାଳି, କୋଚ ଓ ଟିମ ମ୍ୟାନେଜରଙ୍କୁ ନେଇ ୧୬ଜଣିଆ ଦଳ ଏଥିପାଇଁ କଟକରେ ଅନୁଷ୍ଠିତ କ୍ରିକେଟ ଲିଗରେ ଅଂଶଗ୍ରହଣ କରିବ। ଏହିଟିମ୍‌ରେ ବୀରମହାରାଜପୁର ବ୍ଲକରୁ ୩ଜଣ ଖେଳାଳି ସାମିଲ ହେଇଛନ୍ତି। ବ୍ଲକର ଲୁଡୁରପଙ୍କ ଗ୍ରାମର ଦୁଇ ଜଣ ଓ ଅମରପଲି ଗ୍ରାମରୁ ଜଣେ ଲେଖାଏ ଖେଳାଳି ଟିମରେ ରହିଛନ୍ତି। ଲୁଡୁରପଙ୍କ ଜୟ ଜଗନ୍ନାଥ ସ୍ପୋର୍ଟ୍ସ କ୍ଲବର ବାଳକୃଷ୍ଣ ପଧାନ ଓ ଅବିନାଶ ପଧାନଙ୍କ ସମେତ ଅମରପାଲି ଜେମସଷ୍ଟାର କ୍ରିକେଟ କ୍ଲବର ତନୁଜରାଜ ସାହୁ ଦଳରେ ସାମିଲ ହୋଇଛନ୍ତି। ତନୁଜ ଏବେ ସୋନପୁର ସାହାର ଟ୍ରଷ୍ଟ ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ଉକ୍ତ ଟିମର ମ୍ୟାନେଜରଙ୍କ ସହ କୋଚଭାବେ ଲୁଡୁରପଙ୍କର ମ୍ୟାକମିଲନ ମହାକୁର ଟିମରେ ସାମିଲ ହୋଇଛନ୍ତି। ସୋନପୁର ଦଳ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଦେବଗଡ, ଯାଜପୁର ଓ କେଉଁଝର ଜିଲା ଟିମ ସହିତ ମ୍ୟାଚ ଖେଳିବାର ଅଛି।

# ଦୁର୍ଘଟଣାରେ କଲେଜ ଛାତ୍ର ମୃତ

**ବରଗଡ଼ ଅଫିସ୍,୧୬।୯:** ବରଗଡ଼ ସହର ଉପକଣ୍ଠ ହଲଦୀପାଲି ନିକଟ ଫୋରଲେନ୍ ରାସ୍ତାରେ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବରଗଡ଼ ପଞ୍ଚାୟତ କଲେଜର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ର ଅରୁଣ କୁମାର ଷଣ୍ଢଙ୍କ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଅରୁଣ ଅନ୍ୟ ୨ଜଣ ସାଙ୍ଗଙ୍କ ସହିତ ଫୋରଲେନ୍ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିଲେ। ଏହି ସମୟରେ ଏକ ଟ୍ରକ୍ ଅରୁଣଙ୍କ ଉପରେ ମାଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ବୌଦ୍ଧର ଆଇଟିଆଇ ଛାତ୍ରୀ ସର୍ବଭାରତୀୟ ସ୍ତରରେ ଟପ୍ପର

ବୌଦ୍ଧ/ବଘିଆପଡା, ୧୬।୯(ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ଗୌଡଦେଇଠାରେ ଥିବା ଶିଳ୍ପ ତାଲିମ ପ୍ରତିଷ୍ଠାନର ଛାତ୍ରୀ ଶୁଭଶ୍ରୀ ପ୍ରଧାନ ୨୦୨୦-୨୨ ଶିକ୍ଷାବର୍ଷ ପରୀକ୍ଷାରେ ଟେକ୍ସଟାଇଲ ୱେଟ ପ୍ରୋସେସିଙ୍ଗ ଟେକନିସିଆନ ଟ୍ରେଡ(ଡିଡବ୍ଲୁଟିଟି)ରେ ରାଜ୍ୟ ତଥା ଜାତୀୟସ୍ତରରେ ଟପ୍ପର ହୋଇଥିବା ଜଣାପଡିଛି। ସେ ମୋଟ ୧୩୦୦ ମାର୍କରୁ ୧୧୫୫ (୮୮.୫୫ ପ୍ରତିଶତ) ରଖି ଏହି କୃତିତ୍ୱ ହାସଲ କରଛନ୍ତ। ସେଥିପାଇଁ ବୌଦ୍ଧ ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧକ୍ଷ ଅବିନାଶ ମିଶ୍ର, ତାଲିମ ଅଧିକାରୀ ସୁବୋଧ ପାଣିଗ୍ରାହୀ,ସଂପୃକ୍ତ ଟ୍ରେଡର ସହକାରୀ ତାଲିମ ଅଧିକାରୀ ଦେବେନ୍ଦ୍ର ନାଥ ବେହେରା, ସୁଧାଂଶୁ ଶେଖର ମହାକୁଡ ଓ ସହପାଠୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶୁଭଶ୍ରୀଙ୍କ ଘର ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତର ସାଲେଇସିଂ ଗ୍ରାମରେ। ସେ ହେଉଛନ୍ତି ସରେନ୍ଦ୍ର ପ୍ରଧାନଙ୍କ ଝିଅ। ଗୌଡଦେଇ ଜିଲା ଶିଳ୍ପ ତାଲିମ ପ୍ରତିଷ୍ଠାନର ଶିକ୍ଷା ଗ୍ରହଣ କରି ଦ୍ୱିତୀୟ ବର୍ଷ ପରୀକ୍ଷା ଦେଇଥିଲେ। ତାଙ୍କର ଏହି ସଫଳତା ପାଇଁ ଶୁଭଶ୍ରୀ ପିତାମାତାଙ୍କ ସମେତ ଜିଲା ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧକ୍ଷ ଓ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।



ଛାତ୍ରୀ ଶୁଭଶ୍ରୀ ପ୍ରଧାନ।


ଜନ୍ମଦିନ ଶୁଭେଚ୍ଛା



(ବୁବୁଲୁ)
ଶୃତିଶ୍ରୀ ସିହ୍ନା
ବୌଦ୍ଧ, ପୋଡ଼ାପୋଡ଼ା
ତୋର ୧୪ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭ କାମନା। ପ୍ରଭୁ ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଆଇ, ଗୁଗୁଲ, ଡୁଡୁଲୁ, ବନ୍ଧୁ ଓ ପରିବାର।
ଧ-୬୭୬୪୮

୫ମ ଜନ୍ମବାର୍ଷିକ ଶୁଭେଚ୍ଛା



HAPPY Birthday
ଶ୍ରୀମାନ୍ ଧୃବ୍ କୁମାର
ସମେଇଗଡ଼ିଆ, ଭୁବନେଶ୍ୱର
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ପିତା- ନିହାର, ମାତା- ଶୁଭଶ୍ରୀ, ଜେଜେ, ବଡ଼ିମାଆ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୫୦୯

CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଇଂ ଚିତ୍ତରଞ୍ଜନ ମହାଖୁଡ଼ (ଗୁନା)
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୩୦।୦୬।୧୯୮୨
ତିରୋଧାନ: ୧୨।୦୯।୨୦୦୯
ତୋର ପବିତ୍ର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୪୦୧୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରୋହିତ କୁମାର ଜେନା
ଠିକଣା- ଦଣ୍ଡୁଆସିପଡ଼ା, କନ୍ଦରପୁର, କଟକ
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୨୭।୦୯।୨୦୨୧
ଆରପାରିରେ ଯେଉଁଠାରେ ଥାଅ ଶାନ୍ତିରେ ରହିଥାଅ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ହତଭାଗ୍ୟ- ରେଣୁବାଳା ଜେନା (ପତ୍ନୀ), ରତିକାନ୍ତ ଜେନା (ପୁତ୍ର), ସୋନାଲି ଜେନା (ପୁତ୍ରବଧୂ) ।
ଧ-୧୪୫୮୬



**ବୃଦ୍ଧି ପାଉଛି ଡିଜିଟାଲ ଅର୍ଥ ସ୍ଥାନାନ୍ତର**

ନୂଆଦିଲ୍ଲୀ: ଗତ କିଛି ବର୍ଷ ମଧ୍ୟରେ ଭାରତୀୟମାନଙ୍କର ଆର୍ଥିକ କାରବାର ସମ୍ପର୍କିତ ବ୍ୟବହାରରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଏପରିକି ଡିଜିଟାଲ ମାଧ୍ୟମରେ ସେମାନେ ଅଧିକ ଅର୍ଥ ସ୍ଥାନାନ୍ତର କରୁଛନ୍ତି। ବିଶେଷକରି ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଏଥିରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଭାରତର ପ୍ରାୟ ୪୦ କୋଟି ଲୋକ ଡିଜିଟାଲ ପ୍ରଯୁକ୍ତି ଜରିଆରେ ଅର୍ଥ ସ୍ଥାନାନ୍ତର କରୁଛନ୍ତି ବୋଲି ଇନ୍‌ଫୋସିସ୍‌ର ସହ ପ୍ରତିଷ୍ଠାତା ତଥା ୟୁଆଇଡିଏଆଇର ପ୍ରତିଷ୍ଠାତା ଅଧ୍ୟକ୍ଷ ନନ୍ଦନ ନିଲେକାନି ମତବ୍ୟକ୍ତ କରିଛନ୍ତି।



# ଶେୟାର ବଜାରରେ ବଡ଼ ହ୍ରାସ

- ସେନ୍‌ସେକ୍ସ ଖସିଲା ୧୦୯୩ ପଏଣ୍ଟ
- ୧୭୫୫୦ ଅଙ୍କରେ ନିଫ୍ଟି



ମୁମ୍ବାଇ,୧୬।୯

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଯୋଗୁ ଶୁକ୍ରବାର ଷ୍ଟକ୍ ବଜାରର କାରବାର ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଫଳରେ ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସରେ ଏକ ବଡ଼ ଧରଣର କ୍ଷତି ନିବେଶକମାନଙ୍କୁ ସହିବାକୁ ପଡ଼ିଛି। ଭାରତୀୟ ଶେୟାର ମାର୍କେଟର ଟ୍ରେଡିଂ ସେସନ ଆରମ୍ଭରୁ ହିଁ ନିମ୍ନଗାମୀ ହୋଇ ଶେଷରେ ଏକ ବଡ଼ କ୍ଷତି ସହ କାରବାର ବନ୍ଦ କରିଥିଲା। ବିଶେଷ କରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ରେ ସେନ୍‌ସେକ୍ସ ୧୦୯୩ ପଏଣ୍ଟ ବା ୧.୮୨% ହ୍ରାସ ପାଇ ୫୮,୮୪୧ ଅଙ୍କରେ ରହିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ରେ ମଧ୍ୟ ୩୪୭ ପଏଣ୍ଟ ବା ୧.୯୪% କମି ୧୭୫୩୧ ଅଙ୍କରେ ରହିଥିବା ଜଣାପଡ଼ିଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟରେ ପ୍ରାୟ ୨% ର ଶେୟାର ହ୍ରାସ ସାଙ୍ଗକୁ ନିବେଶକମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି ବା ଶେୟାର ହରାଇଛନ୍ତି। ସେହିପରି ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ବ୍ୟାଙ୍କିଙ୍ଗ୍ ଶିଳ୍ପ, ଅଟୋ ଶିଳ୍ପ, ଆଇଟି, ଧାତୁ ଏବଂ ରିଅଲ ଇଷ୍ଟେଟ ଭଳିପ୍ରମୁଖ କ୍ଷେତ୍ରର କାରବାର ଖରାପ ଯୋଗୁ ନିବେଶ ହ୍ରାସ ପାଇଥିଲା। ଏପରିକି ବିସ୍ତୃତ ବଜାରଗୁଡ଼ିକ ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଏବଂ ଛୋଟ କ୍ୟାପ୍ ୧୦୦ ସହ ୨.୫ରୁ ୩% ମଧ୍ୟରେ ହ୍ରାସ ପାଇ ସମାନ ଭାବେ କାରବାରକୁ ଏକ ଅସ୍ଥିରତା ମଧ୍ୟକୁ ଠେଲିଦେଇଥିଲା। ଅପରପକ୍ଷରେ କ୍ରମାଗତ ୩ ଦିନ ଲାଗି ଶେୟାର ବଜାରରେ ଅସ୍ଥିରତା ଦେଖାଦେଇଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ବ୍ୟାପକ ପରିମାଣର ନିବେଶ ହରାଇଛନ୍ତି। ଶୁକ୍ରବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୨% କାରବାର ହ୍ରାସ ପାଇଥିଲା। ଏପରିକି ସେନ୍‌ସେକ୍ସ ୧୦୯୩ (୧୦୯୩.୨୨ ) ପଏଣ୍ଟ ଖସି ୫୮,୮୪୧ (୫୮,୮୪୦.୭୯) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୩୪୭ (୩୪୬.୫୫) ପଏଣ୍ଟ ହ୍ରାସ ଘଟି ୧୭,୫୩୧.୮୫ ଅଙ୍କରେ ବଜାର ବନ୍ଦ ହୋଇଛି। ଶେୟାର ମାର୍କେଟରେ ଅଧିକାଂଶ କ୍ଷେତ୍ରର ଶେୟାର ହ୍ରାସ ପାଇଛି। ବିଶେଷକରି ରିଅଲ ଇଷ୍ଟେଟ, ଆଇଟି, ବ୍ୟାଙ୍କିଙ୍ଗ୍, ଅଟୋଶିଳ୍ପ ଏବଂ ଫାର୍ମାର ନିବେଶଗୁଡ଼ିକ ବଡ କ୍ଷତି ସହିଥିବା ବେଳେ ଏଫ୍‌ଏମ୍‌ସିଜି, ଏନର୍ଜି, ମେଟାଲ, ତୈଳ ଏବଂ ଗ୍ୟାସ୍ ଆଦିକୁ ଛାଡ଼ିଦେଲେ ମିଡ୍‌କାପ୍ ଓ ସ୍ମଲ୍‌କାପ୍ ଶେୟାର ଇଣ୍ଡେକ୍ସ ଗ୍ରୀନ୍ ସିଗ୍‌ନାଲ୍ ସହ ବନ୍ଦ ହୋଇଛି। ନିଫ୍ଟିରେ ୫୦ଟି ଶେୟାର ମଧ୍ୟରୁ ୧୭ଟି ଶେୟାର ରେଡ୍ ସିଗ୍‌ନାଲରେ ବନ୍ଦ ହୋଇଛି।

## ୨ ସିମେଣ୍ଟ କମ୍ପାନୀକୁ କିଣିଲେ ଆଦାନୀ

**ମୁମ୍ବାଇ,୧୬।୯:** ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ନିକଟରେ ୨ଟି ସିମେଣ୍ଟ କମ୍ପାନୀ ଆଦାନୀ ଅମ୍ବୁଜା ସହ ଏସିସି ସିମେଣ୍ଟକୁ ମଧ୍ୟ କିଣିଥିଲେ। ହେଲେ କିଛି ସରକାରୀ ନିୟମାବଳୀ ଓ କାଗଜପତ୍ର କାମ ପାଇଁ ବିଧିବଦ୍ଧ ଭାବେ ତାହା ଘୋଷଣା କରାଯାଇ ନ ଥିଲା। ଶୁକ୍ରବାର ଉଭୟ କମ୍ପାନୀର ଅଧିଗ୍ରହଣ ସହ ବିଧିବଦ୍ଧ ଭାବେ ଉଭୟ ଏସିସି ଏବଂ ଅମ୍ବୁଜା ବର୍ତ୍ତମାନ ଆଦାନୀ ଗ୍ରୁପ୍ ଦ୍ୱାରା ପରିଚାଳିତ ହେବ ବୋଲି ଜଣାପଡ଼ିଛି। ବିଶେଷକରି ଆଦାନୀ ଗ୍ରୁପ୍ ପ୍ରାୟ ୧୦.୫ ବିଲିୟନ ଡଲାର ବିନିଯୋଗରେ ଉପରୋକ୍ତ ଦୁଇଟି ବୃହତ୍ ସିମେଣ୍ଟ କମ୍ପାନୀର ମାଲିକାନା ହାସଲ କରିଛି। ଅପରପକ୍ଷରେ ଚଳିତ ବର୍ଷ ଅଗଷ୍ଟରେ ସିସିଆଇ ଆଦାନୀ ଗ୍ରୁପର ଅମ୍ବୁଜା ସିମେଣ୍ଟ ଏବଂ ଏସିସି ସିମେଣ୍ଟର ଅଧିଗ୍ରହଣକୁ ଅନୁମୋଦନ କରିଥିଲା। ଏପରିକି ଚଳିତ ବର୍ଷ ମେ ମାସରେ ଆଦାନୀ ଗ୍ରୁପ୍ ଉଭୟ ସିମେଣ୍ଟ ବ୍ରାଣ୍ଡକୁ ହୋଲସୀମ କମ୍ପାନୀଠାରୁ ୧୦.୫ ବିଲିୟନ ଡଲାର (ପ୍ରାୟ ୮୧,୩୩୯ କୋଟି ଟଙ୍କା) ରେ ରାଜିନାମା ହୋଇଥିବା ସୂଚନା ମିଳିଛି।

## ବିଓଆଇ ପକ୍ଷରୁ ହିନ୍ଦୀ ଦିବସ ପାଳିତ



ଭୁବନେଶ୍ୱର,୧୬।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳର ପୁରୀ ଶାଖାଠାରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସମାଚାର ପଠନ ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଇଥିଲା। ବିଶେଷକରି ପୁରୀସ୍ଥିତ ନୂଆସନ୍ଥ, ପିପିଲି, ଚନ୍ଦନପୁର, ନବକଳେବର ରୋଡ୍, ଲୋକନାଥ ଟେମ୍ପୁଲ ରୋଡ୍ ଏବଂ ନିମାପଡ଼ା ଆଦି ଶାଖାର କର୍ମଚାରୀମାନେ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୋଟ୍ ୧୪ଜଣ କର୍ମଚାରୀ ଭାଗ ନେଇଥିବା ବେଳେ ୫ ଜଣ କର୍ମଚାରୀ (ପ୍ରତିଯୋଗୀ)ଙ୍କୁ ବିଜେତାର ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ପୁରୀ ଶାଖାର ଶାଖା ପ୍ରବନ୍ଧକ ପ୍ରଦୀପ୍ତ କୁମାର କହିଥିଲେ, ହିନ୍ଦୀ ହେଉଛି ଆମର ରାଜଭାଷା ଏବଂ ଅଧିକରୁ ଅଧିକ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରୟୋଗ କରାଯିବା ଉଚିତ। ବରିଷ୍ଠ ରାଜଭାଷା ପ୍ରବନ୍ଧକ ସୋନିଆ ସାମନ୍ତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ପ୍ରଶାସନ ବିଭାଗର ଅଧିକାରୀ ବିକାଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଓବିକୁ ରାଜଭାଷା କୀର୍ତ୍ତି ପୁରସ୍କାର



ନୂଆଦିଲ୍ଲୀ ,୧୬।୯

ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରେ ୨୦୨୧-୨୨ ବର୍ଷ ପାଇଁ ରାଜଭାଷା କୀର୍ତ୍ତି ପୁରସ୍କାର ଯୋଜନା ଅନ୍ତର୍ଗତ ବ୍ୟାଙ୍କ ଅଫ୍ ବରୋଦା (ବିଓବି) କୁ ପ୍ରଥମ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଛି। ଏଥି ସହିତ ବ୍ୟାଙ୍କ ପରିଚାଳନାରେ କାର୍ଯ୍ୟରତ ବ୍ୟାଙ୍କ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ନରାକାସ) ପକ୍ଷରୁ ବ୍ୟାଙ୍କ ଅଫ୍ ବରୋଦାକୁ ନରାକାସର ଶ୍ରେଣୀ 'ଖ' ଭାଷା କ୍ଷେତ୍ର ଅନ୍ତର୍ଗତ ୨ୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ନିକଟରେ ସୁରଟଠାରେ ଆୟୋଜିତ ହିନ୍ଦୀ ଦିବସ ସମାରୋହ-୨୦୨୨ ଏବଂ ଦ୍ୱିତୀୟ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ ଅବସରରେ ଉପରୋକ୍ତ ୨ଟି ପୁରସ୍କାର ବିଓବିକୁ ପ୍ରଦାନ କରାଯାଇଥିଲା। ଉକ୍ତ ସମାରୋହରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ଭାଇ ପଟେଲ, କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସମେତ ଅଜୟ କୁମାର ମିଶ୍ରା ଏବଂ ନିଶିଥ ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଜୟ କେ. ଖୁରାନା ଏବଂ ନରାକାସ (ବ୍ୟାଙ୍କ)କୁପ୍ରାପ୍ତ ପୁରସ୍କାର ମୁଖ୍ୟ ମହାପ୍ରବନ୍ଧକ (ପରିଚାଳନା) ତଥା ସମିତିର ଅଧ୍ୟକ୍ଷ ଦିନେଶ ପନ୍ଥ ଉକ୍ତ ପୁରସ୍କାର ଅତିଥିମାନଙ୍କଠାରୁ ଗ୍ରହଣ କରିଥିଲେ।

## ରଞ୍ଜୀବ ଜୀ ସାର୍ଥକର ଲକ୍ଷପତି ବିଜେତା

ଭୁବନେଶ୍ୱର,୧୬।୯

ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଭିତ୍ତିକ ଘରୋଇ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜୀ ସାର୍ଥକର ଶ୍ରେଷ୍ଠ ଦର୍ଶକ ଭଦ୍ରକ ଜିଲାର ରଞ୍ଜୀବ ବିଶ୍ୱାଳଙ୍କୁ ଚ୍ୟାନେଲ ପକ୍ଷରୁ ଲକ୍ଷପତି ବିଜେତା ଘୋଷଣା ସହ ପୁରସ୍କାର ବାବଦକୁ ୧ଲକ୍ଷ ଟଙ୍କାର ଅର୍ଥରାଶି ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ଜୀ ସାର୍ଥକର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ଦର୍ଶକ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ଜୀ ସାର୍ଥକ ପକ୍ଷରୁ ଚଳିତ ବର୍ଷ ଏପ୍ରିଲ ୯ରୁ ମେ ୨୮ତାରିଖ ପର୍ଯ୍ୟନ୍ତ 'ହାତରେ ରିମୋଟ୍ ଧରିଲେ ଗୃହଲକ୍ଷ୍ମୀ, ଦେଖିଲେ ଜୀ ସାର୍ଥକ ଆସିବେ ଲକ୍ଷ୍ମୀ' ନାମକ ଏକ ଅଭିନବ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏପରିକି ଜୀ ସାର୍ଥକରେ ପ୍ରତିଦିନ ସନ୍ଧ୍ୟା ୭.୩୦ ରୁ ରାତି ୧୦ଟା ମଧ୍ୟରେ ପ୍ରସାରିତ ହେଉଥିବା ବିଭିନ୍ନ ଧାରାବାହିକ ମଧ୍ୟରୁ କିଛି ସରଳ ପ୍ରଶ୍ନ ପ୍ରତିଯୋଗୀମାନଙ୍କ ପାଇଁ କରାଯାଉଥିଲା। ଯେଉଁମାନେ ପ୍ରତିଦିନ ଜୀ ସାର୍ଥକକୁ ଭଲ




ପାଉଛନ୍ତି ଏବଂ ବିଭିନ୍ନ ଧାରାବାହିକ ଦେଖୁଛନ୍ତି ସେମାନଙ୍କୁ ଏହିସବୁ ପ୍ରଶ୍ନର ଉତ୍ତର ଦେବାକୁ କୁହାଯାଉଥିଲା। ସେହିଭଳି ପ୍ରତିଦିନ ଠିକ୍ ଉତ୍ତର ଦେଉଥିବା ୧୦ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ମଧ୍ୟ ୧୦୦୦ ଟଙ୍କାର ଗିଫ୍ଟ ଭାଉଚର ମିଳୁଥିଲା। ତେବେ ଏପ୍ରିଲ ୯ରୁ ମେ ୨୮ ତାରିଖ ପର୍ଯ୍ୟନ୍ତ ପୂରା ପ୍ରତିଯୋଗିତାରେ ଜଣେ ମେଗା ବିଜେତାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ପୁରସ୍କାର ଦିଆଯିବ ବୋଲି ଚ୍ୟାନେଲ ପକ୍ଷରୁ ଘୋଷଣା କରାଯାଇଥିଲା। ଏ ସମ୍ପର୍କରେ ଜୀ ସାର୍ଥକର ବରିଷ୍ଠ ଅଧିକାରୀ ପ୍ରତୀକ ସିଲ୍ କହିଛନ୍ତି, ଜୀ ସାର୍ଥକରେ ପ୍ରତିଦିନ ପ୍ରସାରିତ ହେଉଥିବା ଧାରାବାହିକଗୁଡ଼ିକୁ ରଞ୍ଜୀବ ଦେଖୁଥିଲେ ଏବଂ ସବୁ ପ୍ରଶ୍ନର ଉତ୍ତର ମଧ୍ୟ ଠିକ୍ ଭାବେ ଦେଇଥିଲେ। ଜୀ ସାର୍ଥକର ସେ ଜଣେ ଶ୍ରେଷ୍ଠ ଦର୍ଶକ ଭାବେ ଏହି ମେଗା ୱିନରର ବିଜେତା ହୋଇପାରିଛନ୍ତି। ଏପରିକି ରଞ୍ଜୀବଙ୍କୁ ଜୀ ସାର୍ଥକ ଅଫିସରେ ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କା ନଗଦ ଦିଆଯିବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି।

## ଲେଭିସ୍‌ର ନୂତନ କଲେକ୍ସନର ଶୁଭାରମ୍ଭ

ନୂଆଦିଲ୍ଲୀ,୧୬।୯

ଦେଶର ପ୍ରମୁଖ ପ୍ରିମିୟମ ପୋଷାକ ପ୍ରଦର୍ଶନକାରୀ ଲେଭିସ୍ ପକ୍ଷରୁ ପାର୍ବଣଋତୁ ଉପଲକ୍ଷେ ନୂତନ କଲେକ୍ସନ ସହ ସିଜନ-୩ର ମଧ୍ୟ ଶୁଭାରମ୍ଭ କରାଯାଇଛି। ବିଶେଷକରି ଉକ୍ତ ସିଜନରେ ଦୀପିକା ପାଦୁକୋନ୍ ଏକ ଷ୍ଟ୍ରିଟ୍‌ୱେର ଅନୁପ୍ରାଣିତ କଲେକ୍ସନ ରିଲାକ୍ସଡ୍, କମ୍ଫର୍ଟେବୁଲ ପରିଧାନର ବଜାର ପ୍ରବେଶ ଏବଂ ବ୍ୟାଗିୟର ସିଲ୍‌ହୌଟେ ଫେରିଥିବା ଦ୍ୱାରା ଡେନିମ୍‌ରୁ ଆଗକୁ ଯାଇଛି ଓ ଉନ୍ନତ ଫ୍ୟାଶନର ପ୍ରତିଶ୍ରୁତି ଦେଉଛି। ସେହିଭଳି ରିଲାକ୍ସଡ୍, ଓଭର୍‌ସାଇଜଡ ପିସ୍‌ଗୁଡ଼ିକୁ ବାଧାହୀନ ଭାବେ ଷ୍ଟାଇଲିଶ ଦେଖାଇବାରେ ଦୀପିକା ପାଦୁକୋନଙ୍କ ସହଜତା ଦ୍ୱାରା ଅନୁପ୍ରାଣିତ ଏହି ସହଭାଗିତା ମଜା କରିବା, ରିଲାକ୍ସ ରହିବା ଏବଂ ଡାଉନ୍ ଟୁ-ଆର୍ଥ କଲର ସହ ପପ୍ ଟିଂଟ୍‌ର ମିଶ୍ରଣ ଥିବା ଏକ କଲେକ୍ସନ ସହ ନିଜ ୱାର୍ଡରୋବ୍‌କୁ ପରୀକ୍ଷଣ କରିବାର ସିଜନ ପାଇଁ ଟୋନ୍ ସେଟ୍ କରିଛି। ଏ ସମ୍ପର୍କରେ ଲେଭିସ୍‌ର ବରିଷ୍ଠ ଅଧିକାରୀ ଅମିଷା ଜୈନ୍ କହିଛନ୍ତି, ଦୀପିକାଙ୍କ ସହ ଦୁଇଟି ସଫଳ ସିଜନ ପରେ ୩ୟ ସିଜନର କଲେକ୍ସନ ତଥା ଦୀପିକାଙ୍କ ସ୍ୱତନ୍ତ୍ର ଷ୍ଟାଇଲ୍ ଓ ଫ୍ୟାଶନ ପରିଚୟକୁ ଉତ୍ତମ ଭାବେ ଜାରି ରଖିଛି, ଯାହାକି ବାସ୍ତବିକ ରହିଛି। ଏହି କଲେକ୍ସନ ହେଉଛି ପ୍ରାମାଣିକ ଭାବେ ଲେଭିସ୍ ଏକ ସୃଜନଶୀଳ ପରିକଳ୍ପନା, ଯାହା ଏକାଧିକ ପ୍ରିଣ୍ଟ, ଟେକ୍ସଚର, ପାଟର୍ନ ଓ ଫିଟ୍‌ରେ ଆଧୁନିକ ଯୁଗର ଷ୍ଟ୍ରିଟ୍‌ୱେର ସହ ୯୦ ଦଶକର ଅତିରିକ୍ତ ଅଂଶକୁ ସାମିଲ କରୁଛି। ଏକ୍ସଏଲ୍ ଫ୍ଲେଡ୍, ୯୪ ବ୍ୟାଗ୍ କାର୍‌ପେଣ୍ଟର ଓ ହାଇ-ଲୁଜ୍ ସହିତ ଏହି ସିଜନରେ ଜିନ୍ସ ବିଶ୍ୱବ୍ୟାପୀ ଲୋକପ୍ରିୟ ହୋଇଥିବା ଉକ୍ତ ଆରାମଦାୟକ, ଲୁଜ୍ ଟ୍ରେଣ୍ଡକୁ ପରିପ୍ରକାଶ କରୁଛି।

**ଫୁର୍‌ସତ୍**

# ଲା ନିନା: ୨୦୨୩ରେ ୧ ଟ୍ରିଲିୟନ ଡଲାର କ୍ଷତି ସହିବ ବିଶ୍ୱ



**ଲଣ୍ଡନ:** ବିଶ୍ୱର ବିଭିନ୍ନ ପ୍ରାନ୍ତରେ ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ବଢ଼ିବାରେ ଲାଗିଛି। ବନ୍ୟାରେ ପାକିସ୍ତାନ ସ୍ଥିତି ଶୋଚନୀୟ ହୋଇପଡ଼ିଥିବାବେଳେ ପଶ୍ଚିମ ଆମେରିକାରେ ଗ୍ରୀଷ୍ମ ପ୍ରବାହ ଏବଂ ବନାଗ୍ନି ମାତ୍ରା ବୃଦ୍ଧି ପାଇଛି। ସେହିପରି ଅଷ୍ଟ୍ରେଲିଆ ଏବଂ ଇଣ୍ଡୋନେସିଆରେ ଆବଶ୍ୟକତାଠାରୁ ଅଧିକ ବର୍ଷା ସାଙ୍ଗକୁ ବ୍ରାଜିଲ୍ ଓ ଆର୍ଜେଣ୍ଟିନାରେ ମରୁଡ଼ି ଲୋକଙ୍କୁ କଲବଲ କରିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ପାଣିପାଗ ଉପରେ ପଡ଼ିଥିବା ବିଶେଷଜ୍ଞମାନେ ଦାବି କରିଛନ୍ତି। ୨୦୨୦ରୁ ବିଶ୍ୱରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟର ମୁଖ୍ୟ କାରଣ ଲା ନିନାକୁ ଦିଆଯାଇଛି। ଲା ନିନା ଯୋଗୁ ଆଉ ଗୋଟିଏ ବର୍ଷ ଅର୍ଥାତ୍ ୨୦୨୩ ପର୍ଯ୍ୟନ୍ତ ବିଶ୍ୱବାସୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିବ। ବନ୍ୟା, ଜଙ୍ଗଲପୋଡ଼ି, ମରୁଡ଼ି ଦ୍ୱାରା ବହୁ ଘର ସାଙ୍ଗକୁ ଫସଲ ନଷ୍ଟ ହେବ। ଏହାସହ ବହୁ ଧନ ଓ ଜୀବନ କ୍ଷତିଗ୍ରସ୍ତ ହେବାର ଆଶଙ୍କାଙ୍କୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଲା ନିନା ଦ୍ୱାରା ଓସେନ୍ ସାଇକେଲ୍‌ରେ ମଧ୍ୟ ବିରାଟ ପରିବର୍ତ୍ତନ ଘଟିବା ସହ ପାଣିପାଗରେ ମଧ୍ୟ ଏହାର ପ୍ରଭାବ ଖୁବ୍ ଅଧିକ। ୧୯୯୮ରୁ ୨୦୦୧ ମଧ୍ୟରେ ଶେଷଥର ପାଇଁ ୩ଟି ଲା ନିନା ଅନୁଭୂତ ହୋଇଥିବାବେଳେ ଏହାପୂର୍ବରୁ ୧୯୭୩-୭୬ରେ ଲା ନିନା ପ୍ରଭାବ ଦେଖିବାକୁ ମିଳିଥିବା ଆମେରିକାର ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବିପର୍ଯ୍ୟୟର ବେଗ ଅତି ପ୍ରଖର ହୋଇଥିବାବେଳେ ଏହାକୁ ହିସାବ କରିବା ଗଠିନ ବୋଲି ବିଶେଷଜ୍ଞ କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ୨୦୨୦ରେ ବିଶ୍ୱରେ ୨୬୮ ବିଲିୟନ୍ ଡଲାର ସମ୍ପତ୍ତି ନଷ୍ଟ ହୋଇଥିବାବେଳେ ୨୦୨୧ରେ ଏହାର ପରିମାଣ ଥିଲା ୩୨୯ ବିଲିୟନ୍ ଡଲାର। ତେବେ ଏ ପ୍ରକାର ସ୍ଥିତି ବଜାୟ ରହିଲେ ୨୦୨୩ରେ ବିଶ୍ୱକୁ ୧ ଟ୍ରିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଲା ନିନା ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ ଏହାର ପ୍ରମୁଖ କାରଣ ବୋଲି କୁହାଯାଇପାରିବ।

### ଲା ନିନା କ'ଣ

ଏହା ହେଉଛି ଏକ ପ୍ରତିସାଗରୀୟ ଧାରା। ଏହାର ଆବିର୍ଭାବ ପଶ୍ଚିମ ମହାସାରୀୟ କ୍ଷେତ୍ରରେ ସେତେବେଳେ ହୋଇଥିଲା ଯେତେବେଳେ ପୂର୍ବ ପ୍ରଶାନ୍ତ ସାଗର କ୍ଷେତ୍ରରେ ଏଲ୍ ନିନୋ ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଯାଇଥିଲା। ଏଲ୍ ନିନୋର ବିପରୀତ ଧର୍ମୀ ହେଉଛି ଲା ନିନା। ଏଲ୍ ନିନୋ ପଶ୍ଚିମ ମହାସାଗରୀୟ ଅଞ୍ଚଳରେ ସୁଖିଲା ଜଳବାୟୁ ଉତ୍ପନ୍ନ କରିଥିବାବେଳେ ଲା ନିନା ତାକୁ ଆର୍ଦ୍ର ଜଳାବାୟୁରେ ପରିଣତ କରିଦିଏ। ସ୍ପେନ୍ ଭାଷାରେ ଲା ନିନାର ଅର୍ଥ ଛୋଟ ଝିଅ।

## ୮୦୦ କୋଟିର ଫିଲ୍ମରେ ଆଲିଆ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ- ରଣବୀର କପୁରଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ରହ୍ମାସ୍ତ୍ର' ରିଲିଜ ହୋଇଯାଇଛି। ଯାହା ଏବେ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିବା ସହ ପ୍ରଚୁର ଆୟ ମଧ୍ୟ କରିଛି। ରଣବୀର-ଆଲିଆ ଅଭିନୟକୁ ଦର୍ଶକ ପ୍ରଶଂସା କରିଛନ୍ତି। ଇତି ମଧ୍ୟରେ ଆଉ ଏକ ଖବର ସାମ୍ନାକୁ ଆସିଛି, ଆଲିଆ ଏସ. ଏସ. ରାଜାମୌଲିଙ୍କ ଏକ ପ୍ରୋଜେକ୍ଟରେ ସାଇନ କରିଛନ୍ତି। ଯେଉଁଥିରେ ସେ ମହେଶ ବାବୁଙ୍କ ବିପକ୍ଷରେ ନଜରକୁ ଆସିବେ। ବର୍ତ୍ତମାନ ଆଲିଆ ଗର୍ଭବତୀ ଅଛନ୍ତି। ତେଣୁ ଆଲିଆଙ୍କ ଡେଲିଭରି ପରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି କୁହାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ପ୍ରାୟ ୮୦୦ କୋଟି ଟଙ୍କା ବଜେଟ୍‌ରେ ଏହି ଫିଲ୍ମଟି ନିର୍ମିତ ହେବ, ଯାହାକୁ ନେଇ ଏବେ ଇଣ୍ଡଷ୍ଟ୍ରିରେ ଜୋର୍ ଚର୍ଚ୍ଚା ଚାଲିଛି।






## 'ଟାଇଗର-୩'କୁ ଟକ୍କର ଦେବ 'ଡ୍ରିମଗର୍ଲ-୨'

ମୁମ୍ବାଇ

ନିର୍ମାଣ ହେବାକୁ ଯାଉଛି ଫିଲ୍ମ ଡ୍ରିମଗର୍ଲ-୨। ଶୁକ୍ରବାର ଅଭିନେତା ଆୟୁଷ୍ମାନ ଖୁରାନା ଏହାର ସୂଚନା ଦେଇଛନ୍ତି। ୨୦୧୯ରେ ରିଲିଜ ହୋଇଥିବା ଅଭିନେତାଙ୍କ ଫିଲ୍ମ ଡ୍ରିମଗର୍ଲର ଏହା ଦ୍ୱିତୀୟ ସଂସ୍କରଣ। ପ୍ରଥମେ ଟେଲି ଅଭିନେତ୍ରୀ ତେଜସ୍ୱୀ ପ୍ରକାଶ ଆୟୁଷ୍ମାନଙ୍କ ନାୟିକା ସାଜିବେ ବୋଲି କୁହାଯାଉଥିଲା। ହେଲେ ଏବେ ଫିଲ୍ମ ଲାଗି ଅନନ୍ୟାଙ୍କ ନାମକୁ ଫାଇନାଲ କରାଯାଇଛି । 'ଡ୍ରିମଗର୍ଲ-୨'ର ରିଲିଜକୁ ନେଇ ଘୋଷଣା କରି ଆୟୁଷ୍ମାନ ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ଅନୁ କପୁର, ମନଜୋତ ସିଂହ, ବିଜୟ ରାଜ, ଅଭିଷେକ ବାନାର୍ଜୀଙ୍କ ବ୍ୟତୀତ ରାଜପାଲ ଯାଦବ, ସୀମା ପହବା ପ୍ରମୁଖ ନଜର ଆସିଛନ୍ତି। ୨୦୨୩ ଜୁନ ୨୯ରେ ଫିଲ୍ମଟି ପରଦାକୁ ଆସିବ। ଆସନ୍ତା ବର୍ଷ ସଲମାନ ଖାଁ ଏବଂ କଟ୍ରିନାଙ୍କ ଫିଲ୍ମ 'ଟାଇଗର-୩' ରିଲିଜ ହେବାକୁ ଯାଉଥିବାରୁ ଉଭୟ ଟିମ ମଧ୍ୟରେ ଜୋରଦାର ଟକ୍କର ଦେଖିବାକୁ ମିଳିବ ବୋଲି କୁହାଯାଉଛି।

# ମଡେଲଙ୍କ ପର୍ସନାଲ ଶପର୍ 'ପିଙ୍କି'



### ସୁକେଶଙ୍କୁ ଅଭିନେତ୍ରୀଙ୍କ ନିକଟତର କରାଉଥିଲେ

**ନୂଆଦିଲ୍ଲୀ:** ମନି ଲଣ୍ଡରିଂ ମାମଲାରେ ତିହାର ଜେଲରେ ଏବେ କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର। ସୁକେଶଙ୍କ ମାମଲାର ତଦନ୍ତରେ ବଲିଉଡ୍‌ର ବହୁ ଅଭିନେତ୍ରୀ ଓ ମଡେଲ୍‌ଙ୍କୁ ସାମିଲ କରାଯାଇଛି। ସୁକେଶକୁ ବଲିଉଡ୍ ଆକ୍ଟ୍ରେସ୍‌ମାନଙ୍କ ନିକଟତର କରିବାରେ ବଡ଼ ମାଧ୍ୟମ ପାଲଟିଥିଲେ ପିଙ୍କି ଇରାନୀ। ଘଟଣାର ଯାଞ୍ଚ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପିଙ୍କିଙ୍କ ନାମ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ଏ ନେଇ ବୁଧବାର ଓ ଗୁରୁବାର ଲଗାତର ଦୁଇଦିନ ଧରି ଇଡି ପିଙ୍କିଙ୍କୁ ଜେରା ମଧ୍ୟ କରିଛି। ୫୩ ବର୍ଷୀୟ ପିଙ୍କିଙ୍କୁ ଇଡି ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ସମେତ ଅନ୍ୟ ମଡେଲମାନଙ୍କ ପର୍ସନାଲ ଶପର୍ ବୋଲି କହିଛି।

ପୂର୍ବରୁ ପିଙ୍କି ଇରାନୀ ଟିଭି ଶୋ'ରେ ଆଙ୍କରିଂ କରୁଥିଲେ। ଏଣ୍ଟରଟେନ୍‌ମେଣ୍ଟ ଇଣ୍ଡଷ୍ଟ୍ରି ପାଇଁ ସେ ବେଶ୍ ଜଣାଶୁଣା। ସୁକେଶଙ୍କ ପାଇଁ ବଲିଉଡ୍‌ରୁ ଅଭିନେତ୍ରୀ ଓ ମଡେଲଙ୍କ ସହ ସେ ଯୋଗାଯୋଗ କରୁଥିଲେ। ସୁକେଶଙ୍କ ସହ ଦେଖା କରିବା ଏବଂ ଫୋନ୍ ଯୋଗେ କଥା ହେବା ପାଇଁ ପିଙ୍କି ଅଭିନେତ୍ରୀମାନଙ୍କୁ କହୁଥିଲେ। ଏଥିସହ ସେମାନଙ୍କ ପାଇଁ ଦାମୀ ଗିଫ୍ଟ କିଣିବାରେ ସେ କନ୍‌ମ୍ୟାନ୍‌କୁ ସହଯୋଗ କରୁଥିଲେ। ଇନ୍‌ଷ୍ଟାଗ୍ରାମ ଜରିଆରେ ସୁକେଶ ଓ ପିଙ୍କି ୨୦୧୬-୧୭ ମଧ୍ୟରେ ପରିଚିତ ହୋଇଥିଲେ। ସୁକେଶ ତାଙ୍କ ସହିତ ଟ୍ୟାଲେଣ୍ଟ ଏଜେନ୍ସି ସର୍ଭିସ୍ ଷ୍ଟାର୍ଟ କରିବାକୁ ଚାହୁଁଥିଲେ ବୋଲି ସେ କହିଛନ୍ତି।

## ସେମାନେ ଯାହା କୁହନ୍ତି...



ମା'ଲଙ୍କେଶ୍ୱରୀଙ୍କ ଖଣ୍ଡାବସା କେଉଁ ଆବହମାନକାଳରୁ ହୋଇଆସୁଛି। ମା'ଙ୍କ ଖଣ୍ଡାବସା ପର୍ବ ପାଇଁ ସପ୍ତାହ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡିଥାଏ। ଆମ ସାତ ପୁରୁଷ ଏହି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ତୁଲାଉ ଆସୁଛୁ। ମନ୍ଦିରର ସମସ୍ତ ରୀତିନୀତି ପ୍ରସ୍ତୁତି ଆମ ଦ୍ୱାରା ହୋଇଥାଏ।

**- ଅଶ୍ୱିନ କୁମାର ପଣ୍ଡା, ପୂଜକ, ମା' ଲଙ୍କେଶ୍ୱରୀ ମନ୍ଦିର, ଜୁନାଗଡ଼**



ମା' ଙ୍କ ଖଣ୍ଡାବସା ପର୍ବ ରାଜାରାଜୁଡା ଅମଳରୁ ଅନୁଷ୍ଠିତ ହୋଇଆସୁଛି। ଏହି ପର୍ବ ଜୁନାଗଡ ଇତିହାସର କିମ୍ବଦନ୍ତୀ କହିଲେ ମଧ ଅତ୍ୟୁକ୍ତି ହେବନାହିଁ। ଖଣ୍ଡାବସା ପର୍ବ ଦିନ ଜୁନାଗଡ ସହର ଚଳଚଞ୍ଚଳ ହୋଇ ଉଠିଥାଏ। ଚାରିଆଡ଼େ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ପର୍ବ ପାଇଁ ଦୂରଦୂରାନ୍ତରେ ଥିବା ବନ୍ଧୁ, କୁଣିଆ ଲୋକମାନେ ମଧ ଘରକୁ ଆସିଥାନ୍ତି।

**- ଈଶ୍ୱର ପୂଜାରୀ, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜୁନାଗଡ଼**



ମା'ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପ୍ରତିବର୍ଷ ଧୁମଧାମରେ ଅନୁଷ୍ଠିତ ହୋଇଆସୁଛି। ବର୍ଷକରେ ଥରେ ଏହି ପର୍ବ ପଡୁଥିବାରୁ ପୂରା ଜୁନାଗଡ଼ବାସୀ ଏହି ପର୍ବକୁ ଚାହିଁ ରହିଥାନ୍ତି। ଚାରିଆଡେ ଭକ୍ତି, ଭାବମୟ ପରିବେଶ ସୃଷ୍ଟି ହୋଇଥାଏ। ତେବେ ୨ ବର୍ଷ ଧରି କୋଭିଡ୍ କଟକଣା ଯୋଗୁ ମା'ଙ୍କ ଦର୍ଶନ ମିଳି ନ ଥିବାବେଳେ ଏଥର କିନ୍ତୁ ମା'ଙ୍କ ଦର୍ଶନ ସିଧାସଳଖ ମିଳିବ। ସେଥିପାଇଁ ଆମେ ବେଶ୍ ଉତ୍ସାହୀ ଅଛୁ।

**- ମନୀଷା ସାହୁ, ଗୃହିଣୀ, ଜୁନାଗଡ଼**

# ଚାଉଳ ଉପରେ ଦେବୀଙ୍କ ଖଣ୍ଡା

**କଳାହାଣ୍ଡି ଜିଲାର ଐତିହାସିକ ସମ୍ପନ୍ନ ସହର ଜୁନାଗଡ଼। ଛଅକୋଡ଼ି ବନ୍ଧ ଓ ନଅକୋଡ଼ି ତୋଟା ପରିବେଷ୍ଟିତ ଏହି ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲଙ୍କେଶ୍ୱରୀ। ବାରମାସରେ ମା'ଙ୍କର ତେରପର୍ବ ପାଳିତ ହୁଏ। ସେଥିମଧ୍ୟରୁ ବଡପର୍ବ ହେଉଛି ଖଣ୍ଡାବସା। ଶାରଦୀୟ ଦୁର୍ଗାପୂଜାର ଅବ୍ୟବହିତ ପୂର୍ବରୁ ପାଳିତ ହେଉଥିବା ଏହି ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜୁନାଗଡ଼ ସହର।**

**ରିର୍ପୋଟ:ଉତ୍ତମ କୁମାର ଦାଶ**

**ଖଣ୍ଡାବସାର ନାମକରଣ:** ଜୁନାଗଡ଼ ସହର ବଙ୍ଗଳା ଛକ ନିକଟରେ ରାଜଦେବୀ ଭାବେ ପୂଜା ପାଇ ଆସୁଛନ୍ତି ମା' ଲଙ୍କେଶ୍ୱରୀ। ପୂର୍ବକାଳରେ ନାଗବଂଶୀୟ ରାଜାମାନେ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉତ୍ସବକୁ ପ୍ରତିବର୍ଷ ମହାସମାରୋହରେ ପାଳନ କରିଆସୁଥିଲେ। ସେହି ପରମ୍ପରା ବର୍ତ୍ତମାନ ମଧ ଚାଲିଆସୁଛି। ନାଗ ବଂଶୀୟ ରାଜା ଆଶ୍ୱିନ ମାସ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡାକୁ ଚାଉଳ ଉପରେ ବସାନ୍ତି। ସେଥିପାଇଁ ଏହି ପର୍ବକୁ ଖଣ୍ଡାବସା ପର୍ବ କୁହାଯାଏ। ପାପୀମାନଙ୍କ ସଂହାରର ପ୍ରତୀକ ଭାବେ କେଉଁ କାଳରୁ ଖଣ୍ଡା ଲଙ୍କେଶ୍ୱରୀ ଦେବୀଙ୍କ ନିକଟରେ ରହି ପୂଜା ପାଇଆସୁଛି। ବର୍ଷରେ ଥରେ ଅର୍ଥାତ୍ ଖଣ୍ଡାବସା ପର୍ବଦିନ ଏହି ଖଣ୍ଡାକୁ ମା'ଙ୍କ ନିକଟରୁ ବାହାରକୁ ମାର୍ଜନା ପାଇଁ ଅଣାଯାଇଥାଏ। ମାର୍ଜନା ପରେ ପୁଣି ନେଇ ମା'ଙ୍କ ନିକଟରେ ଚାଉଳ ଉପରେ ଖଣ୍ଡାକୁ ବସାଯାଏ। ତା ପରେ ଏହାକୁ ମାଙ୍କ ସିଂହାସନ ପାଖରେ ରଖାଯାଇଥାଏ।

**ଉତ୍ସବର ପୁରୋଧା:** କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା। ପର୍ବ ପାଳନର ପୂର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ଼ ଆସି ଡାକବଙ୍ଗଳାରେ ପରିବାର ସହ ଉପସ୍ଥିତ ହୋଇଥାନ୍ତି। ତାଙ୍କ ଆଗମନରେ ବାଜିଉଠେ ବୀରବାଦ୍ୟ ଘୁମୁରା। ଲୋକେ ତାଙ୍କୁ ବାଜା ରୋଶଣିରେ ପାଛୋଟି ଆଣନ୍ତି ଡାକ ବଙ୍ଗଳାକୁ। ସେହି ପରମ୍ପରା ଆଜି ବି ଚାଲିଛି। ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ଅସ୍ଥାୟୀ କୁଡ଼ିଆକୁ ପୂଜକ ଆଣଥାନ୍ତି। ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜିତ କରନ୍ତି। ପରେ ମନ୍ଦିର ପୂଜାରୀ ଘୁମୁରା ନୃତ୍ୟର ତାଳେତାଳେ ଖଣ୍ଡାକୁ ଶୋଭାଯାତ୍ରାରେ ଡାକବଙ୍ଗଳାକୁ ଆଣନ୍ତି। ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୁଏ। ଖଣ୍ଡା ମନ୍ଦିରରେ ପ୍ରବେଶ କରିବା ପରେ ରାଜା ମନ୍ଦିରକୁ ବିଜେ କରନ୍ତି। ସେଠାରେ ଦେବୀଙ୍କର ଖଣ୍ଡାବସା ପୂଜା ନିମିତ୍ତ ଷୋଡ଼ଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥାଯୋଗ୍ୟ ବରଣ କରନ୍ତି। ଏହିବିଧି ପରେ ରାଜା ଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ବସାନ୍ତି। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ କରାଯାଏ। ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତି ଓ ତନ୍ତ୍ର ପୂଜା କରାଯାଏ। ପରେ ଅଖଣ୍ଡ ଓ ମହାଯୋଗ



ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରାଯାଏ। ସୁବର୍ଣ୍ଣ ବିମଣ୍ଡିତା, ଲୋହିତ ମନ୍ଦାରମାଳା ଓ ଲୋହିତ ପାଟବସ୍ତ୍ରରେ ସୁଶୋଭିତା ମା'ଲଙ୍କେଶ୍ୱରୀ ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରାଯାଏ। ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀ ପୂଜାରୀ ପାଟଗଡ଼ରା ନାମକ ପଶୁ ଓ ମହାପଶୁ (ପୋଢ଼) ପ୍ରୋକ୍ଷଣ କଲେ, ବୋକ୍ (ପଶୁ ବଳି ଦେବା ଲୋକ)ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଅନ୍ତି। ଏହାପରେ ଜନସାଧାରଣ ଆଳିତ ଦର୍ଶନ କରି ପୂଜା ସମାପନ ହୁଏ। ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢାରଜାଙ୍କ ମନ୍ଦିରକୁ ବିଜେ କରନ୍ତି। ବୁଢାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୋଇଥାଏ।

**ଉତ୍ସବର ପରିବେଶ:** ଖଣ୍ଡାବସା ରାତିରେ ଝଲସି ଉଠେ ଜୁନାଗଡ଼ ସହର। ଜିଲା ଓ ଜିଲା ବାହାରୁ ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ ପ୍ରତିଯୋଗିତା, ଘୁମୁରା ପ୍ରତିଯୋଗିତା, ଘୋଡାନାଚ, ଫୁଟବଲ ପ୍ରତିଯୋଗିତା, ନାଟକ, କୀର୍ତ୍ତନ ପରିବେଷଣ ହୋଇଥାଏ। ଭଳିକି ଭଳି ଦୋକାନର ପସରା ମେଲେ। ଶନିବାର ଖଣ୍ଡାବସା ପର୍ବ ପାଳନ ପାଇଁ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇଉଠିଛି।























































# ବିକାଶ ପାଇଁ ସମସ୍ତେ ଏକଜୁଟ ହେବା ଆବଶ୍ୟକ



ବିଧାୟକ ଦିବ୍ୟଶଙ୍କର ମିଶ୍ର ଅଭିଭାଷଣ ରଖୁଛନ୍ତି।

## ଫ୍ଲଡ୍‌ଲାଇଟ୍‌ରେ ଝଲସିବ ବିଜୁ ପଟ୍ଟନାୟକ ଷ୍ଟାଡିୟମ

ଜୁନାଗଡ,୧୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଜିଲାର ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡିହେବାକୁ ଯାଉଛି। ଏଥର ଫ୍ଲଡ୍‌ଲାଇଟର ଆଲୋକରେ ଏହି ଅତ୍ୟାଧୁନିକ ପଡିଆ ଝଲସିବ। ଏହାକୁ ନେଇ ସ୍ଥାନୀୟ କ୍ରୀଡାବିତ୍‌ଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ଶୁକ୍ରବାର ଏହାର ଭୂମିପୂଜନ କରିଛନ୍ତି ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର। ଜିଲାର ଏହା ଏକମାତ୍ର ଅତ୍ୟାଧୁନିକ ପଡିଆ ହୋଇଥିବାବେଳେ ଆଗାମୀ ଦିନରେ ଏଠାରେ ରାଜ୍ୟ ତଥା ଜାତୀୟସ୍ତରର ମ୍ୟାଚ୍ ଆୟୋଜନ ଲକ୍ଷ ରଖାଯାଇଛି। ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବିଧାୟକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯିଏ ଯେଉଁ ଦଳର ଥାଉ ନା କାହିଁକି ଜୁନାଗଡ ସହରର ବିକାଶ ପାଇଁ ସମସ୍ତେ ଏକଜୁଟ ହେବା ଆବଶ୍ୟକ ବୋଲି ବିଧାୟକ ମିଶ୍ର ନିଜ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମା ମାରାଣ୍ଡି, ତହସିଲଦାର ବେଦବ୍ୟାସ ଭୋଇ, ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ଏନ୍‌ଏସି ଉପାଧକ୍ଷା ହିମାଦ୍ରୀ ନାଏକ, ପୂର୍ବତନ ନିର୍ବାହୀ ଅଧିକାରୀ ଈଶ୍ୱର ପୂଜାରୀ, ବରିଷ୍ଠ ଆଇନଜୀବୀ ଅଶୋକ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ସରୋଜ ପଣ୍ଡା ପରିଚାଳନା କରିଥିବା ବେଳେ ଏନ୍‌ଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ବିଧାୟକ ମିଶ୍ରଙ୍କ ଦ୍ୱାରା ସେଠାରେ ଏକ ଶିଶୁ ଉଦ୍ୟାନର ମଧ୍ୟ ଭୂମି ପୂଜନ ହୋଇଯାଇଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ମା' ଲଙ୍କେଶ୍ୱରୀ ପୀଠ

ଜୁନାଗଡ,୧୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ଉପଲକ୍ଷେ ଶନିବାର ସ୍ଥାନୀୟ ଖଣ୍ଡାବସା କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଖଣ୍ଡାବସା ପର୍ବ ଅପରାହ୍ନରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ସନ୍ଧ୍ୟାରେ ମା'ଙ୍କ ପୀଠ ନିକଟରେ ସଂସ୍କୃତି ମଞ୍ଚରେ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ର ତଥା ସ୍ଥାନୀୟ କଳାକାରଙ୍କ ମଧ୍ୟରେ ରେକର୍ଡ ଡ୍ୟାନ୍ସ

### ଖଣ୍ଡାବସା ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଅନୁଷ୍ଠିତ ହେବ। ସେହିପରି ରାତିରେ ଘୁମୁରାନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାପୂର୍ବରୁ ଗତ ୧୫ ତାରିଖ ଜୁନାଗଡ ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ମହିଳାଙ୍କ ମଧ୍ୟରେ ଝୋଟି ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୋଭିଡ୍ କଟକଣା ଯୋଗୁ ଗତ ୨ ବର୍ଷ ହେଲା ଏହି ପର୍ବ ଫିକା ପଡିଥିବାବେଳେ ଏଥର ଜମିବ ବୋଲି ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ପ୍ରକାଶ କରିଛନ୍ତି।



ଖଣ୍ଡାବସା ଉପଲକ୍ଷେ ଆୟୋଜିତ ଝୋଟି ପ୍ରତିଯୋଗିତା।

With Best Compliments From
AAYUSHI SAHU (GUNJAN)
RAYAGADA, ODISHA

ପବିତ୍ର ଖଣ୍ଡାବସା ଅବସରରେ ଜୁନାଗଡ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।
ବୀରେନ୍ଦ୍ର କୁମାର ମେହେର
ବ୍ରଜେନ୍ଦ୍ର କୁମାର ମେହେର
ବଳଦିଆମାଲ,ଜୁନାଗଡ,କଳାହାଣ୍ଡି

## ଖଣ୍ଡାବସା କବିତା

ମା' ଖଣ୍ଡାଧାରୀ ସଂଖୋଳି ରଖିଛି
ଆମର ସବୁ ସଂସ୍କୃତି....
କି ଘୁମୁରା ! କି ମହୁରି !
ବାଜେ ବାଜା ସିଏ ଯାଏ ଜେନାଖାଲ ଝୁଲି ଝୁଲି
ସିଏ ପରା ଆମର ଇଷ୍ଟଦେବୀ
ମା' ଲଙ୍କେଶ୍ୱରୀ....
ଆମର ମା' ଚତୁର୍ଭୁଜଧାରୀ
ଦୁଇ ହାତେ ଧରି ଶଙ୍ଖ ଚକ୍ର
ଆଉ ଦୁଇ ହାତେ
ହେଇଛେ ତାଙ୍କର ଆଶିଷ ଭରି
ଯିଏ ପଶେ ତାରି ଶରଣେ
ତାକୁ ଘୁଡେଇ ରଖେ ତା'ରି ପଣତକାନି
ଅଭୟ ବର ଦିଏ ମନ ଜାଣି
ସିଏ ପରା ଆମ ମନ୍ଦିର ମାଳିନୀ ସହର
ଜୁନାଗଡ଼ର ଆରାଧ୍ୟା ଦେବୀ ଲଙ୍କେଶ୍ୱରୀ
ତା'ର ଗୁଣ କିଏ ବା ନ ଜାଣେ
ସିଏ ପରା ଆମ ମା' ଲଙ୍କେଶ୍ୱରୀ
ସିଏ ପରା ଆମ ମା'ଲଙ୍କେଶ୍ୱରୀ......
ଯାହାର ଶରଣେ ଜୁନାଗଡ଼ବାସୀ
ସିଏ ଆମ ମା' ଲଙ୍କେଶ୍ୱରୀ
ଯାହାର ଶରଣେ ଜୁନାଗଡ଼ବାସୀ
ସିଏ ଆମ ମା' ଲଙ୍କେଶ୍ୱରୀ.....
ଆଶ୍ୱିନ ମାସର ମୂଳାଷ୍ଟମୀ ତିଥି
ମା' ମନ ଖୁସି ଭାରି
ଖଣ୍ଡାବସା ପରବ ଆସିଛି ତାହାର
ଖଡ଼ଗ ତ ପାଇବ ପୂଜା
ତାରି ପାଶେ ଭୈରବ
ସିଏ ପରା ଆମ ରକ୍ଷକ
ନାହିଁ ମହାମାରୀ, ମରୁଡ଼ି

ପଲ୍ଲବୀ ଦାସ, ଜୁନାଗଡ଼, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଅବସରରେ ଜୁନାଗଡ ବ୍ଲକ ସମେତ କଳାହାଣ୍ଡି ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ବିଜୁ ଜନତା ଦଳ
ସବିତା ମେହେର
ବ୍ଲକ ଅଧକ୍ଷା
ଜୁନାଗଡ,କଳାହାଣ୍ଡି

With Best Compliments From
LAMBODAR COLLEGE OF SCIENCE
A+2 SCIENCE FULLY RESIDENTIAL COLLEGE
CHICHAIGUDA NEAR JUNAGARH
DIST-KALAHANDI(ODISHA)

ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ତଳକାରିଙ୍ଗ ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
କେ ସୁନୀଲ କୁମାର
ସରପଞ୍ଚ
ତଳକାରିଙ୍ଗ ପଞ୍ଚାୟତ
ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଉପଲକ୍ଷେ ଜୁନାଗଡ ନଗର ଓ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ଅମିତ ଅଗ୍ରୱାଲ
ନଗରସଭାପତି କଂଗ୍ରେସ
ଜୁନାଗଡ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ଚିଙ୍ଗୁଡିସର ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଲୋପାମୁଦ୍ରା ବାଗ
ସରପଞ୍ଚ
ଚିଙ୍ଗୁଡିସର ପଞ୍ଚାୟତ,
ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ନକଟିଗୁଡା ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ହାକିମ କୁମାର ଟହଲିଆ
ସରପଞ୍ଚ
ନକଟିଗୁଡା ପଞ୍ଚାୟତ
ଜୁନାଗଡ ବ୍ଲକ

ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ମହିଚଲା ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି
ଶ୍ରଦ୍ଧାଞ୍ଜଳୀ ବେହେରା
ସରପଞ୍ଚ
ମହିଚଲା ପଞ୍ଚାୟତ
ଜୁନାଗଡ ବ୍ଲକ

KARRTABYA
ଖଣ୍ଡାବସା ଅଭିନନ୍ଦନ
ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
କର୍ତ୍ତବ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ
ବଣ୍ଡାକୁଟ୍ରା, ଛୋରିଆଗଡ,
ଜୁନାଗଡ,କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
କ୍ଷୁଦ୍ର ଜଳସେଚନ ବିଭାଗ
ଜୁନାଗଡ, କଳାହାଣ୍ଡି

ଖଣ୍ଡାବସା ଅଭିନନ୍ଦନ
ମାଁ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ପଲାସ ପଞ୍ଚାୟତ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ପ୍ରଭାକର ସେଠି
ସରପଞ୍ଚ
ପଲାସ ପଞ୍ଚାୟତ
ଜୁନାଗଡ ବ୍ଲକ

With Best Compliments From
SOUMYASHREE PANDA
ANURAG PANDA
Junagarh, Kalahandi

With Best Compliments From :
POONAM'S A2Z
A Family Shopping Mall
Junagarh, Kalahandi

With Best Compliments From :
YOGAMAYA BAR AND RESTAURANT
Kalampur Road, Junagarh, Kalahandi

ଖଣ୍ଡାବସା ଅଭିନନ୍ଦନ
ଜୁନାଗଡର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ସୁଧିରା ମେହେର
ଜିଲ୍ଲା ପରିଷଦ ଅଧକ୍ଷା
କଳାହାଣ୍ଡି

# ଭୁଇଙ୍କ ଶତକ: ଦକ୍ଷିଣାଞ୍ଚଳର ବୃହତ୍ ସ୍କୋର

**ସାଲେମ(ତାମିଲନାଡୁ), ୧୬।୯**

ରୋହନ କୁନ୍ନୁମ୍ମାଲ ଓ ଅଧିନାୟକ ହନୁମା ବିହାରୀଙ୍କ ପରେ ଉଇକେଟକିପର ରିକି ଭୁଇଙ୍କ ଶତକ ସହାୟତାରେ ଦକ୍ଷିଣାଞ୍ଚଳ ଏଠାରେ ଚାଲିଥିବା ଦୁଲୀପ ଟ୍ରଫି କ୍ରିକେଟ ସେମିଫାଇନାଲରେ ଏହାର ପ୍ରଥମ ଇନିଂସକୁ ୬୩୦/୮ରେ ଘୋଷଣା କରିଛି। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଉତ୍ତରାଞ୍ଚଳ କୌଣସି ଉଇକେଟ ନ ହରାଇ ୨୪ ରନ ସଂଗ୍ରହ କରିଛି। ପ୍ରତିଭା ସମ୍ପନ୍ନ ୟାଶ୍ ଧୁଲ

**ଦୁଲୀପ ଟ୍ରଫି ସେମିଫାଇନାଲ**

୮ ଓ ମନନ ଭୋରା ୧୧ ରନରେ ଅପରାଜିତ ଅଛନ୍ତି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ଉତ୍ତରାଞ୍ଚଳ ୬୦୬ ରନ ପଛରେ ରହିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୨୪/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଆଉ ୫୦ ରନ ଯୋଗ କରିବା ପରେ ହନୁମାଙ୍କ ଉଇକେଟ ହରାଇଥିଲା। ୨୫୫ ବଲ୍ ଖେଳିଥିବା ହନୁମା ୧୦ ଚୌକା ଓ ୨ ଛକା ସହାୟତାରେ ୧୩୪ ରନ କରିଥିଲେ। ଦ୍ୱିତୀୟ ଦିବସରେ


ରିକି ଭୁଇ


ପୃଥ୍ୱୀ ଶ'

ଆକର୍ଷଣର କେନ୍ଦ୍ରରେ ରହିଥିଲେ ଭୁଇ। ସେ ୧୭୦ଟି ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହ ୧୦୩ ରନକରି ଅପରାଜିତ ରହିଥିଲେ। ବାବା ଇନ୍ଦ୍ରଜିତ ଅର୍ଦ୍ଧଶତକ ହାସଲ କରି ୬୫ ରନ କରିଥିଲେ। ଟେଲ୍ ଏଣ୍ଡର କ୍ରିଷ୍ଣାପ୍ପା ଗୋଥାମ ୪୮ ଓ ରବି ତେଜା ୪୨ ରନର ଉପଯୋଗୀ ଇନିଂସ ଖେଳିବାରୁ ଦକ୍ଷିଣାଞ୍ଚଳ ବୃହତ୍ ସ୍କୋରରେ ପହଞ୍ଚି ଯାଇଥିଲା। ପ୍ରଥମ ଦିବସରେ ଓପନର ରୋହନ କୁନ୍ନୁମ୍ମାଲ ୧୪୩ ରନର ଇନିଂସ ଖେଳିଥିଲେ। ଉତ୍ତରାଞ୍ଚଳ ବୋଲରଙ୍କ ମଧ୍ୟରେ ମୟଙ୍କ ଡାଗର ୩ଟି, ନିଶାନ୍ତ ସିନ୍ଧୁ ଓ ପୁଲକିତ ନାରଙ୍ଗ ୨ଟି ଲେଖାଏ ଏବଂ ନବଦୀପ ସଇନୀ ଗୋଟିଏ ଉଇକେଟ ନେଇଥିଲେ।

### ଦୃଢ଼ ସ୍ଥିତିରେ ପଶ୍ଚିମାଞ୍ଚଳ

କୋଏମ୍ବାଟୁରଠାରେ ଚାଲିଥିବା ଅନ୍ୟ ସେମିଫାଇନାଲରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ପଶ୍ଚିମାଞ୍ଚଳ ନିଜର ସ୍ଥିତି ସୁଦୃଢ଼ କରିଛି। ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୫୨/୯ରୁ ଖେଳ ଆରମ୍ଭ କରିଥିବା ପଶ୍ଚିମାଞ୍ଚଳ ଆଉ ୫ ରନ ଯୋଗକରି ଅଲ୍ଆଉଟ ହୋଇ ଯାଇଥିଲା। କେନ୍ଦ୍ରାଞ୍ଚଳ କିନ୍ତୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ମାତ୍ର ୧୨୮ ରନରେ ଅଲ୍ଆଉଟ ହୋଇ ଯାଇଥିଲା। ଅଧିନାୟକ କରନ ଶର୍ମା ସର୍ବାଧିକ ୩୪ ରନ କରିବାକୁ ସକ୍ଷମ ହୋଇଥିଲେ। ପଶ୍ଚିମାଞ୍ଚଳ ବୋଲରଙ୍କ ମଧ୍ୟରେ ଜୟଦେବ ଉନାଡକଟ ଓ ତନୁଶ କୋଟିଆନ ୩ଟି ଲେଖାଏ, ଅତୀତ ସେଠ୍ ୨ଟି ଏବଂ ଚିନ୍ତାନ ଗାଜା ଓ ଶାମ୍ସ ମୁଲାନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରିଛି। ଓପନର ପୃଥ୍ୱୀ ଶ' ଶତକ (୧୦୪ ରନ) ହାସଲ କରି ଅପରାଜିତ ରହିଛନ୍ତି। ଫଳରେ ୭ ଉଇକେଟ ସୁରକ୍ଷିତ ଥାଇ ପଶ୍ଚିମାଞ୍ଚଳ ମୋଟ ୨୫୯ ରନରେ ଅଗ୍ରଣୀ ହାସଲ କରିଛି। କେନ୍ଦ୍ରାଞ୍ଚଳର ଅଙ୍କିତ ରାଜପୁତ ୨ଟି ଓ ଅନିକେତ ଚୌଧାରୀ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ: ୬୩୦/୮ (ଘୋଷଣା)। ଉତ୍ତରାଞ୍ଚଳ ପ୍ରଥମ ଇନିଂସ ୨୪/୦। ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୫୭/ଅଲ୍ଆଉଟ। କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ: ୧୨୮/ଅଲ୍ଆଉଟ। ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସ: ୧୩୦/୩।

# ଦିଲେଶ୍ୱର, ନୁରୁଲ ସେମିଫାଇନାଲରେ

**ଭୁବନେଶ୍ୱର, ୧୬।୯ (କ୍ରୀଡ଼ା ପ୍ରତିନିଧି)**

ଉଗାଣ୍ଡାର କାମ୍ପାଲାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଜି. ଦିଲେଶ୍ୱର ରାଓ ଓ ନୁରୁଲ ହୋସେନ ଖାଁ। ସେହିପରି ଅମରେନ୍ଦ୍ର ବେହେରା ଡବଲ୍ସ ସେମିଫାଇନାଲରେ ପ୍ରବେଶ କରି ଦେଶ ଓ ରାଜ୍ୟପାଇଁ ପଦକ

**ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ନିଶ୍ଚିତ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଦିଲେଶ୍ୱର ଆଇଭରି କୋଷ୍ଟର ଡିଡା ଜନ୍ ୟୁଭେସ୍ ୟାଓଙ୍କୁ ୨୧-୧୦, ୨୧-୧୩ରେ ପରାସ୍ତ କରିଛନ୍ତି। ଡବଲ୍ସରେ ଦିଲେଶ୍ୱର ଓ ନବୀନ ଶିବକୁମାର ଯୋଡ଼ି ଉଗାଣ୍ଡାର କାଜା ଏଡୱାର୍ଡ କାବୋଙ୍ଗେ ଓ ଜୁଲିଅସ ଓବୁରାଙ୍କୁ ୨୧-୨, ୨୧-


ଜି. ଦିଲେଶ୍ୱର ରାଓ


ନୁରୁଲ ହୋସେନ ଖାଁ

୩ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ନୁରୁଲ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଉଗାଣ୍ଡାର ଅଲି ମୁକାସାଙ୍କୁ ୨୧-୧୩, ୨୧-୧୭ରେ ପରାସ୍ତ କରିଛନ୍ତି। ପୂର୍ବରୁ ସେ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି। ଅନ୍ୟପକ୍ଷରେ ଅମରେନ୍ଦ୍ର ଓ ଅଭିଜିତ ସାକୁଜା ଯୋଡ଼ି ଉଗାଣ୍ଡାର ଚାର୍ଲ୍ସ କାଲେଗା କିଜା ଓ ଜୁଲିଅସ ନାସେରେକାଙ୍କୁ ୨୧-୧୦, ୨୧-୧୦ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗଲ୍ସରେ ତାଙ୍କ ଅଭିଯାନ କିନ୍ତୁ କ୍ୱାର୍ଟର ଫାଇନାଲରେ ଶେଷ ହୋଇ ଯାଇଛି। ପ୍ରି-କ୍ୱାର୍ଟରରେ ଉଗାଣ୍ଡାର ଡେଭିଡ ମୁକିସାଙ୍କୁ ୨୧-୯, ୨୧-୧୨ରେ ହରାଇଥିବା ଅମରେନ୍ଦ୍ର କ୍ୱାର୍ଟର ଫାଇନାଲରେ ନିଜ ଦେଶର ଶାରାନାପ୍ପାଙ୍କଠାରୁ ୧୩-୨୧, ୬-୨୧ରେ ହାରି ବିଦାୟ ନେଇଛନ୍ତି।

# କୁମ୍ବଲେଙ୍କ ସ୍ଥାନରେ ବେଲିସ

**ମୋହାଲି, ୧୬।୯ (ପି.ଟି.)**

ଆଇପିଏଲ୍ ଦଳ ପଞ୍ଜାବ କିଙ୍ଗ୍ସ ଶୁକ୍ରବାର ଅନିଲ କୁମ୍ବଲେଙ୍କ ସ୍ଥାନରେ ଟ୍ରେଭର ବେଲିସଙ୍କୁ ଏହାର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି। ଭାରତର ପୂର୍ବତନ କ୍ରିକେଟରଙ୍କ ତତ୍ତ୍ୱାବଧାନରେ ଦଳର ପ୍ରଦର୍ଶନ ଖରାପ ରହିବାରୁ ପଞ୍ଜାବ କିଙ୍ଗ୍ସ ତାଙ୍କ ସହିତ ହୋଇଥିବା ଚୁକ୍ତିର ନବୀକରଣ କରି ନ ଥିଲା। କୋଚ୍ ଭାବେ ବେଲିସଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ୨୦୧୯ରେ ଇଂଲଣ୍ଡ ସହିତ ସେ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଜିତିଛନ୍ତି। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ସହ ୨୦୧୨ ଓ ୨୦୧୪ରେ ଦୁଇଟି ଆଇପିଏଲ ଟାଇଟଲ ବ୍ୟତୀତ ସିଡ୍‌ନୀ ସିକ୍ସର୍ସ ସହିତ ଏମବିବିଏଲ୍ ଟାଇଟଲ ହାସଲ କରିଛନ୍ତି। ବେଲିସ ଆହୁରି ମଧ୍ୟ ୨୦୨୦ ଓ ୨୦୨୧ରେ ସନରାଇଜର୍ସ ହାଇଦ୍ରାବାଦର ମୁଖ୍ୟ କୋଚ ରହିଥିଲେ।

# ପଡ଼ିଆ ଭିତରକୁ ଆସିଲା ଆମ୍ବୁଲାନ୍ସ

**କୋଇମ୍ବାଟୁର, ୧୬।୯ (ପି.ଟି.)**

ଦୁଲିପ ଟ୍ରଫି କ୍ରିକେଟ ସେମିଫାଇନାଲ ଅବସରରେ ଖେଳାଳିଙ୍କ ଆହତ ସମସ୍ୟା ଯୋଗୁ ଆମ୍ବୁଲାନ୍ସକୁ ପଡ଼ିଆ ଭିତରକୁ ଆସିବାକୁ ପଡ଼ିଛି। ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ଚାଲିଥିବା ମ୍ୟାଚ ଅବସରରେ ଶୁକ୍ରବାର ଏହି ଘଟଣା ଘଟିଥିଲା। ପଶ୍ଚିମାଞ୍ଚଳ ମିଡିୟମ ପେସର ଚିନ୍ତନ ଗାଜାଙ୍କ ଏକ ବିପଜ୍ଜନକ

**ଗାଜାଙ୍କ ବିପଜ୍ଜନକ ଥ୍ରୋରେ ଭେଙ୍କଟେଶ୍ ଆହତ**

ଥ୍ରୋରେ କେନ୍ଦ୍ରାଞ୍ଚଳର ଭେଙ୍କଟେଶ୍ ଆୟାର ଆହତ ହୋଇଥିଲେ। ଗାଜା ଫଲୋ ଥ୍ରୁ ଅବସରରେ ତରବରିଆଭାବେ କରିଥିବା ଥ୍ରୋ ଭେଙ୍କଟେଶ୍‌ଙ୍କ ମୁଣ୍ଡରେ ବାଜିଥିଲା। ଭାରତୀୟ ଦଳ ପକ୍ଷରୁ ଖେଳି ସାରିଥିବା ଭେଙ୍କଟେଶ ଏଠାରେ ଗାଜାଙ୍କ ବଲ୍‌ରେ ଏକ ଛକା ମାରି ନିଜ ଇନିଂସ ଆରମ୍ଭ କରିଥିଲେ। ପରବର୍ତ୍ତୀ ବଲ୍‌କୁ ସେ ଗାଜାଙ୍କ ଆଡ଼କୁ ମାରିଥିଲେ। ମାତ୍ର ଗାଜା ବଲ୍‌କୁ ଫିଲ୍ଡିଂ କରିନେଇ ଭେଙ୍କଟେଶଙ୍କ ଆଡ଼କୁ ଥ୍ରୋ କରିଥିଲେ। ମୁଣ୍ଡରେ ବଲ୍ ଆଘାତ


ବଲ୍ ବାଜିବାପରେ ଭେଙ୍କଟେଶ ଆୟାର ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ପଡ଼ିଆ ମଧ୍ୟରେ ଆମ୍ବୁଲାନ୍ସ।

ଦେବାବରେ ଭେଙ୍କଟେଶ୍ ଯନ୍ତ୍ରଣା ଅନୁଭବ କରି ପଡ଼ିଆରେ ପଡ଼ି ଯାଇଥିଲେ। ସଙ୍ଗେସଙ୍ଗେ ଆମ୍ବୁଲାନ୍ସ ପଡ଼ିଆ ମଝିକୁ ଆସିଥିଲା। ଷ୍ଟ୍ରେଚରରେ ମଧ୍ୟ ବାହାର କରାଯାଇଥିଲା। ମାତ୍ର ୨୭ ବର୍ଷୀୟ ଆୟାର ଚାଲିଚାଲି ପଡ଼ିଆ ବାହାରକୁ ଯିବାକୁ ନିଷ୍ପତ୍ତି ନେଇଥିଲେ। ବିଶ୍ରାମ ନେବାପରେ ଭେଙ୍କଟେଶ୍ ଯଦିଓ ବ୍ୟାଟିଂ କରିବାକୁ ଆସିଥିଲେ ତେବେ ମାତ୍ର ୧୪ ରନକରି ଆଉଟ ହୋଇ ଯାଇଥିଲେ। ତେବେ ସେ ପରେ ଫିଲ୍ଡିଂ କରିବାକୁ ଆସି ନ ଥିଲେ। ତାଙ୍କ ସ୍ଥାନରେ ଅଶୋକ ମିନାରିଆ ଫିଲ୍ଡିଂ କରିଥିଲେ।

# ଓଡ଼ିଶା ଏଫ୍‌ସିରେ ଗୋଲକିପର ଅମରିନ୍ଦର

**ଭୁବନେଶ୍ୱର, ୧୬।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଏଫ୍‌ସି ଭାରତର ଅନ୍ତର୍ଜାତୀୟ ଖେଳାଳି ଅମରିନ୍ଦର ସିଂଙ୍କ ସହ ଚୁକ୍ତି କରିଛି। ପଞ୍ଜାବରେ ଜନ୍ମିତ ଏହି ଗୋଲକିପର ଆସନ୍ତା ସିଜନ ପାଇଁ ଜଣେ ଫ୍ରି ଏଜେଣ୍ଟ ଭାବେ ଯୋଗ ଦେଇଛନ୍ତି। ସେ ପୁଣେ ଏଫ୍‌ସି ୟୁଥ୍ ଟିମ୍‌ର ଅଂଶ ବିଶେଷ ଥିଲେ। ୨୦୧୫ରେ ହିରୋ ଆଇଏସ୍‌ଏଲ୍‌ରେ ଏଟିକେ ଏଫ୍‌ସିରେ ଯୋଗଦାନ ପୂର୍ବରୁ ସେ ସିନିୟର ଦଳ ତରଫରୁ ଖେଳିଥିଲେ। ସେ ପରେ ହିରୋ ଆଇ-ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ପାଇଁ କିଛି ଦିନ ଖେଳିବା ପରେ ୨୦୧୬ ହିରୋ ଆଇଏସ୍‌ଏଲ୍‌ରେ ମୁମ୍ବାଇ ସିଟି ଏଫ୍‌ସିରେ ଯୋଗଦାନ କରିଥିଲେ। ଦଳ ପକ୍ଷରୁ ସେ ଖେଳିଥିବା ୬ଟି ମ୍ୟାଚ ମଧ୍ୟରୁ ୫ଟିରେ ଗୋଲ ବରଣ କରି ନ ଥିଲେ। ଫଳରେ କ୍ଲବ ସହ ତାଙ୍କ ପଦାର୍ପଣ ସିଜନରେ ସେ ଗୋଲ୍ଡେନ ଗ୍ଲୋଭ ପୁରସ୍କାର ଲାଭ କରିଥିଲେ। ୨୦୧୭-୧୮ ଅଭିଯାନରେ ତାଙ୍କର ପ୍ରଦର୍ଶନ ଅପେକ୍ଷାକୃତ ଉନ୍ନତ ପରିଲକ୍ଷିତ ହୋଇଥିଲା। ଏହି ସିଜନରେ ସେ ସର୍ବାଧିକ ୫୯ ଗୋଲ୍ ସେଭ୍


ଅମରିନ୍ଦର ସିଂ

କରିଥିଲେ। ୨୦୧୪ ଏସିଆନ ଗେମ୍ସରେ ଅମରିନ୍ଦର ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଭାରତର ୨୩ ବର୍ଷ ବର୍ଷରୁ କମ୍ ଦଳ ସହ ଆରମ୍ଭ କରିଥିଲେ। ସେ ଭାରତର ଉଭୟ ଗେମ୍‌ରେ ଗୋଲ୍‌କିପର ରହିଥିଲେ। ୨୦୧୬ରେ ବାଂଲାଦେଶରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଲାଗି ତାଙ୍କୁ ଭାରତର ଅଧିନାୟକ ଭାବେ ମନୋନୀତ କରାଯାଇଥିଲା। ସିଂ ୨୦୧୭ ଅଗଷ୍ଟ ୧୯ରେ ଭାରତ ସିନିୟର ଦଳ ସହ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ ମରିସସ୍ ବିପକ୍ଷ ମ୍ୟାଚରେ କରିଥିଲେ। ଏହି ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟ ଲାଭ କରିଥିଲା। ପରେ ସେ ୨୦୧୮ରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ପାଇଁ ଡକରା ପାଇଥିଲେ। ସେ ୨୦୧୯ କିଙ୍ଗ୍ସ କପ୍ ପାଇଁ ମଧ୍ୟ ଦଳରେ ସ୍ଥାନ ପାଇଥିଲେ।

# ଖୋର୍ଦ୍ଧା-ରେଲୱେ ଫାଇନାଲ

**ଭୁବନେଶ୍ୱର, ୧୬।୯ (କ୍ରୀଡ଼ା ପ୍ରତିନିଧି)**

ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍ଏଓ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଓ କିଟ୍ ହକି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ସେମିଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ଇଷ୍ଟକୋଷ୍ଟ ରେଲୱେ, ଓ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଖୋର୍ଦ୍ଧା ୪-୦ ଗୋଲରେ ସେଲ୍‌କୁ ପରାସ୍ତ କରିଥିଲା। ଖୋର୍ଦ୍ଧା ପକ୍ଷରୁ ଡି. ପ୍ରସାଦ କୁଜୁର (ପେନାଲ୍ଟି ଷ୍ଟ୍ରୋକ୍), ଗ୍ରେଗୋରି ଖେସ୍, ରୋଶନ କୁଜୁର ଓ ଆକାଶ ସୋରେଙ୍ଗ (୩ଟି ଯାକ ଫିଲ୍ଡ ଗୋଲ) ଗୋଲ ଦେଇଥିଲେ। ସେହିପରି ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିରେ ରେଲୱେ ଦଳ ୪-୩ ଗୋଲରେ ସୁନ୍ଦରଗଡ଼କୁ ହରାଇ

**ସିନିୟର ହକି ଚାମ୍ପିୟନଶିପ୍**

ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ବିଜୟୀ ଦଳ ପକ୍ଷରୁ ଜେ.ଜେ. ମୁଣ୍ଡା, ଅଧିନାୟକ ଅର୍ବିନ ବାଲା, ରାଜିନ କଣ୍ଡୁଲନା ଓ ସୁମନ ବେକ୍ ଏବଂ ସୁନ୍ଦରଗଡ଼ର ମାଟିୟାସ ଡାଙ୍ଗ, ସୁଶାନ୍ତ ଟପ୍ପୋ ଓ ଅଦ୍ରୋହିତ ଏକ୍କା ଗୋଲ ସ୍କୋର କରିଥିଲେ।

# ଭାରତ ଏ' ଦଳରେ ବାୱା

**ନୂଆଦିଲ୍ଲୀ, ୧୬।୯ (ପି.ଟି.)**

ଚେନ୍ନାଇରେ ସେପ୍ଟେମ୍ବର ୨୨ରୁ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ଏ' ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଲାଗି ଶୁକ୍ରବାର ଭାରତ ଏ' ଦଳ ଘୋଷଣା କରାଯାଇଛି। ସଞ୍ଜୁ ସାମସନଙ୍କ ନେତୃତ୍ୱାଧୀନ ଦଳରେ ଯୁବ ଅଲ୍‌ରାଉଣ୍ଡର ରାଜ ଅଙ୍ଗଦ ବାୱାଙ୍କୁ ସାମିଲ କରାଯାଇଛି। ଦ୍ୱିତୀୟ ଓ ତୃତୀୟ ମ୍ୟାଚ ସେପ୍ଟେମ୍ବର ୨୫ ଓ ୨୭ରେ ଖେଳାଯିବ। ଜିମ୍ବାୱେ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଥିବା ଦଳର ଅଧିକାଂଶଙ୍କୁ ଭାରତ ଏ'ରେ ସାମିଲ କରାଯାଇଛି। ଭାରତର ୧୯ ବର୍ଷରୁ କମ୍ ବିଶ୍ୱକପ୍ ଅଭିଯାନରେ ବାୱା ହିରୋ ରହିଥିଲେ। ସେ ଜଣେ ମିଡିୟମ ଫାଷ୍ଟ ବୋଲର ଓ ହାର୍ଡ ହିଟିଂ ମିଡିଲ ଅର୍ଡର ବ୍ୟାଟର। ଚେତନ ଶର୍ମାଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାକ୍‌ଅପ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାୱାଙ୍କୁ ଦଳରେ ସ୍ଥାନ ଦେଇଥିବା ଏଥିରୁ ସୂଚିତ ହେଉଛି।

**ଭାରତ ଏ' ଦଳ:** ପୃଥ୍ୱୀ ଶ, ଅଭିମନ୍ୟୁ ଈଶ୍ୱରନ, ଋତୁରାଜ ଗାଏକ୍ୱାଡ, ରାହୁଲ ତ୍ରିପାଠୀ, ରଜତ ପଟିଦାର, ସଞ୍ଜୁ ସାମସନ (ଅଧିନାୟକ), କେ.ଏସ୍. ଭରତ (ଉଇକେଟକିପର), କୁଲଦୀପ ଯାଦବ, ଶାହାବାଜ ଅହମଦ, ରାହୁଲ ଚହର, ତିଳକ ବର୍ମା, କୁଲଦୀପ ସେନ୍, ଶାର୍ଦ୍ଦୁଳ ଠାକୁର, ଉମ୍‌ରାନ ମଲିକ, ନବଦୀପ ସଇନି ଓ ରାଜ ଅଙ୍ଗଦ ବାୱା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଗ୍ରାମସଭା ସଚେତନତା ରଥ ଗଡ଼ିଲା

ବୋଡେନ,(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବ୍ଲକ ଲର୍କା ପଞ୍ଚାୟତ କାମପୁର ଗ୍ରାମରୁ ଗ୍ରାମସଭା ସଚେତନତାର ରଥ ଶୁଭାରମ୍ଭ ହୋଇଛି। ଲର୍କା ସରପଞ୍ଚ ଜୟଶ୍ରୀ ପଟେଲ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ରଥ ବିଭିନ୍ନ ଗ୍ରାମରେ ବୁଲି ପଲ୍ଲିସଭା ଓ ଗ୍ରାମସଭା ଉପରେ ଲୋକଙ୍କୁ ସଚେତନ କରାଇବ। ଦି ହଙ୍ଗର୍ ପ୍ରୋଜେକ୍ଟ ପ୍ରକଳ୍ପ ସଂଯୋଜକ ଚୈତନ୍ୟ ସାଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ସୁକାନ୍ତ ମହାପାତ୍ର, ଜେଣ୍ଡର ଏକ୍ସପର୍ଟ ଅଜିତ କୁମାର ପଣ୍ଡା ଯୋଗଦାନ କରିଥିବା ବେଳେ କ୍ଷେତ୍ର କର୍ମୀ ସତ୍ୟ ମେହେର ଓ ଟେକରାମ ସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାପାଳ ଅଫିସ ଘେରିଲେ ଆଦିବାସୀ ସଂଘ

ବଲାଙ୍ଗୀର ଅଫିସ, ୧୬।୯



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜିତ ଆଦିବାସୀ ସଂଘ ସଦସ୍ୟ ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି।

**ଅଭିଯୁକ୍ତ ମୁଖ୍ୟ ସିଏସ୍‌ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

- ପୋଲିସ-ଆଦିବାସୀ ଧସ୍ତାଧସ୍ତି, ଜିଲାପାଳ ଅଫିସ ସମ୍ମୁଖରେ ଉତ୍ତେଜନା
- ଜିଲାପାଳଙ୍କ ସହ ଆଲୋଚନା କଲେ ରାଜ୍ୟ ସଭା ସଦସ୍ୟ, ସଂଘ ପ୍ରତିନିଧି -ଏଲସିସି ରିପୋର୍ଟ, ପୋଲିସ ତଦନ୍ତରେ ସନ୍ତୁଷ୍ଟ ନୁହଁ କହିଲେ ପୀଡିତା

ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସରେ କାର୍ଯ୍ୟରତ ମହିଳା ଏସଇଏସ୍‌ଓଙ୍କୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦୁର୍ବ୍ୟବହାର ଏବଂ ଅସଦାଚରଣ କରିଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ପୀଡିତା ନିଜେ ଘଟଣା ସମ୍ପର୍କରେ ଜିଲାପାଳ ଏବଂ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଲୋକାଲ କମ୍ପ୍ଲେନ କମିଟି ଏବଂ ଟାଉନ୍ ଥାନା ପୋଲିସ ଟିମ୍ ଘଟଣାର ତଦନ୍ତ କରିଥିଲେ। ତେବେ ଅଭିଯୁକ୍ତଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଏହାର ପ୍ରତିବାଦ କରି ଶୁକ୍ରବାର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବହୁ ସଂଖ୍ୟକ ଆଦିବାସୀ ଏକ ରାଲିରେ ଆସି ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ପୋଲିସ ଓ ଆଦିବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ କିଛି ସମୟ ପାଇଁ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୋଲିସ ସ୍ଥିତିକୁ କାବୁ କରିଥିଲେ। ସଦର ପୋଲିସ ଏସଡିପିଓ ତୋଫାନ ବାଗ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲା ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝି, ପୀଡିତାଙ୍କ ମାତା, ଖୋଦ୍ ପୀଡିତା ସେଠାରେ ଉପସ୍ଥିତ ଥିଲେ।

ପୀଡିତା କହିଥିଲେ ଯେ, ଲୋକାଲ କମ୍ପ୍ଲେନ କମିଟି (ଏଲସିସି) ପକ୍ଷରୁ ଦାଖଲ କରାଯାଇଥିବା ତଦନ୍ତ ରିପୋର୍ଟରେ ସେ ସନ୍ତୁଷ୍ଟ ନୁହନ୍ତି। ଏଣୁ ସେ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। ଏ ପର୍ଯ୍ୟନ୍ତ ସେ ନ୍ୟାୟ ପାଇନାହାନ୍ତି ବୋଲି କହିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କୁ ରାଜ୍ୟ ସଭା ସଦସ୍ୟ ବିଶି, ସଂଘ କାର୍ଯ୍ୟକାରୀ ସଭାପତି ମାଝି ଓ ପୀଡିତାଙ୍କ ମାତା ଭେଟି ଆଲୋଚନା କରିଥିଲେ। ଜଣେ ଆଦିବାସୀ ମହିଳା ସରକାରୀ ଅଧିକାରୀଙ୍କୁ ଅନ୍ୟ ଜଣେ ଉଚ୍ଚ ଅଧିକାରୀ ଅସଦାଚରଣ କରିଥିବା ନେଇ ଯେଉଁ ଅଭିଯୋଗ ହୋଇଛି ତାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ କ'ଣ ହୋଇଛି ବୋଲି ପ୍ରଶ୍ନ କରିଥିଲେ। ଜିଲାପାଳ ରାଣା ଏଲସିସି ରିପୋର୍ଟ ରାଜ୍ୟ ସରକାରଙ୍କୁ ପଠାଯାଇଥିବା କହିବା ସହ ଟାଉନ୍ ଥାନାରେପୋଲିସ ମାମଲା ରୁଜୁ କରି ତଦନ୍ତ ଚଲାଇଛି ବୋଲି କହିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ଆଗକୁ ସଂଘ ଆନ୍ଦୋଳନ ଜାରି ରଖିବ ବୋଲି କୁହାଯାଇଥିଲା।

## ଗଞ୍ଜେଇ ସହ କାର ଜବତ, ୨ ଗିରଫ

କୋଟଗଡ,୧୬।୯(ଡି.ଏନ.ଏ.)

କନ୍ଧମାଳ ଜିଲା ଅନ୍ତର୍ଗତ ବାଲିଗୁଡ଼ା ଅବକାରୀ ବିଭାଗ ପାଟ୍ରୋଲିଂ ସମୟରେ ୨ଟି ପୃଥକ୍ ପୃଥକ୍ ଜାଗାରେ ଚଢ଼ାଉ କରି ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ କାର ଓ ବାଇକ୍ ଜବତ କରିଛି। କନ୍ଧମାଳ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡା ଅବକାରୀ ବିଭାଗ ଦୁଇଟି ସ୍ଥାନରେ ପାଟ୍ରୋଲିଂ ବେଳେ ବାଲିଗୁଡା ଥାନା ଅଞ୍ଚଳ ଲଣ୍ଡାଗାଁ ଛକଠାରେ ଗୋଟିଏ ନମ୍ବର ବିହୀନ କାର ସହ ୯୦ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ତାଙ୍କ ନାମ ପରମେଶର ରଣା। ଗ୍ରାମ କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ସିଟୁ ପାଲି ଗ୍ରାମରେ। ସେହିପରି ଦାରିଙ୍ଗବାଡି ସିମନବାଡି ଛକରୁ ଏକ ବାଇକ୍, ୧୦ କେଜି ଗଞ୍ଜେଇ ସହ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ରାମ ବଚନ କଶ୍ୟପ। ଘର ଛତିଶଗଡରେ। ଉଭୟ ସ୍ଥାନରୁ ମୋଟ ୧ କୁଇଣ୍ଟାଲ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ହେବ ବୋଲି ଅବକାରୀ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବେହେରା କହିଛନ୍ତି। ଏ ନେଇ ଗିରଫ ୨ ଜଣଙ୍କ ନାମରେ ରାଇକିଆ ଅବକାରୀ ବିଭାଗ ନମ୍ବର ୭୨/୨୨ ଓ ବାଲିଗୁଡ଼ା ଅବକାରୀ ବିଭାଗ ୩୩/୨୨ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

**ସଂକ୍ଷେପରେ**

## ପିଲା ଚୋର ସନ୍ଦେହରେ ମାଡ଼ ମାମଲା, ୫ ଗିରଫ

ଟିଟିଲାଗଡ଼,୧୬।୯ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ରିଗଡୁଲ ଗ୍ରାମର ଗତ ୨ ତାରିଖ ରାତିରେ ପିଲା ଚୋର ସନ୍ଦେହରେ ଟିଟିଲାଗଡ଼-ବେଲଗାଁ ରାସ୍ତାରେ କାରରେ ଯାଉଥିବା ଦୁଇ ଜଣ ଯୁବକଙ୍କୁ ଆକ୍ରମଣ କରିଥିଲେ। କାର ମଧ ଭଙ୍ଗାରୁଜା କରିଥିଲେ। ଏନେଇ ଆକ୍ରମଣର ଶିକାର ଯୁବକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଶୁକ୍ରବାର ସନ୍ଧ୍ୟାରେ ମକଶିର ସାଗର, ରୁପେଶ ସାଗର, ବିଦ୍ୟା ନାଗ, ଦକ୍ଷ ସାଗର, ପରମାନନ୍ଦ ସୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଫେରାର ଅନ୍ୟଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରହିଛି ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ପିଲା ଚୋର ସନ୍ଦେହରେ ଏଭଳି କେହି ଆଇନ ହାତକୁ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ରଞ୍ଜନ ବରିହା କହିଛନ୍ତି।

## ସମଲେଶ୍ୱରୀ ଦୁଗ୍ଧ ସମବାୟ ସମିତିର ସଭା

ଗୁଡ଼ଭେଲା,୧୬।୯(ଡ.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ନୂଆଁପଡା ପଞ୍ଚାୟତରେ ସମଲେଶ୍ୱରୀ ଦୁଗ୍ଧ ସମବାୟ ସମିତିର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସମ୍ପାଦକ ପଞ୍ଚାନନ ନାଏକ ସଭାପତିତ୍ୱ କରିଥିଲେ। ନୂଆପଡା ସରପଞ୍ଚ କୁଞ୍ଜବିହାରୀ ସାହୁ ମୁଖ୍ୟ ଅତିଥି, ସୁପରଭାଇଜର ଦୁବେଇ ଚରଣ ପୋଢ ଓ ଦୟାନନ୍ଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁଗ୍ଧ ଦେଉଥିବା ହିତାଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। କିରଣ ସାହୁଙ୍କୁ ସର୍ବସମ୍ମତିକ୍ରମେ ସଭାପତିଭାବେ ଚୟନ କରାଯାଇଥିଲା। ସାଲେପାଲି ଦୁଗ୍ଧ ସମବାୟ ସମିତି ସମ୍ପାଦକ ମହେଶ୍ୱର ବିଶି, କମ୍ପେଲ ଦୁଗ୍ଧ ସମବାୟ ସମିତି ସମ୍ପାଦକ ଡମ୍ବୁରୁଧର ଚନ୍ଦନ, ଭୂଆପଡା ଦୁଗ୍ଧ ସମବାୟ ସମିତି ସମ୍ପାଦକ ହେମନ୍ତ ଖାଟୁଲି ଉପସ୍ଥିତ ଥିଲେ। ମଙ୍ଗଲୁ କୁମ୍ଭାର, ଲେଦ କୁମ୍ଭାର, ଜିନ୍ଦେନ୍ଦ୍ର କୁଅଁର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନରୋତ୍ତମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶାସନ ଦ୍ୱାରସ୍ଥ ହେଲା କଳାକାର ସଂଘ

ଦେଓଗାଁ,୧୬।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଳାକାର ସଂଘ ବିଭିନ୍ନ ସମସ୍ୟା ନେଇ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛି। ସଂଘ ଉପସଭାପତି ସୁଦାମ ଚରଣ ବିଶିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଡିଓ ରାମଦତ୍ତ ଭୋଇ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଓ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ସାକ୍ଷାତ୍ କରି ସମସ୍ୟା ଉପରେ ଅବଗତ କରିଥିଲେ। ନୂଆଁଖାଇ ଭେଟ ଉତ୍ସବ ପାଳନ ଉପରେ ଆଲୋଚନା ହୋଇଥିଲା। କଳାକାରମାନଙ୍କ ପାଇଁ ବ୍ଲକ ମୁଖ୍ୟାଳୟରେ କୌଣସି ବୈଠକ ଗୃହ ନଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାପାଇଁ ସମସ୍ତ କଳାକାର ଦାବି କରିଥିଲେ। ବରିଷ୍ଠ କଳାକାର ଉପେନ୍ଦ୍ର ଥନାପତି, ବିଭୂତଚରଣ ରଣା, ଗୌର ସାହୁ, ସତ୍ୟନାରାୟଣ ନନ୍ଦ, ଶରତ କୁମାର ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଜିଆରେ ତହସିଲ କୋର୍ଟକ୍ୟାମ୍ପ

ଲୋଇସିଂହା,୧୬।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ସୁଜିଆ ଗ୍ରାମରେ ତହସିଲ କୋର୍ଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ୟାମ୍ପରେ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ବର୍ଷବର୍ଷ ଧରି ପଡି ରହିଥିବା ଜଳକର ଚାଷୀଙ୍କଠାରୁ ଆଦାୟ କରାଯାଇଛି। ତହସିଲଦାର ସଂଘମିତ୍ରା କାଲୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋର୍ଟ କ୍ୟାମ୍ପ ଆୟୋଜିତ ହୋଇଥିଲା। ଗ୍ରାମବାସୀ ରାଜସ୍ୱ ଅଧିକାରୀଙ୍କ ନିକଟରେ ବିଭିନ୍ନ ରାଜସ୍ୱ ମାମଲାର ଅଭିଯୋଗ କରିଥିଲେ। ପାର୍ଚ୍ଚାରେ ଥିବା ଭୁଲଗୁଡିକର ସଂଶୋଧନ ପାଇଁ ଦାବି କରିଥିଲେ। ଏହି ଅବସରରେ ଗ୍ରାମର କେତେକ ଚାଷୀଙ୍କଠାରୁ ଜଳକର ଆଦାୟ କରାଯାଇଥିଲା। କେତେକ ଚାଷୀଙ୍କୁ ଲୋଇସିଂହାସ୍ଥିତ ରାଜସ୍ୱ କାର୍ଯ୍ୟାଳୟକୁ ନିର୍ଦ୍ଧାରିତ ସମୟରେ ଜଳକର ପୈଠ କରିବାକୁ କୁହାଯାଇଥିଲା। ଉକ୍ତ କ୍ୟାମ୍ପରେ ଲୋଇସିଂହା ରାଜସ୍ୱ ନିରୀକ୍ଷକ ଆରଜୁ ପଟେଲ ଓ ଷ୍ଟାଫ ଉପସ୍ଥିତ ଥିଲେ।

# ଯାଦବ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋକସରା,୧୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡାସ୍ଥିତ ବ୍ଲକ ଯାଦବ ଭବନ ପ୍ରାଙ୍ଗଣରେ ବ୍ଲକ ଯାଦବ ସମାଜ ପକ୍ଷରୁ ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା ଭାବେ ଉତ୍କଳ ଯାଦବ ମହାସଭାର ଧନେଶ୍ୱର ଭାଟି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଯାଦବ ମହାସଭା ପୂର୍ବତନ ସଭାପତି ଡମ୍ବରୁ ଲହଜଳ, ଜିଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ଧର୍ମଗଡ ଜିଲା ପରିଷଦ ଜୋନ-୨ ସଦସ୍ୟ ଶଙ୍କର କୁଏଡ଼, କୋକସରା ୨ ନଂ. ଜୋନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ବାଗ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ସ୍ୱାଧୀନ ବାଗ, ଲବଣୀ ରାଉତ, କିଶୋର ହଂସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଯଦୁପତି ଶ୍ରୀକୃଷ୍ଣ ଓ ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ ସାମୂହିକ ନବାନ୍ନ ଭକ୍ଷଣ କରାଯାଇଥିଲା। ନିଜ ନିଜ ଭିତରେ ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ଜୁହାର ଭେଟ ହୋଇଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସମାଜ ଭିତରେ ଭାଇଚାରା ସୃଷ୍ଟି କରିବା, ଶିକ୍ଷାର ବିକାଶ, ସମାଜର ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକ ସମ୍ପାଦକ ଅଲେଖ ଗୋପାଲ ଓ ସହସମ୍ପାଦକ ଧନସିଂ ବାଗ ମଞ୍ଚ ପରିଚାଳନା ଏବଂ ସହସମ୍ପାଦକ ଅଭିମନ୍ୟୁ ଗୋପାଳ ଧନ୍ୟବାଦ ଦେଇଥିଲେ। ବ୍ଲକର ସମସ୍ତ ଆଞ୍ଚଳିକ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜିଲା ଯାଦବ ସମାଜ ପକ୍ଷରୁ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

ଖଡ଼ିଆଲ,୧୬।୯(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଲ ବ୍ଲକ ଗଡ୍ରାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ଯାଦବ ସମାଜ ପକ୍ଷରୁ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭରତଲାଲ ରାଉତଙ୍କ ଅଧ୍ୟକ୍ଷତାରେ ଉତ୍କଳ ଯାଦବ ମହାସଭାର ସଚିବ ଲମ୍ବୋଦର ନିଆଲ, ପୂର୍ବତନ ସଭାପତି ହରେରାମ କଠାର, ସାଧାରଣ ସମ୍ପାଦକ ତ୍ରିନାଥ ପୁଞ୍ଜି, ଚଞ୍ଚଳ ଶଗରିଆ, ତ୍ରିଲୋଚନ ନାଗ, ମହିଳା ସଭାନେତ୍ରୀ ମମତା ମଞ୍ଜରୀ ଥପା, ଖଡିଆଲ ବ୍ଲକ ସଭାପତି କୀର୍ତ୍ତନ ପୋଡ, କୋମନା ବ୍ଲକ ସଭାପତି ତାରାଚନ ଥପା, ବୋଡ଼େନ ସଭାପତି ରାଜୁ ହେର୍ଣା, ଖଡିଆଲ ଏନ୍‌ଏସି ସଭାପତି ଖୁସିରାମ ଭୋଇ, କୁନୁ କରୁଆଁ, ଘନଶ୍ୟାମ ଭୋଇ, କ୍ଷମାନିଧି ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୪ ତାରିଖରେ କୋମନା ବ୍ଲକ ମାନିଗୁଡ଼ାଗାଁଠାରେ ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ଆୟୋଜନ ହେବା ପାଇଁ ସ୍ଥିର ହୋଇଛି। ବୈଠକରେ ଅର୍ଥ ବିଭାଗ, ଖାଦ୍ୟ ବିଭାଗ, ମଞ୍ଚ ସାଜସଜ୍ଜା ଓ ଅତିଥି ନିମନ୍ତ୍ରଣ ନେଇ ଆଲୋଚନା ହୋଇଛି। ଆସନ୍ତା ୧୮ ତାରିଖରେ ମାନିଗୁଡାଗାଁଠାରେ ହେବାକୁ ଥିବା ବୈଠକରେ ଭେଟଘାଟ କାର୍ଯ୍ୟକ୍ରମ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ସତ୍ୟବ୍ରତ ଗହିର ଧନ୍ୟବାଦ ଦେଇଥିଲେ।

# ପ୍ରଥମ ଆଦିବାସୀ ଛାତ୍ର ପିଏଚ୍‌ଡି କରିବାକୁ ଯୋଗ୍ୟ ବିବେଚିତ

ନୂଆପଡ଼ା ଅଫିସ,୧୬।୯

ନୂଆପଡା ଏକ ଆଦିବାସୀ ଅଧୁଷିତବହୁଳ ଜିଲା। ଜିଲାର ଜନସଂଖ୍ୟାର ପ୍ରାୟ ୪୯ % ଆଦିବାସୀ ହୋଇଥିବା ବେଳେ ଅନେକ ପ୍ରକାର ଆଦିବାସୀ ବାସ କରନ୍ତି। ଏମାନଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି। ହେଲେ ଜିଲାରେ ଆଦିବାସୀମାନଙ୍କ ମଧ୍ୟରେ ସେତେ ଶିକ୍ଷାର ପ୍ରସାର ହୋଇପାରିନାହିଁ। ଜିଲାରେ ହାତଗଣତି କେତୋଟି ପରିବାରକୁ ଛାଡି ଦେଲେ ଅନ୍ୟ ଆଦିବାସୀମାନେ ଆଗକୁ ଆସି ପାରି ନ ଥିଲେ ମଧ୍ୟ ଧୀରେ ଧୀରେ ପରିବର୍ତ୍ତନର ଚିତ୍ର ଦେଖିବାକୁ ମିଳୁଛି। ବର୍ତ୍ତମାନ ଜିଲାରେ ଅନେକ ଆଦିବାସୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ଲାଭ କରିବାକୁ ଅନ୍ୟତ୍ର ଯାଇ ପାଠପଢୁଥିବା ନଜିର ରହିଛି। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପିଏଚଡି ପାଇ ଆଦିବାସୀମାନଙ୍କ ସମାଜକୁ ଉଜ୍ଜ୍ୱଳ କରିଛନ୍ତି। ନୂଆପଡା ଜିଲା କୋମନା ବ୍ଲକ ଲଖନା ଥାନା ସିଲଭା ପଞ୍ଚାୟତ ଛିନ୍ଦପାଣି ଗାଁର ବିରସିଂ ମାଝିଙ୍କ ପୁଅ ଗୁନ୍ଧର ମାଝି। ସେ ଭୁବନେଶ୍ୱର କିସ ବିଶ୍ୱ ବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ବର୍ତ୍ତମାନ ନୂଆପଡା ଏନ୍‌ଏସିର ସହରାଞ୍ଚଳ ଜୀବିକା ମିଶନରେ ସପୋର୍ଟ ଷ୍ଟାଫ ଭାବେ କାର୍ଯ୍ୟ କରୁଛନ୍ତି। ଗୁନ୍ଧର ଛୋଟ ବେଳରୁ ପାଠପଢାରେ ଅଗ୍ରଣି ଥିବା ଦେଖି ତାଙ୍କ ବାପା ତାଙ୍କୁ ଅଧିକ ପଢାଇବାକୁ ମନବଳାଇଥିଲେ। କିସ ବିଦ୍ୟାଳୟ ତାଙ୍କର ସହାୟକ ହୋଇଥିଲା। ଗୁନ୍ଧର ସେଠାରେ ରହି ପାଠ ପଢି ବାଣିଜ୍ୟରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ବାଣିଜ୍ୟ ବିଭାଗରେ ଜିଲାର ପ୍ରଥମ ଆଦିବାସୀ ଛାତ୍ର ସ୍ନାତକ ହାସଲ କରିବା ସହ କିସ ବିଶ୍ୱବିଦ୍ୟାଳୟରେ ପିଏଚଡି କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଖବର ଜାଣିବା ପରେ ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ କାର୍ଯ୍ୟାଳୟ କକ୍ଷରେ ଗୁନ୍ଧରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ତରତୋର ଉନ୍ନତି କାମନା କରିଛନ୍ତି। ଏହି ସମୟରେ ମଳୟ ରଞ୍ଜନ ମଣ୍ଡଳ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଗୁନ୍ଧରଙ୍କୁ ଏନ୍‌ଏସି ଅଧକ୍ଷ ସମ୍ବର୍ଦ୍ଧିତ କରୁଛନ୍ତି।

# ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନ ନୂତନ କର୍ମକର୍ତ୍ତା ଚୟନ

ଖଡ଼ିଆଲ,୧୬।୯(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ନୂତନ ସଭାପତି ଭାବେ ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ଭାବେ ସୋମନାଥ ଜଗତ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ସୁକେଶ ପଟ୍ଟନାୟକ, ସହସମ୍ପାଦକ ବିଭୁତି ଭୂଷଣ ବିଶି, କୋଷାଧକ୍ଷ ସୁନୀଲ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ଅମୂଲ୍ୟ କୁମାର ବାରିକ, ଅନୁଷ୍ଠାନ ରକ୍ଷଣ ବେକ୍ଷଣ ଓ ସଚ୍ଛତା ସାନ୍ତାନୁ ପଣ୍ଡା, ନିଶାର ଅହମ୍ମଦ ଖାଁନ, ଉପଦେଶା ମଣ୍ଡଳୀ ରୂପେ ବିଧାୟକ ଖଡ଼ିଆଲ ଅଧିରାଜ ପାଣିଗ୍ରାହୀ, ଡ଼. ମେଜର ରାମଚନ୍ଦ୍ର ମିଶ୍ର, ଶତିଷ କୁମାର ପଟ୍ଟନାୟକ, ଜଗବନ୍ଧୁ ବାରିକ, ଅଶୋକ କୁମାର ବାରିକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଆଗାମୀ କାର୍ଯ୍ୟପନ୍ଥା ଏବଂ ଅନୁଷ୍ଠାନ ଦ୍ୱାରା ଜନକଲ୍ୟାଣ ସୂଚନା ଏବଂ ସଚେତନଧର୍ମୀ କାର୍ଯ୍ୟକଳାପ ଉପରେ ଆଲୋଚନା ହୋଇଛି।

# ଚଣ୍ଡୀ ମନ୍ଦିରରୁ ରୁପା ଛତର ଚୋରି

ଦେଓଗାଁ,୧୬।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାଗରପାଲି ସିଦ୍ଧେଶ୍ୱର ମନ୍ଦିର ପରିସରସ୍ଥ ଚଣ୍ଡୀ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ରୁପା ଛତର ଚୋରି ହୋଇଛି। ଏଥିସହିତ ପିତଳ ଘଣ୍ଟ, ବାଲଟି ଓ ଘଣ୍ଟାକୁ ଆଦି କେହି ଚୋରି କରିନେଇଥିବା ଦେଓଗାଁ ଥାନାରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିଥିବା ଏଏସଆଇ ଜଗତଜୀବନ ସା ସୂଚନା ଦେଇଛନ୍ତି। ଗୁରୁବାର ରାତିରେ ସବୁଦିନ ପରେ ମନ୍ଦିର କବାଟ ବନ୍ଦ କରାଯାଇଥିଲା। ଶୁକ୍ରବାର ସକାଳୁ ପୂଜକ ଅକ୍ଷୟ ବହିଦାର ମନ୍ଦିରକୁ ପୂଜା କରିବାପାଇଁ ଆସିବା ସମୟରେ ଚଣ୍ଡି ବନ୍ଦିର କବାଟ ଖୋଲା ରହିଥିବା ଏବଂ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁପାଇଥିଲେ। ଘଟଣା ପ୍ରଚାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗାଁ ଲୋକ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ।



ମନ୍ଦିରରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି।

# ୯୨ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି କଲେଜ କର୍ତ୍ତୃପକ୍ଷ

ନୂଆପଡ଼ା ଅଫିସ,୧୬।୯

କରୋନା ସମୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ବିଦ୍ୟାଳୟ ଆସେସମେଣ୍ଟ ପରୀକ୍ଷା ଫଳ ଆଧାରରେ ପଦୋନ୍ନତି ଦିଆଯାଇଥିଲା। ଏହି ସବୁ ନିୟମ ଅନ୍ୟ ବିଶ୍ୱ ବିଦ୍ୟାଳୟଗୁଡିକ ମଧ୍ୟରେ ଲାଗୁ ହୋଇଥିଲା। ହେଲେ ନୂଆପଡା ଜିଲାର ମହାମାୟା ପ୍ରମୁଖ ଶିକ୍ଷାନୁଷ୍ଠାନ ଯୁକ୍ତ ୩ ବିଜ୍ଞାନର ଚତୁର୍ଥ ସେମିଷ୍ଟାର ପରୀକ୍ଷା ଫଳ ବାହାରି ନ ଥିଲା। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିଥିଲେ ବୋଲି ଜଣାପଡିଥିଲା। କରୋନା ସମୟରେ ସମସ୍ତଙ୍କୁ ଉତୀର୍ଣ୍ଣ କରିବା ବ୍ୟବସ୍ଥା ଥାଇ ମଧ୍ୟ କିପରି ମହାମାୟା ଶିକ୍ଷାନୁଷ୍ଠାନର ୯୨ଜଣ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ସ୍ଥଗିତ ରହିଲା ବୁଝାପଡୁ ନ ଥିଲା। ପରେ ମହାମାୟା ଯୁକ୍ତ ୩ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଅବହେଳାର ନିଦର୍ଶନ ବୋଲି ଜଣାପଡିଥିଲା। କଲେଜ କର୍ତ୍ତୃପକ୍ଷ ୯୨ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଖାମଖିଆଲି ମନୋଭାବ ପୋଷଣ କରି ସମ୍ପୃକ୍ତ ଛାତ୍ରୀଛାତ୍ରମାନଙ୍କ ଫର୍ମ ପୂରଣ କରି ନ ଥିଲେ। ଏହା ଜଣାପଡିବା ପରେ କଲେଜ କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟକୁ ଯାଇ ଏହି ଭୁଲର ସଂଶୋଧନ ପାଇଁ ଲାଗିଲେ। ସମ୍ପୃକ୍ତ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏ ନେଇ ଜିଲାପାଳଙ୍କୁ ସାକ୍ଷାତ କରି ତାଙ୍କ ହସ୍ତକ୍ଷେପ ମଧ୍ୟ ଲୋଡିଥିଲେ। କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରମାନଙ୍କଠାରୁ ଫର୍ମ ପୂରଣ ବାବଦକୁ ୩ ହଜାର ଟଙ୍କା ନେଇ ମଧ୍ୟ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଯଦି ଚତୁର୍ଥ ସେମିଷ୍ଟାର ଫଳ କୌଣସି ପ୍ରକାରେ କଲେଜ କର୍ତ୍ତୃପକ୍ଷ ବାହାର କରିବାରେ ସକ୍ଷମ ନୁହନ୍ତି ତେବେ ମେଧାବୀ ଛାତ୍ରୀଛାତ୍ର ଡିଂଟିକ୍ସନ ପାଇବାରୁ ବଞ୍ଚିତ ହେବେ। ଏହାପାଇଁ କଲେଜ କର୍ତ୍ତୃପକ୍ଷ ଦାୟୀ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ନେଇ ମହାମାୟା ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ଟଙ୍କଧର ସାହୁଙ୍କୁ ପଚାରିବାରୁ ଅବଶ୍ୟ କଲେଜର ଏକ ଛୋଟିଆ ଭୁଲ ହୋଇଛି। କିନ୍ତୁ ଏହା ମୋ ଦୃଷ୍ଟିକୁ ଆସିବା ପରେ ତୁରନ୍ତ ଏହାର ସମାଧାନର ପନ୍ଥା ବାହାର କରାଯାଇ ଷଷ୍ଠ ସେମିଷ୍ଟାର ସହ ଚତୁର୍ଥ ସେମିଷ୍ଟାର ପରୀକ୍ଷ ଫଳ ମଧ୍ୟ ବାହାରି ସାରିଛି। କେବଳ ପିଲାଙ୍କ ଡିଂଟିକ୍ସନ ପାଇବା କଥା ଏହାକୁ ନେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହ ବିଚାର ଚାଲିଛି। ଏପରିକି ଆମ କଲେଜ ଛାତ୍ରୀଛାତ୍ରମାନେ ମଧ୍ୟ ଯାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ସାକ୍ଷାତ କରିଛନ୍ତି। ଆଗାମୀ ୨୧ରେ ବିଶ୍ୱବିଦ୍ୟାଳୟ ସିଂଟିକେଟର ସଭା ହେବାର ଅଛି। ସେଥିରେ ଛାତ୍ରୀଛାତ୍ରମାନଙ୍କ ଡିଂଟିକ୍ସନ ପାଇବା ଅସୁବିଧା ମଧ୍ୟ ଦୂର ହୋଇଯିବ ବୋଲି ଆମେ ଆଶାବାଦୀ ରହିଛୁ ବୋଲି କହିଥିଲେ।




ମହାମାୟା ଶିକ୍ଷାନୁଷ୍ଠାନ।

# ଯଥାରୀତି ପାଳନ ହେବ ପ୍ରସିଦ୍ଧ ବଳିଯାତ୍ରା

## ମହାବଳୀ ଯାତ୍ରା, ଦଶହରା ପାଇଁ ପ୍ରସ୍ତୁତି ବୈଠକ

ସୋନପୁର,୧୬।୯(ନି.ପ୍ର.)

ସୁବର୍ଣ୍ଣପୁରର ପ୍ରସିଦ୍ଧ ମହାବଳୀ ଯାତ୍ରା ଓ ଦଶହରା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡକ୍ଟର ଇପ୍ସିତା ପ୍ରିୟଦର୍ଶନୀ ମିଶ୍ରଙ୍କ ଆବାହକତ୍ୱରେ ଜିଲା ଯୋଜନା ଓ ସମନ୍ୱୟ ବିଭାଗର କାର୍ଯ୍ୟାଳୟ ସଭାଗୃହରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଦଶହରା ପୂଜା ଓ ମହାବଳୀ ଯାତ୍ରାର ବିଭିନ୍ନ ପୂଜା ଏବଂ ବଳି ପର୍ବ ପରମ୍ପରା ଅନୁଯାୟୀ ଯଥାରୀତି ପାଳନ ପାଇଁ ନିଷ୍ପତ୍ତି ହୋଇଛି। ସହରର ବିଭିନ୍ନ ଦେବୀ ମନ୍ଦିରରେ ପୂଜା ଓ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ଉପରେ ବିଶଦ ଆଲୋଚନା ହୋଇଥିଲା। ବଳି ଯାତ୍ରାର ମୁଖ୍ୟ ବରୁଆ ବିକାର ନେଗୀଙ୍କ ପରଲୋକ ହୋଇଥିବାରୁ


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀ ଓ ସହରର ବିଶିଷ୍ଟ ବ୍ୟକ୍ତି।

ତାଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସୁବାଷ ନେଗୀ ଚଳିତ ବର୍ଷ ମୁଖ୍ୟ ବରୁଆ ଦାୟିତ୍ୱ ନିର୍ବାହ କରିବେ ବୋଲି ସ୍ଥିର ହୋଇଥିଲା । ବୈଠକରେ ଅଧିକାରୀ, ସେବାୟତ ଓ ଯାତ୍ରା ସହିତ ଜଡିତ ସହରର ବିଶିଷ୍ଟ ବ୍ୟକ୍ତିମାନେ ଏହି ଯୋଗଦାନ କରିଥିଲେ। ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ମନ୍ଦିର ଗୁଡିକୁ ସମୟ ପୂର୍ବରୁ ରଙ୍ଗ ଲଗାଇବା, ମନ୍ଦିର ପରିବେଶ ସଫାସୁତୁରା, ଶାନ୍ତି ଶୃଙ୍ଖଳା ରକ୍ଷା ଓ ସେବା ପୂଜା ଉପରେ ଆଲୋଚନା ହୋଇଥିଲା। ରାଜପୁରୋହିତ ଦୀପକ କୁମାର ପୁରୋହିତ ବଳିଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ସେପ୍ଟେମ୍ବର ୨୫ ତାରିଖ ଅମାବାସ୍ୟା ତିଥି ଅପରାହ୍ନରେ ବାହୁଡି ବିଜୟ ଛତ୍ର ସୁରେଶ୍ୱରୀ ମନ୍ଦିର ଠାରୁ ବାହାରି ସମଲେଶ୍ୱର ମନ୍ଦିରକୁ ଯିବ। ରାତିରେ ଜିଲାର ଇଷ୍ଟଦେବୀ ମା ସୁରେଶ୍ୱର, ସମଲେଶ୍ୱରୀ ଓ ବୁଢାରାଜାଙ୍କ ପୀଠରେ ପୂଜା ଓ ବଳି, ୨୬ ତାରିଖରୁ ୯ ଦିନ ବ୍ୟାପୀ ପୂଜାରମ୍ଭ ଓ ସମଲେଶ୍ୱରୀ ପୀଠରେ ପୂଜା ବଳି ହେବ। ୨୭ ତାରିଖରେ ଦ୍ୱିତୀୟା ପୂଜା ବଳି। ସେହିପରି ୨୯ ତାରିଖ ବିଳମ୍ବିତ ରାତିରେ ସୁରେଶ୍ୱରୀଙ୍କ ପୀଠରେ ଖଉଳ ବଳି, ୩୦ ତାରିଖରେ ଦୁର୍ଗାଦେବୀଙ୍କର ସମଲେଶ୍ୱରୀ ମଣ୍ଡପରେ ଷୋଡଷ ଉପଚାରରେ ପୂଜା, ଅକ୍ଟୋବର ୩ ତାରିଖରେ ମହାଷ୍ଟମୀ ପୂଜା ଓ ଅଷ୍ଟଚଣ୍ଡୀ ପୀଠରେ ମହାଖଳା ପୂଜା, ଡାଙ୍ଗୁଆ ବଳି ଓ ଭୋରରେ ମହାବଳି ଯାତ୍ରା ଏବଂ ସମସ୍ତ ଶକ୍ତିପୀଠରେ ଦଶହରା ପୂଜା ଆୟୋଜନ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗି, ତହସିଲଦାର ନବୀନ କିଶୋର ପାଢୀ, ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର, ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଦେବୋତ୍ତର ପରିଚାଳକ ମେଘନାଦ ମନହିରା, ନୀଳାମ୍ବର ଶତପଥୀ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଦେବୋତ୍ତର ଉପଦେଷ୍ଟା କମିଟିର ସଭ୍ୟାସଭ୍ୟ ବୈଠକରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢ଼ାଉ, ୫ ଗିରଫ

ବାଉଁଶୁଣୀ,୧୬।୯(ଡି.ଏନ.ଏ.)

ବାଉଁଶୁଣୀ ଥାନା ଅଞ୍ଚଳରେ ବେଆଇନ ମଦ ବିକ୍ରି ଓ ଜୁଆ ଖେଳ ବେଧଡକ ଭାବେ ଚାଲିଥିବା ନେଇ ବିଭିନ୍ନ ସାମାଜିକ ଗଣମାଧମରେ ଖବର ପ୍ରକାଶ ପାଇ ଆସୁଛି। ହେଲେ ପୋଲିସ ସବୁ ଜାଣି ସୁଦ୍ଧା ନୀରବଦ୍ରଷ୍ଟା ସାଜିଥିଲା। ମାତ୍ର ବର୍ତ୍ତମାନ ପୋଲିସ ଆକ୍ସନ ମୁଡରେ ରହିଛି। ନୂଆ ଭାରପ୍ରାପ୍ତ ଅଧିକାରୀ ଭାବେ ସସ୍ମିତା ମଗର ଗୁରୁବାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଦିନରେ ୧୧୩ ଲିଟର ବିଦେଶୀ ମଦ ଜବତ ହୋଇଥିବା ବେଳେ ଶୁକ୍ରବାର ପୋଲିସ ପକ୍ଷରୁ ଏକ ଜୁଆ ଆଡ୍ଡା ଉପରେ ଚଢାଉ ହୋଇଛି। ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଅଁଳାପାଲି ରଜାବନ୍ଧ ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢାଉ କରି ୬୭୩୦ ଟଙ୍କା, ଘୁଡୁଘୁଡି ପଟି ଗୋଟିଏ, ଦୁଇଟି ତାରପୋଲିନ, ଦୁଇଟି ବାଇକ୍ ଜବତ କରିବା ସହ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଁଳାପାଲି ଗ୍ରାମର କୌସ୍ତୁଭ ମେହେର, ଟିକେଶ୍ୱର ମେହେର, ମହେଶ୍ୱର ପିଣ୍ଡାର , ଉମେଶ ବେହେରା ଓ ଭେଡେନର ରାହାସ ସାହୁ। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମଗର ସୂଚନା ଦେଇଛନ୍ତି। କୌଶିକ ମେହେର ଫେରାର ଥିବା ପୋଲିସ ସୂଚନା ଦେଇଛି। ଏହାଛଡା ଗୁରୁବାର ରାତିରେ ବାଉଁଶୁଣୀ ଥାନା ତାଲେସରଡା ପଞ୍ଚାୟତ ମାନେଶ୍ୱର ଛକ ନିକଟରେ ଥିବା ଏକ କୁଟିଆ ମଦ ଦୋକାନ ଉପରେ ପୋଲିସ ଚଢ଼ାଉ କରି ୧୧ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଆକାଶ ଡାଙ୍ଗ ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କହିଛନ୍ତି।

### ପ୍ରଶାସନ ଦ୍ୱାରସ୍ଥ ହେଲା କଳାକାର ସଂଘ

**ଦେଓଗାଁ,୧୬।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଳାକାର ସଂଘ ବିଭିନ୍ନ ସମସ୍ୟା ନେଇ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛି। ସଂଘ ଉପସଭାପତି ସୁଦାମ ଚରଣ ବିଶିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଡିଓ ରାମଦତ୍ତ ଭୋଇ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଓ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ସାକ୍ଷାତ୍ କରି ସମସ୍ୟା ଉପରେ ଅବଗତ କରିଥିଲେ। ନୂଆଁଖାଇ ଭେଟ ଉତ୍ସବ ପାଳନ ଉପରେ ଆଲୋଚନା ହୋଇଥିଲା। କଳାକାରମାନଙ୍କ ପାଇଁ ବ୍ଲକ ମୁଖ୍ୟାଳୟରେ କୌଣସି ବୈଠକ ଗୃହ ନଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାପାଇଁ ସମସ୍ତ କଳାକାର ଦାବି କରିଥିଲେ ।

### ସୋହେଲାରେ ନିଶାମୁକ୍ତି ଶୋଭାଯାତ୍ରା

ସୋହେଲା,୧୬।୯(ଡି.ଏନ.ଏ.)

ସୋହେଲାରେ ନିଶା କାରବାର ବହୁମାତ୍ରାରେ ବଢ଼ିଯାଇଛି। ଏହାର ପ୍ରତିକାର ପାଇଁ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ସଂସ୍କୃତି ଭବନରେ ଏକାଠି ହୋଇ ଆଲୋଚନା କରିଥିଲେ। ସୋହେଲା ଥାନାଧିକାରୀ ହରିବନ୍ଧୁ ଗଡତିଆ ଉପସ୍ଥିତ ରହି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମହିଳାମାନେ ଏକ ବିରାଟ ଶୋଭାଯାତ୍ରାରେ ନିଶାମୁକ୍ତି ଶ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ସୋହେଲାର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ସୋହେଲା ସରପଞ୍ଚ ସଞ୍ଜୁକ୍ତା ଝାଙ୍କର, ନିଲୁ ଝାଙ୍କର ଏହାର ନେତୃତ୍ୱ ନେଇଥିଲେ।

## ଗଞ୍ଜେଇ ସହ କାର ଜବତ, ୨ ଗିରଫ

କୋଟଗଡ,୧୬।୯(ଡି.ଏନ.ଏ.)

କନ୍ଧମାଳ ଜିଲା ଅନ୍ତର୍ଗତ ବାଲିଗୁଡ଼ା ଅବକାରୀ ବିଭାଗ ପାଟ୍ରୋଲିଂ ସମୟରେ ୨ଟି ପୃଥକ୍ ପୃଥକ୍ ଜାଗାରେ ଚଢ଼ାଉ କରି ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ କାର ଓ ବାଇକ୍ ଜବତ କରିଛି। କନ୍ଧମାଳ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡା ଅବକାରୀ ବିଭାଗ ଦୁଇଟି ସ୍ଥାନରେ ପାଟ୍ରୋଲିଂ ବେଳେ ବାଲିଗୁଡା ଥାନା ଅଞ୍ଚଳ ଲଣ୍ଡାଗାଁ ଛକଠାରେ ଗୋଟିଏ ନମ୍ବର ବିହୀନ କାର ସହ ୯୦ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ତାଙ୍କ ନାମ ପରମେଶର ରଣା। ଗ୍ରାମ କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅନ୍ତର୍ଗତ ସିଟୁ ପାଲି ଗ୍ରାମରେ। ସେହିପରି ଦାରିଙ୍ଗବାଡି ସିମନବାଡି ଛକରୁ ଏକ ବାଇକ୍, ୧୦ କେଜି ଗଞ୍ଜେଇ ସହ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ରାମ ବଚନ କଶ୍ୟପ। ଘର ଛତିଶଗଡରେ। ଉଭୟ ସ୍ଥାନରୁ ମୋଟ ୧ କୁଇଣ୍ଟାଲ ଜବତ ହୋଇଛି।

# ଅନ୍ତର୍ଜାତୀୟସ୍ତରକୁ ବରଗଡ଼ ଛାତ୍ରୀଙ୍କ ପ୍ରକଳ୍ପ ମନୋନୀତ

ବରଗଡ଼ ଅଫିସ୍,୧୬।୯

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଦେଓଳି ହାଇସ୍କୁଲ ସତୀଭଟାର ଛାତ୍ରୀ କଲ୍ୟାଣୀ ସାହୁଙ୍କ ପ୍ରକଳ୍ପ ଶୁକ୍ରବାର ଅନ୍ତର୍ଜାତୀୟସ୍ତର ପ୍ରତିଯୋଗିତାକୁ ମନୋନୀତ ହୋଇଛି। କଲ୍ୟାଣୀ ପ୍ରଥମେ ତାଙ୍କ ପ୍ରକଳ୍ପ 'ହାଇଟେକ୍ ବେଡ୍ ଫର୍ ପେସେଣ୍ଟ ଆଣ୍ଡ୍ ଓଲ୍ଡ ପର୍ସନ'କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ସ୍ଥାନିତ କରିଥିଲେ। ସେହି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲା ଏବଂ ସେଠାରେ ୬୬ପ୍ରକଳ୍ପ ମଧ୍ୟରେ କଲ୍ୟାଣୀଙ୍କ ସମେତ ବରଗଡ଼ ଜିଲାର ୯ପ୍ରକଳ୍ପ ସ୍ଥାନିତ ହୋଇଥିଲା। ତେବେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ୬୦ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ ସେଠାରେ ଓଡ଼ିଶାର ୯ପ୍ରକଳ୍ପ ରହିଥିଲା। ସେଥିମଧ୍ୟରୁ ଓଡ଼ିଶାର ୨ ପ୍ରକଳ୍ପ ଜାପାନରେ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛି ଏବଂ ସେଥିରେ କଲ୍ୟାଣୀଙ୍କ ପ୍ରକଳ୍ପ ରହିଛି। କଲ୍ୟାଣୀଙ୍କ ଏଭଳି ସଫଳତା ପାଇଁ ଶୁକ୍ରବାର ନୂଆଦିଲ୍ଲୀ ବିଜ୍ଞାନ ଭବନରେ ତାଙ୍କୁ ପୁରସ୍କୃତ କରାଯାଇଛି। ବରଗଡ଼ ଜିଲା ଶିକ୍ଷା ବିଭାଗରୁ ଡଃ ମନୋଜ କୁମାର ସାହୁ କଲ୍ୟାଣୀଙ୍କ


କନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କୃତୀଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ସହିତ ବିଜ୍ଞାନ ଭବନ ଯାଇଥିଲେ। ପଦ୍ମପୁର ଉପଖଣ୍ଡ ରାଜବୋଡ଼ାସମ୍ବର ବ୍ଲକ ମହୁଲପାଲି ଗ୍ରାମର ଗୋଲାପୀ ସାହୁ ଏବଂ ଡିଲେଶ୍ୱର ସାହୁଙ୍କ ଝିଅ ହେଉଛନ୍ତି କଲ୍ୟାଣୀ। ତାଙ୍କର ଏହି କୃତିତ୍ୱ ପରେ ବରଗଡ଼ ଜିଲାରେ ଖୁସିର ଲହରି ଖେଳିଯାଇଛି । ଏକ ଚାଷୀ ପରିବାରରୁ ଜନ୍ମଗ୍ରହଣ କରିଥିବା କଲ୍ୟାଣୀ ଆଗାମୀ ଦିନରେ ଜଣେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି । ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ କୃତୀ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଥାଉକି, ନୂଆଦିଲ୍ଲୀର ପ୍ରଗତି ମୈଦାନ ବିଜ୍ଞାନ ଭବନରେ ଗତ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଜାତୀୟସ୍ତରୀୟ ପ୍ରତିଯୋଗିତା ଚାଲିଥିଲା। ସେଠାରେ କଲ୍ୟାଣୀ ଅନ୍ତର୍ଜାତୀୟସ୍ତର ପ୍ରତିଯୋଗିତାକୁ ମନୋନୀତ ହେବା ପରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ ତାଙ୍କୁ ପୁରସ୍କୃତ କରିଥିଲେ।

## ସ୍ୱଚ୍ଛତା ଦିବସ ଉଦ୍‌ଯାପିତ

ବିନିକା, ୧୬।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗତ ୧ତାରିଖରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ପକ୍ଷ ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିପାଇଁ ଏକ ସାଧାରଣ ସଭା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିନିକା ବାଳକ ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ସୂର୍ଯ୍ୟ ନାରାୟଣ ସାହୁ, ମୁଖ୍ୟବକ୍ତା ଶିକ୍ଷୟିତ୍ରୀ ମୌସୁମୀରାଣୀ ମିଶ୍ର, ସମ୍ମାନୀତ ଅତିଥିଭାବେ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ କମଳିନୀ ହୋତା ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଚିତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କୁ ନେଇ ଚିତ୍ରାଙ୍କନ, କବିତା ଲିଖନ, ସ୍ଲୋଗାନ ପ୍ରତିଯୋଗିତା, ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। କୃତୀ ଛାତ୍ରୀ ପ୍ରିନ୍ସ ମଣ୍ଡଳ, ଶୁଚିସ୍ମିତା ମଟାରୀ, ରୀତିକା ପଧାନ, ଲିପିମା ସାହୁ, ରଶ୍ମି ମେହେର, ସମାପ୍ତି ତ୍ରିପାଠୀ, ଝରଣା ବିଶ୍ୱାଳ, ଶ୍ରୀୟାରାଣୀ ସାହୁ, ସୁଶୀଲା ପଣ୍ଡା, ସୁନିତା କର୍ଣ୍ଣ, ପ୍ରିୟଙ୍କା ମେହେର, ଅର୍ପିତା ମହାନ୍ତି, ମାନସୀ ଶିକା, ଝାନ୍ସୀ ସାହୁ, ସୀମାରାଣୀ, ମାଝି ଅଶ୍ୱିନ ମଣ୍ଡଳଙ୍କୁ ମୁଖ୍ୟ ଅତିଥି ଓ ପ୍ରଧାନ ଶିକ୍ଷୟିତ୍ରୀ ପୁରସ୍କାର ପ୍ରଦାନ କରିଥିଲେ।

# ଯୋଗାଣ ବିଭାଗ ଚଢାଉ, ୯ ଗ୍ୟାସ ସିଲିଣ୍ଡର ଜବତ

## ହୋଟେଲ, ରେଷ୍ଟୁରାଣ୍ଟରେ ବ୍ୟବହାର ହେଉଛି ଘରୋଇ ଇନ୍ଧନ ଗ୍ୟାସ

ସୋନପୁର,୧୬।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ହୋଟେଲ, ରେଷ୍ଟାରାଣ୍ଟଗୁଡିକ ବେଆଇନ ଭାବେ ସରକାରଙ୍କ ସବ୍‌ସିଡିଯୁକ୍ତ ଘରୋଇ ଇନ୍ଧନ ଗ୍ୟାସ ବ୍ୟବହାର କରୁଛନ୍ତି। ମାତ୍ର ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି । ଫଳରେ ଏଭଳି କାରବାର ବୃଦ୍ଧି ପାଇବାରେ ଲାଗିଛି। ତେବେ ଅଭିଯୋଗ ଆଧାରରେ ଶୁକ୍ରବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ସୋନପୁର ସହରର ଜୟଗୁରୁ ମାର୍କେଟ୍‌ରେ ଥିବା ସୁଶାନ୍ତ ହୋଟେଲ, ଗୋକର୍ଣ୍ଣେଶ୍ୱର ପଡା ସ୍ଥିତ ମିଶ୍ର ହୋଟେଲ ଓ ମଝିପଡାର କସ୍ତୁରୀ ହୋଟେଲରେ ଚଢାଉ ହୋଇଥିଲା। ସଦର ସହକାରୀ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ୨ଟି ହୋଟେଲ ଓ ଗୋଟିଏ ରେଷ୍ଟୁରାଣ୍ଟରୁ ମୋଟ ୯ଟି ୧୪.୨ କିଲୋ ବିଶିଷ୍ଟ ଘରୋଇ ଇନ୍ଧନ ଗ୍ୟାସ ସିଲିଣ୍ଡର ଜବତ ହୋଇଛି । ହୋଟେଲ ଓ ରେଷ୍ଟୁରାଣ୍ଟର ମାଲିକ ମାନେ ଶିଳ୍ପାନୁଷ୍ଠାନ ପାଇଁ ଉଦ୍ଦିଷ୍ଟ ଅଣସବ୍‌ସିଡିଯୁକ୍ତ ଗ୍ୟାସ ସିଲିଣ୍ଡର ବ୍ୟବହାର କରୁନଥିବା ତଦନ୍ତରୁ ଜଣା ପଡିଥିଲା। ଏହି ଚଢାଉରେ ମ୍ୟୁନିସିପାଲିଟି ସହକାରୀ ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି, ଡୁଙ୍ଗୁରିପାଲି ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବିନିକା ଯୋଗାଣ ନିରୀକ୍ଷକ ରାଜକିଶୋର ସ୍ୱାଇଁ ଓ ତରଭା ଯୋଗାଣ ନିରୀକ୍ଷକ ଚନ୍ଦ୍ରଧୋଜ ଭୋଇ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ହୋଟେଲ ମାଲିକଙ୍କ ବିରୋଧରେ ଜିଲାପାଳଙ୍କୁ ରିପୋର୍ଟ କରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ସ୍ଥାନରେ ଏଭଳି ଚଢାଉ ଜାରି ରହିବ ବୋଲି ଜଣାପଡିଛି।


ଯୋଗାଣ ବିଭାଗର ଅଧିକାରୀ ମାନେ ହୋଟେଲରେ ଯାଞ୍ଚ କରୁଛନ୍ତି।

# ସଫଳତା ପାଇଁ ସ୍ୱପ୍ନ ଦେଖିବା ଜରୁରୀ

## ଅମରପାଲି ୟୁପି ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ

ଅମରପାଲି,୧୬।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ସରକାରୀ ୟୁପି ସ୍କୁଲରେ ଶୁକ୍ରବାର ସ୍ୱଚ୍ଛତା ପକ୍ଷ ପାଳନ ହୋଇଯାଇଛି। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏଥିପାଇଁ ଉଭୟ ଜୁନିଅର ଓ ସିନିୟର ବର୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ରଚନା ଲିଖନ, ସ୍ୱଚ୍ଛତା ସ୍ଲୋଗାନ ଆଦି ପ୍ରତିଯୋଗୀତା କରାଯାଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ ଅଧ୍ୟକ୍ଷତା



ଅତିଥିଙ୍କ ସହିତ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

କରିଥିଲେ। ଶିକ୍ଷକ ତପକିରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସମିତି ସଭ୍ୟ ପୀତମ୍ବର ସାହୁ, ସିଆରସିସି ପ୍ରଦୀପ ଜଗଦଲା ଓ ସ୍କୁଲ ପରିଚାଳନା କମିଟି ସଭାପତି ବିଷ୍ଣୁଚରଣ ଧଳ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ପିଲାଙ୍କୁ ଏକାଗ୍ରତା ସହିତ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ସଫଳତ ପାଇବା ପାଇଁ ସ୍ୱପ୍ନ ଦେଖିବା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରାଣବନ୍ଧୁ ସାହୁ, ଶୁଭାଶିଷ ମିଶ୍ର, ଯଦୁମଣି ବାଘ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ନିଦ୍ରାବତୀ ନାୟକ ଓ ଆନନ୍ଦିନି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ ସ୍କୁଲ ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଧରାପଡୁଛି ଗଞ୍ଜେଇ, ଖସି ଯାଉଛନ୍ତି ବେପାରୀ

## ବୌଦ୍ଧ ଜିଲା ପାଲଟିଛି ଗଞ୍ଜେଇ କାରବାର ପେଣ୍ଠସ୍ଥଳୀ

ବୌଦ୍ଧ,୧୬।୯(ସ୍ୱ.ପ୍ର.)

ବୌଦ୍ଧ ଜିଲା ଗଞ୍ଜେଇ କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଯୁବ ପିଢି କମ ପରିଶ୍ରମରେ ସ୍ୱଳ୍ପ ସମୟରେ ଅଧିକ ଲାଭ ପାଇବା ଆଶାରେ ଗଞ୍ଜେଇ ଚାଷ ପ୍ରତି ମନ ବଳାଉଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ଜିଲାପାଳଙ୍କ ନିର୍ଦ୍ଦେଶରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜିଲାରୁ ଗଞ୍ଜେଇ ଗଛ କଟାଯାଉଛି। ଏହାସତ୍ତ୍ୱେ ଜିଲାରୁ ଗଞ୍ଜେଇ ଲୋପ ପାଇବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ଜିଲାରୁ ପ୍ରତିଦିନ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜିଲା ପୋଲିସ ହାତରେ ମଧ ଧରାପଡୁଛି। ଏହାଛଡା ବିଭିନ୍ନ ସମୟରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢାଉ ହୋଇ ଗଞ୍ଜେଇ ଜବତ କରାଯାଉଛି, କିନ୍ତୁ ଚୋରା ବେପାରୀମାନେ ଧରାପଡୁ ନ ଥିବା ଦେଖିବାକୁ ମିଳୁଛି। ଏଥିରୁ ଚଢାଉ କେବଳ ଧର୍ମକୁ ଆଖିଠାର ବୋଲି ଆଲୋଚନା ହେଉଛି । ଜିଲାର ଗଞ୍ଜେଇର ଚାହିଦା ବାହାର ରାଜ୍ୟରେ ଥିବାରୁ ଜିଲାରୁ ପ୍ରତିଦିନ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଛି। ଜିଲାର ଅନେକ ଅଞ୍ଚଳ ବଣପାହାଡ ଘେରା ହୋଇଥିବା ବେଳେ ଏଠିକାର ଅଧକାଂଶ ଅଧିବାସୀ ଗରିବ ଓ ଆଦିବାସୀ ଶ୍ରେଣୀର। ଏମାନଙ୍କ ସରଳତାର ସୁଯୋଗ ନେଇ ବେପାରୀମାନେ ଏମାନଙ୍କୁ ହାତ କରି ଗଞ୍ଜେଇ ଚାଷ ଓ କାରବାର କରି ମାଲେମାଲ ହେଉଛନ୍ତି। ଅନେକ ସମୟରେ ଚୋରା କାରବାରରେ ବେପାରୀମାନେ ଧରାପଡୁ ନ ଥିବା ବେଳେ ଧରା ପଡୁଛନ୍ତି ଗରିବ ଖଟିଖିଆ । ଚୋରା ବେପାରୀମାନେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତ କରି ଖସି ଯାଉଛନ୍ତି । ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ କାରବାର ରୋକିବା ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।


କରାଯାଇଥିବା ଗଞ୍ଜେଇ ଚାଷ।

# ୮ମାସରେ ଗଲାଣି ୬୦ଜୀବନ

- ସୁବର୍ଣ୍ଣପୁର ଜିଲାରେ ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ଚିନ୍ତାଜନକ
- ଗତବର୍ଷ ତୁଳନାରେ ମୃତ୍ୟୁହାର ୬୬.୬୭ପ୍ରତିଶତ ବୃଦ୍ଧି

ଅମରପାଲି,୧୬।୯(ଡି.ଏନ.ଏ.)

ସଚେତନତା ଓ ବ୍ୟାପକ ତନଖି ସତ୍ତ୍ୱେ ସୁବର୍ଣ୍ଣପୁର ଜିଲାରେ କ୍ରମାଗତଭାବେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଚିନ୍ତାର କାରଣ ହୋଇଛି। ୨୦୨୨ମସିହା ଜାନୁୟାରୀରୁ ଅଗଷ୍ଟ ମାସ ମଧ୍ୟରେ ଜିଲାରେ ଶହେଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୬୦ଜଣଙ୍କ ଜୀବନହାନୀ ଘଟିଛି। ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ଅନୁସାରେ ଜାନୁୟାରୀରେ ୧୪ ଦୁର୍ଘଟଣାରେ ୧୩ଜଣଙ୍କ ଜୀବନ ଯାଇଛି। ଫେବୃୟାରୀରେ ୧୪ ଦୁର୍ଘଟଣା ଘଟିଥିବାବେଳେ ୩ଜୀବନ ଯାଇଛି। ମାର୍ଚ୍ଚରେ ୯ଟି ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁ ଘଟିଛି। ଏପ୍ରିଲରେ ୧୪ଦୁର୍ଘଟଣାରେ ୮, ମେରେ ୧୦ଦୁର୍ଘଟଣାରେ ୬, ଜୁନରେ ୧୪ଦୁର୍ଘଟଣାରେ ୮, ଜୁଲାଇରେ ୧୩ଦୁର୍ଘଟଣାରେ ୯ଜଣଙ୍କ ଜୀବନ ଯାଇଛି। ସେହିପରି ଅଗଷ୍ଟ ମାସରେ ୧୨ଟି ଦୁର୍ଘଟଣା ଘଟିଥିବା ବେଳେ ୫ଜଣଙ୍କ ପ୍ରାଣହାନୀ ଘଟିଛି।

**୨୦୨୨ମସିହାରେ ବିଭିନ୍ନ ମାସରେ ଘଟିଥିବା ଦୁର୍ଘଟଣା ଜନିତ ମୃତ୍ୟୁ**

| ମାସ | ଦୁର୍ଘଟଣା ସଂଖ୍ୟା | ମୃତ୍ୟୁ ସଂଖ୍ୟା |
|---|---|---|
| ଜାନୁୟାରୀ | ୧୪ | ୧୩ |
| ଫେବୃୟାରୀ | ୧୪ | ୩ |
| ମାର୍ଚ୍ଚ | ୯ | ୮ |
| ଅପ୍ରେଲ | ୧୪ | ୮ |
| ମେ | ୧୦ | ୬ |
| ଜୁନ | ୧୪ | ୮ |
| ଜୁଲାଇ | ୧୩ | ୯ |
| ଅଗଷ୍ଟ | ୧୨ | ୫ |

ଅନୁରୂପଭାବେ ୨୦୨୦ ମସିହାରେ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ୬୦ଟି ଦୁର୍ଘଟଣା ଘଟିଥିବାବେଳେ ୪୭ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ମସିହାରେ ଏହି ସମୟ ମଧ୍ୟରେ ଘଟିଥିଲଶ ୯୮ ସଡକ ଦୁର୍ଘଟଣା। ଏଥିରେ ୩୬ଜଣଙ୍କ ଜୀବନ ଯାଇଥିଲା। ୨୦୨୦ ତୁଳନାରେ ୨୦୨୧ ମସିହାରେ ସଡକ ଦୁର୍ଘଟଣାରେ ଜିଲାରେ ୨୭.୬୬ପ୍ରତିଶତ ମୃତ୍ୟୁହାର ବୃଦ୍ଧି ଘଟିଥିବା ବେଳେ ୨୦୨୧ ତୁଳନାରେ ୨୦୨୨ରେ ୬୬.୬୭ପ୍ରତିଶତ ମୃତ୍ୟୁହର ବୃଦ୍ଧି ଘଟିଥିବା ସୂଚନା ଅଧିକାର ତଥ୍ୟରୁ ଜଣା ପଡିଛି। ସଡକ ଦୁର୍ଘଟଣା ରୋକିବାକୁ ଜିଲାରେ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଯାଉଛି। ହେଲମେଟ ଚେକିଂ, ଡିଏଲ ଚେକିଂ ସହିତ ବିଭିନ୍ନ ସ୍ଥାନରେ ପ୍ରତ୍ୟହ ଗାଡିମୋଟର ତନଖି କରାଯାଇ ଜରିମାନା ଆଦାୟ କରାଯାଉଛି। ଏପରିକି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଉଛି। ଏସବୁ ସତ୍ତ୍ୱେ ଜିଲାରେ କ୍ରମାଗତଭାବେ ସଡକ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧି ଚିନ୍ତାଜନକ ହୋଇପଡିଛି।

## ସଂକ୍ଷେପରେ

### ବୋଡେନରେ ନୂତନ ବିଡିଓଙ୍କ ଯୋଗଦାନ

**ବୋଡେନ,୧୬।୯(ଡି.ଏନ.ଏ.):** ଗତ ମାସ ପ୍ରଥମ ସପ୍ତାହରେ ନୂଆପଡ଼ା ଜିଲା ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ବଦଳି ହୋଇଗଲା ପରେ ବୋଡେନ ତହସିଲଦାର ରାଜେଶ ମେହେର ବୋଡେନ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ଶୁକ୍ରବାର ବୋଡେନରେ ନୂତନ ବିଡିଓ ଭାବେ ଯୋଗଦାନ କରିଛନ୍ତି। ନୂତନ ବିଡିଓଙ୍କୁ ବ୍ଲକ କର୍ମଚାରୀ ତଥା ବୋଡେନର ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି।

### ଏନ୍‌ଏସ୍‌ଏସ୍‌ର ସଚେତନତା କାର୍ଯ୍ୟକ୍ରମ

**ବୋଡେନ,୧୬।୯(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜରେ ଜାତୀୟ ସେବା ସଂସ୍ଥା ଓ ଏନ୍‌ଡିଆର୍‌ଏଫ୍‌ର ମିଳିତ ଆନୁକୂଲ୍ୟରେ ପରବାର ଓ ସମୁଦାୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲେଜ ଅଧକ୍ଷ ଅବନୀ କୁମାର ଖମାରୀଙ୍କ ଅଧ୍ୟକ୍ଷତାରେ ଏନ୍‌ଡିଆର୍‌ଏଫ୍ ସବ୍‌ଇନିସ୍ପେକ୍ଟର ଅଭିଷେକ ମିଶ୍ର ଓ ନିତେଶ କୁମାର ଯୋଗଦାନ କରି ବିପତ୍ତି ସମୟରେ ପରିବାର ତଥା ସମୁଦାୟଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରାଯାଇ ପାରିବ ତାର କୌଶଳ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀନନ୍ତୋଷ କୁମାର ମୁଣ୍ଡ ଓ ବୋଡେନ କଲେଜ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡା. କିଶୋର କୁମାର କର୍ଣ୍ଣଙ୍କ ସହ କଲେଜର ସମସ୍ତ ଅଧାପକ ଅଧାପିକା କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇଲେ।

### ଆଦିବାସୀ କଲ୍ୟାଣ ସଂଘର ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ୍

**ନୂଆପଡ଼ା ଅଫିସ,୧୬।୯:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ନୂତନ ବଜାର ମଣ୍ଡି ମଣ୍ଡପଠାରେ ଗୁରୁବାର ଜିଲା ଆଦିବାସୀ କଲ୍ୟାସଂଘ ପକ୍ଷରୁ ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଭେଟଘାଟ କାର୍ଯ୍ୟକ୍ରମରେ ସଂଘ ସଭାପତି ଖାମସିଂ ମାଝି ଅଧ୍ୟକ୍ଷତା କରିଥିବା ବେଳେ ସଂଘ ସମ୍ପାଦକ ବାଲକୃଷ୍ଣ ଶବର, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଜୟରାମ ଶବର, ଦିବ୍ୟସିଂ ମାଝି, ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ମାଝି, ପୂର୍ବତନ କୋମନା ବ୍ଲକ ଚ୍ୟାରମେନ ଭକ୍ତରାମ ଶବର, ଜଗଦିଶ ମାଝି, ଭଗବାନ ମାଝି, କମଳ ମାଝି, ସନ୍ତରାମ ମାଝି, ଖଡିଆଳ ବ୍ଲକ ସଭାପତି କାର୍ତିକେଶ୍ୱର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଭକ୍ତବନ୍ଧୁ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ହଜାର ହଜାର ଆଦିବାସୀ ଯୋଗଦେଇ ଆଦିବାସୀଙ୍କ ଗୌରବ, ସଂସ୍କୃତି, କଳା ଓ ସ୍ୱାଭିମାନର ସହ ହର୍ଷ ଉଲ୍ଲାସରେ ନୂଆଁଖାଇ ପର୍ବ ପାଳନ କରିଥିଲେ। ଆଦିବାସୀମାନଙ୍କ ପରମ୍ପରାକୁ ଆଗକୁ ବଢାଇବା ପାଇଁ ଆଦିବାସୀଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦିବାସୀମାନଙ୍କୁ ସରକାର ସବୁ କ୍ଷେତ୍ରରେ ଅବହେଳା କରୁଥିବାରୁ ଏହାର ଜବାବ ଆଗାମୀ ୨୦୨୪ରେ ଦିଆଯିବ ବୋଲି ନିଷ୍ପତ୍ତି ନେବା ସହ କୁସଂସ୍କାର, ଅନ୍ଧ ବିଶ୍ୱାସ, ନାରୀ ନିର୍ଯାତନାକୁ ଦୂରେଇବା ଶିକ୍ଷା, ରାଜନୀତି ଓ ସମାଜର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ତିଲସିଂ ଝାକର, ରୂପସି ଭୂଞ୍ଜିଆ, ଅଭିରାମ ମାଝି, କନକ ମାଝି, ତିରଥ ମାଝି, ବିଶେଶ୍ୱର ଧରୁଆ, ଅର୍ଜୁନ ମାଝି, ତୁଳସି ମାଝି, କୁନୁ ମାଝି, ମାନସିଂ ମାଝି, ସୋନୁ ମାଝି, ନିଲାମ ମାଝି ପ୍ରମୁଖ ସହଯୋଗ କରିଥିଲେ। ଜ୍ଞାନେଶ୍ୱର ମାଝି ଧନ୍ୟବାଦ ଦେଇଥିଲେ।

### କ୍ରୀଡା ସଂଗଠକ ପ୍ରଦ୍ୟୁମ୍ନ ମିଶ୍ରଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୧୬।୯:** ବଲାଙ୍ଗୀର ଜିଲା କ୍ରୀଡା ସଂସଦ ବରିଷ୍ଠ ସଭ୍ୟ ତଥା



ଭଲିବଲ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର (୬୫)ଙ୍କ ଶୁକ୍ରବାର ସକାଳେ ତାଙ୍କ ଟିକ୍ରାପଡା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଜଣେ ଦକ୍ଷ ସଙ୍ଗଠକ, କର୍ତ୍ତବ୍ୟନିଷ୍ଠ, ପରୋପକାରୀ ଏବଂ ଅମାୟିକ ବ୍ୟକ୍ତି ଭାବରେ ସେ ପରିଚିତ ଥିଲେ।। ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳି ଯାଇଛି। ଶବାଧାରରେ ଅନେକ ବନ୍ଧୁ, ବାନ୍ଧବ ଉପସ୍ଥିତ ଥିଲେ। ପୁତୁରା ଆର୍ଯ୍ୟନ ଓ ଝିଅ ଆଇଚି ଉଭୟେ ମୁଖାଗ୍ନି ଦେଇଥିଲେ।



କଣ୍ଟାବାଞ୍ଜି ଲଜରୁ ଜବତ ୫୮ ଲକ୍ଷ ଟଙ୍କା।



ଗିରଫ ୭ ଜଣ ରାଜ୍ୟ ବାହାର ବ୍ୟକ୍ତି।

# ଲଜ୍‌ରୁ ୫୮ ଲକ୍ଷ ଟଙ୍କା ଜବତ, ୭ ଗିରଫ

**ବଲାଙ୍ଗୀର ଅଫିସ, ୧୬।୯**

■ପୋଲିସ କହିଲା ଲଜ୍‌ରେ ଚାଲିଥିଲା ଜୁଆଖେଳ
■ଦାଦନ ଶ୍ରମିକ ଚାଲାଣ ପାଇଁ ରାଜ୍ୟ ବାହାରୁ ଦାଦନ ସର୍ଦ୍ଦାର ଆସିଥିବା ଚର୍ଚ୍ଚା

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଅନ୍ନପୂର୍ଣ୍ଣା ଲଜ୍‌ରେ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ୫୮ ଲକ୍ଷ ୫୬ ହଜାର ଟଙ୍କା ଜବତ କରିବା ସହ ବାହାର ରାଜ୍ୟର ୭ ଜଣଙ୍କୁ ଗିରଫ କରିଥିଲା। ଘଟଣା ସମ୍ପର୍କରେ ଶୁକ୍ରବାର କଣ୍ଟାବାଞ୍ଜି ଏସ୍‌ଡିପିଓ ହୃଷିକେଶ ମେହେର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଗୁରୁବାର ରାତିରେ ଏହି ଲଜ୍‌ରେ ଜୁଆଖେଳ ଚାଲିଥିବା ନେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପୋଲିସ ଟିମ୍ ରାତିଅଧିଆ ଉକ୍ତ ଲଜ୍‌ରେ ଚଢ଼ାଉ କରିଥିଲେ। ସେଠାରୁ ତେଲଙ୍ଗାନା ପ୍ରଦେଶରୁ ଆସି ଜୁଆ ଖେଳୁଥିବା ୭ ଜଣଙ୍କୁ ଅଟକ ରଖିଥିଲେ। ତାଙ୍କଠାରୁ ୪ ପ୍ୟାକେଟ୍ ତାସ, ୭ଟି ମୋବାଇଲ ଫୋନ୍ ଏବଂ ୫୮ ଲକ୍ଷ ୫୬ ହଜାର ଟଙ୍କା ଜବତ କରାଯାଇଥିଲା। ଶୁକ୍ରବାର ସକାଳେ ଏହି ଘଟଣା ଜଣାପଡିବା ପରେ କଣ୍ଟବାଞ୍ଜି ସହରରେ ହଇଚଇ ସୃଷ୍ଟି ହୋଇଥିଲା। ପୋଲିସ ଜୁଆଖେଳ ଦର୍ଶାଇ ଯେଉଁମାନଙ୍କୁ ଅଟକ ରଖିଛି ପ୍ରକୃତରେ ସେମାନେ ରାଜ୍ୟ ବାହାରର ଦାଦନ ସର୍ଦ୍ଦାର ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ସ୍ଥାନୀୟ ଦାଦନ ସର୍ଦ୍ଦାରଙ୍କଠାରେ ଯୋଗାଯୋଗ କରି ଏହି ଅଞ୍ଚଳରୁ ଦାଦନ ଶ୍ରମିକ ଚାଲାଣ ପାଇଁ ସେମାନେ ଆସିଥିଲେ ଏବଂ ଉକ୍ତ ଲଜରେ ରହୁଥିଲେ ବୋଲି ଆଲୋଚନା ହୋଇଥିଲା। ସେମାନଙ୍କଠାରୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ଏନେଇ କଣ୍ଟାବାଞ୍ଜି ଏସ୍‌ଡିପିଓ ମେହେରଙ୍କୁ ପଚରାଯିବାରୁ ଲଜ୍‌ରେ ଜୁଆଖେଳ ଚାଲିଥିବା ନେଇ ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା। ସେଠାରୁ ୫୮ ଲକ୍ଷ ୫୬ ହଜାର ଟଙ୍କା ଓ ୭ ମୋବାଇଲ ଜବତ କରାଯିବା ସହ ୭ଜଣଙ୍କୁ ଗିରଫ କରାଯାଇଛି ବୋଲି ସୂଚନା ଦେଇଥିଲେ। ମିଳିଥିବା ସର୍ବଶେଷ ସୂଚନା ମୁତାବକ କଣ୍ଟାବାଞ୍ଜି ତହସିଲଦାର ଥାନାକୁ ଯାଇ ଏସଂକ୍ରାନ୍ତରେ ପଚରାଉଚରା କରିଥିବା ଜଣାପଡିଛି। ପୋଲିସ ଜୁଆଖେଳୁଥିବାବେଳେ ଉପରୋକ୍ତ ୭ ଜଣଙ୍କୁ ଗିରଫ କରିଥିବା କହୁଥିବାବେଳେ କଣ୍ଟାବାଞ୍ଜି ଜନସାଧାରଣ କଥାକୁ ବିଶ୍ୱାସ କରୁନାହାନ୍ତି। ବାସ୍ତବରେ ହୋଟେଲରୁ କେତେ ଟଙ୍କା ଜବତ ହୋଇଛି ଏବଂ ଗିରଫ ବ୍ୟକ୍ତିମାନେ ଜୁଆ ଖେଳୁଥିଲେ ନା ଦାଦନ ଶ୍ରମିକ ଚାଲାଣ ପାଇ ଆସିଥିଲେ ସେନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ଆଲୋଚନା ହେଉଛି।

# ସାବତ ବାପା ଦୋଷୀ ସାବ୍ୟସ୍ତ, ୨୦ବର୍ଷ ଜେଲ

**ବଲାଙ୍ଗୀର ଅଫିସ, ୧୬।୯**

**ନାବାଳିକା ଝିଅକୁ ଜଙ୍ଗଲରେ ବଳାତ୍କାର ମାମଲା**
■ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ହେଲା ମାମଲା ବିଚାର

ବଲାଙ୍ଗୀର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଶାନ୍ତ କୁମାର ନାୟକ ଶୁକ୍ରବାର ୨୦୨୧ ମସିହାର ଏକ ନାବାଳିକା ବଳାତ୍କାର ମାମଲା ଫଇସଲା କରି ରାୟ ଶୁଣାଇଥିଲେ। ଏହି ମାମଲାରେ ମହାଦେବପାଲି ଗ୍ରାମର ସାବତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧକ ୬ ମାସ ସଶ୍ରମ କରାଦଣ୍ଡାଦେଶ କରିଛନ୍ତି। ପୁଇଁତଲା ଥାନା ଅନ୍ତର୍ଗତ ମହାଦେବପାଲି ଗ୍ରାମର ଜଣେ ବ୍ୟକ୍ତି ଗତ ୨୦୨୧ ମସିହାରେ ତାଙ୍କ ୧୩ ବର୍ଷର ସାବତ ଝିଅକୁ କାଠ ଆଣିବା ବାହାନାରେ କାଲିଝରଣ ଜଙ୍ଗଲକୁ ନେଇ ଯାଇଥିଲେ। ସେଠାରେ ଜଙ୍ଗଲରେ ବଳାତ୍କାର କରି ଝିଅକୁ ଜଙ୍ଗଲ ଭିତରେ ଛାଡି ଫେରାର ହୋଇ ଯାଇଥିଲେ। ଆଖପାଖ ଲୋକ ଘଟଣାସ୍ଥଳରେ ପହଞ୍ଚି ନାବାଳିକା ଝିଅକୁ ଉଦ୍ଧାର କରିବା ପରେ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲେ। ଚାଇଲ୍ଡ ଲାଇନ୍ ସେଠାରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସିରେ ପ୍ରଡ୍ୟୁସ କରିଥିଲା। ଏନେଇ ସେତେବେଳେ ପୁଇଁତଲା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (୨୪୫/୨୧) ରୁଜୁ ହୋଇଥିଲା। ଏହି ମାମଲା ପୋକ୍‌ସୋ କୋର୍ଟରେ ବିଚାର ହେବା ପରେ ରାୟ ପ୍ରକାଶ ପାଇଥିଲା। ପୋକ୍‌ସୋ କୋର୍ଟର ବରିଷ୍ଠ ଆଡଭୋକେଟ୍ ପ୍ରିୟରଞ୍ଜନ ବହିଦାର ପୀଡିତାଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

# ଥୁଆମୂଳ ରାମପୁରରେ ଭୈରବ ଦେବଙ୍କ ଝାମୁଯାତ୍ରା



ଥୁଆମୂଳ ରାମପୁରରେ ଅଗ୍ନି ଭୈରବଙ୍କ ଝାମୁଯାତ୍ରା।

**ଭବାନୀପାଟଣା,୧୬।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁରରେ ଅଗ୍ନି ଭୈରବଙ୍କ ଝାମୁଯାତ୍ରା ଗୁରୁବାର ସମ୍ପନ୍ନ ହୋଇଛି। ଆଦିବାସୀମାନଙ୍କ ଶୈବ ଅରାଧାନର ଏହା ହେଉଛି ଏକ ଅନନ୍ୟ ପୀଠ। ଶିବଙ୍କର ୭ଟି ରୂପ ମଧ୍ୟରୁ ଅଗ୍ନି ଭୈରବ ଅନ୍ୟତମ। ଏହି ପୀଠରେ ତାନ୍ତ୍ରିକ ଓ ଗୁପ୍ତ ପଦ୍ଧତିରେ ପୂଜାର୍ଚ୍ଚନା କରାଯାଉଥିବାରୁ ଝାମୁଯାତ୍ରା ଦିନ କାଳିସୀଙ୍କ ଦେହରେ ଅଗ୍ନି ଭୈରବ ପ୍ରବେଶ କରି ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥାନ୍ତି। କଞ୍ଚା ହାଣ୍ଡି ଉପରେ ବସି ତାକୁ ଅକ୍ଷତ ରଖିବା କଣ୍ଟା ଦୋଳିରେ ଝୁଲି ସାରିବା ପରେ ପ୍ରସ୍ତୁତ କରାଯାଇଥିବା ଅଗ୍ନି କୁଣ୍ଡରେ ପ୍ରବେଶ କରି ଚାଲିବା ଦୃଶ୍ୟ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନରେ ଭୟ ଓ ଭକ୍ତିର ମିଶ୍ରିତ ଭାବ ସୃଷ୍ଟି କରିଥାଏ। ଚଳିତବର୍ଷ ଯୁବକଲାଲ ପରିଚ୍ଛାଙ୍କ ଦେହରେ ଭୈରବ ଦେବ ପ୍ରବେଶ କରି ଅଗ୍ନି ପରୀକ୍ଷା ଦେଇଥିଲେ। ସେହିପରି ଶରତ ଚନ୍ଦ୍ର ପୂଝାରୀଙ୍କ ଦେହରେ ମା ମାଣିକେଶ୍ୱରୀ କାଳିସୀ ରୂପରେ ପ୍ରବେଶ କରିଥିଲେ। ଥୁଆମୁଳ ରାମପୁର ଝାମୁଯାତ୍ରା ବହୁ ପ୍ରାଚୀନ। କୁହାଯାଏ, ତତ୍କାଳୀନ ଥୁଆମୁଳ ରାମପୁର ରାଜା ରାମଚନ୍ଦ୍ରଦେ ୧୮୯୧ରେ ଲାଞ୍ଜିଗଡରୁ ଭୈରବଦେବଙ୍କୁ ଆଣି ରାମପୁରଠାରେ ସ୍ଥାପନ କରିବା ପରେ ଏହି ଯାତ୍ରା ଆହୁରି ଯାକ ଯମକରେ ପାଳନ କରାଯାଉଥିବା ଗବେଷକମାନେ ମତବ୍ୟକ୍ତ କରିଥିବା ବେଳେ ଏହି ଯାତ୍ରର ଅନେକ କିମ୍ବଦନ୍ତୀ ରହିଛି। ଚଳିତ ବର୍ଷ ମନ୍ଦିରର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଏହି ଯାତ୍ରା ପାଳନ କରାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଥୁଆମୁଳ ରାମପୁର ପୀଠର ଏକ ସ୍ୱତନ୍ତ୍ରତା ରହିଛି। ଏଠାରେ ଝାମୁଯାତ୍ରା ସମ୍ପନ୍ନ ହେବା ପରେ ନିକଟସ୍ଥ ଅନ୍ୟାନ୍ୟ ପୀଠରେ ପୂଜା ପାର୍ବଣ କରାଯାଏ। ପ୍ରକୃତି ଏବଂ ମଣିଷ ଓ କୃଷି ସହିତ ଏହି ପର୍ବର ରହିଛି ଘନିଷ୍ଠ ସମ୍ପର୍କ। ତେଣୁ ଏହା କେବଳ ଆଦିବାସୀମ

# ୫ଟି ସ୍କୁଲ କାମରେ ପ୍ଲାଏ ଶ୍ରମିକଙ୍କୁ ପାଉଣା ମିଳିନି

**ଖପ୍ରାଖୋଲ, ୧୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ହୋଇଥିବା ୫ଟି ବିଦ୍ୟାଳୟ କାମରେ ପ୍ଲାଏ କାମ କରିଥିବା ଶ୍ରମିକଙ୍କୁ ପାଉଣା ମିଳି ନ ଥିବା ସ୍ଥାନୀୟ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ପଶ୍ଚିମବଙ୍ଗର ପ୍ଲାଏ ମିସ୍ତ୍ରୀ ଶେଖ ମୁରାଦ ବ୍ଲକର ଆଦର୍ଶ ବିଦ୍ୟାଳୟ, ଲାଠୋର ହାଇସ୍କୁଲ, ଲୁହାସିଂହା ହାଇସ୍କୁଲ, ଧଣ୍ଡାମୁଣ୍ଡା ହାଇସ୍କୁଲ, ବେନ୍ଦେର ହାଇସ୍କୁଲ ସୌନ୍ଦର୍ଯ୍ୟକରଣରେ ପ୍ଲାଏ କାମ ପାଇଁ ନିୟୋଜିତ ହୋଇଥିଲେ । ହେଲେ ଦୀର୍ଘ ୯ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ କାମରେ ଶ୍ରମିକମାନଙ୍କୁ ନିୟୋଜିତ କରିଥିବା ବାକିଆ ଟଙ୍କା ଦିଆଯାଇ ନ ଥିବା ଥାନାରେ ଲିଖିତ ଜଣାଇଛନ୍ତି। ଅଭିଯୋଗ ଅନୁସାରେ ବ୍ଲକର କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ ମିସ୍ତ୍ରୀ ମୁରାଦଙ୍କୁ ନିୟୋଜିତ କରିଥିବା ବେଳେ ପାଉଣା ବାବଦରେ ମୌଖିକ ବୁଝାମଣା ହୋଇଥିଲା। ହେଲେ କାମ କରିସାରିବା ପରେ ବୁଝାମଣା ଅନୁସାରେ ପାଉଣା ନ ମିଳିବା, ପାଉଣା ମାଗିଲେ ବିଭିନ୍ନ ଆଳରେ ଦିନ ଟାଳୁଥିବା ଅଭିଯୋଗ କରିଛନ୍ତି। ଶ୍ରମିକଙ୍କ ପ୍ରାୟ ୧୦ ଲକ୍ଷ ସହ ଅନ୍ୟାନ୍ୟ ବାବଦକୁ ଏକ ଲକ୍ଷ ତିରିଶ ହଜାର ପାଇବାକୁ ଥିବାବେଳେ ତାଙ୍କୁ ୬ ଲକ୍ଷ ଅଶି ହଜାର ମିଳିଛି। ଅବଶିଷ୍ଟ ୪ ଲକ୍ଷ ୫୮ ହାଜର ବାକିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ପଚାରିବାରୁ ଶ୍ରମିକ ଜଣକ ଥାନାରେ ଜଣାଇଥିବା କହିଛନ୍ତି। ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ କାମ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ବୁଝୁଛନ୍ତି। ସରକାରୀ ବିଲ୍ ଅନୁସାରେ ବକେୟା ପାଉଣା ମିଳିବ ବୋଲି କହିଛନ୍ତି। ଏନେଇ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କିଛିଟଙ୍କା ପାଇବାର ଅଛି। ଆସନ୍ତା ବୁଧବାର ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି ବୋଲି କହିଛନ୍ତି।

# ନିଆଁରେ ପୋଡ଼ିଯାଇଥିବା ଶିଶୁ ହସ୍ପିଟାଲରୁ ନିଖୋଜ

**ଲାଠୋର,୧୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ଗ୍ରାମର ଗଉନ୍ତିଆ ଘର ବାରଣ୍ଡାରେ ନିଆଁରେ ପୋଡ଼ି ଯାଇଥିବା ଏକ ଶିଶୁ ଜଣେ ଯୁବକଙ୍କ ସହ ଗୁରୁବାର ଆଶ୍ରୟ ନେଇଥିଲେ। ରାତି ପ୍ରାୟ ୧୦ଟାରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଶୁକ୍ରବାର ସକାଳେ ଚିକିତ୍ସାଧୀନ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉଭାନ ହୋଇଯିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ନିଜକୁ ନୂଆପଡ଼ା ଜିଲା କୋମନା ଥାନା ପଣ୍ଡରାପଥର ନର୍ସରୀ ପଡ଼ାର ସଦାନନ୍ଦ ରାଉତ ପରିଚୟ ଦେଇ ଜଣେ ବ୍ୟକ୍ତି ନିଆଁରେ ପୋଡ଼ି ଯାଇଥିବା ରାଜା ନାମକ ୩ ବର୍ଷର ପୁଅକୁ କରୁଆଝର ଗଉନ୍ତିଆ ଘର ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଶିଶୁ ଦେହରେ ପୋଡ଼ାଦାଗ ରହିଥିଲା। ଡ଼ାହାଣ ହାତର ପୋଡ଼ା ଘା ସଂକ୍ରମିତ ହୋଇ ହାତ ବଙ୍କା ହୋଇ ଯାଇଥିଲା। ଶିଶୁର ଚିକିତ୍ସା ପାଇଁ ସମ୍ପୃକ୍ତ ଯୁବକ ଗାଁଗାଁ ବୁଲି ଲୋକଙ୍କୁ ସାହାଯ୍ୟ ମାଗିବା ବେଳେ କରୁଆଝର ଆସିଥିଲେ। ଗ୍ରାମର କୃଷ୍ଣ ନାଗଙ୍କଠାରୁ ଖବର ପାଇ ସାନଗୁର୍ଜିଭଟା ଅଙ୍ଗନୱାଡ଼ି କର୍ମୀ ସନ୍ଧ୍ୟାରାଣି ଗିରି ଜଣେ ସହଯୋଗୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଶିଶୁକୁ ହସ୍ପିଟାଲ ନେବା ପାଇଁ ବୁଝାଶୁଝା କରିଥିଲେ। ହେଲେ ସଦନନ୍ଦ ଏଥିରେ ରାଜି ନହେବାରୁ ବାଧ ହୋଇ ସ୍ଥାନୀୟ ସରପଞ୍ଚ ଜପସ୍ୱିନି ସାହୁ ଏବଂ ଲାଠୋର ଥାନା ଅଧିକାରୀ ଝସକେତନ ଭୋଇଙ୍କୁ ଅବଗତ କରାଯାଇଥିଲା। ପୋଲିସ ଘଟଣାରେ ହସ୍ତକ୍ଷେପ କଲା ପରେ ରାତି ପ୍ରାୟ ୧୦ଟାରେ ଶିଶୁକୁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଶିଶୁକୁ ଓପିଡ଼ିରେ ଇ-୨୫୬୮ ନମ୍ବରରେ ନଥିଭୁକ୍ତ କରି ଚିକିତ୍ସା ଆରମ୍ଭ କରାଯାଇଥିଲା। ହେଲେ ଚିକିତ୍ସିତ ଅବସ୍ଥାରେ ଥିବା ଶିଶୁ ଶୁକ୍ରବାର ସକାଳେ ସେଠାରେ ନଥିବା ଜଣା ପଡିଥିଲା। ଏନେଇ ଖପ୍ରାଖୋଲ ସିଏଚସିର ଇନଚାର୍ଜ ମେଡିକାଲ ଅଫିସର ଡ଼ା.ସୁରଜ କୁମାର ଦୀପଙ୍କୁ ପଚାରିବାରୁ ଏହା ନିଶ୍ଚିତଭାବେ ଦୁର୍ଭାଗ୍ୟଜନକ ଘଟଣା। ତେବେ ଚିକିତ୍ସାଧୀନ ରୋଗୀ ଯଦି ଖସି ଚାଲିଯିବାକୁ ଚାହିଁବ ତାକୁ ଜଗି ବସିବା ସମ୍ଭବ ନୁହେଁ ବୋଲି କହିଛନ୍ତି।

# ବଦଳିଲେ ବୋର୍ଡା ଫାଣ୍ଡି ଅଧିକାରୀ

**ଭବାନୀପାଟଣା,୧୬।୯(ସ୍ୱ.ପ୍ର.)**

**ସ୍ୱାମୀଙ୍କୁ ପୋଲିସ ୨ୟ ବିବାହ କରାଇବା ଘଟଣା**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ବୋର୍ଡା ଫାଣ୍ଡିରେ ସ୍ଥାନୀୟ ଅଧିକାରୀଙ୍କ ଉପସ୍ଥିତିରେ ଜଣେ ବିବାହିତ ପୁରୁଷଙ୍କୁ ଦ୍ୱିତୀୟ ବାର ବିବାହ କରାଇଥିବା ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ପ୍ରଥମ ସ୍ତ୍ରୀ କଳାହାଣ୍ଡି ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ଏପରି କି ଏହି ଘଟଣା ବିଷୟରେ ବିଭିନ୍ନ ଗଣମାଧମରେ ପ୍ରକାଶିତ ପରେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରେ ଏହି ଘଟଣାରେ କଳାହାଣ୍ଡି ଏସ୍‌ପି ତତ୍ପରତା ଦେଖାଇଛନ୍ତି। ବୋର୍ଡାରେ କାର୍ଯ୍ୟରତ ଥିବା ଫାଣ୍ଡି ଅଧିକାରୀ ଟୁନା ସେଠିଙ୍କୁ ଶୁକ୍ରବାର କଳାହାଣ୍ଡି ଏସ୍‌ପି ଅଭିଳାସ ଜି. ବଦଳାଇ ତାଙ୍କ ସ୍ଥାନରେ ମୁଖିଗୁଡା ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁଙ୍କୁ ନୂତନ ବୋର୍ଡା ଫାଣ୍ଡି ଅଧିକାରୀ ଭାବେ ଦାୟିତ୍ୱ ଦେଇଥିବା ଜଣାପଡିଛି। ତେବେ ଏହି ଘଟଣାରେ ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ହେବ ତାହା ଦେଖିବାକୁ ବାକି ରହିଲା।

# ଖଡ଼ିଆଳ ଡିଭିଜନ ୱେଲ୍‌ଫେୟାର କମିଟି ବୈଠକ

**ଖଡ଼ିଆଳ,୧୬।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ କେନ୍ଦୁପତ୍ର ଡିଏଫଓ ପ୍ରତାପ ବେହେରାଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖଡ଼ିଆଳ ଡିଭିଜନର ୱେଲଫେୟାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସିଏଫ ପ୍ରଭାକର ମଲ୍ଲିକ, ସଂଘ ପ୍ରତିନିଧି ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡ଼ିଆଳ ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, ଡିଡବ୍ଲୁଓଙ୍କ ପ୍ରତିନିଧି ଖଡ଼ିଆଳ ଡବ୍ଲୁଇଓ କେ.ପି.ପାଣିଗ୍ରାହୀ ଯୋଗଦେଇଥିଲେ। ଚଳିତବର୍ଷ କେନ୍ଦୁପତ୍ର ସିଜନରେ କାମ କରୁଥିବା ବେଳେ ମୃତ୍ୟବରଣ କରିଥିବା ତୋଳାଳୀ, ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କ ପାଇଁ ସାମାଜିକ କଲ୍ୟାଣ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ଯୋଗ୍ୟ ବିବେଚିତ ୩୧ଜଣଙ୍କ ନାମ ରାଜ୍ୟ ୱେଲଫେୟାର କମିଟି ଚୂଡାନ୍ତ ଅନୁମୋଦନ ପାଇଁ ପଠାଇଛନ୍ତି। ୪୦ ହଜାର ପତ୍ର ବିକ୍ରି କରି ୧୦ ଟଙ୍କା ପାଉଣା ଦେଇ ୱେଲଫେୟାର ଯୋଜନାର ସଦସ୍ୟତା ଗ୍ରହଣ କରିଥିବା ତୋଳାଳୀମାନଙ୍କୁ ମୃତ୍ୟୁ କିମ୍ବା ବୀମାର ଥିଲେ ଚିକିତ୍ସା ସହାୟତା ମିଳିଥାଏ। ୪୦ ହଜାର ପତ୍ର ବଦଳରେ ୨୦ ହଜାର ପତ୍ର ତୋଳିଥିଲେ ୱେଲଫେୟାର ଯୋଜନାରେ ସଦସ୍ୟତା ପାଇଁ ସଂଘ ଦାବି କରି ଆସୁଥିଲେ। ଏଥର ସରକାର ସଂଘର ଏହି ଦାବିକୁ ମାନି ନେଇଛନ୍ତି। ଯାହାକି ଆସନ୍ତା ସିଜନରେ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ ଡିଭିଜନ ସମ୍ପାଦକ ପାଣିଗ୍ରାହୀ ସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ର ବୃତ୍ତି, ଝିଅ ବାହାଘର ଓ ଚିକିତ୍ସା ସହାୟତା ଇତ୍ୟାଦି ତୁରନ୍ତ ପୂର୍ବବତ ଲାଗୁ କରିବା ପାଇଁ ସେ ଦାବି କରିଛନ୍ତି।

# ଯୁବତୀଯୁବକଙ୍କୁ ଯୁବ ସ୍ୱେଚ୍ଛାସେବୀ ଭାବେ ଯୋଡ଼ିବା ଏନ୍‌ୱାଇକେର ଲକ୍ଷ୍ୟ

**ନୂଆପଡ଼ା ଅଫିସ,୧୬।୯**

ନୂଆପଡା ଜିଲାରେ ଶତାଧିକ ଯବତୀ ଓ ଯୁବକଙ୍କୁ ଯୁବସ୍ୱେଚ୍ଛାସେବୀ ଭାବେ ଯୋଡିବା ପାଇଁ ନୂଆପଡ଼ା ନେହେରୁ ଯୁବ କେନ୍ଦ୍ର (ଏନ୍‌ୱାଇକେ) ପକ୍ଷରୁ ସ୍ୱେଚ୍ଛାସେବୀ ନାମ ଲେଖା କାର୍ଯ୍ୟକ୍ରମ ନେହେରୁ ଯୁବକେନ୍ଦ୍ର ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅନୁଷ୍ଠାନିକ ଭାବେ ଜିଲା ଯୁବ ଅଧିକାରୀ ଶୁଭାରମ୍ଭ କରିଛନ୍ତି। ନେହେରୁ ଯୁବକେନ୍ଦ୍ର ମୁଖ୍ୟତଃ ଗ୍ରାମାଞ୍ଚଳରେ ଥିବା ଯୁବ ଅନୁଷ୍ଠାନ ସହ ଜଡିତ ଥିବା ଓ ଶିକ୍ଷା ବ୍ୟବସ୍ଥାରେ ସାମିଲ ନ ଥିବା ଯୁବବର୍ଗଙ୍କୁ ନେଇ କାର୍ଯ୍ୟ କରିଥାଏ। କିନ୍ତୁ ବଦଳୁଥିବା ପରିସ୍ଥିତିକୁ ଆଖି ଆଗରେ ରଖି ଏହି ନୂତନ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଅନୁଷ୍ଠାନରେ ସାମିଲ ନ ଥାଇ ମଧ୍ୟ ସମାଜସେବୀ ପ୍ରତି ରୁଚି ରଖିଥିବା ୨୯ ବର୍ଷ ମଧ୍ୟରେ ଥିବା ଯୁବତୀଯୁବକମାନଙ୍କୁ ବ୍ୟକ୍ତିଗତ ସ୍ୱେଚ୍ଛାସେବୀ ଭାବେ ଭର୍ତ୍ତି କରାଯାଉଛି। ଆଗାମୀ ଦିନରେ ସ୍ୱେଚ୍ଛାସେବୀ ଭର୍ତ୍ତିକୁ ତ୍ୱରାନିତ କରିବା ପାଇଁ ଜିଲାର ଶିକ୍ଷାନୁଷ୍ଠାନଗୁଡିକରେ ସ୍ୱେଚ୍ଛାସେବୀ ଯୋଗଦାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ସହ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ପ୍ରଚାର ପ୍ରସାର କରି ଫର୍ମ ସଂଗ୍ରହ କରାଯିବ।

# କରୋନା ସମ୍ମୁଖ ଯୋଦ୍ଧାଙ୍କୁ ମିଳିନି ୨ ମାସର ଦରମା

**ବୋଡେନ,୧୬।୯(ଡି.ଏନ.ଏ.)**

**ମାନସିକ ଦୁଶ୍ଚିନ୍ତାରେ ସ୍ୱାସ୍ଥ୍ୟକର୍ମୀ**

କରୋନା ସମୟରେ ନିଜ ତଥା ନିଜ ପରିବାରଙ୍କ ଜୀବନକୁ ବିପନ୍ନ କରି ଆକ୍ରାନ୍ତଙ୍କ ଚିକିତ୍ସା କରୁଥିଲେ। ସେହି ସମୟରେ ସେମାନଙ୍କୁ ପ୍ରସଂଶା କରାଯାଇଥିଲା। କିନ୍ତୁ କରୋନା କମିବା ପରେ ଅଲୋଡା ହୋଇଛନ୍ତି କରୋନା ସମ୍ମୁଖ ଯୋଦ୍ଧା। ନୂଆପଡା ଜିଲା ବୋଡେନ ବ୍ଲକରୁ ଏପରି ଅଭିଯୋଗ ଆସିଛି। ସୂଚନା ଅନୁସାରେ, ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଇଁ ଅନ୍ୟ ସମସ୍ତ ବିଭାଗରେ କର୍ମଚାରୀଙ୍କ ଆଗୁଆ ଦରମା ବ୍ୟବସ୍ଥା କରାଯାଇଥାଏ। କିନ୍ତୁ ବ୍ଲକର କିଛି ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଗତ ଜୁଲାଇ ଓ ଅଗଷ୍ଟ ମାସର ଦରମା ମିଳିନାହିଁ। ଜିଲାର ଅନ୍ୟ ବ୍ଲକରେ ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ହୋଇଥିବା ବେଳେ ବୋଡେନ ବ୍ଲକରେ ନୂଆଁଖାଇ ଭଳି ପର୍ବରେ ବି ଦରମା ନ ହେବା ସ୍ୱାସ୍ଥ୍ୟକର୍ମୀଙ୍କୁ ମାନସିକ ଭାବେ ଭାରାକ୍ରାନ୍ତ କରିଛି। ପୁଣି ଆଗକୁ ପାର୍ବଣ କଥା ମନେ ପକାଇ ସ୍ୱାସ୍ଥ୍ୟକର୍ମୀ ଚିନ୍ତାରେ ପଡିଛନ୍ତି। ପୁଣି ଗତ ୨୦୨୧ ଅଗଷ୍ଟ ମାସର ଦରମା ଏପର୍ଯ୍ୟ' ମିଳି ନଥିବା ଅଭିଯୋଗ ହୋଇଛି। ଏତିକିରେ ସରିନାହିଁ ଏମାନଙ୍କ ଦୁଃଖ। ସରକାରଙ୍କ ନିୟମ ଅନୁସାରେ ପ୍ରତିବର୍ଷ ସରକାରୀ କର୍ମଚାରୀଙ୍କ ବାର୍ଷିକ ବର୍ଦ୍ଧିତ ହାରରେ ଦରମା ପ୍ରଦାନ କରାଯାଏ। ଏହି ସ୍ୱାସ୍ଥ୍ୟ କର୍ମୀଙ୍କ ଗତ ବର୍ଷର ବାର୍ଷିକ ବର୍ଦ୍ଧିତ ହାର ଦରମା ମିଳି ନ ଥିବା ଅଭିଯୋଗ ହୋଇଛି। ମାସିକ ବର୍ଦ୍ଧିତ ହାରରେ ୧୭,୨୦୦ଟଙ୍କା ଦରମା ଦେବାକୁ ରାଜ୍ୟ ସରକାରଙ୍କ ପରିବାର କଲ୍ୟାଣ ବିଭାଗ ଚିଠି ସଂଖ୍ୟା ୩୧୨୫/ତା.୨୪।୫।୨୦୨୨ରେ ନିର୍ଦ୍ଦେଶ ସତ୍ତ୍ୱେ ଏହି ବ୍ଲକରେ ଏ ପର୍ଯ୍ୟନ୍ତ ବର୍ଦ୍ଧିତ ହାର କଥା ଦୂରେ ଥାଉ ପୁରୁଣା ହାରରେ ବି ନିୟମିତ ଦରମା ମିଳୁନାହିଁ। ପୁଣି ସରକାରଙ୍କ ପଛୁଆ ବର୍ଗ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଠିକା କର୍ମଚାରୀ ଭାବେ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକର୍ମୀ ୬ ବର୍ଷର ସେବା ପ୍ରଦାନ ପରେ ନିୟମିତ ହେବା କଥା। କିନ୍ତୁ ୨୦୦୭ରୁ ୨୦୧୪ ମଧ୍ୟରେ ନିଯୁକ୍ତି ପାଇଥିବା ପଛୁଆବର୍ଗର ସ୍ୱାସ୍ଥ୍ୟକର୍ମୀ ୮ରୁ ୧୫ ବର୍ଷ ପର୍ଯ୍ୟନ୍ତ ସେବା ପ୍ରଦାନ ପରେ ବି ନିୟମିତ ହୋଇନାହାନ୍ତି। କିନ୍ତୁ କନିଷ୍ଠ ଅନ୍ୟବର୍ଗର ସ୍ୱାସ୍ଥ୍ୟକର୍ମୀ ତାଙ୍କ ଆଖି ସାମନାରେ ନିୟମିତ ହେବା ସ୍ୱାସ୍ଥ୍ୟ କର୍ମୀଙ୍କୁ ମାନସିକ ଭାବେ ଆଘାତ ପହଞ୍ଚାଇଛି। ଏ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଉଚ୍ଚକର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ସଂକ୍ଷେପରେ

### କେନାଲରେ ଅଜଣା ମୃତଦେହ, ହତ୍ୟା ସନ୍ଦେହ

**ଅତାବିରା,୧୬।୯(ଡି.ଏନ.ଏ):** ବରଗଡ଼-ଭେଡ଼େନ କେନାଲର ସହରାଟିକ୍ରା ନିକଟରେ ଶୁକ୍ରବାର ପୋଲିସ ଏକ ଅଜଣା ଲୋକଙ୍କ ମୃତଦେହ ଜବତ କରିଛି। ଭେଡ଼େନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପୁରୁଣା ଡାକ୍ତରଖାନାକୁ ପଠାଇଛି। ପ୍ରକାଶ ଯେ, କେନାଲରେ ଏକ ମୃତଦେହ ଭାସି ଆସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଏବଂ ଅଗ୍ନିଶମ ବାହିନୀ ସେଠାକୁ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ହତ୍ୟା ପରେ ଅଭିଯୁକ୍ତମାନେ ମୃତଦେହକୁ କେନାଲରେ ଭସାଇ ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି।

### ବାଲି ଚୋରାଚାଲାଣ, ୨ ଟ୍ରାକ୍ଟର ଜବତ

**ବରପାଲି,୧୬।୯(ଡି.ଏନ.ଏ.):** ବାଲି ଚୋରାଚାଲାଣ ବେଳେ ବରପାଲି ତହସିଲଦାର ତହସିଲଦାର ଅକ୍ଷୟ କୁମାର ବାଗ ଶୁକ୍ରବାର ୨ଟି ଟ୍ରାକ୍ଟରକୁ ଜବତ କରିଛନ୍ତି। ବରପାଲି କୁମ୍ଭାରୀ ଗ୍ରାମପଞ୍ଚାୟତର ଲାମସରା ଘାଟରୁ ଟ୍ରାକ୍ଟରରେ ବାଲି ଚୋରାଚାଲାଣ ହେଉଥିଲା। ଖବର ପାଇ ତହସିଲଦାର ବାଗ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଦୁଇ ଟ୍ରାକ୍ଟର (ନଂ.ଓଡ଼ି୧୭ଭି/୪୩୨୫ ଏବଂ ନଂ. ଓଡ଼ି୧୭କ୍ୟୁ/୮୨୯୪)କୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଆବଶ୍ୟକ କାଗଜପତ୍ର ନ ଥିବାରୁ ଟ୍ରାକ୍ଟରକୁ ଜବତ କରି ତହସିଲ ଅଫିସ ପରିସର ରଖାଯାଇଛି।

### ମଦ ଜବତ, ୨ ଗିରଫ

**ପଦ୍ମପୁର ୧୬।୯ ( ଡି.ଏନ.ଏ.):** ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିଦେଶୀ ମଦ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଡଙ୍ଗାଛଚା ଗ୍ରାମର ପ୍ରଦୀପ ଅଗ୍ରୱାଲ ଓ ଲୋହାରପାଲି ଗ୍ରାମର କୁଞ୍ଜ ବରିହା। ଉଭୟଙ୍କଠାରୁ ବହୁ ବିଦେଶୀ ମଦ ବୋତଲ ଜବତ କରାଯାଇଛି। ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି।

### ସ୍କୁଲର ଉନ୍ନତି ପାଇଁ ଆଲୋଚନା

**ପଦ୍ମପୁର,୧୬।୯(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଲାଲ ବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମାତାପିତା, ଶୁଭେଚ୍ଛୁମାନଙ୍କୁ ନେଇ ଶୁକ୍ରବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟର ଦୁର୍ବଳ ଶ୍ରେଣୀ କୋଠରୀ ଭାଙ୍ଗିବା, ନୂତନ ନିର୍ମାଣ ପାଇଁ ଆର୍ଥିକ ସହାୟତା ନିମନ୍ତେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବା, ବିଦ୍ୟାଳୟକୁ ଦୁଇଟି ପର୍ଯ୍ୟାୟରେ ଚଳାଇବା ଉପରେ ଆଲୋଚନା ହୋଇଥିଲା। ଏଥିରେ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅମରଦୀପ ଅଗ୍ରୱାଲ, ପଦ୍ମପୁର ନାଗରିକ କମିଟି ସମ୍ପାଦକ ଅଜିତ ଶତପଥି ଉପସ୍ଥିତ ରହି ମତାମତ ରଖିଥିଲେ। ପ୍ରଧାନ ଶିକ୍ଷକ ବିଶିକେଶନ ଶତପଥିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ କମିଟି ଅଧକ୍ଷ ସଞ୍ଜୟ ଦାସ, ମୋ ସ୍କୁଲ ଅଧକ୍ଷ ରାଜେଶ ବଂଶଲ ଉପସ୍ଥିତ ଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ସୁବାସ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### ରୋଗୀଙ୍କୁ ଅମ୍ଳଜାନ କନସେନ୍‌ଟ୍ରେଟର ପ୍ରଦାନ



ବରଗଡ଼ ବିଧାୟକ ଅମ୍ଳଜାନ କନସେନ୍‌ଟ୍ରେଟର ପ୍ରଦାନ କରୁଛନ୍ତି ।

**ବରଗଡ଼ ଅଫିସ୍,୧୬।୯:** ବରଗଡ଼ ଜିଲା ବରପାଲି ବ୍ଲକ କେବାଡ଼ ଗ୍ରାମର ପ୍ରଦୀପ ବନଛୋର ତିନି ମାସ ଧରି ଭିମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଥିଲେ। ଗତ କିଛିଦିନ ତଳେ ସେ ଡାକ୍ତରଖାନାରୁ ଘରକୁ ଫେରିଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ସ୍ଥଳେ ତାଙ୍କୁ ଘରେ ଅମ୍ଳଜାନ ଦେବାକୁ ପଡ଼ିବ। ଏ ନେଇ ପରିବାର ଲୋକେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଜଣାଇଥିଲେ। ଖବର ପାଇ ବିଧାୟକ ଆଚାର୍ଯ୍ୟ ପ୍ରଦୀପଙ୍କୁ ଏକ ଅମ୍ଳଜାନ କନସେନ୍‌ଟ୍ରେଟର ପ୍ରଦାନ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଥମୁନି ଟୋଲପ୍ଲାଜା ତାତି, ବଢୁଛି ଉତ୍ତେଜନା

**ବରଗଡ଼ ଅଫିସ୍,୧୬।୯**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ସ୍ଥିତ ଟୋଲ୍ ପ୍ଲାଜାରେ ଟୋଲ୍ ଆଦାୟକୁ ନେଇ ଆନ୍ଦୋଳନ ଜାରି ରହିଛି। ଉକ୍ତ ଟୋଲ୍ ପ୍ଲାଜାରେ ବେଆଇନ ଟ୍ୟାକ୍ସ ଆଦାୟ କରାଯିବା ପ୍ରତିବାଦରେ ଗୁରୁବାରଠାରୁ ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଆନ୍ଦୋଳନ ଯୋଗୁ ଟୋଲପ୍ଲାଜାରେ ଟୋଲ ଆଦାୟ ବନ୍ଦ ହୋଇଛି। ଅନ୍ୟପଟେ କୌଣସି ସମାଧାନ ନ ହେଉଣୁ ଗୁରୁବାର ମଧ୍ୟରାତ୍ରରେ ଟୋଲପ୍ଲାଜାରେ ଟୋଲ ଆଦାୟ କରାଯାଇଥିବା ସୂଚନା ପାଇ ଶୁକ୍ରବାର ଜିଲା ଓକିଲ ସଂଘର ପ୍ରତିନିଧିମାନେ ପୁଣି ସେଠାରେ ପହଞ୍ଚିଥିଲେ। ଫଳରେ ସେଠାରେ ପୁଣି ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ସେଠାକୁ ପୋଲିସ ପହଞ୍ଚିଥିଲା।



ଟୋଲପ୍ଲାଜାରେ ଜିଲା ଓକିଲ ସଂଘର ପ୍ରତିନିଧିମାନେ ।

ଉଲ୍ଲେଖନୀୟ, ବରଗଡ଼ ଜିଲା ସୋହେଲା ଥାନା ଲୁହୁରାଚଟିଠାରୁ ସମ୍ବଲପୁର ଜିଲା ଅଇଁଠାପାଲି ପର୍ଯ୍ୟନ୍ତ ୮୪କି.ମି ଦୀର୍ଘ ଫୋରଲେନ ରାସ୍ତାକୁ ଅଶୋକା ବିଲ୍ଡକନ ନିର୍ମାଣ କରିଛି। ରାସ୍ତା ନିର୍ମାଣରେ ହୋଇଥିବା ତ୍ରୁଟି ବିଚ୍ୟୁତି ଯୋଗୁ ବିପଦପୂର୍ଣ୍ଣ ହୋଇଥିବା ରାସ୍ତାରେ ଦୁର୍ଘଟଣା ଘଟି ଅନେକ ଲୋକ ମୃତାହତ ହେଉଛନ୍ତି। ଅଞ୍ଚଳବାସୀଙ୍କ ଦାବି ପରେ ୨୦୧୫ରେ ଖଡ଼ଗପୁର ଆଇଆଇଟିର ଏକ ବିଶେଷଜ୍ଞ ଦଳ ରାସ୍ତା ଦେଖି ତ୍ରୁଟି ଥବବା ଜାଣିବାକୁ ପାଇଥିଲେ ଏବଂ ସେଥିରେ ସୁଧାର ଆଣିବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ସେଥିରେ କିଛି ସୁଧାର ଆସି ନ ଥିବାବେଳେ ଟୋଲପ୍ଲାଜା କର୍ତ୍ତୃପକ୍ଷ ବେଆଇନ ଭାବେ ଟୋଲ ଅସୁଲି କରୁଥିବା ଅଭିଯୋଗ କରି ଉତ୍ତେଜନା ବଢ଼ିବାରେ ଲାଗିଛି। ଖଡ଼ଗପୁର ଆଇଆଇଟି ବିଶେଷଜ୍ଞ ଦଳ ଦେଇଥିବା ପରାମର୍ଶ ଅନୁଯାୟୀ ଫୋରଲେନ୍ ରାସ୍ତାର ଆବଶ୍ୟକ ସ୍ଥାନରେ ଅଣ୍ଡରପାସ୍ ନିର୍ମାଣ ଏବଂ ରାସ୍ତାରେ ରହିଥିବା ତ୍ରୁଟିରେ ସୁଧାର ନ ଆଣିବା ପର୍ଯ୍ୟନ୍ତ ଟୋଲ ଆଦାୟ ନ କରିବାକୁ ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କୁ ସେମାନେ ଚେତାବନୀ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ପ୍ରଦାନ



ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି ।

**ବରଗଡ଼ ଅଫିସ୍,୧୬।୯**

ବରଗଡ଼ ରାଣାପ୍ରତାପ ସ୍କୁଲରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ସ୍କୁଲ ପରିଚୟପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ନିୟମିତ ସ୍କୁଲକୁ ପାଠ ପଢ଼ିବାକୁ ଆସିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ସାହୁଙ୍କ ସମେତ ଶିକ୍ଷୟିତ୍ରୀ ଗୀତା ଜାଲ, ବବିତା ନାଏକ, ସୁନିତା ମିଶ୍ର, ତପସ୍ୱିନୀ ତ୍ରିପାଠୀ, ଭାବନା ସାହୁ, ନୀଳିମା ପ୍ରଧାନ, ଶିକ୍ଷକ ଡାକ୍ତର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ଭ୍ୟାନକୁ ସ୍ୱାଗତ



ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ଭ୍ୟାନ୍‌କୁ ସ୍ୱାଗତ କରାଯାଉଛି ।

**ବରଗଡ଼ ଅଫିସ୍,୧୬।୯**

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନରେ ଗୁରୁବାର ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା ଭ୍ୟାନ୍‌କୁ ସ୍ୱାଗତ କରାଯାଇଥିଲା। ଷ୍ଟାର୍ଟଅପ୍ ଅଫ୍ ଓଡ଼ିଶା ପରିକଳ୍ପନା ପରିପ୍ରେକ୍ଷୀରେ ଆୟୋଜିତ ଷ୍ଟାର୍ଟଅପ୍ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବୁଲୁଥିବା ଏହି ଭ୍ୟାନ ଶିକ୍ଷାନୁଷ୍ଠାନରେ ପହଞ୍ଚିବା ପରେ ଅନୁଷ୍ଠାନ ସମୂହର ସମ୍ପାଦକ ତଥା ଡିପ୍ଲୋମା ଇଞ୍ଜିନିୟରିଂର ଅଧ୍ୟକ୍ଷ ଡଃ ତରୁଣ କୁମାର ଷଡ଼ଙ୍ଗୀ ଏହାକୁ ସ୍ୱାଗତ କରିଥିଲେ। ଏହାସହିତ ଛାତ୍ରୀଛାତ୍ରଙ୍କୁ ଉକ୍ତ ଭ୍ୟାନ ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଆମମାନଙ୍କ ମନରେ ରହିଥିବା ବିଭିନ୍ନ ପରିକଳ୍ପନାକୁ ରୂପରେଖ ଦେବା ନିମନ୍ତେ ଷ୍ଟାର୍ଟଅପ୍ ଭ୍ୟାନ୍ ଏକ ପ୍ରକୃଷ୍ଟ ମଞ୍ଚ। ମନରେ ଥିବା ବିଭିନ୍ନ ବୈଜ୍ଞାନିକ ଚିନ୍ତାଧାରାକୁ ଷ୍ଟାର୍ଟଅପ୍ ରୂପରେ ଆମେ ପରିବର୍ତ୍ତନ କରିପାରିବା ବୋଲି ସେ ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ନିଜର ସୃଜନଶୀଳ ବ୍ୟବସାୟିକ ଜ୍ଞାନ କୌଶଳକୁ ବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଛାତ୍ର ଆଶୁତୋଷ ବେହେରା, ଲୋପାମୁଦ୍ରା ସାହୁ, ଅନିମେଷ କ୍ଷେତ୍ରୀ ରାଜ୍ୟସ୍ତରୀୟ ଷ୍ଟାର୍ଟଅପ୍ ଓଡ଼ିଶା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଉକ୍ତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା, ଛାତ୍ରୀଛାତ୍ର ଯୋଗଦାନ କରିଥିଲେ ।

# ୨୧ରେ କୋଶଳ ମହାବନ୍ଦ ସ୍ଥଗିତ

**ବରଗଡ଼ ଅଫିସ୍,୧୬।୯**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶୁକ୍ରବାର କୋଶଳ ରାଜ୍ୟ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର କେନ୍ଦ୍ରୀୟ ସଂଯୋଜକ ପ୍ରଶାନ୍ତ ମାଝି ଏଥିରେ ଅଧ୍ୟକ୍ଷତା କରିଥିଲେ। ନିକଟରେ କୋଶଳ ମହାବନ୍ଦ ହୋଇସାରିଥିବାରୁ କୋଶଳାଞ୍ଚଳବାସୀଙ୍କ ଉପରେ ଆଉ ଏକ ବନ୍ଦର ଚାପ ନ ପକାଇବା ପାଇଁ ଆସନ୍ତା ୨୧ ତାରିଖରେ କୋଶଳ ମହାବନ୍ଦକୁ ସ୍ଥଗିତ ରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କୋଶଳ ଯୁବ ସମନ୍ୱୟ ସମିତି ସଭାପତି ଅଜିତ କୁମାର ପତି, କୋଶଳ ରାଜ୍ୟ ସମନ୍ୱୟ ସମିତି କାର୍ଯ୍ୟକାରୀ ଅଧ୍ୟକ୍ଷ ସୁନିଲ ପୁରୋହିତ, ସଭାପତି ମଣ୍ଡଳୀ ସଦସ୍ୟ ମନୋରଞ୍ଜନ ସିଂ ବରିହା, ସହ ସଂଯୋଜକ କିଶୋର କୁମାର ହୋତା, କାର୍ଯ୍ୟାଳୟ ସମ୍ପାଦକ ଦୀପକ କୁମାର ରଥ, କୋଷାଧ୍ୟକ୍ଷ ପ୍ରମୋଦ ଝାଙ୍କର, କେଦାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ନାତକ ମହିଳା କଲେଜରେ ହିନ୍ଦୀ ଦିବସ ପାଳିତ



ହିନ୍ଦୀ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରପାଲି,୧୬।୯(ଡି.ଏନ.ଏ.)**

ବରଗଡ଼ ଜିଲା ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା କଲେଜରେ ହିନ୍ଦୀ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶଙ୍କ ପୌରୋହିତ୍ୟ ଏବଂ ହିନ୍ଦୀ ଅଧାପକ ନେପାଳ ବିଶ୍ୱାଳଙ୍କ ସଂଯୋଜନା ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ମୁଖ୍ୟ ଅତିଥି, ଘନଶ୍ୟାମ ଦାଶ ଉଚ୍ଚମାଧମିକ ବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ଆଧାପିକା ସୁଷମା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅଧକ୍ଷା ପଦ୍ମିନୀ ଦାଶଙ୍କ ବରପାଲି ଓ ପୃଥ୍ୱୀରାଜ ଚୌହାନଙ୍କ ମଧ୍ୟରେ ସମ୍ପର୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଯତୀନ୍ଦ୍ର କୁମାର ସାହୁ, ନୀତେଶ ତାଣ୍ଡି, ଅଧାପିକା ନୀଳିମା ନାୟକ, ଅଙ୍କିତା ବାବୁ, ପିଙ୍କି ବାରିକ, ମନ୍ଦାକିନୀ ମେହେର ଓ ଡଲି ପଧାନ ଅଂଶଗ୍ରହଣ ହିନ୍ଦୀ ଭାଷା ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ପ୍ରଦୀପ କୁମାର ମିଶ୍ର, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, କାଲୁ କୁମ୍ଭାର, ଆନନ୍ଦ ବେହେରା, ତ୍ରିପୁରା ବେହେରା ପ୍ରମୁଖ ସହଯୋଗ କରିଥିଲେ। ହିନ୍ଦୀ ବିଭାଗ ଅଧାପିକା ଜ୍ୟୋତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବର୍ଦ୍ଧିତ କଲେ ପାଇକମାଳ ବିଡିଓ

## ପରିବା ବିକାଳିଙ୍କ ପୁଅ ପାଇଲେ ନିଟ୍



ଚୂଳରଞ୍ଜନଙ୍କୁ ବିଡିଓ ଫୁଲତୋଡ଼ା ଦେଇ ସମ୍ମାନିତ କରୁଛନ୍ତି।

**ପାଇକମାଳ,୧୬।୯(ଡି.ଏନ.ଏ.)**

ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ସବୁ ଅସାଧ କାର୍ଯ୍ୟ ସାଧ ହୋଇଥାଏ। ବରଗଡ଼ ଜିଲା ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ବନମାଳ ଗ୍ରାମର ଚୂଳରଞ୍ଜନ ସେଠ ବିନା କୋଚିଂରେ ଚଳିତ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ଏହା ପ୍ରମାଣିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପାଇକମାଳ ବିଡିଓ ଉପାଞ୍ଜଳି ମାଝି ଓ ସାମ୍ବାଦିକ ସଂଘର ବଡ ଶତପଥୀ, ସୁରଥ ସାହୁ, ମାନସ ନାୟକ ପ୍ରମୁଖ ବନମାଳ ଗାଁକୁ ଯାଇ ନିଟ୍ ପାଇଥିବା ଚୂଳରଞ୍ଜନଙ୍କୁ ଫୁଲ ତୋଡା ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଚୂଳରଞ୍ଜନ ଜଣେ ଗରିବ ଶ୍ରେଣୀର ପିଲା। ତାଙ୍କ ବାପା ଶଙ୍କର ପରିବା ବିକାଳି ଏବଂ ମା’ ବାସନ୍ତୀ ଗୃହିଣୀ। ପରିବାରର ଆର୍ଥିକ ପରିସ୍ଥିତି ଖରାପ ଯୋଗୁ ଚୂଳରଞ୍ଜନ ପିଲାବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତଥାପି ତାଙ୍କ ପଢାରେ ମା’ ବାପା କେବେ ଅବହେଳା କରିନାହାନ୍ତି। ଫଳସ୍ୱରୂପ ସର୍ବଭାରତୀୟ ଜେଇଇ ମେନ୍ ପରୀକ୍ଷାରେ ସେ ୯୬.୦୨% ଓ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ପ୍ରଥମ ପ୍ରୟାସରେ ୫୯୭ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଚୂଳରଞ୍ଜନଙ୍କର ଡାକ୍ତରୀ ପାଠ ପଢ଼ିବାର ସ୍ୱପ୍ନ ସାକାର ହୋଇଛି ବୋଲି ମା’ ବାସନ୍ତୀ ଓ ବାପା ଶଙ୍କର କହିଛନ୍ତି। ତେବେ ଭବିଷ୍ୟତରେ ଜଣେ ଦକ୍ଷ ଡାକ୍ତର ହୋଇ ଅଞ୍ଚଳ ତଥା ନିଜ ଗ୍ରାମ ଲୋକଙ୍କ ସେବା କରିବା ପାଇଁ ଚୂଳରଞ୍ଜନ ଆଶା ରଖିଛନ୍ତି।

# ସିଦ୍ଧାର୍ଥ ସ୍କୁଲରେ ସମ୍ବର୍ଦ୍ଧନା ସମାରୋହ



ସମ୍ବର୍ଦ୍ଧିତ କୃତୀ ଛାତ୍ରମାନେ ।

**ସରଣ୍ଡା,୧୬।୯(ଡିଏନ.ଏ)**

ଜେଇଇ, ନିଟ୍ ପରୀକ୍ଷାରେ ବରଗଡ଼ ଜିଲା ଅତାବିରା ବ୍ଲକ କୁମେଲସିଂହା ସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲର ୫ ଛାତ୍ର କୃତିତ୍ୱ ଅର୍ଜନ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଜେଇଇ ପରୀକ୍ଷାରେ ଆୟୁଷ ଅଗ୍ରୱାଲ (୯୯.୬୯), ଏନ୍. ରାହୁଲ (୯୫.୬୮), ଶୁଭେନ୍ଦୁ ସାହୁ (୯୩.୮୨) ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ନିଟ୍ ପରୀକ୍ଷାରେ ବିଜନ ସାହୁ ୭୨୦ ମାର୍କରୁ ୬୫୩ ଏବଂ ରାହୁଲ ପ୍ରଧାନ ୬୪୮ ମାର୍କ ରଖି ସଫଳତା ଅର୍ଜନ କରିଛନ୍ତି। କୃତୀ ଛାତ୍ରମାନଙ୍କୁ ଗୁରୁବାର ସ୍କୁଲରେ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ସ୍କୁଲର ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓ, ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ, ମ୍ୟାନେଜିଂ ଡାଇରେକ୍ଟର ଭି. ରୋହିତ, ବରିଷ୍ଠ ଶିକ୍ଷକ ଅସିତ ଅମାନ୍ତ, ଆଦିତ୍ୟ ମାହାଣା ଏବଂ ଯୁକ୍ତ ଦୁଇର ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ ।

# ପଦ୍ମପୁରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା

**ପଦ୍ମପୁର,୧୬।୯(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ବ୍ଲକସ୍ତରୀୟ ନିଯୁକ୍ତି ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ରଣଜିତ ସିଂ ବରିହା, ବିଡିଓ ବିଶ୍ୱନାଥ ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଜୀବିକା ମିଶନର ବିପିଏମ୍ ସତ୍ୟ କୁମ୍ଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ଦକ୍ଷତା ବିକାଶ ସଂଯୋଜକ ମନୋଜ କୁମାର ବେହେରା ବେକାରୀ ଦୂରୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ସଂସ୍ଥା ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ମୋଟ ୨୦୦ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ବିଏଲ୍‌ସି ଯୋଗେଶ୍ୱରୀ ଧରୁଆ, ଦୀପକ କୁମାର ସାହୁ, ଏସ୍‌ଏଚ୍‌ଜି ସହଯୋଗ କରିଥିଲେ।

# ୬୬୨ବର୍ଗ କଲେଜର ଜିଲାସ୍ତରୀୟ ବୈଠକ

**ବରଗଡ଼ ଅଫିସ୍,୧୬।୯**

ନିଖିଳ ଓଡ଼ିଶା ୬୬୨ (ଯୁକ୍ତ ୨ ଓ ଯୁକ୍ତ ୩) ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ବରଗଡ଼ ଜିଲାର ଏକ ବୈଠକ ଗୁରୁବାର ସ୍ଥାନୀୟ ଟ୍ରଷ୍ଟ ଫଣ୍ଡ୍ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଫଣ୍ଡ୍ ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଂଘ ସଭାପତି ଅଶୋକ ବେହେରା, ଉପସଭାପତି ଗୋପାଳକୃଷ୍ଣ ମିଶ୍ର, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପ୍ରତି ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ ଦିଗରେ ଦେଖାଯାଇଥିବା ଅସଙ୍ଗତି ତଥା କଲେଜ ଗୁଡ଼ିକରେ ରହିଥିବା ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ସଂଘର ପୂର୍ବତନ ସମ୍ପାଦକ ରାମକୃଷ୍ଣ ସାହୁ, ବିଜୟ ମିଶ୍ର, ତାରିଣୀ ଦେବତା, ପଞ୍ଚାନନ ମିଶ୍ରଙ୍କ ସମେତ ଜିଲାର ୩୦ କଲେଜର ଅଧ୍ୟକ୍ଷ, ଅଧ୍ୟାପକ ତଥା କର୍ମଚାରୀବୃନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ବର୍ଗର ଶିକ୍ଷକମାନଙ୍କର ନ୍ୟାଯ୍ୟ ଦାବି ହାସଲ ପାଇଁ ଆସନ୍ତା ୧୮ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସମାବେଶ କରିବା ପାଇଁ ରାଜ୍ୟ ସଙ୍ଗଠନ ଆହ୍ୱାନ କରିଛି। ଉକ୍ତ ସମାବେଶରେ ପ୍ରତି କଲେଜରୁ ଶିକ୍ଷକ ତଥା କର୍ମଚାରୀମାନେ ଯୋଗଦାନ କରିବେ ବୋଲି ସଭାରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।



ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାବୃନ୍ଦ ।

# ପରିଶ୍ରମ ହିଁ ସଫଳତାର ଚାବିକାଠି

**ବରଗଡ଼ ଅଫିସ୍,୧୬।୯**



ଇଞ୍ଜିନିୟର୍ସ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନରେ ଗୁରୁବାର ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ସିମେଣ୍ଟ କାରଖାନାର ଡେପୁଟି ଜେନେରାଲ ମ୍ୟାନେଜର (ଇଲେକ୍ଟ୍ରୋନିକ୍ସ ଓ ଇନଷ୍ଟ୍ରୁମେଣ୍ଟେଶନ) ପର୍ମାନନ୍ଦ ରଏ ମୁଖ୍ୟ ଅତିଥି, ଶକ୍ତି ଓ ପରିବେଶ ମୁଖ୍ୟ ଦେବପ୍ରିତମ ଭଦ୍ର, ସାର୍ଟିଫାଏଡ୍ ସଫ୍ଟ ସ୍କିଲ ଟ୍ରେନର ଜୟପ୍ରକାଶ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟ, ପରିଚାଳନା ସମିତି ସଭ୍ୟ ତଥା କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ, ଅନୁଷ୍ଠାନ ସମୂହର ସମ୍ପାଦକ ତଥା ଡିପ୍ଲୋମା ଇଞ୍ଜିନିୟରିଂ ଅଧ୍ୟକ୍ଷ ଡଃ ତରୁଣ କୁମାର ଷଡ଼ଙ୍ଗୀ, ଡିଗ୍ରୀ ଇଞ୍ଜିନିୟରିଂ ଅଧ୍ୟକ୍ଷ ଡଃ ଭାରତ ଭୂଷଣ ଶତପଥୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ସାର୍ଟିଫାଏଡ୍

## ଇଞ୍ଜିନିୟର୍ସ ଦିବସରେ ମତପ୍ରକାଶ

ସଫ୍ଟ ସ୍କିଲ ଟ୍ରେନର ଶତପଥି ଭଗବାନଙ୍କ କାମକୁ ଆଗକୁ ବଢ଼ାଇ ନେବା ବର୍ତ୍ତମାନର ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟ ଅତିଥି ରଏ ଦେଶ ପ୍ରଗତିରେ ଇଞ୍ଜିନିୟର୍ସମାନଙ୍କ ଭୂମିକା ଓ ଛାତ୍ର ସମୟର ଜ୍ଞାନ ତଥା ପରିଶ୍ରମ କିପରି ଜୀବନରେ ସଫଳତା ଆଣିଥାଏ ସେ ନେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭଦ୍ର ବିଜ୍ଞାନକୁ ଜାଣିବା ଓ ଇଞ୍ଜିନିୟରିଂକୁ କାମରେ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା ସମିତି ସଦସ୍ୟ ଅଗ୍ରୱାଲ ଇଞ୍ଜିନିୟର ବିଶ୍ୱେଶ୍ୱରାୟାଙ୍କ ସ୍ମୃତିଚାରଣ କରି ଦେଶ ନିର୍ମାଣରେ ବିଭିନ୍ନ ଇଞ୍ଜିନିୟରିଂ ବିଭାଗର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଆଚାର୍ଯ୍ୟ ଇଞ୍ଜିନିୟର୍ସ ଦିବସର ମହତ୍ତ୍ୱ ସହିତ ମହାତ୍ମାଗାନ୍ଧୀଙ୍କୁ ଦେଶ ନିର୍ମାଣର ଏକ ମୁଖ୍ୟ ଇଞ୍ଜିନିୟର ଭାବେ ଅଭିହିତ କରି ଛାତ୍ରୀଛାତ୍ରଙ୍କୁ ଜ୍ଞାନ ଆହରଣ ଓ ପରିଶ୍ରମକୁ ଚାବିକାଠି ଭାବେ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବକ୍ତୃତା, କୁଇଜ, ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଆଶିଷ ବେହେରା, ନିରଞ୍ଜନ ବେହେରା ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡଃ ଷଡ଼ଙ୍ଗୀ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ ଓ ଅଧ୍ୟାପକ ଈଶ୍ୱରଧର ବଡ଼ଙ୍ଗାନ ପରିଚୟ ପ୍ରଦାନ କରିଥିଲେ। ଡିଗ୍ରୀ ଇଞ୍ଜିନିୟରିଂର ଅଧ୍ୟକ୍ଷ ଶଥପଥି ଧନ୍ୟବାଦ ଅର୍ପଣ କରିଥିଲେ।